51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୬/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, February 6/2025 | Page 16 | ₹ 7.00

୫୧ଶ ଭାଗ ୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 74 | ମୂଲ୍ୟ ₹୭/-




### ‘ଛାବା’ ପାଇଁ ୨୫ କେ.ଜି. ଓଜନ ବଢ଼ାଇଛନ୍ତି ଭିକି

ଅଭିନେତା ଭିକି କୌଶଲ ‘ଛାବା’ ଫିଲ୍ମ ପାଇଁ ନିଜର ୨୫ କେ.ଜି. ଓଜନ ବଢ଼ାଇଛନ୍ତି ବୋଲି ବୁଧବାର ଏକ ସାକ୍ଷାତ୍କାରରେ କହିଛନ୍ତି।


୦୭ ୧୬


### ହାଲେପଙ୍କ ଅବସର

ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ରୋମାନିଆ ମହିଳା ଟେନିସ ତାରକା ସିମୋନା ହାଲେପ ବୁଧବାର ଅବସର ଘୋଷଣା କରିଛନ୍ତି।





କଟକ ବାରବାଟୀ ଷ୍ଟାଡିୟମରେ ବୁଧବାର ଅଫ୍ ଲାଇନ ଟିକେଟ୍ ବିକ୍ରି ବେଳେ ସ୍ଥିତି ନିୟନ୍ତ୍ରଣ ଲାଗି ପୋଲିସ ଲାଠିଚାର୍ଜ କରୁଛି। (ଫଟୋ: ରାଜକିଶୋର ମହାନ୍ତି)

# ଏକ୍ଜିଟ ପୋଲ୍: ଆଗରେ ଭାଜପା

## ଦିଲ୍ଲୀରେ ୫୭.୮୯% ମତଦାନ

**ନୂଆଦିଲ୍ଲୀ,୫।୨**

ଦିଲ୍ଲୀ ବିଧାନସଭାର ୭୦ ଆସନ ପାଇଁ ବୁଧବାର ଅନୁଷ୍ଠିତ ନିର୍ବାଚନରେ ୫୭.୮୯% ମତଦାନ ହୋଇଥିବା ନିର୍ବାଚନ କମିଶନ (ଇସି)ଙ୍କ ସୂତ୍ରରୁ ପ୍ରକାଶ। ୧୩,୭୬୬ ପୋଲିଂ ବୁଥ୍‌ରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଛି। ଏଥିସହ ୬୯୯ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍(ଇଭିଏମ୍)ରେ ସିଲ୍ ହୋଇଯାଇଛି। ଭୋଟ ଗ୍ରହଣ ଶେଷ ହେବା ପରେ ବୁଥ୍ ଫେରନ୍ତା ମତଦାତାଙ୍କଠାରୁ ସଂଗୃହୀତ ତଥ୍ୟାନୁସାରେ ସର୍ଭେ ସଂସ୍ଥାଗୁଡ଼ିକ ପକ୍ଷରୁ ସନ୍ଧ୍ୟା ୬ଟା ୩୦ରେ ଏକ୍ଜିଟ ପୋଲ ପ୍ରକାଶ ପାଇଛି। ତଦନୁଯାୟୀ ଦିଲ୍ଲୀରେ ୨୦୧୩ରୁ ☞ପୃଷ୍ଠା-୪


ଏକ୍ଜିଟ ପୋଲ୍ ଭବିଷ୍ୟବାଣୀ (ପୃଷ୍ଠା-୩)



SIKSHA ‘O’ ANUSANDHAN

SAAT-2025

Empowering students for a brighter future

CORE B.TECH PROGRAMMES
- Civil Engineering
- Electrical Engineering
- Mechanical Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ଟିକେଟ ପାଇଁ ଧସ୍ତାଧସ୍ତି

**କଟକ ବାରବାଟୀ ଷ୍ଟାଡ଼ିୟମ୍‌ରେ ଆସନ୍ତା ୯ତାରିଖରେ ଟିମ୍ ଇଣ୍ଡିଆ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବ ଏକ ଦିବସୀୟ କ୍ରିକେଟ୍ ମ୍ୟାଚ। ଏଥିଲାଗି ବୁଧବାର ଅଫଲାଇନ୍ ଟିକେଟ୍ ବିକ୍ରିବେଳେ ଅସମ୍ଭାଳ ଭିଡ଼ ହେବାରୁ ଧସ୍ତାଧସ୍ତି ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ମଙ୍ଗଳବାର ରାତିରୁ ଅନେକ ବ୍ୟକ୍ତି ଲାଇନ ଲଗାଇଥିବାବେଳେ ଟିକେଟ ନ ମିଳିବାରୁ ଅସନ୍ତୋଷ ବଢ଼ିଥିଲା। ଫଳରେ ଠେଲାପେଲା ଯୋଗୁ ପୋଲିସ ବ୍ୟାରିକେଡ୍ ଭାଙ୍ଗି ଯାଇଥିଲା। ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ମୃଦୁ ଲାଠି ଚାଳନା କରିଥିଲା। ତେବେ କ୍ରିକେଟ ମ୍ୟାଚ ଦେଖିବା ଲାଗି ପାଗଳାମୀ ଯୋଗୁ ଏଭଳି ଅବସ୍ଥା ଘଟିଛି ବୋଲି ଅନେକେ କହୁଛନ୍ତି।**

## ବାରବାଟୀରେ ଦିନିକିଆ କ୍ରିକେଟ୍ ମ୍ୟାଚ୍

## ପୋଲିସର ଲାଠିଚାର୍ଜ

**କଟକ,୫।୨(କାର୍ତ୍ତିକ ସାହୁ)**

କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ପାଇଁ ବୁଧବାର ଅଫ୍‌ଲାଇନ୍ ଟିକେଟ ବିକ୍ରିବେଳେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ଧସ୍ତାଧସ୍ତି, ଠେଲାପେଲା ଯୋଗୁ ଲୋକେ ଟିକେଟ କିଣିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରି କି ଟିକେଟ କିଣିସାରିବା ପରେ ବ୍ୟାରିକେଡ୍‌ରୁ ବାହାରକୁ ଆସିବା ବାଟ ବନ୍ଦ ହୋଇଯିବାରୁ ଆହୁରି ସଙ୍ଗିନ ସ୍ଥିତି ସୃଷ୍ଟି ହୋଇଥିଲା। ଟିକେଟ କାଉଣ୍ଟର ନିକଟରେ ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ ହୋଇଥିଲା। ପରିସ୍ଥିତି ଏପରି ହେଲା ଯେ ପୋଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡ଼ିଥିଲା। ଅପରପକ୍ଷରେ ଦୀର୍ଘ ସମୟ ଧରି ଧାଡ଼ିରେ ଠିଆହୋଇ ରହିବାରୁ କେତେଜଣ ବ୍ୟକ୍ତି ଅସୁସ୍ଥ ହୋଇପଡ଼ିଥିଲେ। ପୋଲିସ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲା। ତେବେ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ସ୍ତରରୁ ମଙ୍ଗଳବାର ପ୍ରସ୍ତୁତି ବୈଠକରେ ଟିକେଟ ବିକ୍ରିସ୍ଥଳରେ ପିଇବା ପାଣି ଯୋଗାଇବାକୁ ନିଷ୍ପତ୍ତି ନିଆଯାଇଥିଲେ ବି ବାସ୍ତବରେ ଲୋକେ ପାଣି ପାଇ ନ ଥିଲେ। ଟିକେଟ କିଣିବାବେଳେ ବହୁ ବିଶୃଙ୍ଖଳା ଫଳରେ ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ କ୍ରୀଡ଼ାପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପୂର୍ବ ସୂଚନା ଅନୁଯାୟୀ, ଆସନ୍ତା ୯ରେ ବାରବାଟୀରେ କ୍ରିକେଟ୍ ମ୍ୟାଚ୍ ହେବ। ଏଥିପାଇଁ ବୁଧବାର ଓ ଗୁରୁବାର ବାରବାଟୀ ଷ୍ଟାଡିୟମ ପରିସରସ୍ଥ ୪ଟି କାଉଣ୍ଟରରେ ଟିକେଟ ବିକ୍ରି ପାଇଁ ବ୍ୟବସ୍ଥା ହୋଇଥିଲା। ସେଥିମଧ୍ୟରୁ ମହିଳାଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର କାଉଣ୍ଟର ହୋଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ୧୧,୦୮୦ ଟିକେଟ କାଉଣ୍ଟରରେ ବିକ୍ରି ହେବ ବୋଲି ମଙ୍ଗଳବାର ସୂଚନା ଦେଇଥିଲା। ☞ପୃଷ୍ଠା-୪

# କଂଗ୍ରେସ ନେତା ଜୟଦେବ ଜେନାଙ୍କୁ ହତ୍ୟା ଧମକ



**ଭୁବନେଶ୍ୱର,୫।୨ (ସୂର୍ଯ୍ୟକାନ୍ତ ବେହେରା)**

କଂଗ୍ରେସର ବରିଷ୍ଠ ନେତା ଜୟଦେବ ଜେନାଙ୍କୁ ହତ୍ୟା ଧମକ ଆସିଛି। କେହି ଦୁର୍ବୃତ୍ତ ଅଜଣା ନମ୍ବରରୁ ଫୋନ କରି ୫୦ ଲକ୍ଷ ଟଙ୍କା ମାଗିଛନ୍ତି। ଟଙ୍କା ନ ଦେଲେ ଜୀବନରୁ ମାରି ଦେବାକୁ ଧମକ ଦେଇଛନ୍ତି। ଓଡ଼ିଆ ଭାଷାରେ ଦୁର୍ବୃତ୍ତ ଜଣଙ୍କ କଥା ହେଉଥିବା ସୂଚନା ମିଳିଛି। ତେଣୁ ଜୀବନ ପ୍ରତି ବିପଦ ଥିବାରୁ ଜୟଦେବ ଗତ ୩ ତାରିଖରେ ଏନେଇ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ମେଲ୍ ଯୋଗେ ଜଣାଇଥିବା ସେ କହିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ କାହାକୁ ଠାବ କରି ପାରିନାହିଁ। କଲ୍ ଆସିଥିବା ନମ୍ବରଟି ଏକ ମହିଳାଙ୍କ ନାମରେ ଥିବାବେଳେ କେତେବେଳେ ଗଞ୍ଜାମ ତ ପୁଣି କେତେବେଳେ ଚଣ୍ଡିଖୋଲ ଲୋକେଶନ ଆସୁଥିବା ସୂଚନା ମିଳିଛି। ସୂଚନାନୁସାରେ, ଗତ କିଛିଦିନ ତଳେ ଭୁବନେଶ୍ୱରରେ ମୋହନ ଭାଗବତଙ୍କ କାର୍ଯ୍ୟକ୍ରମକୁ ଛାତ୍ର କଂଗ୍ରେସ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଶକ୍ତିର ମେଳା


# ଗାଁ ବିକାଶ ଲାଗି ବର୍ଷକୁ ୧ ହଜାର କୋଟି ଖର୍ଚ୍ଚ ହେବ: ମୁଖ୍ୟମନ୍ତ୍ରୀ

## ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ର ଶୁଭାରମ୍ଭ

**ଖୋର୍ଦ୍ଧା,୫।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାରୁ ଶୁଭାରମ୍ଭ ହୋଇଛି ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ ଯୋଜନା। ଖୋର୍ଦ୍ଧା ବ୍ଲକର ଜଙ୍କିଆ ମିନି ଷ୍ଟାଡିୟମରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଆରମ୍ଭ କରିଛନ୍ତି। ସେ କହିଛନ୍ତି, ପ୍ରତ୍ୟେକ ଗାଁର ଭିତ୍ତିଭୂମି ବିକାଶ ପାଇଁ ଆମ ସରକାର ସଂକଳ୍ପବଦ୍ଧ। ‘ବିକଶିତ ଗାଁ, ବିକଶିତ ଓଡ଼ିଶା’ ଯୋଜନା ଦ୍ୱାରା ଗ୍ରାମୀଣ ଅର୍ଥନୀତି, ଶିକ୍ଷା, କ୍ରୀଡ଼ା, ଗମନାଗମନ ତଥା ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହୋଇପାରିବ। ଏହି ଯୁଗାନ୍ତକାରୀ ଯୋଜନା ଗ୍ରାମାଞ୍ଚଳ ଲୋକଙ୍କୁ ସଶକ୍ତ କରିବ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉକ୍ତିକୁ ଉଦ୍ଧାର କରି ମୁଖ୍ୟମନ୍ତ୍ରୀ କହିଥିଲେ, ଭାରତର ଆତ୍ମା ଗାଁରେ ରହିଛି। ଆଜି ବି ଦେଶର ୬୫ ପ୍ରତିଶତ ଏବଂ ଓଡ଼ିଶାର ୮୧ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି। ଗାଁର ବିକାଶ ବିନା ରାଜ୍ୟର ବିକାଶ ଅସମ୍ଭବ। ଏହାକୁ ଆଧାର କରି ସମୃଦ୍ଧ ଓଡ଼ିଶା-୨୦୩୬ର ପରିକଳ୍ପନା କରାଯାଇଛି। ବିକଶିତ ଗାଁ, ବିକଶିତ ଓଡ଼ିଶା ଏହି ପରିକଳ୍ପନାର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ଓଡ଼ିଶାର ପ୍ରାୟ ୬୦ହଜାର ଗ୍ରାମରେ ବିକାଶର ଗଙ୍ଗା ପ୍ରବାହିତ କରିବା ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି। ଏହି ଯୋଜନାରେ ଗାଁଗୁଡ଼ିକରେ ଭିତ୍ତିଭୂମିର ବିକାଶ ପାଇଁ ବର୍ଷକୁ ଏକ ହଜାର କୋଟି ଟଙ୍କା ☞ପୃଷ୍ଠା-୪



ଯୋଜନା ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

# ଭିନ୍ନ ପ୍ରଜାତିର ଉଡ଼ନ୍ତା ମାଛ ଚିହ୍ନଟ

**ବ୍ରହ୍ମପୁର,୫।୨(ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ଗୋପାଳପୁରସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର ଦ୍ୱାରା ଭାରତ ମହାସାଗରରୁ ପ୍ରଥମ ଥର ପାଇଁ ଏକ ଭିନ୍ନ ପ୍ରଜାତିର ଉଡ଼ନ୍ତା ମାଛ ‘ଚେଲିଓପୋଗୋନ୍ ଆକ୍ଟିସେପ୍ସ’ ଚିହ୍ନଟ କରାଯାଇଛି। ବୈଜ୍ଞାନିକ ଡ. ଅନିଲ ମହାପାତ୍ରଙ୍କ ମତରେ ଏହି ମାଛ ପଶ୍ଚିମବଙ୍ଗର ପେଟୁଆଘାଟ ମାଛ ଅବତରଣ କେନ୍ଦ୍ରରୁ ଚିହ୍ନଟ ହୋଇଥିଲା। ଏହି ମାଛର ଚଳାଚଳ ପରିସର ପଶ୍ଚିମ ପ୍ରଶାନ୍ତ ମହାସାଗରରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ବୋଲି ଜଣାପଡିଛି। ଏହି ମାଛର ପକ୍ଷ ବହୁତ ଲମ୍ବା ଏବଂ ପ୍ରଶସ୍ତ। ହେଲେ ଏଥିରେ ଅନ୍ୟ ସମପ୍ରଜାତି ଭଳି କୌଣସି କଳାଦାଗ ନାହିଁ। ପୂର୍ବରୁ ଏହା ଚାଇନା, ଫିଲିପାଇନ୍ସ, ଇଣ୍ଡୋନେସିଆ, ଭିଏତନାମ୍, ଜାପାନ, ଥାଇଲାଣ୍ଡରୁ ଚିହ୍ନଟ କରାଯାଇଛି। ଏହି ପ୍ରଜାତିଗୁଡ଼ିକ ନିକଟ ଉପକୂଳ ଭୂପୃଷ୍ଠ ଜଳରେ ମିଳିଥାଏ ଏବଂ କେବେ ଖୋଲା ସମୁଦ୍ରରେ ବିସ୍ତାର ହୋଇ ନ ଥାଏ। ଏହି ମାଛ ଉପରେ ବୈଜ୍ଞାନିକ ଡ. ଅନିଲ ମହାପାତ୍ର, ବୈଜ୍ଞାନିକ ଶୁଭ୍ରେନ୍ଦୁ ଶେଖର ମିଶ୍ର, ☞ପୃଷ୍ଠା-୪



ଚେଲିଓପୋଗୋନ୍ ଆକ୍ଟିସେପ୍ସ ମାଛ।


VICCO®
— ବିଶ୍ୱସନୀୟ ଆୟୁର୍ବେଦ —
1952ରୁ

ସମ୍ପୂର୍ଣ୍ଣ ସ୍ୱଦେଶୀ

ସେହି ପ୍ରଭାବୀ ଭିକୋ ଟରମରିକ୍ କ୍ରିମ୍

ଏବେ ନୂଆ ପ୍ୟାକ୍‌ରେ।




ହଳଦୀ ଅଛି, ତ ହେଲଦୀ ଅଛି।

• Follow us on @viccolabs • Like us on /ViccoLabs
• Shop online at https://viccolabs.com • Customer Care No. 0712-2420890
• Stocks also available in old pack.

ଅଧିକ ସୂଚନା ଏବଂ ଖରିଦ ପାଇଁ ଏଠାରେ ସ୍କାନ୍ କରନ୍ତୁ।


Government of Haryana
Surajkund Mela Authority
38th Surajkund International Crafts Mela
7-23 February, 2025
Surajkund, Faridabad, Haryana
"भारत के समृद्ध फ्यूचर में हम टूरिज्म का बहुत बड़ा पोटेंशियल देख रहे हैं। भारत में नेचर, कल्चर, एडवेंचर, कॉन्फ्रेंस, डेस्टिनेशन वेडिंग और हैरिटेज टूरिज्म सबके लिए असीम संभावनाएं हैं।"
- नरेन्द्र मोदी
Theme States
ODISHA INDIA'S BEST KEPT SECRET
MADHYA PRADESH
Programmes
International Organisation
BIMSTEC Bay of Bengal Initiative for Multi-Sectoral Technical and Economic Cooperation
Experience the Soul of Sufi with Dr. Satinder Sartaj 07 FEB. FRIDAY
Desert Symphony by folk sensation Mame Khan 08 FEB. SATURDAY
"Alfaaz Mere" Interaction with award winning poet & lyricist Dr. Irshad Kamil 09 FEB. SUNDAY
Jalwa-e-Haryana by Padma Shri awardee Sh. Mahavir Guddu 09 FEB. SUNDAY
Star Performance by rapper & singer Parmish Verma 10 FEB. MONDAY
North Eastern Beats by Sunita Bhuyan & Band, Francis Hmuihmul & Maylula Band 11 FEB. TUESDAY
Go on a delightful Musical journey with Papon & Band 12 FEB. WEDNESDAY
A Soul-Stirring Sufi Nite by A.R. Rahman's KM Sufi Ensemble 14 FEB. FRIDAY
Swing to the Beats of Punjabi Music by Gurtaj 15 FEB. SATURDAY
Mesmerizing musical evening by Vipul Mehta 16 FEB. SUNDAY
Madhya Pradesh - Baiju Bawra (Natya) and Veerangana Rani Durgavati (Nritya-Natika) Cultural Show by Theme State-Madhya Pradesh 17 FEB. MONDAY
Roll On The Floor with Laughter Gaurav Gupta 18 FEB. TUESDAY
Ananya Odisha Captivating Cultural Show by Theme State-Odisha 19 FEB. WEDNESDAY
BIMSTEC Rhythms : One Beat, Many Cultures 20 FEB. THURSDAY
SAMAAGAM-A fusion of classical dance forms choreographed by Priya Venkataraman 21 FEB. FRIDAY
Magnificent fashion show Sarees of India by Sandesh Navlakha & Alesia Raut 22 FEB. SATURDAY
An extravagant Art & Culture Parade showcase.
You are cordially invited.
Cultural shows for Inaugural & Closing Ceremonies curated by Sanjay Sharma
Development Commissioner for Handlooms
MINISTRY OF DEVELOPMENT OF NORTH EASTERN REGION
HARYANA TOURISM Come, holiday with us !
Utsav
Incredible India
Ministry of External Affairs Government of India
Indian handicrafts
Scan the QR code to join the Whatsapp channel of Information and Public Relations Department, Haryana
Information, Public Relations & Languages Department, Haryana
www.prharyana.gov.in Follow us on @diprharyana
RO No.:-1089/13/1984/2025/32281/276/21 Dated Chandigarh, the 05/02/2025

## ଏକ୍‌ଜିଟ ପୋଲ୍ ଭବିଷ୍ୟବାଣୀ

ଦିଲ୍ଲୀ ବିଧାନସଭା ମୋଟ ଆସନ ୭୦, ମ୍ୟାଜିକ୍ ନମ୍ବର ୩୬

| ସର୍ଭେ ସଂସ୍ଥା | ଭାଜପା | ଆପ୍ | କଂଗ୍ରେସ |
|---|---|---|---|
| ପିପୁଲ୍ସ ପଲ୍ସ | ୫୧-୬୦ | ୧୦-୧୯ | ୦ |
| ମାଟ୍ରିଜ୍ | ୩୫-୪୦ | ୩୨-୩୭ | ୦-୧ |
| ପିପୁଲ୍ସ ଇନ୍‌ସାଇଟ୍ | ୪୦-୪୪ | ୨୫-୨୯ | ୦-୧ |
| ପି-ମାର୍କ | ୩୯-୪୯ | ୨୧-୩୧ | ୦-୧ |
| ଜେଭିସି | ୩୯-୪୫ | ୨୨-୩୧ | ୦-୨ |
| ଚାଣକ୍ୟ | ୩୯-୪୪ | ୨୫-୨୮ | ୨-୩ |
| ପୋଲ୍ ଡାଏରୀ | ୪୨-୫୦ | ୧୮-୨୫ | ୦-୨ |
| ୱି ପ୍ରିଜାଇଡ୍ | ୧୮-୨୩ | ୪୬-୫୨ | ୦-୧ |
| ମାଇଣ୍ଡ ବ୍ୟାଙ୍କ | ୨୧-୨୫ | ୪୪-୪୯ | ୦-୧ |

# ମହାକୁମ୍ଭକୁ ଓଏସ୍‌ଆର୍‌ଟିସି ବସ୍ ସେବା ପୁନଃ ଆରମ୍ଭ

**ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)**

ରାଜ୍ୟ ସଡ଼କ ଓ ପରିବହନ ନିଗମ (ଓଏସଆରଟିସି) ପକ୍ଷରୁ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ପାଇଁ ସ୍ୱତନ୍ତ୍ର ବସ୍ ସେବା ବୁଧବାରଠାରୁ ପୁନଃ ଆରମ୍ଭ ହୋଇଛି। ପୁରୀ, ବ୍ରହ୍ମପୁର, କେନ୍ଦୁଝର, ଭବାନୀପାଟଣା ଆଦି ଅଞ୍ଚଳରୁ ୧୮୦ ଜଣ ଯାତ୍ରା କରିଛନ୍ତି।

ପ୍ରୟାଗରାଜର ତ୍ରିବେଣୀ ସଙ୍ଗମରେ ଜାନୁଆରୀ ୨୯ ମୌନୀ ଅମାବାସ୍ୟା ଅବସରରେ କୋଟିକୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ। ଦଳାଚକଟା ହେବାରୁ ୩୦ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିବା ସହ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଅଘଟଣ ପରେ ମେଳା ଅଞ୍ଚଳକୁ ସମସ୍ତ ପ୍ରକାର ଯାନବାହନ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଫେବୃଆରୀ ୪ ପର୍ଯ୍ୟନ୍ତ ଓଏସ୍‌ଆର୍‌ଟିସି ପରିଚାଳିତ ସ୍ୱତନ୍ତ୍ର ବସ୍ ସେବାକୁ ସ୍ଥଗିତ ରଖାଯାଇଥିଲା। ତେବେ ପୂର୍ବନିର୍ଦ୍ଧାରିତ ସମୟ ଓ ରୁଟ୍‌ରେ ଏଣିକି ବସ୍ ଚଳାଚଳ କରିବ ବୋଲି ଓଏସ୍‌ଆର୍‌ଟିସି ପକ୍ଷରୁ ସୂଚନା ଦିଆଯାଇଛି। ଅଧିକ ସୂଚନା ପାଇଁ ଓଏସ୍‌ଆର୍‌ଟିସି ୱେବ୍‌ସାଇଟ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି।

# ଡି.ଇଏଲ.ଇଡି. ପରୀକ୍ଷାଫଳ ପ୍ରକାଶିତ

**କଟକ,୫।୨(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଡି.ଇଏଲ୍.ଇଡି. ୨୦୨୪ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ପାସ୍ ହାର ୮୯.୪୮% ହୋଇଛି। ୫୭ ଜଣ ଏହି ପରୀକ୍ଷା ଦେଇଥିବାବେଳେ ୫୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। କେହି ପରୀକ୍ଷାର୍ଥୀ ପାଇଥିବା ମାର୍କରେ ଅସନ୍ତୁଷ୍ଟ ଥିଲେ ଚେକିଂ ପାଇଁ ଅଫ୍‌ଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବୋର୍ଡର ଜୋନ୍ ଅଫିସ୍‌ରେ ଏହି ଆବେଦନ କରିବାକୁ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ୬୦ଟି କେନ୍ଦ୍ରରେ ଏହି ପରୀକ୍ଷା ୨୦୨୪ ସେପ୍ଟେମ୍ବର ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ସେହିପରି ୬ଟି ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ହୋଇଥିଲା।

# ନିଯୁକ୍ତି ଉପରୁ ରହିତାଦେଶ ହଟିଲା

## ହାଇକୋର୍ଟରେ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ମାମଲା

**କଟକ,୫।୨(କାର୍ତ୍ତିକ ସାହୁ)**

ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ନେଇ ରୁଜୁ ମାମଲାରେ ହାଇକୋର୍ଟ ସୋମବାର ଜାରି କରିଥିବା ରହିତାଦେଶକୁ ବୁଧବାର ହଟାଇ ଦେଇଛନ୍ତି। ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ଏସ୍‌ସି) ଚୟନ ଓ ନିଯୁକ୍ତି ପ୍ରକ୍ରିୟା ଜାରି ରଖିବ। ମାତ୍ର ୪ ଜଣ ଆବେଦନକାରୀଙ୍କ ଆବେଦନର ରାୟ ପ୍ରକାଶ ପରେ ସେମାନଙ୍କ ପାଇଁ ହାଇକୋର୍ଟଙ୍କ ଆଦେଶ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ବିଚାରପତି ଆଦିତ୍ୟ ମହାପାତ୍ର ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ୨୭୩୫ଟି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା) ପଦବୀରେ ନିଯୁକ୍ତି ନିମନ୍ତେ ୨୦୨୩ ଏପ୍ରିଲ ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମେ' ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଯୋଗେ ଆବେଦନ ସମୟସୀମା ରହିଥିଲା। ବିଜ୍ଞପ୍ତି ଅନୁଯାୟୀ ନିଯୁକ୍ତି ନିମନ୍ତେ ଲିଖିତ ପରୀକ୍ଷାରେ ୧୦୦ ନମ୍ବର ବିକଳ୍ପ ଉତ୍ତର ମୂଳକ ପ୍ରଶ୍ନ ରହିଥିଲା। ପରୀକ୍ଷାର ସମୟ ଦୁଇ ଘଣ୍ଟା ଧାର୍ଯ୍ୟ ହୋଇଥିଲା। ଏଥିସହ ପ୍ରତି ଭୁଲ୍ ଉତ୍ତରରେ ୦.୨୫% ନମ୍ବର କଟିବା ବ୍ୟବସ୍ଥା ରହିଥିଲା। ପରୀକ୍ଷା ଶେଷ ହେବା ପରେ ୨୦୨୩ ଡିସେମ୍ବର ୭ରେ ଓଏସ୍‌ଏସ୍‌ଏସ୍‌ସି ଏକ ନୋଟିସ ଜାରି କରିବା ସହ ଉତ୍ତର ଶିଟ୍ ପ୍ରକାଶ କରିଥିଲା। ଏହାର ଦୁଇମାସ ପରେ ଅର୍ଥାତ୍ ୨୦୨୪ ଫେବୃଆରୀ ୫ରେ ଓଏସ୍‌ଏସ୍‌ଏସ୍‌ସି ପ୍ରକାଶ କରିଥିବା ଉତ୍ତର ଖାତାର ତ୍ରୁଟି ସଂଶୋଧନ କରିଥିଲା। ସେଥିରେ ୨୧ଟି ପ୍ରଶ୍ନର ଉତ୍ତରରେ ତ୍ରୁଟି ରହିଥିଲା ବୋଲି ଦର୍ଶାଯାଇଥିଲା। ସେଥିମଧ୍ୟରୁ ୧୩ଟି ପ୍ରଶ୍ନର ସଂଶୋଧିତ ଉତ୍ତର ପ୍ରକାଶ କରାଯାଇଥିବାବେଳେ ୮ଟି ପ୍ରଶ୍ନର ଉତ୍ତର ପ୍ରକାଶ ପାଇ ନ ଥିଲା। ଅପରପକ୍ଷରେ ଗ୍ରେସ୍ ମାର୍କ ଆଧାରରେ ନିଯୁକ୍ତି ଦେବା ଲାଗି ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ସ୍ଥିର କରାଯାଇଥିଲା। ମାତ୍ର ଏପରି ନିଯୁକ୍ତି ଦ୍ୱାରା ବହୁ ମେଧାବୀ ଆଶାୟୀ ନିଯୁକ୍ତି ପାଇବାରୁ ବଞ୍ଚିତ ହେବେ। ନିଯୁକ୍ତି ପ୍ରକ୍ରିୟାରେ ତ୍ରୁଟି ଥିବା ଅଭିଯୋଗ ଆଣି ଗଙ୍ଗାମଣି ଜେନାଙ୍କ ସମେତ ୪ଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଗତ ମାମଲାଗୁଡ଼ିକର ଏକତ୍ର ଶୁଣାଣି ହୋଇଥିଲା। ହାଇକୋର୍ଟ ନିଯୁକ୍ତି ଉପରେ ରହିତାଦେଶ ଜାରି କରିବା ସହ ଚୟନ ପ୍ରକ୍ରିୟା ଚାଲୁ ରଖିବା ଓ ହାଇକୋର୍ଟଙ୍କ ଅନୁମତି ବିନା ନିଯୁକ୍ତି କରାଯାଇପାରିବ ନାହିଁ ବୋଲି ଆଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରମାକାନ୍ତ ଷଡ଼ଙ୍ଗୀ ମାମଲା ପରିଚାଳନା କରୁଛନ୍ତି।

# ୭ରେ ନିଯୁକ୍ତି ପାଇବେ ୨୭୩୫ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ

**ଭୁବନେଶ୍ୱର,୫।୨(ସୁଚିସ୍ମିତା ସାହୁ)**

ଆସନ୍ତା ୭ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ ନିଯୁକ୍ତି ମେଳା। ଏହି ମେଳାରେ ୨୭୩୫ ଜଣ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ଉଚ୍ଚତମ ନ୍ୟାୟାଳୟ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଏ ନେଇ ଓଏସ୍‌ଏସ୍‌ଏସ୍‌ସି ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜବାବ ଦାଖଲ କରାଯାଇଥିଲା। ବୁଧବାର ଉଚ୍ଚତମ ନ୍ୟାୟାଳୟ ମାମଲାର ଶୁଣାଣି କରି ଉକ୍ତ ନିଯୁକ୍ତି ଉପରେ ଲଗାଯାଇଥିବା ରହିତାଦେଶ ପ୍ରତ୍ୟାହାର କରିଛନ୍ତି। ଫଳରେ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ଉପରେ ଥିବା ପ୍ରତିବନ୍ଧକ ଦୂର ହୋଇଛି। ଏଥିସହ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି।



ରାଜ୍ୟ ସରକାର ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କ ଘରଭଡ଼ା ପ୍ରଦାନ ସହ ସେମାନଙ୍କ ବିଭିନ୍ନ ଭତ୍ତା ବୃଦ୍ଧି କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବୁଧବାର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଭେଟି କୃତଜ୍ଞତା ଜ୍ଞାପନ କରିବା ସହିତ ଧନ୍ୟବାଦ ଦେଇଛନ୍ତି।

# ତଦନ୍ତ ଶେଷ କଲେ କମିଶନ

## ଭରତପୁର ଥାନା ନିର୍ଯାତନା ଘଟଣା

- ୨୮ ସୁଦ୍ଧା ସରକାରଙ୍କୁ ରିପୋର୍ଟ ଦିଆଯିବ
- ଆର୍ମି ଅଫିସର, ବାନ୍ଧବୀଙ୍କ ଓକିଲଙ୍କ ପକ୍ଷରୁ ପୋଲିସ ଅଫିସରଙ୍କୁ ହୋଇପାରିଲା ନାହିଁ ଜେରା

**ଭୁବନେଶ୍ୱର,୫।୨(ସତ୍ୟଜିତ୍ ରାଉତ)**

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ ପକ୍ଷରୁ ହେଉଥିବା ତଦନ୍ତ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ଆସନ୍ତା ୨୮ ତାରିଖରେ ରାଜ୍ୟ ସରକାରଙ୍କୁ ଏହି ମାମଲାର ତଦନ୍ତ ରିପୋର୍ଟ ଦାଖଲ କରାଯିବ ବୋଲି କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ତେବେ ବଡ଼ କଥା ହେଉଛି ଯେ, ସମୟ ଅଭାବରୁ ଏହି ମାମଲାରେ ନିଲମ୍ବିତ ଇନ୍‌ସ୍ପେକ୍ଟର ଦୀନକୃଷ୍ଣ ମିଶ୍ରଙ୍କ ସମେତ ୩୫ଜଣ ପୋଲିସ ଅଫିସରଙ୍କୁ ଆର୍ମି ଅଫିସର ଓ ବାନ୍ଧବୀଙ୍କ ଓକିଲଙ୍କ ପକ୍ଷରୁ ଜେରା ହୋଇପାରିଲା ନାହିଁ।

ମିଳିଥିବା ସୂଚନାନୁଯାୟୀ, ବୁଧବାର ପୋଲିସ ଅଫିସରଙ୍କୁ ଜେରା କରାଯିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ହେଲେ ଆର୍ମି ଅଫିସର ଓ ବାନ୍ଧବୀଙ୍କ ଓକିଲଙ୍କ ପକ୍ଷରୁ ଫେବୃଆରୀ ୧୫ତାରିଖ ପରେ ସମୟ ଦିଆଯାଉ ବୋଲି କମିଶନଙ୍କ ନିକଟରେ ନିବେଦନ କରାଯାଇଥିଲା। ଏପଟେ ଫେବୃଆରୀ ୨୮ରେ କମିଶନଙ୍କ କାର୍ଯ୍ୟକାଳ ଶେଷ ହେବାର ରହିଛି। ୧୫ ତାରିଖରୁ ୨୮ତାରିଖ ଯାଏ କାର୍ଯ୍ୟଦିବସ ଅଳ୍ପଦିନ ଥିବାରୁ ପୋଲିସ ଅଫିସରଙ୍କୁ ଜେରା କରିବା ସମ୍ଭବପର ହୋଇପାରିବ ବୋଲି କମିଶନ ଦାସ ହୃଦ୍‌ବୋଧ କରିଥିଲେ। ତେଣୁ ବାଧ୍ୟ ହୋଇ କମିଶନଙ୍କ ପକ୍ଷରୁ ଶୁଣାଣି ପ୍ରକ୍ରିୟା ଶେଷ କରାଯାଇଛି ବୋଲି ସଚିବ ଶୁଭେନ୍ଦ୍ର କହିଛନ୍ତି। ଏବେ ସରକାରଙ୍କ ପକ୍ଷରୁ ଦିଆଯିବାକୁ ଥିବା ତଦନ୍ତ ରିପୋର୍ଟ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜାନୁଆରୀ ୩୧ରେ କମିଶନଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କମିଶନ ସରକାରଙ୍କୁ ଆଉ ୩ମାସ ସମୟ ମାଗିଥିଲେ। ହେଲେ ସରକାର ମାତ୍ର ଗୋଟିଏ ମାସ ସମୟ ଦେଇଥିଲେ।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୪ ରାତିର ଦୁର୍ବ୍ୟବହାର ଅଭିଯୋଗକୁ ନେଇ ଆର୍ମି ଅଫିସର ଓ ବାନ୍ଧବୀ ଭରତପୁର ଥାନା ଯାଇଥିଲେ। ହେଲେ ସେଠାରେ ଥାନା କର୍ମଚାରୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ଥାନା ଆଇଆଇସିଙ୍କ ସହ ୪ଜଣ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏଥିସହ ସରକାର କ୍ରାଇମବ୍ରାଞ୍ଚକୁ ତଦନ୍ତଭାର ଦେବା ସହ ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।

# ୧୬ଦିନ ଲଗାତର କୁହୁଡ଼ି

**ଭୁବନେଶ୍ୱର,୫।୨ (ଅନୁରାଧା ମହାରଣା)**

ଲଗାତର ୧୬ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡି ଅନୁଭୂତ ହେଉଥିବାବେଳେ ଆହୁରି ୩ ଦିନ ବିଭିନ୍ନ ଜିଲାରେ ଏଭଳି ସ୍ଥିତି ଲାଗି ରହିବ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯିବା ସହ ସତର୍କ ସୂଚନା ଜାରି କରାଯାଇଛି। ଗୁରୁବାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଯାଜପୁର, ଗଞ୍ଜାମ, କେନ୍ଦୁଝରଗଡ଼, ନୟାଗଡ଼ ଓ ଅନୁଗୋଳ ଆଦି ଜିଲାରେ ଘନ କୁହୁଡ଼ି ନେଇ ୟେଲୋ ୱର୍ନିଂ ଜାରି କରାଯାଇଛି। ମୟୂରଭଞ୍ଜ, ସମ୍ବଲପୁର, ସୁନ୍ଦରଗଡ଼, କଳାହାଣ୍ଡି, ନୟାଗଡ଼ ଆଦି ଜିଲାର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ପ୍ରଭାବ ରହିବ। ଅନ୍ୟପଟେ ଦିନରେ ଖରା ଓ ଗୁଳୁଗୁଳି ସାଧାରଣ ଜନଜୀବନକୁ ପ୍ରଭାବିତ କରୁଛି। ଗତ କିଛିଦିନ ଧରି ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ୍ ଉପରେ ରହୁଛି। ବୁଧବାର ମାଲକାନଗିରି ଓ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।






# କୁଆଖାଇରେ ବୁଡ଼ିଗଲେ ୨ ଛାତ୍ର




ଦିବ୍ୟଜ୍ୟୋତି ମହାଲିକ ଓ ସିକୁନ ସେନାପତି।

**ବାଲକାଟୀ/ବାଲିଅନ୍ତା,୫।୨ (ମନୋଜ ମଣ୍ଡଳ/ ନୀଳମାଧବ ସାହୁ)**

ବାଲିଅନ୍ତା ଥାନା ଅଧୀନ ରଙ୍ଗବଜାର ନିକଟ କୁଆଖାଇ ନଦୀରେ ବୁଡ଼ି ବୁଧବାର ୨ ଜଣ ୧୦ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ଦୁହେଁ ଭୁବନେଶ୍ୱର କ୍ୟାପିଟାଲ ଥାନା ଅଧୀନ ୟୁନିଟ୍-୬ କାଳୀ ମନ୍ଦିର ଅଞ୍ଚଳରେ ରହୁଥିବା ଦିବ୍ୟଜ୍ୟୋତି ମହାଲିକ (୧୫) ଓ ଗଙ୍ଗନଗରରେ ରହୁଥିବା ସିକୁନ ସେନାପତି (୧୫) ବୋଲି ଜଣାପଡ଼ିଛି। ବାଲିଅନ୍ତା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୪/୨୫ ଓ ୫/୨୫)ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଦିବ୍ୟଜ୍ୟୋତି ଓ ସିକୁନ ସରସ୍ୱତୀଙ୍କ ମୂର୍ତ୍ତି ବିସର୍ଜନ ପାଇଁ ଟ୍ୟୁଶନ ସାରଙ୍କ ସମେତ ୬ ଜଣ ସାଙ୍ଗ ମିଶି ପୂର୍ବାହ୍ନ ସମୟରେ ରଙ୍ଗବଜାର ନିକଟ କୁଆଖାଇ ନଦୀକୁ ଆସିଥିଲେ। ବିସର୍ଜନ ପାଇଁ ନଦୀ ଭିତରକୁ ଯାଇଥିବାବେଳେ ୨ ଜଣ ସାଙ୍ଗ ବୁଡ଼ି ଯାଇଥିଲେ। ଏହା ଦେଖି ଟ୍ୟୁଶନ ସାର୍ ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଖୋଜାଖୋଜି କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ବାଲିଅନ୍ତା ଅଗ୍ନିଶମ ବିଭାଗର ଏକ ଟିମ୍ ସେଠାରେ ପହଞ୍ଚି ନଦୀରେ ଖୋଜାଖୋଜି କରି ଉଭୟଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିଅନ୍ତା ପୋଲିସ ଡାକ୍ତରଖାନାରେ ପହଞ୍ଚିଥିଲା।

## ଦୁଃଖପ୍ରକାଶ କଲେ ମୁଖ୍ୟମନ୍ତ୍ରୀ, ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା

**ଭୁବନେଶ୍ୱର,୫।୨ (ସୁଚିସ୍ମିତା ସାହୁ)**

ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ପଞ୍ଚାୟତ ଅଧୀନ ରଙ୍ଗବଜାର ନିକଟ କୁଆଖାଇ ନଦୀରେ ସରସ୍ୱତୀ ମୂର୍ତ୍ତି ବିସର୍ଜନ ବେଳେ ପାଣିରେ ବୁଡ଼ି ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ମୃତ ଛାତ୍ରଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି।

# ପିଲାଙ୍କ ପାଠପଢ଼ା ସହିତ ପ୍ରତିଭା ବିକାଶ ଲକ୍ଷ୍ୟ



ପ୍ଲେ ଗ୍ରୁପ୍‌ର ପିଲାମାନେ ନୃତ୍ୟ ମାଧ୍ୟମରେ ବାର୍ତ୍ତା ଦେଉଛନ୍ତି।

## ସାଇ ଆଙ୍ଗନ୍ ସ୍କୁଲରେ 'କନ୍‌ଫ୍ଲୁଏନ୍ସ-୨୦୨୫' ଆରମ୍ଭ

**ଭୁବନେଶ୍ୱର,୫।୨ (ସୁଚିସ୍ମିତା ସାହୁ)**

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ପ୍ଲେ ସ୍କୁଲ 'ସାଇ ଆଙ୍ଗନ'ର ତିନିଦିନିଆ ସାଂସ୍କୃତିକ ବାର୍ଷିକ ଉତ୍ସବ 'କନ୍‌ଫ୍ଲୁଏନ୍ସ-୨୦୨୫' ବୁଧବାରଠାରୁ ଇନ୍ଦ୍ରପ୍ରସ୍ଥ ଅଡିଟୋରିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ଲେ ଗ୍ରୁପ୍‌ରୁ ତୃତୀୟ ଶ୍ରେଣୀର ପିଲା ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ଲେ ଗ୍ରୁପ୍‌ର ପିଲାଙ୍କ ଦ୍ୱାରା ପରିବେଷିତ ନୃତ୍ୟରେ ଅନ୍ନମୟ, ପ୍ରାଣମୟ, ମନମୟ, ବିଜ୍ଞାନମୟ ଓ ଆନନ୍ଦମୟ ବେଶ୍ ଚିତ୍ତାକର୍ଷକ ତଥା ଶିକ୍ଷଣୀୟ ଥିଲା। ବିଶେଷକରି ନୃତ୍ୟରେ ପରିବେଶର ବାର୍ତ୍ତା ଉପସ୍ଥିତ ଅଭିଭାବକ, ଶିକ୍ଷକ ଓ ଅତିଥିଙ୍କୁ ଅଭିଭୂତ କରିଥିଲା। ଏହି ଅବସରରେ ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନ ଗ୍ରୁପ୍ ଅଧକ୍ଷା ଡ. ଶିଳ୍ପୀ ସାହୁ ଅଭିଭାବକ, ଶିକ୍ଷକ ଓ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। କନ୍‌ଫ୍ଲୁଏନ୍ସର କୁନି କୁନି ପିଲାଙ୍କ ଦ୍ୱାରା ପ୍ରଦର୍ଶିତ ପଞ୍ଚକୋଷ ଗଭୀର ପ୍ରତିଭା ଓ ଅସୀମ ସୃଜନଶୀଳତାର ପ୍ରତିଫଳନ। ପାଠପଢ଼ା ସହିତ ପିଲାଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକାଶ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। କୁନିକୁନି ପିଲାଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିବା ସହ ଭାରତୀୟ କଳା ସଂସ୍କୃତି ବିଷୟରେ ପରିଚୟ କରିବା ଏହାର ମୂଳଲକ୍ଷ୍ୟ ବୋଲି ସେ କହିଛନ୍ତି। ଏହି ଉତ୍ସବ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ ଓ ସାଇ ଆଙ୍ଗନ୍‌ର ପ୍ରିନ୍ସିପାଲ ରଶ୍ମୀ ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟସ୍ତରୀୟ ସାଂସ୍କୃତିକ ଉତ୍ସବରେ ସାଇ ଆଙ୍ଗନ ପ୍ଲେ ଗ୍ରୁପ୍ ବର୍ଗରେ ସପ୍ତମଥର ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛି।

# ଅସୁସ୍ଥ ସୁକାନ୍ତିଙ୍କୁ ଦୋଳାରେ ବୋହିଲେ ୧୫ କି.ମି.



ଅସୁସ୍ଥ ସୁକାନ୍ତିଙ୍କୁ ଦୋଳାରେ ବୋହି ଡାକ୍ତରଖାନା ନିଆଯାଉଛି।

**ଆର୍.ଉଦୟଗିରି, ୫।୨ (ମନୋଜ କୁମାର ପାଢ଼ୀ)**

ଗାଁକୁ ଯିବା ପାଇଁ ପକ୍କା ରାସ୍ତା ନାହିଁ। ସବୁବେଳେ ଯାତାୟାତରେ ହଇରାଣ ହେଉଥିବା ଗ୍ରାମବାସୀ ଜରୁରୀ ସମୟରେ ରୋଗୀଙ୍କୁ ଦୋଳାରେ ଭାର କରି ଡାକ୍ତରଖାନା ନେଉଛନ୍ତି। ବୁଧବାର ସେପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲା ଆର୍ ଉଦୟଗିରି ବ୍ଲକ ଶିଆଳିଲଟି ପଞ୍ଚାୟତର ତଇଲ ଗ୍ରାମରେ । ଗାଁର ଯୁରିଆ ନାୟକଙ୍କ ସ୍ତ୍ରୀ ସୁକାନ୍ତି ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ବୁଧବାର ତାଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ପରିବାର ଓ ସମ୍ପର୍କୀୟ ଲୋକେ ଦୋଳାକରି ଦୀର୍ଘ ୧୫ କି.ମି. ବୋହି ମହେନ୍ଦ୍ରଗଡ ନେଇଥିଲେ। ସେଠାରୁ ସେମାନେ ତାଙ୍କୁ ଗାଡିରେ ଚନ୍ଦ୍ରଗିରି ଡାକ୍ତରଖାନା ନେଇଥିଲେ। ଗାଁକୁ ପକ୍କା ରାସ୍ତା ନିର୍ମାଣ ଲାଗି ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ କେହି ଶୁଣୁ ନ ଥିବାରୁ ଆମକୁ ଏପରି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ବୋଲି କହିଛନ୍ତି ଗ୍ରାମବାସୀ। ସୂଚନାଯୋଗ୍ୟ, ତଇଲ ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଆସିପାରେନାହିଁ। ଗ୍ରାମର କେହି ଅସୁସ୍ଥ ହୋଇପଡିଲେ ଦୋଳାରେ ବୁହା ହୋଇ ଡାକ୍ତରଖାନା ଯାଇଥାନ୍ତି।




# ଜନବସତିକୁ ମାଡ଼ିଗଲା ମାଲବାହୀ ଟ୍ରେନ୍

## ୧୦ରୁ ଊର୍ଦ୍ଧ୍ୱ ଠେଲା, ରିକ୍ସା ଓ ଅଟୋ ଉପରେ ମାଡ଼ିଗଲା ୫ ବଗି

**ରାଉରକେଲା, ୫।୨ (ସଙ୍ଗୀତା ଜେନା)**



ରାଉରକେଲା ନିକଟରେ ମାଲବାହୀ ଟ୍ରେନ୍ ଦୁର୍ଘଟଣା ସ୍ଥଳରେ ରେଳ ବିଭାଗ ଅଧିକାରୀମାନେ ସମୀକ୍ଷା କରୁଛନ୍ତି।

ଦକ୍ଷିଣ-ପୂର୍ବ ରେଳପଥର ରାଉରକେଲା ଷ୍ଟେଶନ ନିକଟରେ ବୁଧବାର ସକାଳ ପ୍ରାୟ ୬ଟାରେ ଟ୍ରେନ ଦୁର୍ଘଟଣା ଘଟିଛି। ମାଲଗୋଦାମ ଏଫ୍‌ସିଆଇ ବସ୍ତି ନିକଟରେ ଏକ ମାଲବାହୀ ଟ୍ରେନ୍ ୟାର୍ଡ ଭିତରେ ପଛଉ ଥିବାବେଳେ ୟାର୍ଡ଼ ପାଚେରି ଭାଙ୍ଗି ୫ଟି ବଗି ଜନବସତି ମଧ୍ୟକୁ ପଶିଆସିଥିଲା। ମାଲବାହୀ ଟ୍ରେନ ନମ୍ବର ୬୧୪୦୮୧୦ର ବଗି ନମ୍ବର ୩୧୫, ୭୩୨, ୭୪୯, ୭୫୬, ୩୨୨ ଲାଇନଚ୍ୟୁତ ହୋଇଥିବା ଦେଖିବାକୁ ମିଳିଛି। ଏଥିରେ କେହି ମୃତାହତ ହୋଇ ନ ଥିବା କୁହାଯାଇଥିବା ବେଳେ ବସ୍ତିରେ ରଖାଯାଇଥିବା ୧୦ରୁ ଊର୍ଦ୍ଧ୍ୱ ଠେଲା, ରିକ୍ସା, ଅଟୋ ଉପରେ ଉକ୍ତ ବଗିଗୁଡ଼ିକ ଚଢ଼ିଯାଇଥିଲା। ଦୁର୍ଘଟଣା ପରେ ରେଳ କର୍ତ୍ତୃପକ୍ଷ ଓ ଟେକ୍‌ନିକାଲ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅପରାହ୍ନ ୩ଟାରେ ଦକ୍ଷିଣ-ପୂର୍ବ ରେଳପଥର ଜେନେରାଲ ମ୍ୟାନେଜର ଅନିଲ ମିଶ୍ର, ଚକ୍ରଧରପୁର ଡିଭିଜନର ରେଳ ମ୍ୟାନେଜର (ଡିଆର୍‌ଏମ୍) ତରୁଣ ହୁରିଆ, ବନ୍ଦମୁଣ୍ଡା ଏଆର୍‌ଏମ୍ ସମୀର ସୌରଭ, ସିନିୟର ଡିସିଏମ୍ ଆଦିତ୍ୟ ଚୌଧୁରୀ, ଡିଭିଜନାଲ ଅପରେଶନ୍ ମ୍ୟାନେଜର ଅବିନାଶ କୁମାର, ମୁଖ୍ୟ ବାଣିଜ୍ୟିକ ନିରୀକ୍ଷକ ଅତୁଲ ଘୋଷଙ୍କ ସମେତ ବରିଷ୍ଠ ଅଧିକାରୀମାନେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସୂଚନା ମିଳିଛି। ଉକ୍ତ ଘଟଣା ମୁଖ୍ୟ ଲାଇନରେ ଘଟି ନ ଥିଲେ ବି କିଛି ସମୟ ମୁଖ୍ୟ ଲାଇନରେ ରେଳ ଚଳାଚଳ ବ୍ୟାହତ ହୋଇଥିଲା। ଲୋକମାନେ ଶୋଇଥିବାବେଳେ ପ୍ରଚଣ୍ଡ ଶବ୍ଦ କରି ଟ୍ରେନ୍ ବଗିଗୁଡ଼ିକ ବସ୍ତି ମଧ୍ୟକୁ ଧସେଇ ପଶିଥିଲା। ବସ୍ତିବାସୀ ସମରପ୍ରିୟ ତନ୍ତୀଙ୍କ କହିବା ଅନୁସାରେ, ବସ୍ତି ସୁରକ୍ଷାକୁ ଆଦୌ ଦୃଷ୍ଟିକୁ ନିଆଯାଉନାହିଁ। କ୍ଷତିଭରଣା ପ୍ରଦାନ ସହ ଆଗାମୀ ଦିନରେ ଏପରି ତ୍ରୁଟି ନ ହେବା ପାଇଁ ପ୍ରତିଶ୍ରୁତି ଦିଅନ୍ତୁ ବୋଲି କହିଥିଲେ। ବସ୍ତିର ଅନ୍ୟମାନେ କ୍ଷତି ଭରଣା ଲାଗି ଦାବି କରିଛନ୍ତି।

# 'ଓଡ଼ିଶା ଯାତ୍ରୀ': ମାସକରେ ୩୬୨୯୭ ଚାଳକ ପଞ୍ଜୀକୃତ

**ଭୁବନେଶ୍ୱର,୫।୨ (ଅନୁରାଧା ମହାରଣା)**

'ଘରକୁ ନିରାପଦରେ ଆସ' ଶୀର୍ଷକ ସଡ଼କ ସୁରକ୍ଷା ସଚେତନତା ମାସ ପାଳନ ଅବସରରେ 'ଓଡ଼ିଶା ଯାତ୍ରୀ' ଆପ୍‌ର ଶୁଭାରମ୍ଭ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୩୬୨୯୭ ଜଣ ଚାଳକ ଏଥିରେ ପଞ୍ଜୀକୃତ ହୋଇଥିବାବେଳେ ୧୨୧୨୪୨ଜଣ ଏହି ଆପ୍ ବ୍ୟବହାର କରୁଥିବା ସୂଚନା ଦିଆଯାଇଛି। ସୂଚନା ଥାଉକି, ଏହି ଆପ୍‌ରେ ରିଅଲ-ଟାଇମ୍ ଟ୍ରିପ୍ ଟ୍ରାକିଂ, ଲାଇଭ୍ ଟ୍ରିପ୍ ଶେୟାରିଂ ଏବଂ ଓଡ଼ିଶା ପୋଲିସ ୧୧୨ ହେଲ୍ପଲାଇନ ସହିତ ଏକ ସୁଦୃଢ଼ ଜରୁରୀକାଳୀନ ସହାୟତା ବ୍ୟବସ୍ଥା ଭଳି ଉନ୍ନତ ବୈଶିଷ୍ଟ୍ୟ ରହିଛି। ଡ୍ରାଇଭରମାନେ ସମ୍ପୂର୍ଣ୍ଣ ଯାଞ୍ଚ ଏବଂ ନିୟମିତ ସୁରକ୍ଷା ତାଲିମ ପାଆନ୍ତି, ଯାହା ଯାତ୍ରୀଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏକ ବିଶ୍ୱସ୍ତ ନେଟ୍‌ୱାର୍କ ସୃଷ୍ଟି କରେ। ଅନ୍ୟ ଆପ୍‌ରେ ପଞ୍ଜୀକୃତ ଚାଳକଙ୍କଠାରୁ କମିଶନ କଟାଯାଉଥିବାବେଳେ ଏହି ଆପ୍‌ରେ ପଞ୍ଜୀକୃତ ଚାଳକ ସେମାନଙ୍କର ୧୦୦ ପ୍ରତିଶତ ପ୍ରାପ୍ୟ ପାଇଥା'ନ୍ତି। ଆଗାମୀ ଦିନରେ ଓଡ଼ିଶା ଯାତ୍ରୀ ସାର୍ବଜନୀନ ପରିବହନ ନେଟ୍‌ୱାର୍କ, ଏଆଇ-ଚାଳିତ ସୁରକ୍ଷା ପ୍ରୋଟୋକଲ ଏବଂ ନିର୍ବିଘ୍ନ ପ୍ରଥମ ଏବଂ ଶେଷ-ମାଇଲ ସଂଯୋଗ ପାଇଁ ଉପକରଣ ସହିତ ଏହାର ଅଫରଗୁଡ଼ିକୁ ବିସ୍ତାର କରିବାକୁ ଯୋଜନା କରୁଥିବା ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କଟ୍‌ନିଛଟ୍‌ନି ପାଇଁ କହିନାହାନ୍ତି ସରକାର: ମନ୍ତ୍ରୀ ପାତ୍ର

**ଢେଙ୍କାନାଳ,୫।୨ (ରତନ ନାୟାର)**

ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ବୁଧବାର ପୂର୍ବାହ୍ନରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ଉତ୍ସବରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଉତ୍ସବ ପରେ ଗଣମାଧ୍ୟମର ପ୍ରତିନିଧିମାନେ ଜିଲାରେ ମଣ୍ଡି ଗୁଡ଼ିକରେ ୮ରୁ ୧୦ କେଜି ଧାନ କଟ୍‌ନିଛଟ୍‌ନି ହେଉଥିବା ଅଭିଯୋଗ ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଲେ, ଏ ସମ୍ପର୍କରେ ତାଙ୍କ ପାଖରେ କୌଣସି ଖବର ନାହିଁ। ଯଦି ଖବର ଅଛି, ମୋତେ ଲିଖିତ ଭାବେ ଦିଅନ୍ତୁ। ବିଭିନ୍ନ ଜାଗାରେ ନିଜେ ବୁଲିକି ଦେଖୁଛି। ଜିଲାପାଳ ଏବଂ ଅଧିକାରୀମାନଙ୍କୁ ମଧ୍ୟ ଏଥିପ୍ରତି ନଜର ରଖିବା ପାଇଁ କୁହାଯାଇଛି। କୌଣସି ସମସ୍ୟା ଉପୁଜିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାର କେଉଁଠି କହିନାହାନ୍ତି, ଗୋଟିଏ କେଜି ଲେଖାଏ ଧାନ କାଟିବା ପାଇଁ। ଯିଏ ଏଭଳି କହୁଛନ୍ତି, ସେମାନେ ଚୋର। ଚୋରଙ୍କ କଥା ଶୁଣନ୍ତୁନି ବୋଲି ମନ୍ତ୍ରୀ କହିଥିଲେ।

## ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ଢେଙ୍କାନାଳ,୫।୨ (ରତନ ନାୟାର)**

ଢେଙ୍କାନାଳ ସଦର ଥାନା କାଣିଆଡ଼ିହ ଗ୍ରାମରେ ବୁଧବାର ପୋଖରୀରେ ବୁଡ଼ି ୭ମ ଶ୍ରେଣୀ ଛାତ୍ର ଆଶିଷ ପ୍ରଧାନଙ୍କ ମୃତ୍ୟୁ ହୋଇଛି। ଆଡିଣ୍ଡା ଗ୍ରାମର ପୀତବାସ ପ୍ରଧାନଙ୍କ ପୁଅ ଆଶିଷ କାଣିଆଡିହ ଗ୍ରାମରେ ମାମୁ ଘରେ ରହି ପାଠ ପଢୁଥିଲେ। ସରସ୍ୱତୀ ମୂର୍ତ୍ତି ବିସର୍ଜନ ବେଳେ ପୋଖରୀରେ ତାଙ୍କ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

Apollo HOSPITALS
ଆପୋଲୋ ହସ୍ପିଟାଲ୍‌ସ, ହାଇଦ୍ରାବାଦ
ସୁପର ସ୍ପେସିଆଲିଷ୍ଟ ଡାକ୍ତର ଏବେ "ଭୁବନେଶ୍ୱର"ରେ
ନେଫ୍ରୋଲୋଜି କ୍ଲିନିକ୍
8 ଫେବୃଆରୀ 2025
ଆପୋଲୋ ସ୍ପେସିଆଲିଟି କ୍ଲିନିକ, ବରଗଡ଼, କଳ୍ପନା ସ୍କୋୟାର, ଭୁବନେଶ୍ୱର
ସକାଳ 10ଟା ଠାରୁ ଅପରାହ୍ନ 3ଟା ପର୍ଯ୍ୟନ୍ତ
ଡା. ଅଶ୍ୱିନୀ କୁମାର ପାଣିଗ୍ରାହୀ
MBBS, MD (Int. Med.), DNB Nephro
କନ୍‌ସଲଟାଣ୍ଟ - ନେଫ୍ରୋଲୋଜିଷ୍ଟ
ଆପୋଲୋ ହସ୍ପିଟାଲ୍‌ସ, ହାଇଦ୍ରାବାଦ
ଯଦି ଆପଣଙ୍କ ଠାରେ ଏହି ଲକ୍ଷଣଗୁଡ଼ିକ ଅଛି, ତା'ହେଲେ ତୁରନ୍ତ ଯୋଗାଯୋଗ କରନ୍ତୁ :
• କିଡ୍‌ନୀ ରେ ପଥର
• କିଡ୍‌ନୀ ରୋଗ
• କିଡ୍‌ନୀ ବିଫଳତା
• ରେନାଲ ବିଫଳତା
• ନେଫ୍ରୋପାଥି
• ପ୍ରାପ୍ତବୟସ୍କ ନେଫ୍ରୋଲୋଜି
• ରେନାଲ ଡପ୍ଲର
For Appointment, Call: 040-69321057 / 9124101783

# ରାଷ୍ଟ୍ର ନିର୍ମାଣରେ ବୈଷୟିକ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ: ରାଜ୍ୟପାଳ

## ବିପିୟୁଟିର ସମାବର୍ତ୍ତନ ଉତ୍ସବ

**ରାଉରକେଲା, ୫।୨ (ଦିନେଶ ମିଶ୍ର)**

ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି)ର ୧୧ତମ ସମାବର୍ତ୍ତନ ସମାରୋହ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ରାଜ୍ୟପାଳ ତଥା ବିପିୟୁଟିର କୁଳାଧିପତି ଡ. ହରିବାବୁ କମ୍ଭମ୍ପାଟି ସମାରୋହରେ ଅଧ୍ୟକ୍ଷତା କରି ରାଷ୍ଟ୍ର ନିର୍ମାଣରେ ବୈଷୟିକ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏହି ଉତ୍ସବରେ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟର ଇଲେକ୍ଟ୍ରୋନିକ ଓ ଯୋଗାଯୋଗ ପ୍ରଣାଳୀର ମହାନିର୍ଦ୍ଦେଶକ ଡ. ବିନୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏକ ଆତ୍ମନିର୍ଭରଶୀଳ ଓ ବୈଷୟିକ ଦୃଷ୍ଟିରୁ ଉନ୍ନତ ଭାରତ ଗଠନରେ ଦକ୍ଷତାକୁ ବ୍ୟବହାର କରିବାକୁ ଡ. ଦାସ ତାଙ୍କ ବକ୍ତବ୍ୟରେ ବିଦ୍ୟାର୍ଥୀମାନଙ୍କୁ କହିଥିଲେ। ରାଜ୍ୟପାଳ ତଥା କୁଳାଧିପତି ସ୍ନାତକମାନଙ୍କୁ ସେମାନଙ୍କ ବୃତ୍ତିଗତ ଯାତ୍ରାରେ ନବସୃଜନ ଓ ନୈତିକ ମୂଲ୍ୟବୋଧକୁ ଗ୍ରହଣ କରି ବିକଶିତ ଭାରତ ଗଠନ ଦିଗରେ ଯୋଗଦାନ ଦେବାକୁ ଆହ୍ୱାନ ଦେଇଥିଲେ। ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସାମ୍ପ୍ରତିକ ବର୍ଷଗୁଡିକରେ ବିଶ୍ୱବିଦ୍ୟାଳୟର ସଫଳତା ଓ ପଦକ୍ଷେପଗୁଡିକ ବର୍ଣ୍ଣନା କରିଥିଲେ। ସେ ଇ-ପରୀକ୍ଷାରେ ବିପିୟୁଟିର ଅଗ୍ରିମ ଭୂମିକା, ଜାତୀୟ ଶିକ୍ଷାନୀତି ୨୦୨୦ ସମସ୍ତ ପାଠ୍ୟକ୍ରମ ପ୍ରଚଳନ ଓ ଫଳାଫଳ ଆଧାରିତ ଶିକ୍ଷା, ପ୍ରକଳ୍ପ ଆଧାରିତ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପ ଶିକ୍ଷା କ୍ଷେତ୍ରରେ ବିପିୟୁଟି ଟେକ୍ କାର୍ନିଭାଲ ଆୟୋଜନ କରିବା, ବିପିୟୁଟି ହାକ୍‌ଥନ୍ କରିବା, ଶିଳ୍ପ ଏକାଡେମୀ କନକ୍ଲେଭ ଭଳି ପଦକ୍ଷେପ ମାଧ୍ୟମରେ ଉଦ୍ୟୋଗୀତା ଓ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ପ୍ରୟାସ ବିଷୟରେ ମଧ୍ୟ ପ୍ରଫେସର ରଥ ଉଲ୍ଲେଖ କରିଥିଲେ। ଏହି ଅବସରରେ ଆରଏସ୍‌ପିର ପୂର୍ବତନ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କୁ ଶିଳ୍ପ ଓ ପ୍ରଯୁକ୍ତିବିଦ୍ୟା ବିକାଶରେ ତାଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରି ସମ୍ମାନଜନକ ଡକ୍ଟର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ୟୁଜି ଓ ପିଜି କାର୍ଯ୍ୟକ୍ରମ ପାଇଁ ୨୦୨୩-୨୪ ପର୍ଯ୍ୟନ୍ତ ୨୯୨୮୩ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବାବେଳେ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ୧୯ ଜଣ ପାଉଥିଲେ। ବିଶେଷ ସ୍ୱର୍ଣ୍ଣ ପଦକ ୩ ଜଣଙ୍କୁ ପ୍ରଦାନ କରାଯାଇଥିଲା। ସେହିଭଳି ୬୬ ଛାତ୍ରୀଛାତ୍ରଙ୍କୁ ପିଏଚ୍‌ଡି ଡିଗ୍ରୀ ମଧ୍ୟ ପ୍ରଦାନ କରାଯିବା ସହ ଇଞ୍ଜିନିୟରିଂ ବିଭାଗରେ ୩୦ ଜଣ ବିଦ୍ୟାର୍ଥୀ ଓ ମ୍ୟାନେଜମେଣ୍ଟ ବିଭାଗରେ ୬ଜଣଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।




ବିପିୟୁଟିର ସମାବର୍ତ୍ତନ ଉତ୍ସବରେ ସାର୍ଟିଫିକେଟ ପ୍ରଦାନ କରାଯାଉଛି।



ମଣିଷ ଏ ବିଶ୍ୱରେ ନିଜକୁ ପ୍ରତିଷ୍ଠା କରିବ ଅନ୍ୟ ସବୁ ସୃଷ୍ଟ ବସ୍ତୁ ଓ ପ୍ରାଣୀମାନଙ୍କ ଭିତରେ। ଏହା ତା'ର ପ୍ରଥମ କାର୍ଯ୍ୟ। କିନ୍ତୁ ତା'ସଙ୍ଗେ ସଙ୍ଗେ ସେ ନିଜକୁ ବିକାଶ କରି କରି ଚାଲିବ– ଏବଂ ଶେଷରେ ସେ ନିଜର କ୍ଷୁଦ୍ର ମାନବୀୟ ସୀମାକୁ ମଧ୍ୟ ଅତିକ୍ରମ କରିଯିବ। ତା'ର ଆଂଶିକ ସତ୍ତା ହୋଇଉଠିବ ପୂର୍ଣ୍ଣ ସତ୍ତା। ତା'ର ଖଣ୍ଡ ଖଣ୍ଡ ଚେତନା ହୋଇଉଠିବ ଏକ ଅଖଣ୍ଡ ଓ ପୂର୍ଣ୍ଣାଙ୍ଗ ଚେତନା। – ଶ୍ରୀଅରବିନ୍ଦ

# ଶକ୍ତିର ମେଳା



ଦେବଦତ୍ତ ପଟ୍ଟନାୟକ

କୁମ୍ଭମେଳା ହିନ୍ଦୁଧର୍ମର ଏକ ବିଶେଷ ଦିଗକୁ ପ୍ରକାଶ କରେ, ଯାହା ସମ୍ପର୍କରେ ପ୍ରାୟତଃ ଆଲୋଚନା କରାଯାଏ ନାହିଁ। ଏହା କୌଣସି ମନ୍ଦିର, ଦେବତା, ଭକ୍ତି, ଗୀତ କଥା ନୁହେଁ, ଏହା ମୁଖ୍ୟତଃ ଏକ ରୀତିନୀତି, ଯେଉଁଥିରେ ଶରୀରରେ ବିଭୂତି ବୋଳି ଜଟା ଓ ଦଣ୍ଡି ଧାରଣ କରିଥିବା ଏବଂ ବିଭିନ୍ନ ଆଖଡ଼ା ଅଧୀନରେ ଥିବା ଶକ୍ତିଶାଳୀ ନଗ୍ନ ତପସ୍ୱୀ(ଦିଗାମ୍ବର)ଙ୍କ ପ୍ରାଧାନ୍ୟ ରହିଛି। ଏମାନେ ଶିବଙ୍କର ଉଗ୍ରରୂପର ଅନୁଗାମୀ। ଏହି ମେଳା ଏକ ଧର୍ମୀୟ ସମାବେଶ, ଯାହାର ଧ୍ୟାନ କିମ୍ବା ଚିନ୍ତନ ସହିତ କୌଣସି ସମ୍ପର୍କ ନାହିଁ। ଏଥିରେ ଏକ ନିର୍ଦ୍ଦିଷ୍ଟ ସମୟରେ, ଏକ ନିର୍ଦ୍ଦିଷ୍ଟ ନଦୀରେ, ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଓ ଠିକ୍ ସମୟରେ ବୁଡ଼ ପକାଯାଏ। ସନ୍ନ୍ୟାସୀମାନେ ସ୍ନାନ କରିବା ପରେ ଏହା ସମ୍ପନ୍ନ ହୋଇଥାଏ। ଆମେ ଯୁକ୍ତି ବାଢ଼ିପାରିବା ଯେ ଏଥିରେ ଶରୀର(ସଂସ୍କୃତରେ ତନ୍ତୁ) ଜଡ଼ିତ ଥିବାରୁ ଏହାର ତାନ୍ତ୍ରିକ ଆଧାର ରହିଛି।

ଭାରତର ଅନେକ ଭାଗରେ ଏହିଭଳି ଧର୍ମୀୟ ସମାବେଶ ଅନୁଷ୍ଠିତ ହେଉଛି, ଯେଉଁଥିରେ ଭସ୍ମଲେପିତ ସନ୍ନ୍ୟାସୀମାନେ ଦଳ ଦଳ ହୋଇ ଆସି ଏକାଠି ହୋଇଥାନ୍ତି। ସମ୍ଭବତଃ ଏହିସବୁ ତପସ୍ୱୀ ବା ଯୋଗୀମାନେ ପୂର୍ବରେ ତରାଇ ଅଞ୍ଚଳରେ ସୃଷ୍ଟି ହୋଇଥିଲେ ଏବଂ ଖ୍ରୀଷ୍ଟପୂର୍ବ ୧୦୦୦ରେ ପଶ୍ଚିମ ପଞ୍ଜାବ ଅଞ୍ଚଳରୁ ଆସିଥିବା ବୈଦିକ ବ୍ୟବସ୍ଥାକୁ ସେମାନେ ବିରୋଧ କରିଥିଲେ। ସେମାନଙ୍କ ମଧ୍ୟରେ ଗଙ୍ଗାଦ୍ୱାର(ଏବକାର ହରିଦ୍ୱାର)ରେ ସଂଘର୍ଷ ଘଟିଥିଲା ଏବଂ ଏହି ଘଟଣାଟି ଇତିହାସରେ ଲିପିବଦ୍ଧ ରହିଛି। ପ୍ରଥମେ ଏହା ମହାଭାରତରେ ବର୍ଣ୍ଣନା କରାଯାଇଛି, ଯେଉଁଥିରେ ତପସ୍ୱୀ ଶିବ ବ୍ରାହ୍ମଣ କୁଳପତି ଦକ୍ଷଙ୍କ ମୁଣ୍ଡ କାଟି ଦେଇଥିଲେ ବୋଲି ବର୍ଣ୍ଣନା କରାଯାଇଛି। ସେବେଠାରୁ ଏହିସବୁ ତପସ୍ୱୀ(ସେମାନଙ୍କ ମଧ୍ୟରୁ କେତେକେ ଖପୁରି ଧାରଣ କରିଥାନ୍ତି) ପଶୁପତ, କପାଳିକା, କଳାମୁଖ ନାମରେ ପରିଚିତ। ସେମାନେ ସମୟକ୍ରମେ ପରିବର୍ତ୍ତନ ହୋଇଛନ୍ତି ଏବଂ ଶାନ୍ତ ହୋଇ ପରେ ନାଥଧର୍ମ, ବୈଷ୍ଣବ ଧର୍ମ ଏପରି କି ଶିଖ୍ ଧର୍ମର ବିଚାର ଦ୍ୱାରା ପ୍ରଭାବିତ ହୋଇଥିଲେ। ଏବେ ସେମାନଙ୍କୁ ନାଗା କୁହାଯାଉଛି। ଏଣେତେଣେ ଭ୍ରମଣ କରୁଥିବା ଯୋଗୀଙ୍କର କ୍ୟାଲେଣ୍ଡର ବା ପଞ୍ଜାଙ୍ଗ ରାଶିଚକ୍ର ମାଧ୍ୟମରେ ଚନ୍ଦ୍ର (ପ୍ରତି ମାସରେ), ସୂର୍ଯ୍ୟ(ପ୍ରତିବର୍ଷ) ଏବଂ ବୃହସ୍ପତି (ପ୍ରତି ୧୨ ବର୍ଷ) ଚଳନ ଦ୍ୱାରା ନିର୍ଦ୍ଧାରିତ ହେଉଥିଲା। ଯେତେବେଳେ ବୃହସ୍ପତି କୁମ୍ଭ ଏବଂ ସିଂହରେ ଏକାଠି ରହୁଥିଲେ ସେତେବେଳେ ହରିଦ୍ୱାରରେ ଏହାକୁ କୁମ୍ଭ ଓ ନାସିକରେ ସିଂହସ୍ଥା କୁହାଯାଉଥିଲା। ପରେ ସମସ୍ତ ସମାବେଶକୁ କୁମ୍ଭ କୁହାଗଲା ଏବଂ ଭାରତରେ ବ୍ରିଟିଶ ଶାସନରେ ବିପଦରେ ଥିବା ହିନ୍ଦୁ ପରିଚୟକୁ ନିଶ୍ଚିତ କରିବା ଲାଗି ୧୮୫୭ ପରେ ବୁଝିବିଚାରି ଏହାକୁ 'ଅମରତ୍ୱର ଅମୃତ' ବୋଲି ଦର୍ଶାଯାଇଥିଲା।

ଆଖଡ଼ାଗୁଡ଼ିକ ଆଦି ଶଙ୍କରାଚାର୍ଯ୍ୟଠାରୁ ସୃଷ୍ଟି ବୋଲି ଦର୍ଶାଇଥାନ୍ତି। ଶଙ୍କରାଚାର୍ଯ୍ୟ ଅଷ୍ଟମ ଶତାବ୍ଦୀରେ ବେଦାନ୍ତକୁ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ସେ ବୌଦ୍ଧଧର୍ମକୁ ବିରୋଧ କରିଥିଲେ। ବହୁ ପରେ ତ୍ରୟୋଦଶ ଶତାବ୍ଦୀରେ ବିଜୟନଗର ସାମ୍ରାଜ୍ୟର ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ଆଦିଶଙ୍କରଙ୍କ ଭ୍ରମଣ, ବିରୋଧର କାହାଣୀ ଏବଂ ବିତର୍କଗୁଡ଼ିକ ସଂହିତା ଭାବେ ଲିପିବଦ୍ଧ କରାଯାଇଥିଲା। ବିଜୟନଗର ସମ୍ରାଟ କେନ୍ଦ୍ର ଏସିଆରୁ ଭାରତକୁ ଆସିଥିବା ତୁର୍କମାନଙ୍କ ଦ୍ୱାରା ହିନ୍ଦୁଧର୍ମ ବିପଦରେ ଥିବା ଅନୁଭବ କରିଥିଲେ। ଏହା ପୂର୍ବରୁ କେନ୍ଦ୍ର ଏସିଆରୁ ହୁଣ, ଶକ ଏବଂ କୁଶାଣମାନେ କେବଳ କ୍ଷମତା ଓ ଧନ ପାଇଁ ଭାରତକୁ ଆସି ନ ଥିଲେ, ବରଂ ସ୍ଥାନୀୟ ସଂସ୍କୃତିକୁ ପରିବର୍ତ୍ତନ କରିବା ଲାଗି ସେମାନେ ଚାହୁଁଥିଲେ। ମୂର୍ତ୍ତି ପୂଜାକୁ ଅସ୍ୱୀକାର କରି ନିରାକାର ଈଶ୍ୱରଙ୍କ ସହ ଜଡ଼ିତ 'ତୁରୁକୁ ଧର୍ମ' ପ୍ରଚଳନ କରିଥିଲେ। ଗୋଟିଏ କମ୍ୟୁନିଟି ହଲ୍‌ରେ ଏକାଠି ପଶ୍ଚିମମୁଖୀ ହୋଇ ପୂଜା କରିବାର ଏକ କଠୋର ପଦ୍ଧତି ଆଣିଥିଲେ, ଯେଉଁଥିରେ କୌଣସି ଜାତି ବିଚାର ନ ଥିଲା। ଆମେ ବର୍ତ୍ତମାନ ତୁରୁକୁ ଧର୍ମକୁ ଇସ୍‌ଲାମ ଭାବେ ସୂଚିତ କରୁଛୁ।

ହିନ୍ଦୁ ଧର୍ମର ଯୋଦ୍ଧା ତପସ୍ୱୀ ପରମ୍ପରା ଯଦିଓ ପୁରାତନ, ତଥାପି ଏହା ଇସ୍‌ଲାମ ଶକ୍ତି ଉତ୍ଥାନର ପ୍ରତିକ୍ରିୟାରେ ୧୫୦୦ ଖ୍ରୀଷ୍ଟାବ୍ଦ ପରେ ସାମ୍ନାକୁ ଆସିଥିଲା। ଆଧ୍ୟାତ୍ମିକ ସଙ୍ଗୀତକୁ ଆଧାର କରିଥିବା ସୁଫି ଓ ଆଧ୍ୟାତ୍ମିକ ସଙ୍ଗୀତପ୍ରେମୀ ସନ୍ନ୍ୟାସୀମାନେ ପ୍ରାୟ ସମାନ ଥିଲେ। ଯୁଦ୍ଧପ୍ରିୟ ଘାଜିମାନେ ଆକ୍ରମକ ନାଗାଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ନାଗାମାନେ ଓଟ ଦ୍ୱାରା ବାଣିଜ୍ୟକୁ ସୁରକ୍ଷିତ ରଖିଥିଲେ ଏବଂ ଏହା ବଦଳରେ ସେମାନେ ରାଜା ଓ ବଣିକଙ୍କ ସହାୟତା ପାଇଥିଲେ। ଏହା ବିଶେଷକରି ଗଙ୍ଗା ନଦୀ ଅବବାହିକା (ହରିଦ୍ୱାର, ବାରାଣସୀ, ପ୍ରୟାଗରାଜ, ଉଜ୍ଜୟିନୀ) ଏବଂ ଗୋଦାବରୀର ଉପର ଅବବାହିକା (ନାସିକ)ରେ ଘଟିଥିଲା। ଅଷ୍ଟାଦଶ ଶତାବ୍ଦୀରେ ଏଗୁଡ଼ିକ ଦୁର୍ବଳ ମୋଗଲ ଓ ବିକଶିତ ମରାଠାଙ୍କ ପ୍ରତିଯୋଗିତାର କ୍ଷେତ୍ର ପାଲଟିଥିଲା। ଶାହି ଏବଂ ପେଶୱାଇ ଶବ୍ଦ ପର୍ସିଆନ (ଇରାନୀୟ) ଓ ମରାଠାଙ୍କ ପ୍ରଭାବକୁ ପ୍ରତିପାଦିତ କରେ। ତେବେ ଏହି ସଂସ୍କୃତି ଦକ୍ଷିଣରେ ଅଧିକ ସ୍ପଷ୍ଟ ନୁହେଁ।



ଜଣେ ତପସ୍ୱୀ ବା ଯୋଗୀଙ୍କ ପାଇଁ ସଂଯମତା ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ପାଳନ ମୁଖ୍ୟ ବିଷୟ। କିନ୍ତୁ ଏବେ ତାହାର ଗୁରୁତ୍ୱ କମିଯାଉଥିବା ଜଣାପଡୁଛି। ବୌଦ୍ଧ ଓ ଜୈନ ସନ୍ନ୍ୟାସୀଙ୍କ ନୀତିଶିକ୍ଷା ଅନୁଯାୟୀ ଏହା କେବଳ ସାଂସାରିକ ଜୀବନରୁ ସନ୍ନ୍ୟାସ ନେବାକୁ ବୁଝାଏ ନାହିଁ। ଏହା ସିଦ୍ଧି ବା ଶକ୍ତିପ୍ରାପ୍ତିର ମୂଳମନ୍ତ୍ର। ଆଧ୍ୟାତ୍ମିକ ସାଧନା ଦ୍ୱାରା ବୀର୍ଯ୍ୟକୁ ଧାରଣ କରିବା ବା ବ୍ରହ୍ମଚର୍ଯ୍ୟ ପାଳନ କରିବା ଦ୍ୱାରା ଏହି ଶକ୍ତି ହାସଲ ହୋଇଥାଏ। ମନ ଓ ମନ୍ତ୍ରର ଶକ୍ତିକୁ ବ୍ୟବହାର କରି ବୀର୍ଯ୍ୟକୁ ମେରୁଦଣ୍ଡ ମଧ୍ୟଦେଇ ମସ୍ତିଷ୍କରେ ପହଞ୍ଚାଇ ବିକଶିତ କରିବାକୁ ପଡ଼େ। କେବଳ ପୁରୁଷଙ୍କ ଦ୍ୱାରା ଏହା ସମ୍ଭବ ହୋଇଥାଏ। ଏହା ତପସ୍ୱୀଙ୍କୁ ଅଲୌକିକ ଶକ୍ତିର ଅଧିକାରୀ କରିଥିଲା, ଯାହାଦ୍ୱାରା ସେମାନେ ପାଣିରେ ଚାଲିପାରୁଥିଲେ, ପବନରେ ଉଡ଼ିପାରୁଥିଲେ, ହିଂସ୍ର ଜନ୍ତୁଙ୍କ ମଧ୍ୟରେ ବିଚରଣ କରିପାରୁଥିଲେ ଏବଂ ଆକାର ବଦଳାଇ ପାରୁଥିଲେ। କେବଳ ଏତିକି ନୁହେଁ ସେମାନେ ମଣିଷର ମନକୁ ନିୟନ୍ତ୍ରଣ ବି କରିପାରୁଥିଲେ। ସେମାନେ ଥିଲେ ବାସ୍ତବରେ ଅଲୌକିକ କୌଶଳ ଓ ଜ୍ଞାନର ଅଧିକାରୀ। ଏହିସବୁ ରୀତିନୀତି ମୁଖ୍ୟତଃ ହିମାଳୟ ଅଞ୍ଚଳର ତାନ୍ତ୍ରିକ ବୌଦ୍ଧକଳାରେ ଚିତ୍ରିତ ହୋଇଛି। ଏଣୁ ଯୋଦ୍ଧା ତପସ୍ୱୀମାନେ ବଡ଼ ଶକ୍ତି ଧାରଣ କରିଥିବା ଦେଖାଯାଉଥିଲା ଏବଂ ରାଜାମାନେ ସେମାନଙ୍କୁ ଭଲପାଉଥିଲେ ଓ ସାମରିକ କ୍ଷମତା ବୃଦ୍ଧି କରିବା ସକାଶେ ବ୍ୟବହାର କରୁଥିଲେ।

ଏହିସବୁ ମଧ୍ୟଯୁଗୀୟ ବିଚାର ଆଦି ଶଙ୍କରାଚାର୍ଯ୍ୟଙ୍କ ସମୟରୁ ଲୋକପ୍ରିୟ ଥିଲା। କିନ୍ତୁ ଏବେ ଏହାକୁ ଅଣଦେଖା କରାଯାଉଛି, ଏପରି କି ଭୁଲିଗଲେଣି। ସ୍ମରଣଯୋଗ୍ୟ ଯେ, ଯୋଦ୍ଧା ତପସ୍ୱୀଙ୍କ ଶକ୍ତି ସେମାନଙ୍କ ବୀର୍ଯ୍ୟରେ ରହିଛି। ଏହା ସେମାନଙ୍କ ଅଙ୍ଗରେ ଲେପିତ ସ୍ୱତନ୍ତ୍ର ଗୋବର ଭସ୍ମ ଦ୍ୱାରା ଅବଶୋଷିତ ହୋଇଛି, ଯାହା ଶାହି ସ୍ନାନ ସମୟରେ ଧୋଇଯାଏ। ଏହା ଜଳକୁ ଅମୃତ ତୁଲ୍ୟ ସ୍ୱତନ୍ତ୍ର କରିଦିଏ, ଯାହା ଜଣଙ୍କର ସ୍ୱାସ୍ଥ୍ୟ ଓ ଭାଗ୍ୟ ବଦଳାଇବାରେ ସକ୍ଷମ ହୋଇଥାଏ। ଏହାର ଶକ୍ତି ପ୍ରଭାବ ଗ୍ରହ ଓ ନକ୍ଷତ୍ରର ଠିକ୍ ସଂଯୋଗ ଦ୍ୱାରା ଏବଂ ତ୍ରିବେଣୀ ସଙ୍ଗମ(ସ୍ୱର୍ଗରୁ ଆସିଥିବା ଗଙ୍ଗା, ପୃଥିବୀ ବା ମର୍ତ୍ତ୍ୟର ଯମୁନା ଏବଂ ପାତାଳରୁ ଆସିଥିବା ସରସ୍ୱତୀ ନଦୀର ମିଳନ ସ୍ଥଳ)ରେ ବୃଦ୍ଧି ପାଇଥାଏ। କୁମ୍ଭ ମେଳା ବିଶେଷକରି ପୁରୁଷ, ସନ୍ନ୍ୟାସୀ, ରୀତିନୀତି, ଅଲୌକିକତା, ସାମରିକ ଏବଂ ରାଜକୀୟଭିତ୍ତିକ। ଏହା ହେଉଛି ହିନ୍ଦୁ ଶକ୍ତି ପ୍ରଦର୍ଶନର ସମାବେଶ। ଏହା ପାହାଡ଼ର ଶକ୍ତିଶାଳୀ ଭୈରବ, ଜଙ୍ଗଲର ଶକ୍ତିଶାଳୀ ହନୁମାନ ଏବଂ ସମତଳ ଅଞ୍ଚଳର ଶକ୍ତିଶାଳୀ ଦତ୍ତାତ୍ରେୟଙ୍କୁ ପ୍ରତିପାଦିତ କରେ। ଏହାକୁ ଆମେ ବୈଦିକ ଶବ୍ଦ ଆତ୍ମା, ମୋକ୍ଷ ଓ ଧର୍ମ ସହ ବିଚାର କରିପାରିବା, କିନ୍ତୁ ଏହା ମୁଖ୍ୟତଃ ସିଦ୍ଧି ଓ ଶକ୍ତିର ସମାବେଶ ବା ମେଳା ବୋଲି ତନ୍ତ୍ର ଶାସ୍ତ୍ରଗୁଡ଼ିକ ସ୍ପଷ୍ଟ କରିଛି।

–devduttofficial@gmail.com

# ଟ୍ରାଫିକ୍ ଜାମ୍



ଅଞ୍ଜନ ଚାନ୍ଦ

ସହରରେ ଏଇ ପଡ଼ିଆଟି କେବଳ ଏବେଯାଏ ନିରାପଦ ଅଛି। ମେଳା, ମହୋତ୍ସବ, କେବେକେବେ ଯାତ୍ରା କି ସର୍କସ ପଡ଼ିଲେ ଲୋକଙ୍କ ଭିଡ଼ ଜମୁଛି। ଶୀତଋତୁ ଉତ୍ସବର ଋତୁ। ଏ ସମୟରେ ଗାଁରୁ ସହର ସବୁଠି ମହୋତ୍ସବ ହୁଏ। ନାଁ ଅଲଗା। ରୂପ ସମାନ। ହରେକ ରକମର ଦୋକାନ ସହ ପେଣ୍ଡାଲରେ ଗୀତନାଚ, ନେତାଙ୍କ ଭାଷଣ। ପରଦିନ ଖବରକାଗଜରେ ଫଟୋ ସହ ଖବର ପ୍ରକାଶପାଏ। ସଭାସଦ୍‌ମାନଙ୍କ ଜୀବନ ଧନ୍ୟ ହୁଏ।

ପଡ଼ିଆରେ ଉତ୍ସବ ଚାଲିଥିବା ସମୟରେ ଯାତ୍ରୀଙ୍କ ସୁବିଧା ପାଇଁ ସାମ୍ନାରେ ଥିବା ରାସ୍ତାର ଗୋଟିଏ ପଟକୁ ଅବରୋଧ କରାଯାଏ। ପୋଲିସ ଲାଠିଧରି ଜଗିରୁହନ୍ତି , ଗାଡ଼ି ମୋଟର ପଶିବାକୁ ଦିଅନ୍ତିନାହିଁ। ଅନ୍ୟପଟରେ ଦୁଇଦିଗରୁ ଗାଡ଼ିଗୁଡ଼ିକ ଯିବାଆସିବା କରେ। ସୁତରାଂ ସଞ୍ଜ ହେବା ମାତ୍ରେ ସେଠାରେ ଟ୍ରାଫିକ୍ ଜାମ୍। ସହରୀ ଲୋକମାନେ ଡ୍ୟୁଟି ସାରି ଘରକୁ ଫେରନ୍ତି। ଗାଁର ଲୋକେ ସହର କାମ ତୁଲାଇ ଗାଁକୁ ଯାଆନ୍ତି। ଲାଇନ ବସ୍‌ଗୁଡ଼ିକ ବି ସେ ରାସ୍ତାରେ ଯିବା ଆସିବା କରେ। ସମସ୍ତେ ବ୍ୟସ୍ତ , ନିଜେ କେମିତି ଆଗକୁ ମାଡ଼ିଯିବେ ସେଇ ଚିନ୍ତାରେ ତତ୍ପର। ଟ୍ରାଫିକ୍ ପୋଲିସଙ୍କ ନିୟମ ଭାଙ୍ଗି ହଠାତ୍ ଦୁଇଦଳ ଗାଡ଼ି ଦୁଇପଟରୁ ମାଡ଼ିଆସେ ଏବଂ ପରସ୍ପର ଖୁନ୍ଦାଖୁନ୍ଦି ହୋଇ କେହି ଆଗକୁ ଯାଇପାରନ୍ତି ନାହିଁ। ସେତେବେଳେ ଆଉ କିଛି କରିବାକୁ ନ ପାଇ ବ୍ୟସ୍ତ ଚାଳକମାନେ କେବଳ ହର୍ନ ବଜାଇ ସେ ଅଞ୍ଚଳକୁ ଶବ୍ଦ ପ୍ରଦୂଷିତ କରନ୍ତି , ନ ହେଲେ ନିଜ ଆଗରେ କି ପଛରେ ଥିବା ଗାଡ଼ିଚାଳକ ସହ ଅଯଥା ଗଣ୍ଡଗୋଳରେ ମାତିଯାଆନ୍ତି।

ଅନ୍ୟ ସମୟରେ ଖଟି କରିବା, ସୋସିଆଲ ମିଡିଆରେ କେଉଁ ନୀଳନୟନୀକୁ ଭାଇରାଲ କରିବାକୁ ଯଥେଷ୍ଟ ସମୟ ପାଉଥିବା ଲୋକମାନେ ରାସ୍ତାରେ ଗାଡ଼ି ଚଳାଇବା ସମୟରେ କାହିଁକି ଯେ ଏତେ ବ୍ୟସ୍ତ ହୁଅନ୍ତି ସେକଥା ବୁଝିହୁଏନାହିଁ। ମୋବାଇଲରେ ଫୋନ ଆସିଲେ ଗାଡ଼ି ସାଇଡ୍‌ରେ ରଖି ଶାନ୍ତିରେ କଥା ହେବାକୁ ସେମାନଙ୍କୁ ଫୁରସତ ନ ଥାଏ। ସମାନ ସ୍ପିଡ୍‌ରେ ଗୋଟେ ହାତରେ ହ୍ୟାଣ୍ଡେଲ ଧରି ଅନ୍ୟ ହାତରେ ପକେଟରୁ ଫୋନ୍ ବାହାରକରି ରିସିଭ କରନ୍ତି। ଆଖି ରାସ୍ତା ଉପରେ ଥିଲେ ବି ମନ କଥାରେ ଥାଏ। ଏମିତି ଅବସ୍ଥାରେ ଦୁର୍ଘଟଣା ଘଟିବା ସ୍ୱାଭାବିକ। ଅନେକ ସମୟରେ ତାହହିଁ ହୁଏ। କେତେବେଳେ କାହାର ଜୀବନ ବି ଯାଏ। ପରଦିନ ଖବରକାଗଜରେ ଖବର ବାହାରେ। ତାହା ପଢ଼ି ମଧ୍ୟ ଅନ୍ୟମାନେ ସୁଧୁରନ୍ତି ନାହିଁ। ନିଜକୁ ଅମର ମନେକରନ୍ତି। ନିଜର ମୃତ୍ୟୁ ପ୍ରତି ମଣିଷ ସତରେ କେତେ ଅଚେତନ। ମହାଭାରତରେ ଯୁଧିଷ୍ଠିର ଯକ୍ଷ ସମ୍ବାଦରେ ଯୁଧିଷ୍ଠିର ଯକ୍ଷଙ୍କୁ କହିଥିଲେ – ଏହି ମର୍ତ୍ତ୍ୟପୁରରେ ପ୍ରତିଦିନ ପ୍ରାଣୀମାନେ ଯମପୁରକୁ ଯାଉଛନ୍ତି। ତାହା ଦେଖି ମଧ୍ୟ ଅବଶିଷ୍ଟମାନେ ଚିରଦିନ ବଞ୍ଚିରହିବାକୁ ଇଚ୍ଛା କରୁଛନ୍ତି, ଏହା ହିଁ ସଂସାରରେ ସବୁଠାରୁ ଆଶ୍ଚର୍ଯ୍ୟକର ବିଷୟ।

ଟ୍ରାଫିକ୍ ପୋଷ୍ଟରେ ତିନୋଟି ଆଲୋକ ଜଳେ। ନାଲି ଆଲୋକରେ ଗାଡ଼ି ବନ୍ଦ ହେବ, ସବୁଜ ଆଲୋକରେ ଚାଲିବ, ମଝିରେ ହଳଦିଆ ଆଲୋକର ଅର୍ଥ କ'ଣ? ଏହା ଦୁଇ ଦିଗରେ ଏକ ସମୟରେ ଜଳେ। ଯେଉଁ ଦିଗରେ ସବୁଜ ଆଲୋକ ଜଳୁଥିଲା ସେପଟେ ହଳଦିଆ ଜଳିଲେ ବୁଝାଯାଏ ଯଦି ଛକର ସୀମା ଭିତରକୁ ଆସିନାହିଁ ତା'ହେଲେ ରହିଯାଅ। ଯେଉଁ ଦିଗରେ ନାଲି ଜଳୁଥିଲା ସେପଟେ ହଳଦିଆ ଆଲୋକ ଜଳିଲେ ବୁଝାଯାଏ ଏବେ ଯିବା ପାଇଁ ପ୍ରସ୍ତୁତ ହୁଅ। ଅଥଚ ଉଭୟ ପଟର ଗାଡ଼ିଚାଳକ ହଳଦିଆ ଆଲୋକରୁ କେବଳ ଆଗକୁ ଯିବା ଅର୍ଥକୁ ହିଁ ବୁଝନ୍ତି। ସୁତରାଂ ଏକ ସମୟରେ ଉଭୟ ଗାଡ଼ି ଆଗକୁ ମାଡ଼ିଆସେ। ଆମ ସହରର ଟ୍ରାଫିକ୍‌ଛକରେ ଏଇ ହଳଦିଆ ଆଲୋକ ଦୁର୍ଘଟଣା ପ୍ରାୟତଃ ଘଟେ। ଦୁର୍ଘଟଣା ଘଟିବା ପରେ ହିଁ ଡ୍ୟୁଟିରେ ଥିବା ଟ୍ରାଫିକ୍ ପୋଲିସ ମାଡ଼ି ଆସନ୍ତି। ଦୁଇ ଗାଡ଼ି ଓ ଚାଳକଙ୍କୁ ଥାନାକୁ ଟାଣିନିଅନ୍ତି।

ସମସ୍ତେ କୁହନ୍ତି, ଅନ୍ୟମନସ୍କ ହେଲେ ଦୁର୍ଘଟଣା ଘଟେ। ବସ୍ତୁତଃ ଏବେ ନିଜ ମନସ୍କତା ହିଁ ବହୁ ଦୁର୍ଘଟଣାର କାରଣ। ରାସ୍ତାଟି କେବଳ ମୋ ପାଇଁ ରହିଛି , ଯେମିତି ହେଉ ମୁଁ ମୋର ଆଗକୁ ମାଡ଼ିଯିବି। ସେଥିପାଇଁ ଅନ୍ୟ କିଏ ଅସୁବିଧାରେ ପଡୁ ମୋର କିଛି ଯାଏ ଆସେ ନାହିଁ। ମୋ ଗାଡ଼ିକୁ ମୁଁ ବିଜୁଳି ବେଗରେ ଚଳାଇବି। ସାଇଲେନ୍ସର ପାଇପରେ ବନ୍ଧୁକ ଫୁଟାଇବି। ଏମିତି ହେଡ୍‌ଲାଇଟ ଜଳାଇବି ଯେ ଆଗରୁ ଆସୁଥିବା ଗାଡ଼ିଚାଳକଙ୍କ ଆଖି ଜଳକା ମାରିଯିବ। ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଳାଉଥିବା ଲୋକ ନିଜ ପାଇଁ ବିପଦ ଡାକିଆଣନ୍ତି। ଏମାନେ କିନ୍ତୁ ଅନ୍ୟମାନଙ୍କ ପାଇଁ ବିପଜ୍ଜନକ। ଅଥଚ ନିରଙ୍କୁଶ ଭାବରେ ସେମାନେ ତାହା କରିଚାଲନ୍ତି ଓ ଦୁର୍ଘଟଣାର କାରଣ ହୁଅନ୍ତି। ରାସ୍ତା ଅବରୋଧ ଏଠାରେ ଏକ ସାଧାରଣ କଥା। ସରକାରୀ, ବେସରକାରୀ ବିଭିନ୍ନ ବିଜ୍ଞାପନର ସ୍ତମ୍ଭ ରାସ୍ତା ଉପରେ ବସେ। ପୂଜା ସମୟରେ ତୋରଣଗୁଡ଼ିକ ରାସ୍ତା ଉପରକୁ ମାଡ଼ିଆସେ। ପଥପ୍ରାନ୍ତ ଦୋକାନୀମାନେ ସେମାନଙ୍କ ଦୋକାନକୁ ଆଗକୁ ମେଲିଦିଅନ୍ତି। ଗ୍ରାହକମାନେ ରାସ୍ତାରେ ଗାଡ଼ି ରଖି ଜିନିଷ କିଣନ୍ତି। ଗପସପ କରନ୍ତି। ସଙ୍କୁଚିତ ରାସ୍ତାରେ ଘଟୁଥିବା ସମସ୍ୟା ପ୍ରତି କାହାର ଦୃଷ୍ଟି ନ ଥାଏ। ନିଜର ସୁବିଧା ପାଇଁ ସାର୍ବଜନୀନ ଅସୁବିଧା ଘଟୁଥାଏ। ଏହାର ନିରାକରଣ ପାଇଁ ପ୍ରଶାସନର ମଧ୍ୟ କୌଣସି ପ୍ରକ୍ରିୟା ଦେଖିବାକୁ ମିଳେନାହିଁ। ବଡ଼ ବଡ଼ ସହରରେ ରାସ୍ତା ଗହଳି ଖୁବ୍ ସାଧାରଣ କଥା। ରାସ୍ତା ପ୍ରଶସ୍ତ ହେଲେ ଏହି ସମସ୍ୟା ରହିବନାହିଁ। ବାସ୍ତବରେ କିନ୍ତୁ ମନେହୁଏ ଆମର ଯଥାହୀନ ବ୍ୟସ୍ତତା ଓ ଅହଂକାରୀ ଅଜ୍ଞତା ହିଁ ଟ୍ରାଫିକ୍ ଜାମ୍‌ର ପ୍ରମୁଖ କାରଣ।

ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର
ମୋ: ୬୩୭୦୬୬୧୧୪୭

# ଏଇ ଭାରତରେ

ପ୍ରାଣୀ ଚମଡ଼ାର ବିକଳ୍ପ ଭାବେ ଏବେ ଜୈବ ଚମଡ଼ା (ବାୟୋ ଲେଦର) ବ୍ୟବହାର କରିପାରିବେ। ୨୬ ବର୍ଷ ବୟସ୍କ ପ୍ରୀତିଶ ମିସ୍ତ୍ରି ଦି ବାୟୋ କମ୍ପାନୀ (ଟିବିସି) ପ୍ରତିଷ୍ଠା କରି ତା' ମାଧ୍ୟରେ ଏଭଳି ଲେଦର ପ୍ରସ୍ତୁତ କରୁଛନ୍ତି। ବିଶେଷକରି ଟମାଟୋ ବର୍ଜ୍ୟରୁ ଏହା ତିଆରି କରାଯାଉଛି। ଟମାଟୋରେ ପ୍ରାକୃତିକ ପଲିମର ପେପ୍‌ଟିନ ରହିଥିବାରୁ ରାସାୟନିକ ପ୍ରକ୍ରିୟାକରଣ ସାହାଯ୍ୟରେ ଚମଡ଼ା ତିଆରି କରାଯାଉଛି। ଏହି ବାୟୋ ଲେଦର ନରମ ଓ ଟାଣ ହେଉଛି। ଭାରତରେ ବର୍ଷକୁ ୪୪ ମିଲିୟନ ଟନ୍ ଟମାଟୋ ଉତ୍ପାଦନ ହେଉଛି ଓ ଏହାର ୩୦-୩୫ ପ୍ରତିଶତ ବର୍ଜ୍ୟ ଭାବେ ନଷ୍ଟ ହୋଇଯାଉଛି। ଯଦି ଏହାକୁ ଜୈବ ଚମଡ଼ା ପ୍ରସ୍ତୁତିରେ ବ୍ୟବହାର କରାଯାଇପାରନ୍ତା, ତେବେ ବହୁ ସଂଖ୍ୟାରେ ଜୀବ ହତ୍ୟା ହ୍ରାସ ପାଇପାରନ୍ତା ବୋଲି କୁହନ୍ତି ପ୍ରୀତିଶ। ସେ ଥାଡୋମଲ ଶାହାଣି ଇଞ୍ଜିନିୟରିଂ କଲେଜରୁ ବାୟୋଟେକ୍ନୋଲୋଜିରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ପଢ଼ିବା ସମୟରୁ ସେ ଏଭଳି ଚମଡ଼ା ତିଆରି ଉପରେ ଗବେଷଣା କରିବା ପରେ ୨୦୧୯ରେ ସଫଳତା ପାଇଥିଲେ। ଏବେ ଉତ୍ପାଦ ପାଇଁ ସେ ଟମାଟୋ ବର୍ଜ୍ୟ ମହାରାଷ୍ଟ୍ର, ଗୁଜରାଟ ଏବଂ ମଧ୍ୟପ୍ରଦେଶର ବିଭିନ୍ନ ଅଞ୍ଚଳରେ ଥିବା ଫାର୍ମ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟରୁ ସଂଗ୍ରହ କରୁଛନ୍ତି। ସୁରଟସ୍ଥିତ କମ୍ପାନୀରୁ ପ୍ରତି ମାସରେ ପାଖାପାଖି ୫,୦୦୦ ମିଟର ବାୟୋ ଲେଦର ତିଆରି ହେଉଛି।

## ଚିରନ୍ତନୀ

ଚକିତ ହରିଣୀ-ନୟନ ଚାହିଁଛି
    ମୋହରି ମିଳନ ଆଶେ,
କୁସୁମ କଳିକା ମଉନେ ରହିଛି
    ମୋହରି ବିରହ ପ୍ରାସେ।

(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | 9 | | 8 | | 5 | |
| | | | | 1 | | | 4 | |
| 1 | 9 | | 5 | 2 | | 3 | | |
| | | | | | 4 | | | |
| | 5 | | | | | | | 8 |
| 3 | 8 | | | | | | | 7 |
| 9 | | | | | | | | |
| | | | 6 | 7 | | 9 | 2 | |
| | | | | 9 | | 6 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 4 | 2 | 5 | 3 | 7 | 6 | 9 |
| 7 | 5 | 2 | 4 | 6 | 9 | 3 | 1 | 8 |
| 9 | 3 | 6 | 8 | 1 | 7 | 4 | 2 | 5 |
| 4 | 7 | 5 | 1 | 8 | 2 | 9 | 3 | 6 |
| 6 | 9 | 3 | 5 | 7 | 4 | 1 | 8 | 2 |
| 2 | 1 | 8 | 3 | 9 | 6 | 5 | 4 | 7 |
| 8 | 2 | 1 | 9 | 4 | 5 | 6 | 7 | 3 |
| 3 | 6 | 9 | 7 | 2 | 1 | 8 | 5 | 4 |
| 5 | 4 | 7 | 6 | 3 | 8 | 2 | 9 | 1 |

ଗତକାଲିର ଉତ୍ତର

# ସଙ୍କୁଚିତ ବଜେଟ



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି। ନିର୍ମଳା ସୀତାରାମନ ବଜେଟରେ ଚାରିଟି ଇଞ୍ଜିନ: କୃଷି, ଏମ୍ଏସ୍ଏମ୍ଇ, ନିବେଶ ଏବଂ ରପ୍ତାନି ଉପରେ ଧ୍ୟାନଦେଇ ବିକଶିତ ଭାରତ ଲକ୍ଷ୍ୟକୁ ଆଗେଇ ନେବା କଥା କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବଜେଟକୁ ଲୋକଙ୍କ ବଜେଟ ଏବଂ ଏକ ଶକ୍ତି ଗୁଣକ ଭାବରେ ବର୍ଣ୍ଣନା କରିଲାବେଳେ ବିରୋଧୀ ଦଳ ନୈରାଶ୍ୟଜନକ ଏବଂ ବଜେଟର ଇଞ୍ଜିନ ଲାଇନଚ୍ୟୁତ ହୋଇଛି ବୋଲି କହିଛନ୍ତି। ବଜେଟର ସବିଶେଷ ସମୀକ୍ଷା କାଳେ ଏହାର ବାସ୍ତବ ରୂପ ଜଣାପଡ଼ିବ। ଅବଶ୍ୟ ବିଶ୍ୱ ଅର୍ଥନୀତିରେ ଆର୍ଥିକ ମାନ୍ଦାବସ୍ଥା, ପୋଲି କ୍ରାଇସିସ୍, ରୁଷିଆ-ୟୁକ୍ରେନ ଯୁଦ୍ଧ, ହମାସ ଉପରେ ଇସ୍ରାଏଲ ଆକ୍ରମଣ, ଇନ୍ଧନ ଦର ବୃଦ୍ଧି, ଟ୍ରମ୍ପଙ୍କ ଆମଦାନୀ ଶୁଳ୍କ ବୃଦ୍ଧି ଓ କିଛି ପ୍ରତିକ୍ରିୟାଶୀଳ ପଦକ୍ଷେପ ଭାରତ ପାଇଁ ସମସ୍ୟା ସୃଷ୍ଟି କରିଛି।

ବାସ୍ତବ କଥା ହେଉଛି, ଯେଉଁ ଦଳ ଶାସନ କରୁ ନା କାହିଁକି, ପ୍ରତ୍ୟେକ ବର୍ଷ ଆପେ ଆପେ ନାମାଙ୍କନ ମୂଲ୍ୟରେ ଅଧିକ ଟିକସ ଆଦାୟ ବୃଦ୍ଧି ଘଟିବ ଏବଂ ବଜେଟର ଆକାର ମଧ୍ୟ ବୃଦ୍ଧି ପାଇବ। ନାମାଙ୍କନ ଜିଡିପି ମଧ୍ୟ ବୃଦ୍ଧି ପାଇବ। କେବଳ କରୋନା ପରି ଦୁଃସମୟ ବା ବିଶ୍ୱ ଆର୍ଥିକ ସଙ୍କଟ ପରି ପରିସ୍ଥିତିକୁ ଛାଡ଼ିଦେଲେ ଏସବୁ ସର୍ବଦା ବୃଦ୍ଧି ପାଇଥାଏ। ମୁଦ୍ରାସ୍ଫୀତି ମଧ୍ୟ ସମ୍ପୂର୍ଣ୍ଣ ମୂଲ୍ୟକୁ ବୃଦ୍ଧି କରେ। ଉଦାହରଣ ସ୍ୱରୂପ, ଗତ ୩୦ ବର୍ଷ ମଧ୍ୟରେ, ଭାରତର ନାମାଙ୍କନ ଜିଡିପି ଟଙ୍କା ଦୃଷ୍ଟିରୁ ୩୫ ଗୁଣ ବୃଦ୍ଧି ପାଇଛି, ବାସ୍ତବ ଜିଡିପି କେବଳ ୧୨ ଗୁଣ ବୃଦ୍ଧି ପାଇଛି। ଅର୍ଥାତ୍ ମୁଦ୍ରାସ୍ଫୀତିର ପ୍ରଭାବ ରହିଛି। ତେଣୁ ନାମାଙ୍କନ ଜିଡିପି ବୃଦ୍ଧି ସହିତ ବଜେଟର ଆକାର ବୃଦ୍ଧି ପାଇବା ଉଚିତ।

୨୦୨୪-୨୫ରେ ନାମାଙ୍କନ ଜିଡିପି ୧୦.୫% ଏବଂ ମୁଦ୍ରାସ୍ଫୀତି (୩.୫ରୁ ୪% ପର୍ଯ୍ୟନ୍ତ ମୂଲ୍ୟ ଡିଫ୍ଲେଟର ଦ୍ୱାରା)କୁ ବାଦ୍‌ଦେଇ ବାସ୍ତବ ଜିଡିପି ୬.୫%ରୁ ୭% ହେବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ନାମାଙ୍କନ ଜିଡିପି ୯.୭% ଓ ବାସ୍ତବ ଜିଡିପି ୬.୪% ହେବ ବୋଲି ଆର୍ଥିକ ସର୍ବେକ୍ଷଣରେ କୁହାଯାଉଛି। କିନ୍ତୁ ଚିନ୍ତାଜନକ ହେଉଛି ୨୦୨୩-୨୪ରେ ଆର୍ଥିକ ଅଭିବୃଦ୍ଧି ୮.୨% ହୋଇଥିଲା। ଗତ ୭ଟି ତ୍ରୟମାସରେ ଏହା ନିମ୍ନଗାମୀ ହୋଇଛି। ୨୦୨୫-୨୬ ବର୍ଷ ପାଇଁ ନାମାଙ୍କନ ଜିଡିପି ୧୦.୧% ଓ ବାସ୍ତବ ଜିଡିପି ୬.୩ରୁ ୬.୮% ହେବ ବୋଲି ଆକଳନ କରାଯାଇ ବଜେଟ ଉପସ୍ଥାପନ କରାଯାଇଛି। କିନ୍ତୁ ବଜେଟ ଆକାର ୧୦.୧% ନୁହେଁ ମାତ୍ର ୫.୫% ବୃଦ୍ଧିପାଇବ। ଉଲ୍ଲେଖନୀୟ ଏହି କି ଯେ ତଥାପି, ବଜେଟ ସଂକୋଚନାତ୍ମକ କାରଣ ବଜେଟ ବ୍ୟୟ ଅଟକଳର ବୃଦ୍ଧି ନାମମାତ୍ର ଜିଡିପିର ଆକଳନ ବୃଦ୍ଧି ଅପେକ୍ଷା କମ୍। ୨୦୨୪-୨୫ ଆର୍ଥିକ ବର୍ଷରେ ବଜେଟରେ ମୋଟ ବ୍ୟୟବରାଦ ୪୮,୨୦,୫୧୨ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୨୦୨୫-୨୬ରେ ୫୦,୬୫,୩୪୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅର୍ଥାତ୍ ମାତ୍ର ୫.୫% ବୃଦ୍ଧି। ଗତବର୍ଷ ୭% ବୃଦ୍ଧି ହେବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ଚିନ୍ତାର ବିଷୟ ୨୦୨୪-୨୫ରେ ସଂଶୋଧିତ ବଜେଟ ଆକଳନ ୪୭,୧୬,୪୮୭ କୋଟି ଟଙ୍କାକୁ ହ୍ରାସ ପାଇଛି। ଅର୍ଥାତ ୧,୦୪,୦୨୫ କୋଟି ଟଙ୍କା ହ୍ରାସ ପାଇଛି।




ଅବଶ୍ୟ ଅତୀତର ରେକର୍ଡ କହୁଛି ଯେ ସରକାରଙ୍କ ପ୍ରତିଶ୍ରୁତି ମୁତାବକ ବଜେଟରେ ବ୍ୟୟବରାଦ କରାଯାଇଥିବା ଅର୍ଥ ଖର୍ଚ୍ଚ କରାଯାଉ ନାହିଁ।

ଚିନ୍ତାଜନକ ହେଉଛି ଜିଡିପି ଅନୁସାରେ ଭାରତରେ ମୋଟ ବ୍ୟୟବରାଦ ବହୁତ କମ୍। ୧୯୭୦ରୁ ୨୦୨୩ ମଧ୍ୟରେ ଭାରତରେ ଏହା ହାରାହାରି ୧୫.୧୧% ହୋଇଥିଲା। ୨୦୨୦-୨୧ରେ ମୋଟ ବ୍ୟୟବରାଦ ଜିଡିପିର ୧୭.୭% ଥିଲାବେଳେ, ୨୦୨୪-୨୫ରେ ୧୪.୬ %କୁ ହ୍ରାସ ପାଇଥିଲାବେଳେ ୨୦୨୫-୨୬ରେ ୧୪.୨%କୁ ହ୍ରାସ ପାଇବ ବୋଲି ଧାର୍ଯ୍ୟ କରାଯାଇଛି। ଅନ୍ୟ ଦେଶ ତୁଳନାରେ ଏହା ବହୁତ କମ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଅନୁସାରେ ଏହା ଫ୍ରାନ୍ସରେ ୫୭%, ଇଟାଲୀ ୫୩.୮ %, ୟୁରୋ ଏରିଆ ୪୯.୫%, ଜର୍ମାନୀ ୪୮.୪%, ସ୍ପେନ ୪୫.୪%, ଜାପାନରେ ୪୪.୦୫%, ଗ୍ରେଟବ୍ରିଟେନ ୪୪.୫%, ଆମେରିକାରେ ୩୪.୩୮% ଓ ସୁଇଜରଲାଣ୍ଡରେ ୩୨% ରହିଛି। ଯେହେତୁ ବ୍ୟୟବରାଦ ଆଶାନୁରୂପ ବୃଦ୍ଧି ପାଉନି, ଗୋଟିଏ କ୍ଷେତ୍ରରେ ବୃଦ୍ଧି ପାଇଲେ ଗୋଟିଏ କ୍ଷେତ୍ରରେ ହ୍ରାସ ପାଉଛି। ବିଭିନ୍ନ କ୍ଷେତ୍ରରେ ବ୍ୟୟବରାଦ ପୂର୍ବବର୍ଷ ତୁଳନାରେ ହ୍ରାସପାଇଛି ବା ୨୦୨୪-୨୫ବର୍ଷର ସଂଶୋଧିତ ଅଟକଳରେ ମୂଳ ଧାର୍ଯ୍ୟଠାରୁ କମ୍ ହୋଇଛି। ଏହା ଆଶ୍ଚର୍ଯ୍ୟଜନକ ଯେ ରେଳ ବଜେଟ ବ୍ୟୟବରାଦ ଗତ ବର୍ଷ ୨.୬୨ ଲକ୍ଷ କୋଟି ଟଙ୍କା ଥିଲାବେଳେ ୨୦୨୫-୨୬ରେ ୨.୫୫ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ରେଳ ସୁରକ୍ଷା ପାଇଁ ମଧ୍ୟ ୩୨୨.୫୦ କୋଟି ଟଙ୍କା କମ୍ ବ୍ୟୟ ହେବ। ପୁଞ୍ଜି ବ୍ୟୟରେ ବୃଦ୍ଧି ହୋଇନି। ପୂର୍ବପରି ୨.୫୫ ଲକ୍ଷ କୋଟି ଟଙ୍କା ରହିଛି।

ଏହି ବଜେଟ ସଙ୍ଘୀୟ ବ୍ୟବସ୍ଥାର ପରିପନ୍ଥୀ। କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଅର୍ଥ ହସ୍ତାନ୍ତର ପରିମାଣ ପାଇଁ ୨୦୨୪-୨୫ ବର୍ଷ ବଜେଟରେ ଯେଉଁ ବ୍ୟୟବରାଦ କରିଥିଲେ ତାହା ସଂଶୋଧିତ ଅଟକଳରେ ହ୍ରାସ ପାଇଛି। କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକ ପାଇଁ ପାଣ୍ଠିରେ ୫,୦୫,୯୭୮ କୋଟି ଟଙ୍କାରୁ ୪,୧୫,୩୫୬ କୋଟି ଟଙ୍କାକୁ, ଅର୍ଥ ଆୟୋଗ ଦ୍ୱାରା ଅନୁଦାନରେ ୧,୩୨,୩୭୮ କୋଟି ଟଙ୍କାରୁ ୧,୨୭,୧୪୬ କୋଟି ଟଙ୍କାକୁ ଏବଂ ରାଜ୍ୟଗୁଡ଼ିକୁ ଅନ୍ୟାନ୍ୟ ହସ୍ତାନ୍ତର ବାବଦରେ ୩,୯୧,୭୭୬ କୋଟି ଟଙ୍କାରୁ ୩,୭୪,୭୭୪ କୋଟି ଟଙ୍କାକୁ ହ୍ରାସ ପାଇଛି। ଅର୍ଥାତ୍ ମୋଟ ଉପରେ ୧୦,୩୦,୧୩୨ କୋଟି ଟଙ୍କାରୁ ୯,୧୭,୨୭୬ କୋଟି ଟଙ୍କାକୁ ହ୍ରାସପାଇଛି। ଅର୍ଥାତ୍ ଯେତିକି ପରିମାଣର ଅର୍ଥ ରାଜ୍ୟମାନଙ୍କୁ ଦେବା ପାଇଁ ବଜେଟରେ ଦର୍ଶାଇଥିଲେ, ତା' ତୁଳନାରେ ରାଜ୍ୟମାନଙ୍କୁ ପ୍ରକୃତ ହସ୍ତାନ୍ତର ୧,୧୨,୮୫୬ କୋଟି ଟଙ୍କା କମ୍ ଦେଲେ।

କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ସମାନ ଦୃଷ୍ଟିରେ ଦେଖିବା ଉଚିତ। କିନ୍ତୁ ନିର୍ବାଚନକୁ ଦୃଷ୍ଟିରେ ରଖି ଦିଲ୍ଲୀ ଓ ବିହାରକୁ କିଛି ଅଧିକ ଦିଆଯାଇଛି। ଆଗରୁ ଆନ୍ଧ୍ରପ୍ରଦେଶକୁ ଓ ବିହାରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ଓଡ଼ିଶାକୁ କିଛି ଦିଆଯାଇନି। ପ୍ରଧାନମନ୍ତ୍ରୀ କହିଛନ୍ତି, ବଜେଟ ସଞ୍ଚୟ, ଉପଭୋଗ ଏବଂ ନିବେଶ ବୃଦ୍ଧି ସହିତ ଜିଡିପି ବୃଦ୍ଧି କରିବ। କିନ୍ତୁ ଲୋକଙ୍କ ପ୍ରକୃତ ଆୟ ବୃଦ୍ଧି ନ ହେଲେ ଏହା ସମ୍ଭବ ନୁହେଁ। ଆୟ ବୃଦ୍ଧି ପାଇଁ କିଛି ପଦକ୍ଷେପ ନାହିଁ। ଅର୍ଥନୀତି ମନ୍ଥର ହେବା, ମୁଦ୍ରାସ୍ଫୀତି ବୃଦ୍ଧି, ବେକାରି ବୃଦ୍ଧି, ପ୍ରକୃତ ମଜୁରି ହ୍ରାସ, ଲୋକଙ୍କ କ୍ରୟ ଶକ୍ତି ହ୍ରାସ, ବ୍ୟାପକ ଅସମାନତା ଭଳି ସମସ୍ୟାଗୁଡ଼ିକର ସମାଧାନ ପାଇଁ କିଛି କୁହାଯାଇନାହିଁ, ବରଂ ସଙ୍କୁଚିତ ବଜେଟ ଉପସ୍ଥାପନ କରାଯାଇଛି।

ମୋ: ୯୪୩୭୨୦୮୭୬୨

# ପାଠକ ଶ୍ରେଷ୍ଠ ବିଚାରକ

## ବିକଟାଳ ହର୍ନ ଧରପଗଡ଼ ହେଉ

ମହାଶୟ,

ଶବ୍ଦ ପ୍ରଦୂଷଣକୁ କମିଶନରେଟ୍ ପୋଲିସ ଗୁରୁତ୍ୱ ଦେଇ ବିକଟାଳ ହର୍ନ ଧରପଗଡ଼ ଅଭିଯାନ ଆରମ୍ଭ କରିଥିବାରୁ ଏହା ଏକ ଉଚିତ ପଦକ୍ଷେପ। ପୂର୍ବରୁ ଏକାଧିକବାର ଏଭଳି ଧରପଗଡ଼ କରାଯାଇ ଯାନବାହନରୁ ବିକଟାଳ ହର୍ନ ଖୋଲି ଏହାକୁ ସ୍ଥଗିତ କରିଦେବାରୁ ଅଭିଯାନର ଲକ୍ଷ୍ୟ ପୂରଣ ହୋଇପାରିନାହିଁ। କେବଳ କଟକ, ଭୁବନେଶ୍ୱରରେ ଏହା କରାଯାଉଥିବାରୁ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଏହି ହର୍ନ ଯୋଗୁ ଅନ୍ୟ ଯାନର ଚାଳକଙ୍କ ସମେତ ରାସ୍ତା କଡ଼ରେ ଯାଉଥିବା ବୃଦ୍ଧାବୃଦ୍ଧ, ଛୋଟପିଲା, ହୃଦ୍‌ରୋଗୀ, ମହିଳାଙ୍କ ସମେତ ଅନ୍ୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରଙ୍ଗ୍ ସାଇଡ୍ ଡ୍ରାଇଭିଂ, ଅଧିକ ମାତ୍ରାରେ ବିନା ଡିପର ହେଡ୍‌ଲାଇଟ୍, ଓଭରସ୍ପିଡ୍, ଅଯଥା ଓଭରଟେକିଂ, ଟ୍ରାଫିକ୍ ନିୟମ ଉଲ୍ଲଂଘନ, ମଦ୍ୟପାନକରି ଗାଡ଼ିଚାଳନା, ମୋବାଇଲ ବ୍ୟବହାର ଉପରେ ରାଜ୍ୟବ୍ୟାପୀ ଧରପଗଡ଼ କରାଗଲେ ଅଭିଯାନର ଲକ୍ଷ୍ୟ ପୂରଣ ହେବ।

**– ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଟ୍ରମ୍ପ୍‌ଙ୍କ 'ଗାଜା ନିୟନ୍ତ୍ରଣ' ଯୋଜନା

ଏକ ସଦ୍ୟ ଘଟଣାକ୍ରମରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗାଜା ଷ୍ଟ୍ରିପ୍‌କୁ ନେଇ ଆମେରିକାର ପୂର୍ବରୁ ରହିଆସିଥିବା ନୀତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘୋଷଣା କରିଛନ୍ତି। ତଦନୁସାରେ ଗାଜାର ନିୟନ୍ତ୍ରଣ ଆମେରିକା ହାତରେ ରହିବ। ଏହାକୁ ଆମେରିକା 'ରିଭେରା ଅଫ୍ ଦି ମିଡିଲ୍ ଇଷ୍ଟ'ରେ ପରିବର୍ତ୍ତିତ କରିବ। ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାରେ ଗାଜାକୁ ସମ୍ପୂର୍ଣ୍ଣ ଭଙ୍ଗାଯାଇ ଏହାର ପୁନଃ ନିର୍ମାଣ କରାଯିବ। ବିଶେଷକରି ଏହି ଭୂଖଣ୍ଡର ଅର୍ଥନୈତିକ ବିକାଶ ଓ ଗୃହନିର୍ମାଣ ପ୍ରକଳ୍ପ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଫୋକସ୍ ରହିବ। ଯୋଜନାର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଲା ପାଲେଷ୍ଟିନୀୟମାନଙ୍କୁ ଇଜିପ୍ଟ ଓ ଜୋର୍ଡାନ ଭଳି ପଡ଼ୋଶୀ ଦେଶଗୁଡ଼ିକରେ ଥଇଥାନ କରିବା। ତେବେ ଉଭୟ ରାଷ୍ଟ୍ର ଅତିରିକ୍ତ ପାଲେଷ୍ଟିନୀୟ ଶରଣାର୍ଥୀଙ୍କୁ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଏଥିଯୋଗୁ 'ଦୁଇରାଷ୍ଟ୍ର ସିଦ୍ଧାନ୍ତ' ସବୁଦିନ ପାଇଁ ଶେଷ ହୋଇଯିବା ଆଶଙ୍କା କରି ହମାସ୍ ଓ ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ଟ୍ରମ୍ପ୍‌ଙ୍କ ଯୋଜନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

## ହମାସ୍, ପାଲେଷ୍ଟାଇନ୍‌ର ପ୍ରତ୍ୟାଖ୍ୟାନ



ହ୍ୱାଇଟ୍ ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ।

**ୱାଶିଂଟନ୍, ୫।୨**

ଗାଜା ଷ୍ଟ୍ରିପ୍‌ରେ ହମାସ୍ ଓ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ଉଭୟ ପକ୍ଷ ସହମତି ପ୍ରକାଶ କରିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ଭୂଖଣ୍ଡକୁ ଏକ 'ଧ୍ୱଂସାବଶେଷ' ଭାବେ ଅଭିହିତ କରିଥିଲେ। ସେତେବେଳେ ଟ୍ରମ୍ପ୍‌ଙ୍କ ମନରେ କ'ଣ ଥିଲା ତା'ର ଟେର କେହି ପାଇପାରି ନ ଥିଲେ। କିନ୍ତୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ମିଳିତ ପ୍ରେସ୍ କନ୍‌ଫରେନ୍ସ ବେଳେ ଟ୍ରମ୍ପ୍‌ଙ୍କ ଏହି ଅଭିସନ୍ଧିକୁ ଠଉରାଇବା ଆଉ କଷ୍ଟକର ନ ଥିଲା। ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ମଧ୍ୟ ଟ୍ରମ୍ପ୍‌ଙ୍କ 'ଗାଜା ନିୟନ୍ତ୍ରଣ' ଯୋଜନାକୁ ସମର୍ଥନ କରି କହିଥିଲେ, ପାଲେଷ୍ଟିନୀୟ ଏନ୍‌କ୍ଲେଭ୍‌କୁ ଇସ୍‌ଲାମୀୟ ଗୋଷ୍ଠୀ ହମାସ୍ କବଳରୁ ମୁକ୍ତ କରାଯିବା ଜରୁରୀ। ଟ୍ରମ୍ପ୍‌ଙ୍କ ଘୋଷଣାବେଳେ ନେତାନ୍ୟାହୁ ବାରମ୍ବାର ମୁରୁକି ହସୁଥିଲେ। ସେ କହିଥିଲେ, ଇସ୍ରାଏଲ୍ 'ଯୁଦ୍ଧର ସମସ୍ତ ୩ଟି ଲକ୍ଷ୍ୟ'କୁ ହାସଲ କରିଛି। ଟ୍ରମ୍ପ୍ ଆବଶ୍ୟକ ହେଲେ ଗାଜାକୁ ଆମେରିକୀୟ ସେନା ପ୍ରେରଣ କରିବାକୁ ପଛାଇବେ ନାହିଁ। ଟ୍ରମ୍ପ୍‌ଙ୍କ ଏହି ଯୋଜନାକୁ ନେତାନ୍ୟାହୁ ପ୍ରଶଂସା କରିବା ସହ ଏହା ଇତିହାସ ବଦଳାଇଦେବ ଏବଂ ଗାଜାରୁ ହମାସ୍ ଆତଙ୍କଙ୍କୁ ସବୁଦିନ ପାଇଁ ଦୂର କରିଦେବ ବୋଲି କହିଛନ୍ତି। ଅନ୍ୟପକ୍ଷେ ହମାସ୍ ଏବଂ ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ଏହି ପ୍ରସ୍ତାବକୁ ନିନ୍ଦା କରିଛନ୍ତି। ଏହାଦ୍ୱାରା ଦୁଇରାଷ୍ଟ୍ର ସିଦ୍ଧାନ୍ତ ସବୁଦିନ ପାଇଁ ଶେଷ ହୋଇଯିବା ଆଶଙ୍କାରେ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

ସମାଲୋଚକଙ୍କ ମତରେ ପାଲେଷ୍ଟିନୀୟଙ୍କ ପୁନର୍ବାସ ପ୍ରସ୍ତାବ ଯୋଗୁ ପାଲେଷ୍ଟିନୀୟମାନେ ପୁଣି ଗଣବିସ୍ଥାପନର ଶିକାର ହୋଇପାରନ୍ତି। ତେଣୁ ସେମାନଙ୍କ ଭବିଷ୍ୟତ ଓ ଆଞ୍ଚଳିକ ସ୍ଥିରତାକୁ ନେଇ ଅନେକେ ପ୍ରଶ୍ନ ଉଠାଇଛନ୍ତି। ଆଉ କେତେକଙ୍କ ମତରେ ଏହି ଯୋଜନା ଗାଜାର ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱକୁ ନ୍ୟୂନ କରିଦେବ। ପାଲେଷ୍ଟିନୀୟଙ୍କୁ ସେମାନଙ୍କ ମାତୃଭୂମିରୁ ଚିରଦିନ ସକାଶେ ବିଦା କରିବା ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି। ତେଣୁ ସ୍ୱେଚ୍ଛାକୃତ ଭାବେ ନିଜ ଘର ଛାଡ଼ି ଅନ୍ୟତ୍ର ବସବାସ କରିବା ପାଇଁ ପାଲେଷ୍ଟିନୀୟଙ୍କୁ ଆମେରିକା କିପରି ବୁଝାଇବ ଏବଂ ଅନ୍ତର୍ଜାତୀୟ ସମୁଦାୟ ଏହାକୁ କିପରି ଗ୍ରହଣ କରିବେ ତାହା ବର୍ତ୍ତମାନ ବଡ଼ ପ୍ରଶ୍ନ। ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ନିକଟରେ ଚୁକ୍ତି ହୋଇଥିଲା। ତଦନୁସାରେ ଗାଜା ଷ୍ଟ୍ରିପ୍‌ରେ ଉଭୟ ପକ୍ଷ ସଂଯମ ରହି ସାମୟିକ ଭାବେ ଯୁଦ୍ଧ ବନ୍ଦ କରିଛନ୍ତି। ଯୁଦ୍ଧବିରତି ଯୋଗୁ ଅନେକ ଗୃହବନ୍ଦୀ ଓ ପାଲେଷ୍ଟିନୀୟ ବନ୍ଦୀ ମୁକ୍ତ ହୋଇପାରିଛନ୍ତି। ଆଗକୁ ଯୁଦ୍ଧବିରତି ବଜାୟ ରଖିବା ପାଇଁ ଆଲୋଚନା ଜାରି ରହିଛି।

## ସଂକ୍ଷେପରେ

### ୟୁଏନ୍‌ଏଚ୍ଆର୍‌ସିରୁ ଓହରିଲା ଆମେରିକା

**ନ୍ୟୁୟର୍କ, ୫।୨**

ଜାତିସଂଘ ମାନବ ଅଧିକାର ପରିଷଦ (ୟୁଏନ୍‌ଏଚ୍ଆର୍‌ସି)ରୁ ଆମେରିକା ଓହରି ଯାଇଛି। ଏନେଇ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦସ୍ତଖତ କରିଛନ୍ତି। ଏହି ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ପାଲେଷ୍ଟିନୀୟ ଶରଣାର୍ଥୀମାନଙ୍କ ପାଇଁ ଆମେରିକା ପକ୍ଷରୁ ଭବିଷ୍ୟତରେ ୟୁଏନ୍‌ଏଚ୍ଆର୍‌ସିକୁ ମିଳିବାକୁ ଥିବା ସହାୟତା ରାଶି ଉପରେ ରୋକ୍ ଲଗାଯାଇଛି। ସେହିପରି ମିଳିତ ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଙ୍ଗଠନ(ୟୁନେସ୍କୋ)ରେ ଆମେରିକାର ଭାଗୀଦାରକୁ ନେଇ ସମୀକ୍ଷା କରିବାକୁ ଟ୍ରମ୍ପ ତାଙ୍କ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରମ୍ପ୍ ଦସ୍ତଖତ କରିଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ କୁହାଯାଇଛି, ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଭବିଷ୍ୟତର ବିଶ୍ୱ ବିବାଦକୁ ରୋକିବା ଏବଂ ଅନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଜାତିସଂଘର ସ୍ଥାପନାରେ ଆମେରିକା ସହଯୋଗ କରିଥିଲା। ତେବେ ଜାତିସଂଘର କିଛି ଏଜେନ୍ସି ଏବଂ ସଂସ୍ଥା ଏବେ ଏହି ମିଶନରୁ ଦୂରେଇ ଯାଇଛନ୍ତି ଏବଂ ଏହା ବଦଳରେ ସେମାନେ ଆମେରିକାର ସ୍ୱାର୍ଥ ବିରୋଧୀ କାର୍ଯ୍ୟ କରୁଛନ୍ତି।

### ଆଗା ଖାନ୍‌ଙ୍କ ପରଲୋକ



**ଲିସ୍‌ବନ୍, ୫।୨**

ବିଲିୟନେୟାର ସମାଜସେବୀ ତଥା ଶିୟା ଇସ୍ମାଇଲ ମୁସଲମାନଙ୍କ ୪୯ତମ ବଂଶାନୁଗତ ଇମାମ ପ୍ରିନ୍ସ କରୀମ ଅଲ୍ ହୁସୈନୀ ଆଗା ଖାନ୍‌ଙ୍କର ବୁଧବାର ପରଲୋକ ହୋଇଯାଇଛି। ପର୍ତ୍ତୁଗାଲର ରାଜଧାନୀ ଲିସ୍‌ବନ୍‌ରେ ୮୮ ବର୍ଷ ବୟସରେ ପରିବାର ସଦସ୍ୟଙ୍କ ଗହଣରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଆଗା ଖାନ୍‌ଙ୍କର ଚାରିଟି କମ୍ପାନୀ ଆଗା ଖାନ୍ ଡେଭଲପମେଣ୍ଟ ନେଟ୍‌ୱର୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ତେବେ ତାଙ୍କ ପରେ ରହିମ ଅଲ ହୁସୈନୀଙ୍କୁ ଇସ୍ମାଇଲି ଶିୟା ମୁସଲମାନ ସମୁଦାୟର ଆଧ୍ୟାତ୍ମିକ ନେତା ଭାବରେ ନାମିତ କରାଯାଇଛି। ପ୍ରକାଶ ଯେ, ବିଶ୍ୱବ୍ୟାପୀ ଇସ୍ମାଇଲ ମୁସଲମାନ ସମ୍ପ୍ରଦାୟର ଦେଢ଼ କୋଟି ଲୋକ ରହୁଛନ୍ତି।

### 'ଚାଟ୍‌ଜିପିଟି, ଡିପ୍‌ସିକ୍ ବ୍ୟବହାର କରନାହିଁ'

**କର୍ମଚାରୀଙ୍କୁ ପରାମର୍ଶ ଦେଲା ଅର୍ଥ ମନ୍ତ୍ରଣାଳୟ**




**ନୂଆଦିଲ୍ଲୀ, ୫।୨**

ସରକାରୀ କାର୍ଯ୍ୟ ପାଇଁ ଚାଟ୍‌ଜିପିଟି ଏବଂ ଡିପ୍‌ସିକ୍ ପରି ଏଆଇ ଟୁଲ୍ସର ବ୍ୟବହାର ନ କରିବାକୁ ବୁଧବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏହାର କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏପରି ଟୁଲ୍ସର ବ୍ୟବହାର ଦ୍ୱାରା ସରକାରୀ ଦସ୍ତାବିଜ୍ ଏବଂ ତଥ୍ୟର ଗୋପନୀୟତା ପ୍ରତି ବିପଦ ସୃଷ୍ଟି ହୋଇପାରେ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ଆଡ୍‌ଭାଇଜରି ଜାରି କରାଯାଇଛି। ଉକ୍ତ ଆଡ୍‌ଭାଇଜରିରେ କୁହାଯାଇଛି, ସରକାରୀ ଦପ୍ତରରେ ଥିବା କମ୍ପ୍ୟୁଟର ଏବଂ ଡିଭାଇସ୍‌ଗୁଡ଼ିକରେ ଚାଟ୍‌ଜିପିଟି ଏବଂ ଡିପ୍‌ସିକ୍ ପରି ଏଆଇ ଟୁଲ୍ସର ବ୍ୟବହାର କରାଗଲେ ଡେଟା ଗୋପନୀୟତା ପ୍ରତି ବିପଦ ସୃଷ୍ଟି ହୋଇପାରେ। ପ୍ରକାଶ ଯେ, ଡେଟା ସୁରକ୍ଷା ପ୍ରତି ବିପଦ ଦର୍ଶାଇ ପୂର୍ବରୁ ଆମେରିକା ଏବଂ ଇଟାଲୀ ଭଳି ଦେଶରେ ଚାଇନାର ଏଆଇ ମଡେଲ ଡିପ୍‌ସିକ୍ ଉପରେ କଟକଣା ଲଗାଯାଇଛି।

# ଭାରତ ସହ ସବୁ ପ୍ରସଙ୍ଗର ସମାଧାନ ଚାହେଁ ପାକିସ୍ତାନ: ଶେହବାଜ ଶରିଫ



**ଇସ୍‌ଲାମାବାଦ, ୫।୨**

ଭାରତ ସହିତ ଇସ୍‌ଲାମାବାଦ କଶ୍ମୀର ସମେତ ସବୁ ପ୍ରସଙ୍ଗର ସମାଧାନ ଚାହେଁ ବୋଲି ବୁଧବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ କହିଛନ୍ତି। 'କଶ୍ମୀର ସୋଲିଡାରିଟି ଡେ' ପାଳନ ଅବସରରେ ପାକ୍-ଅଧିକୃତ କଶ୍ମୀର (ପିଓକେ)ର ମୁଜାଫରାବାଦସ୍ଥିତ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନକୁ ସମ୍ବୋଧିତ କରି ଶେହବାଜ କହିଛନ୍ତି, ଭାରତ ସହ ସମସ୍ତ ପ୍ରସଙ୍ଗର ସାମାଧାନ ଚାହୁଁ। ଏଥିପାଇଁ ଆଲୋଚନା ହିଁ ଏକମାତ୍ର ପନ୍ଥା। ତେବେ ଭାରତ ୨୦୧୯ ଅଗଷ୍ଟ ୫ର ଚିନ୍ତାଧାରାରୁ ଓହରି ଜାତିସଂଘକୁ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିର ଅନୁପାଳନ କରିବା ଉଚିତ। ଅସ୍ତ୍ରଶସ୍ତ୍ର କଶ୍ମୀରବାସୀଙ୍କ ଜୀବନରେ କେବେହେଲେ ଶାନ୍ତି ଆଣିବ ନାହିଁ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ କହିଛନ୍ତି। ଶେହବାଜ ଏହି ମନ୍ତବ୍ୟ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମ୍ପର୍କରେ ଦେଇଛନ୍ତି। ୨୦୧୯ରେ ଭାରତ ସରକାର ୩୭୦କୁ ହଟାଇବା ସହ ଜମ୍ମୁ-କଶ୍ମୀରକୁ ପୂର୍ବରୁ ମିଳିଆସୁଥିବା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରତ୍ୟାହାର କରିଥିଲେ। ଏଥିସହ ଜମ୍ମୁ-କଶ୍ମୀରଠାରୁ ଲଦାଖକୁ ଅଲଗାଇ ୨ଟି ପୃଥକ୍ କେନ୍ଦ୍ରଶାସିତ ଅଞ୍ଚଳ ଗଠନ କରିଥିଲେ। ସେବେଠୁ ଦୁଇଦେଶ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି।

# ଉତ୍ତରାଖଣ୍ଡରେ ୟୁସିସି ପରେ ପ୍ରଥମ ଲିଭ୍-ଇନ୍ ସମ୍ପର୍କକୁ ମଞ୍ଜୁରୀ

**ଡେରାଡୁନ୍, ୫।୨**

ଉତ୍ତରାଖଣ୍ଡରେ ସମାନ ନାଗରିକ ସଂହିତା (ୟୁସିସି) କାର୍ଯ୍ୟକାରୀ ହେବାର ୧୦ ଦିନ ମଧ୍ୟରେ ମାତ୍ର ଜଣେ ଦମ୍ପତିଙ୍କୁ ଲିଭ୍-ଇନ୍ ରିଲେଶନ୍‌ସିପ୍‌ରେ ରହିବା ପାଇଁ ମଞ୍ଜୁରୀ ମିଳିଛି। ଆଧିକାରିକ ସୂତ୍ର ଅନୁଯାୟୀ, ଲିଭ୍-ଇନ୍ ରିଲେଶନ୍‌ସିପ୍‌ର ଅନ୍‌ଲାଇନ ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ପୋର୍ଟାଲରେ ଲିଭ୍-ଇନ୍ ସମ୍ପର୍କରେ ରହୁଥିବା ଦମ୍ପତିମାନଙ୍କର ସମୁଦାୟ ୫ଟି ଆବେଦନ ହସ୍ତଗତ ହୋଇଛି। ସେଥିମଧ୍ୟରୁ ଗୋଟିଏ ଆବେଦନକୁ ମଞ୍ଜୁରୀ ଦିଆଯାଇଥିବାବେଳେ ଅନ୍ୟ ୪ଟି ଆବେଦନର ରେଜିଷ୍ଟ୍ରେଶନ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଗତ ମାସ ୨୭ ତାରିଖରେ ଉତ୍ତରାଖଣ୍ଡ ଦେଶର ପ୍ରଥମ ରାଜ୍ୟ ଭାବେ ୟୁସିସିକୁ କାର୍ଯ୍ୟକାରୀ କରିଥିଲା। ଏହି ଆଇନ ଅନୁଯାୟୀ ରାଜ୍ୟରେ ବିବାହ, ଛାଡ଼ପତ୍ର ଏବଂ ସମ୍ପତ୍ତି ସହ ଜଡ଼ିତ ଥିବା ବ୍ୟକ୍ତିଗତ ନିୟମକୁ ସମାନ କରାଯାଇଥିଲା। ବିବାହ, ଛାଡ଼ପତ୍ର ଏବଂ ଲିଭ୍-ଇନ୍ ସମ୍ପର୍କର ବାଧ୍ୟତାମୂଳକ ଅନ୍‌ଲାଇନ ପଞ୍ଜୀକରଣ ପାଇଁ ଏହି ଅବସରରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏକ ପୋର୍ଟାଲକୁ ଲଞ୍ଚ୍ କରିଥିଲେ।

# ୧୮ ଅଣହିନ୍ଦୁ କର୍ମଚାରୀଙ୍କୁ ହଟାଇଲା ତିରୁପତି ମନ୍ଦିର ବୋର୍ଡ

**ତିରୁପତି, ୫।୨**

ଆନ୍ଧ୍ରପ୍ରଦେଶର ତିରୁପତି ବାଲାଜୀ ମନ୍ଦିରର ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ବୋର୍ଡ ବୁଧବାର ଏକ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ହିନ୍ଦୁ ପରମ୍ପରାକୁ ପାଳନ କରିବା ନିୟମକୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ମନ୍ଦିର ବୋର୍ଡ ନିଜର ୧୮ ଅଣ ହିନ୍ଦୁ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି। କେବଳ ହିନ୍ଦୁ କର୍ମଚାରୀମାନେ ଟିଟିଡିରେ କାର୍ଯ୍ୟ କରିପାରିବେ ବୋଲି ପୂର୍ବରୁ ଅଧ୍ୟକ୍ଷ ବି. ଆର୍. ନାଇଡୁଙ୍କ ନେତୃତ୍ୱରେ ଟିଟିଡି ବୋର୍ଡ ପକ୍ଷରୁ କୁହାଯାଇଥିଲା। ଟିଟିଡିର ୧୮ କର୍ମଚାରୀ ଅଣହିନ୍ଦୁ ପରମ୍ପରାକୁ ପାଳନ କରିଥିବାରୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପ୍ରସ୍ତାବ ଅନୁଯାୟୀ, ଉକ୍ତ କର୍ମଚାରୀମାନଙ୍କୁ ଟିଟିଡି ବୋର୍ଡର ବିଭିନ୍ନ ବିଭାଗରୁ ହଟାଇ ଦିଆଯାଇଛି। ସେହିପରି ତିରୁପତି ମନ୍ଦିରର କୌଣସି ମଧ୍ୟ ଧାର୍ମିକ କାର୍ଯ୍ୟକ୍ରମରେ ଭାଗ ନେବାକୁ ସେମାନଙ୍କୁ ବାରଣ କରାଯାଇଛି। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଉକ୍ତ କର୍ମଚାରୀମାନଙ୍କୁ ୨ଟି ବିକଳ୍ପ ଦିଆଯାଇଛି। ସରକାରୀ ବିଭାଗରେ ବଦଳି କିମ୍ବା ସ୍ୱେଚ୍ଛାକୃତ ଅବସର(ଭିଆର୍‌ଏସ୍) ପାଇଁ ଆବେଦନ କରିବାକୁ ସେମାନଙ୍କୁ କୁହାଯାଇଛି। ଯଦି ସେମାନେ ଉଭୟ ବିକଳ୍ପ ମଧ୍ୟରୁ କୌଣସି ଗୋଟିଏ ବିକଳ୍ପକୁ ନ ବାଛନ୍ତି, ତେବେ ଟିଟିଡି ଦ୍ୱାରା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

# ମହାକୁମ୍ଭରେ ବୁଡ଼ ପକାଇଲେ ମୋଦି



**ମହାକୁମ୍ଭ ନଗର, ୫।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭ ମେଳାରେ ଯୋଗଦେଇଛନ୍ତି। ଏହି ଅବସରରେ ସେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି। ବୁଡ଼ ପକାଇବା ସମୟରେ ସେ ରୁଦ୍ରାକ୍ଷ ମାଳା ପିନ୍ଧିଥିବା ସହ ଗେରୁଆ ରଙ୍ଗର ପୋଷାକ ପରିଧାନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ମହାକୁମ୍ଭ ଗସ୍ତ ସମୟରେ ତାଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ଥିଲେ। ସଙ୍ଗମରେ ବୁଡ଼ ପକାଇବା ପରେ ମୋଦି ମା' ଗଙ୍ଗାଙ୍କର ଆଳତିରେ ସାମିଲ ହୋଇଥିଲେ। ଏହି ଅବସରରେ ସେ ହିମାଚଳି ଟୋପି ପିନ୍ଧିଥିଲେ। ମୋଦି ଏକ୍ସ'ରେ ଲେଖିଛନ୍ତି, ମହାକୁମ୍ଭରେ ଯୋଗଦେଇ ଧନ୍ୟ ହୋଇଛି। ସେଠାରେ ଥିବା ଭକ୍ତିମୟ ପରିବେଶ ଆତ୍ମସନ୍ତୋଷ ଆଣିଦେଇଛି। ପ୍ରଧାନମନ୍ତ୍ରୀଙ୍କ ମହାକୁମ୍ଭ ଆଗମନକୁ ନେଇ ପ୍ରୟାଗରାଜରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ବୁଧବାର ସେ ପ୍ରଥମେ ଲକ୍ଷ୍ନୌ ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରୁ ପ୍ରଧାନମନ୍ତ୍ରୀ ହେଲିକପ୍ଟର ଯୋଗେ ପ୍ରୟାଗରାଜରେ ପହଞ୍ଚିଥିଲେ।

# ଆମେରିକାରୁ ବିଦା ୧୦୪ ବେଆଇନ ପ୍ରବାସୀ ଭାରତୀୟ ପହଞ୍ଚିଲେ

**ଅମୃତସର, ୫।୨ (ପି.ଟି.)**




ଆମେରିକାରୁ ବିତାଡ଼ିତ ୧୦୪ ବେଆଇନ୍ ପ୍ରବାସୀ ଭାରତୀୟ ବୁଧବାର ପଞ୍ଜାବର ଅମୃତସର ବିମାନବନ୍ଦରରେ ପହଞ୍ଚିଛନ୍ତି।

ଆମେରିକାରୁ ପ୍ରଥମ ପର୍ଯ୍ୟାୟରେ ବିତାଡ଼ିତ ହୋଇଥିବା ୧୦୪ ବେଆଇନ୍ ପ୍ରବାସୀ ଭାରତୀୟ ବୁଧବାର ଏକ ଆମେରିକୀୟ ମିଲିଟାରୀ ଏୟାରକ୍ରାଫ୍ଟରେ ପଞ୍ଜାବର ଅମୃତସରସ୍ଥିତ ଗୁରୁ ରାମଦାସ ଜୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛନ୍ତି। ଉକ୍ତ ବିମାନରେ ୭୯ ଜଣ ପୁରୁଷ ଓ ୨୫ ଜଣ ମହିଳା ଥିଲେ। ସେହିପରି ୧୩ ଜଣ ପିଲା ମଧ୍ୟ ଏହି ବିମାନ ଯୋଗେ ଭାରତ ଫେରିଛନ୍ତି। ଆମେରିକାରୁ ବିତାଡ଼ିତ ହୋଇ ଆସିଥିବା ପ୍ରବାସୀଙ୍କ ମଧ୍ୟରେ ଗୁଜରାଟ ଓ ହରିୟାଣାର ୩୩ ଲେଖାଁଏ, ପଞ୍ଜାବର ୩୦, ମହାରାଷ୍ଟ୍ରର ୩, ଉତ୍ତରପ୍ରଦେଶ ଓ ଚଣ୍ଡିଗଡ଼ରୁ ୨ ଜଣ ଲେଖାଁଏ ରହିଛନ୍ତି। ଏହି ଅବସରରେ ଅମୃତସର ବିମାନ ବନ୍ଦରରେ ପଞ୍ଜାବ ପୋଲିସ, ଅମୃତସର ଜିଲା ପ୍ରଶାସନର ଟିମ୍ ଏବଂ ଆମେରିକୀୟ ଦୂତାବାସର କର୍ମଚାରୀ ଉପସ୍ଥିତ ଥିଲେ। ସୂତ୍ର ଅନୁଯାୟୀ, ଆବଶ୍ୟକ ଯାଞ୍ଚ ପରେ ସେମାନଙ୍କୁ ଘରକୁ ଯିବାକୁ ଅନୁମତି ଦିଆଯିବ। ବିତାଡ଼ିତ ହୋଇ ଆସିଥିବା ଲୋକଙ୍କ ମଧ୍ୟରେ କାହାର ଆପରାଧିକ ରେକର୍ଡ ରହିଛି କି ନାହିଁ ସେନେଇ ପଞ୍ଜାବ ପୋଲିସ ଯାଞ୍ଚ କରିବ। ପାସପୋର୍ଟ ଉପଲବ୍ଧ ନ ଥିବା ସ୍ଥିତିରେ ବାୟୋମେଟ୍ରିକର ବ୍ୟବହାର କରି ପୋଲିସ ସେମାନଙ୍କର ପରିଚୟ ବାହାର କରୁଛି।

# ୨୦୩୨ରେ ପୃଥିବୀକୁ ଧକ୍କାଦେବ କ୍ଷୁଦ୍ରଗ୍ରହ

**ୱାଶିଂଟନ୍, ୫।୨**

ଫୁଟବଲ ପଡ଼ିଆ ଆକାରର ଏକ କ୍ଷୁଦ୍ର ଗ୍ରହ ଦ୍ରୁତ ଗତିରେ ପୃଥିବୀ ଆଡ଼କୁ ଗତି କରୁଛି। ଏନେଇ ଆମେରିକୀୟ ମହାକାଶ ସଂସ୍ଥା ନାସା ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ୨୦୩୨ରେ ଏହି କ୍ଷୁଦ୍ରଗ୍ରହ ପୃଥିବୀ ସହ ଧକ୍କା ହେବାର ଅଧିକ ସମ୍ଭାବନା ରହିଥିବା ନେଇ ଜ୍ୟୋତିର୍ବିଜ୍ଞାନିକମାନେ ଆକଳନ କରିଛନ୍ତି। ଆବୁଧାବୀସ୍ଥିତ ଇଣ୍ଟରନ୍ୟାଶନାଲ ଆଷ୍ଟ୍ରୋନୋମି ସେଣ୍ଟର (ଆଇଏସି) ଅନୁଯାୟୀ, '୨୦୨୪ୱାଇଆର୍୪' ନାମକ ଏକ କ୍ଷୁଦ୍ରଗ୍ରହ ୨୦୩୨ରେ ପୃଥିବୀର ସବୁଠାରୁ ନିକଟତର ହେବ। ଏହି ସମୟର ଏହା ପୃଥିବୀ ସହ ଧକ୍କା ହେବାର ସମ୍ଭାବନା ରହିଛି। ଗତ ବର୍ଷ ଡିସେମ୍ବର ୨୭ରେ ନାସାର 'ଆଷ୍ଟେରୋଏଡ ଟେରେଷ୍ଟ୍ରିଆଲ ଇମ୍ପାକ୍ଟ ଫାଇନାଲ ୱାର୍ନିଂ ସିଷ୍ଟମ(ଆଟ୍‌ଲାସ)' ପକ୍ଷରୁ ଆବିଷ୍କୃତ ଏହି ଆଷ୍ଟେରଏଡର ବ୍ୟାସାର୍ଦ୍ଧ ୪୦ରୁ ୧୦୦ ମିଟର ପର୍ଯ୍ୟନ୍ତ ରହିଛି। ଏହି ଆକାରର କ୍ଷୁଦ୍ରଗ୍ରହ ପୃଥିବୀ ସହ ଧକ୍କା ହେବା ଦ୍ୱାରା ଅନେକ କ୍ଷୟକ୍ଷତି ଘଟିବା ନେଇ ଜ୍ୟୋତିର୍ବିଜ୍ଞାନୀମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ପୃଥିବୀ ସହ '୨୦୨୪ୱାଇଆର୍୪' କ୍ଷୁଦ୍ରଗ୍ରହର ଧକ୍କା ହେବାର ସମ୍ଭାବନାକୁ ନେଇ ସମ୍ପ୍ରତି ଜ୍ୟୋତିର୍ବିଜ୍ଞାନିକମାନେ ବିଶ୍ଳେଷଣ ଜାରି ରଖିଛନ୍ତି।



## ଫୁରସତ୍

### ଭୋଟ ଦେବାକୁ ୨୨୦୦ କି.ମି. ଯାତ୍ରା



ଡାକ୍ତର ନିଶା ଭରଦ୍ୱାଜ

**ନୂଆଦିଲ୍ଲୀ**

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବୁଧବାର ମତଦାନ ଅନୁଷ୍ଠିତ ହୋଇଯାଇଛି। ଦୁବାଇରେ ରହୁଥିବା ଭାରତୀୟ ଡାକ୍ତର ନିଶା ଭରଦ୍ୱାଜ ୨୨ ଶହ କିଲୋମିଟର ଯାତ୍ରା କରି ଦିଲ୍ଲୀର ବଲଦେବ ପାର୍କ ଇଷ୍ଟସ୍ଥିତ ବୁଥ୍‌ରେ ଭୋଟ ଦେଇଛନ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନିଶା ନିଜ ବୁଥ୍‌ରେ ପ୍ରଥମ ବ୍ୟକ୍ତି ଭାବେ ମତଦାନ କରିଛନ୍ତି। ଦୁବାଇରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟରତ ନିଶା ଏହି ଅବସରରେ କହିଛନ୍ତି, ଭାରତ ଭଳି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରରେ ଏବେ ମଧ୍ୟ ମହିଳା ସୁରକ୍ଷା ଏକ ବଡ଼ ପ୍ରସଙ୍ଗ ହୋଇ ରହିଛି। ଦିଲ୍ଲୀର ନୂତନ ସରକାରଙ୍କୁ ମହିଳା ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

### 'ଛାବା' ପାଇଁ ୨୫ କେ.ଜି. ଓଜନ ବଢ଼ାଇଛନ୍ତି ଭିକି



**ମୁମ୍ବାଇ**

ଆସନ୍ତା ଫେବୃଆରୀ ୧୪ରେ ଅଭିନେତା ଭିକି କୌଶଲଙ୍କ 'ଛାବା' ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ସମ୍ପ୍ରତି ଭିକି 'ଛାବା' ଫିଲ୍ମର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ବୁଧବାର ଏକ ସାକ୍ଷାତ୍‌କାରରେ ସେ 'ଛାବା' ଫିଲ୍ମରେ ନିଜ ଚରିତ୍ର ସମ୍ପର୍କରେ ଅନେକ ତଥ୍ୟ ପ୍ରଘଟ କରିଛନ୍ତି। ସେ ଛତ୍ରପତି ସମ୍ଭାଜି ମହାରାଜଙ୍କ ଭୂମିକାକୁ ନିଭାଇବା ପାଇଁ ନିଜ ଲୁକ୍‌ରେ ପରିବର୍ତ୍ତନ ଆଣିଥିଲେ। ଏଥିପାଇଁ ସେ ୭ ମାସ ମଧ୍ୟରେ ନିଜର ୨୫ କେ.ଜି. ଓଜନ ବଢ଼ାଇଥିବା ଭିକି କହିଛନ୍ତି।

ଭିକି କହିଛନ୍ତି, ଯେତେବେଳେ ତାଙ୍କୁ ଏହି ଚଳଚ୍ଚିତ୍ର ଅଫର କରାଯାଇଥିଲା, ସେତେବେଳେ ସେ ଛତ୍ରପତି ସମ୍ଭାଜି ମହାରାଜଙ୍କ ଚରିତ୍ରକୁ କିପରି ସମ୍ପାଦନ କରିବେ ସେନେଇ ଦ୍ୱନ୍ଦ୍ୱରେ ଥିଲେ। ଫିଲ୍ମର ନିର୍ଦ୍ଦେଶକ କହିଥିଲେ, ଏହି ଫିଲ୍ମରେ ତାଙ୍କୁ ସିଂହ ପରି ଦେଖାଯିବାକୁ ପଡ଼ିବ। ଫଳରେ ସେ ସମ୍ଭାଜୀ ମହାରାଜଙ୍କ ଫଟୋ ଦେଖିଥିଲେ। ଫଟୋରେ ସମ୍ଭାଜୀ ମହାରାଜ ପ୍ରକୃତରେ ସିଂହ ପରି ଦେଖାଯାଉଥିହା ଭିକି କହିଛନ୍ତି। ଏହା ଦେଖି ସେ ଡରିଯାଇଥିଲେ ଓ ଉକ୍ତ ଚରିତ୍ରକୁ କିପରି ସମ୍ପାଦନ କରିବେ ସେନେଇ ଚିନ୍ତାରେ ପଡ଼ିଥିଲେ। ତେବେ ଶେଷରେ ସେ ଏହାକୁ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରିଥିଲେ। ସେ ଏହି ଫିଲ୍ମରେ ତାଙ୍କର ଲୁକ୍ ପାଇଁ ଲଗାତାର ୭ ମାସ କାମ କରିଥିଲେ ଏବଂ ନିଜର ୨୫ କେ.ଜି. ଓଜନ ମଧ୍ୟ ବଢ଼ାଇଥିଲେ।

**କଣାସ ମହାବିଦ୍ୟାଳୟରେ ଏଡ୍ସ ସଚେତନତା**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ବ୍ଲକର ପ୍ରତିଷ୍ଠିତ କଣାସ ସ୍ନାତକ ମହାବିଦ୍ୟାଳୟ ପରିସରରେ ବୁଧବାର ଏଡ୍ସ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଇଂଲିଶ ଅଧ୍ୟାପକ ଗୁରୁପ୍ରସାଦ ଅଧକ୍ଷତାରେ ଶିବିରରେ ଅଧାପକ ପ୍ରଭାସ ମଙ୍ଗରାଜ, ପ୍ରସାଦ କୁମାର ପଲାଇ, ଅଧାପିକା ସ୍ନେହାଞ୍ଜଳି ପତି, ଅଧାପକ ବିଜୟ କୁମାର ପ୍ରଧାନ, ପ୍ରେମାନନ୍ଦ ଜାଲି ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ଏଡ୍ସର ଭୟାବହତା ସମ୍ପର୍କରେ ଲେଖାଥିବା ପ୍ଲା-କାର୍ଡ ଧରି ସ୍ଲୋଗାନ ଦେଇ ବ୍ଲକ ବଜାର, ବାଲିଘାଇ ଛକ, କୁଞ୍ଜେଶ୍ୱରୀ ଛକ ଓ ଗୋଲାବଜାର ପରିକ୍ରମା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୨।୨୦୨୫

| | |
|---|---|
| ୬,୯୧,୯୮୨ ଟଙ୍କା | |
| ସୁନା | ୮.୩୦୦ ଗ୍ରାମ୍ |
| ରୁପା | ୪୯.୨୦୦ ଗ୍ରାମ୍ |

# ଦୟନୀୟ ଅବସ୍ଥାରେ ଶ୍ରୀଜଗନ୍ନାଥ ଷ୍ଟାଡିୟମ

**ଉଦ୍ଘାଟନର ବର୍ଷେ ନ ପୂରୁଣୁ ପିଚ୍‌ରେ ଗାତ**

- ଅନୁଦାନ ବିନିଯୋଗରେ ଦୁର୍ନୀତି ଅଭିଯୋଗ
- ତର୍ଜମା ପରେ ପଦକ୍ଷେପ ନିଆଯିବ: କ୍ରୀଡ଼ାମନ୍ତ୍ରୀ

ପୁରୀ,୫।୨(ଅଜିତ୍ କୁମାର ମହାନ୍ତି)



ଶୋଚନୀୟ ଅବସ୍ଥାରେ ଥିବା ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ।

ଓଡ଼ିଶା କ୍ରିକେଟ୍‌ରେ ପୂର୍ବରୁ ପୁରୀ ଜିଲା ଖେଳାଳିଙ୍କ ଏକ ସ୍ୱତନ୍ତ୍ର ପରିଚୟ ରହିଥିବାବେଳେ କିଛିବର୍ଷ ହେବ ଆଗପରି ଖେଳାଳି ବାହାରୁ ନ ଥିବା ଦୃଷ୍ଟିଗୋଚର ହେଉଛି। ଯାହାର ମୁଖ୍ୟ କାରଣ ହେଉଛି, ଖେଳାଳିମାନଙ୍କୁ ଯେଉଁଭଳି ଭିତ୍ତିଭୂମି ଆବଶ୍ୟକ ତାହା ଠିକ୍‌ଭାବେ ଯୋଗାଇ ଦିଆଯାଉନାହିଁ। କ୍ରୀଡ଼ା ଭିତ୍ତିଭୂମିକୁ ସଜାଡ଼ିବା ପାଇଁ ପୂର୍ବ ସରକାର ପୁରୀ ପେଣ୍ଟକଟାଠାରେ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ନିର୍ମାଣ କରିଥିଲେ। ତେବେ ଷ୍ଟାଡିୟମ ନିର୍ମାଣକୁ ବେଶି ଦିନ ହୋଇ ନ ଥିବା ବେଳେ ଷ୍ଟାଡିୟମର ଅବସ୍ଥା ଅତି ଦୟନୀୟ ହେବାରେ ଲାଗିଛି। ନେଟ୍ସ ଓ ପ୍ରାକ୍ଟିସ୍ ପିଚ୍ ସ୍ଥିତି ଦୟନୀୟ ରହିଛି। ଜାତୀୟସ୍ତରର ମ୍ୟାଚ୍‌ଯୋଗ୍ୟ ପିଚ୍ ପ୍ରସ୍ତୁତ କରିବା ନାଁରେ ଜିଲାସ୍ତରୀୟ କ୍ରିକେଟ ପାଇଁ ବି ପିଚ୍ ଅନୁପଯୋଗୀ ବୋଲି କ୍ରୀଡ଼ାପ୍ରେମୀ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ଷ୍ଟାଡିୟମକୁ ନେଇ କ୍ରୀଡ଼ାମନ୍ତ୍ରୀଙ୍କ ବୟାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, "କିଛିମାସ ତଳେ ଶ୍ରୀଜଗନ୍ନାଥ ଷ୍ଟାଡିୟମକୁ ଯାଇଥିଲି। ତେବେ ଷ୍ଟାଡିୟମ ନିର୍ମାଣ ନିମନ୍ତେ ଯେଉଁ ପରିମାଣର ଟଙ୍କା ପ୍ରଦାନ କରାଯାଇଛି, ସେଥିରେ ଠିକ୍ ଭାବେ କାର୍ଯ୍ୟ ହୋଇନାହିଁ। ଷ୍ଟାଡିୟମ ଭିତରେ ନେଟ୍ ଏବଂ ଅଭ୍ୟାସ ପାଇଁ ଥିବା ପିଚ୍‌ଗୁଡ଼ିକ ବର୍ତ୍ତମାନ ଦୟନୀୟ ଅବସ୍ଥାରେ ରହିଛି। ଷ୍ଟାଡିୟମ ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ ହୋଇସାରିଛି। ତେଣୁ ଆଗକୁ ଅଧିକ ଟଙ୍କା ଦେବା ବ୍ୟବସ୍ଥା କରାଯାଉଛି। ପୂର୍ବ ପ୍ରଦତ୍ତ ଟଙ୍କା ଠିକ୍ ଭାବେ କାହିଁକି ବିନିଯୋଗ ହୋଇନାହିଁ ତାହାର ତର୍ଜମା କରାଯାଉଛି" ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଷ୍ଟାଡିୟମ ନିର୍ମାଣରେ ଦୁର୍ନୀତି ହୋଇଥିବା ସାଧାରଣରେ ଚର୍ଚ୍ଚା ଚାଲିଛି। ତରବରିଆ ଭାବେ ଉଦ୍‌ଘାଟନ ଲକ୍ଷ୍ୟ ନେଇ ପୂର୍ବ ସରକାର ଠିକ୍‌ଭାବରେ କାର୍ଯ୍ୟ କରି ନ ଥିବା ଜଣାପଡୁଛି। ଉଦ୍‌ଘାଟନର ବର୍ଷେ ଯାଇନି ନେଟ୍ସ ଛିଡ଼ିଗଲାଣି। ପ୍ରାକ୍ଟିସ ପିଚ୍‌ରେ ଗାତ ସୃଷ୍ଟିହେବା ସହ ପାଦେ ପାଦେ ବାଲି। ପିଚ୍ ଫାଟିଗଲାଣି। ମୁଖ୍ୟ ପିଚ୍ ଜାତୀୟସ୍ତରର ଖେଳ ପାଇଁ ଅନୁପଯୁକ୍ତ। ଘାସ ଓ ମାଟି ମଝି ଫାଙ୍କରେ ପିମ୍ପୁଡ଼ି ରହି ପିଚ୍‌କୁ ନଷ୍ଟ କଲେଣି। ପର୍ଯ୍ୟାୟକ୍ରମେ ଟଙ୍କା ଆସିଛି, ହେଲେ ଖର୍ଚ୍ଚ ହୋଇନାହିଁ। ଟଙ୍କା ବିନିଯୋଗ ହୋଇ ନ ଥିବାରୁ ଷ୍ଟାଡିୟମ ଅବସ୍ଥା ଖରାପ ହୋଇପଡ଼ିଛି। ପ୍ରାୟ ୧୩ ଏକର ଜମିରେ ଏହି ଷ୍ଟାଡିୟମ୍ ନିର୍ମାଣ କରାଯାଇଛି। ଖେଲୋ ଇଣ୍ଡିଆ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ସହାୟତା ଏବଂ ତତ୍କାଳୀନ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଅର୍ଥ ମିଶାଇ ପ୍ରାୟ ୪୦ କୋଟି ବ୍ୟୟରେ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍ ନିର୍ମାଣ କରାଯାଇଥିଲା। କ୍ରିକେଟ ସହ ସୁଇମିଂ ଏବଂ ଅନ୍ୟ କ୍ରୀଡ଼ା ପାଇଁ ବ୍ୟବସ୍ଥା କରାଯାଇଛି। କ୍ରିକେଟ ଉପରେ ମୁଖ୍ୟ ଫୋକସ ଥିବାବେଳେ ଏଠାରେ ଜାତୀୟସ୍ତରର କ୍ରିକେଟ ମ୍ୟାଚ୍ ପାଇଁ କ୍ରୀଡ଼ାପ୍ରେମୀଙ୍କୁ ସ୍ୱପ୍ନ ଦେଖାଇଥିଲେ ତତ୍କାଳୀନ ସରକାର। କାର୍ଯ୍ୟ ବେଳେ ବାରମ୍ବାର ସ୍ଥିତି ସମୀକ୍ଷା କରିଥିଲେ ୫-ଟି ଦାୟିତ୍ୱରେ ଥିବା କାର୍ତ୍ତିକ ପାଣ୍ଡିଆନ୍। ଗତବର୍ଷ ଏହାର ଉଦ୍‌ଘାଟନ ହୋଇଥିବା ବେଳେ ଏବେ ସ୍ଥିତି ସଙ୍ଗିନ। ପଡ଼ିଆର ଚାରିପଟ ତାରଜାଲିରେ କଲଙ୍କି ଲାଗିଥିବା ବେଳେ ଲୌହ ସରଞ୍ଜାମ ସବୁ ଝଡ଼ିଗଲାଣି। ଛାତରେ ଫାଟ ଦେଖାଗଲାଣି। ଓଡ଼ିଶା କ୍ରିକେଟ ଏକାଡେମୀ (ଓସିଏ)ର କୌଣସି ଗାଇଡଲାଇନ୍ ମାନି ନ ଥିବାରୁ ଏହି ଷ୍ଟାଡିୟମ୍‌କୁ ଓସିଏ ଅନାଉନାହିଁ। ଫଳରେ କ୍ରୀଡ଼ାପ୍ରେମୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ କ୍ରୀଡ଼ାପ୍ରେମୀ ତଥା ପୁରୀ ବାସିନ୍ଦା ପ୍ରଦୀପ୍ତ କୁମାର ଦାସ କହିଛନ୍ତି, ପୂର୍ବ ସରକାର ଖେଳକୁ ପ୍ରାଧାନ୍ୟ ଦେଇ ପୁରୀରେ କ୍ରିକେଟ୍ ଷ୍ଟାଡିୟମ ନିର୍ମାଣ ନିମନ୍ତେ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ମାତ୍ର ଅନୁଦାନ ଠିକ୍ ଭାବେ ବିନିଯୋଗ କରାଯାଇନାହିଁ। ଏପରିକି ଓସିଏର ଗାଇଡ୍‌ଲାଇନ ଅନୁଯାୟୀ କାର୍ଯ୍ୟ କରାଯାଇନାହିଁ। ଓସିଏ ଗାଇଡ୍‌ଲାଇନ ଅନୁସାରେ କାର୍ଯ୍ୟ ହୋଇଥିଲେ ଷ୍ଟାଡିୟମରେ ରାଜ୍ୟ ତଥା ଜାତୀୟ ସ୍ତରର ଖେଳ ହୋଇପାରିଥାନ୍ତା। ମାତ୍ର ପ୍ରଶାସନ ମନଇଚ୍ଛା ସଲାସୁତରା ହୋଇ କାର୍ଯ୍ୟ କରିଛି। ଫଳରେ ବର୍ତ୍ତମାନ ଷ୍ଟାଡିୟମର ଅବସ୍ଥା ଖରାପ ହେବାକୁ ଲାଗିଲାଣି। ସେହିପରି ପିଚ୍ ମଧ୍ୟ ଖରାପ ହେଉଛି। ଅନୁଦାନ ବାଟମାରଣାର ତଦନ୍ତ ସହ ଦୋଷୀଙ୍କୁ ଦଣ୍ଡ ଦିଆଯାଉ ବୋଲି ଦାସ ଦାବି କରିଛନ୍ତି।

## ମିକ୍ସର ମେଶିନ୍ ଧକ୍କାରେ ବୃଦ୍ଧା ମୃତ

**କ୍ଷତିପୂରଣ ଦାବିରେ ରାସ୍ତାରେ ଶବ ରଖି ଧାରଣା**

ଡେଲାଙ୍ଗ,୫।୨(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ହରିପୁର ଗ୍ରାମରେ ମିକ୍ସର ମେଶିନ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହରିପୁର ଗ୍ରାମର ସତ୍ୟଭାମା ବେହେରା(୭୩)। ଏନେଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ନିକଟସ୍ଥ କେନାଲ ବନ୍ଧ ଢଳେଇ କାର୍ଯ୍ୟରେ ବଡ଼ ମିକ୍ସର ମେଶିନ ନିୟୋଜିତ ହୋଇଥିଲା। କେନାଲ ବନ୍ଧରୁ ଢଳେଇ କାମ ସାରି ଅନ୍ୟ ସ୍ଥାନକୁ ଯିବା ପାଇଁ ବୁଲାଉଥିବା ବେଳେ ମେଶିନ୍‌ଟି ବୃଦ୍ଧାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ହୋ-ହଲ୍ଲା କରି ଘଟଣାସ୍ଥଳକୁ ଯିବାରେ ଚାଳକ ଜଣକ ଗାଡ଼ି ଛାଡ଼ି ଫେରାର୍ ହୋଇଥିବା ବେଳେ ଠିକାଦାର ଓ ସୁପରଭାଇଜର୍ ସମେତ ୩ ଜଣଙ୍କୁ ସ୍ଥାନୀୟ ଲୋକେ ଅଟକ ରଖିଛନ୍ତି। ଅନ୍ୟପଟେ ମୃତ ଶରୀରକୁ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରିଛନ୍ତି। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ସ୍ଥାନୀୟ ଲୋକଙ୍କ ସହିତ ସମସ୍ୟା ସମାଧାନ ପାଇଁ ଆଲୋଚନା କରୁଛି। ଅନ୍ୟପଟେ ଗାଡ଼ିମାଲିକ ଘଟଣାସ୍ଥଳକୁ ଆସିଲେ ଆଲୋଚନା କରାଯିବ ବୋଲି ଧାରଣାରତମାନେ ଦାବି କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଧାରଣା ଜାରି ରହିଥିଲା।

## ବଚସାରୁ ଭୁଜାଲି ଆକ୍ରମଣ

**ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା**

ନିମାପଡ଼ା,୫।୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନା ଅଧୀନ ଜଇନାବାଦ ମଲ୍ଲିକ ସାହିରେ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଭୁଜାଲି ଆକ୍ରମଣରେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଛନ୍ତି। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଆହତ ଦଳିତ ବର୍ଗର ଅଜୟ ମଲ୍ଲିକଙ୍କ ପୁଅ ଶୁଭମ୍ ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଆକ୍ରମଣକାରୀ ସଂଖ୍ୟାଲଘୁ ସମ୍ପ୍ରଦାୟର ଜାଗୁଙ୍କ ବିରୋଧରେ ଏକ ମାମଲା (୩୪/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ ଗିରଫ ଭୟରେ ଜାଗୁ ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି।

ସୂଚନା ଅନୁଯାୟୀ, ଜଗୁ ଚୋରାରେ ଦେଶୀ ମଦ ବ୍ୟବସାୟ କରନ୍ତି। ନିକଟରେ ସ୍କୁଲ ରହିଥିବାରୁ ଅଜୟ ଜଗୁଙ୍କୁ ଏହି ବ୍ୟବସାୟ ବନ୍ଦ କରିବାକୁ କହିଥିଲେ। ଏଥିରେ ଉତ୍ତେଜିତ ହୋଇ ଜଗୁ ଏକ ଭୁଜାଲିରେ ଅଜୟଙ୍କ ବେକକୁ ଆକ୍ରମଣ କରିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଇ.ଶୌଚାଳୟ ସ୍ଥାପନ ପାଇଁ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଦାବିପତ୍ର

ପୁରୀ,୫।୨(ଅଜିତ୍ କୁମାର ମହାନ୍ତି)

ପର୍ଯ୍ୟଟନ ଓ ଧାର୍ମିକ ସହର ପୁରୀରେ ଆବଶ୍ୟକ ସଂଖ୍ୟକ ଶୌଚାଳୟ ଅଭାବରୁ ଭକ୍ତ ଓ ପର୍ଯ୍ୟଟକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଅନେକ ମହିଳାମାନେ ମୁକ୍ତାକାଶ ତଳେ ଶୌଚ ହେବାକୁ ବାଧ ହେଉଛନ୍ତି। ଏଥିଯୋଗୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ପୁରୀ ବଡ଼ଦାଣ୍ଡ, ବିଭିନ୍ନ ସାହିମୁଣ୍ଡ ଓ ସମୁଦ୍ର ବେଳାଭୂମିରେ ଅଧିକ ସଂଖ୍ୟାରେ ଶୀତତାପ ନିୟନ୍ତ୍ରିତ ଇ. ଶୌଚାଳୟ ସ୍ଥାପନ କରିବାକୁ ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଦାବିପତ୍ର ଦିଆଯାଇଛି। ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ବୁଧବାର ମନ୍ତ୍ରୀଙ୍କୁ ଭେଟି ଏ ନେଇ ଦାବିପତ୍ର ଦେଇଛନ୍ତି। ବଙ୍ଗଳା ଧର୍ମଶାଳା ନିକଟରେ ଥିବା ଏମ୍.ଫ୍ରେସ ଶୀତତାପ ନିୟନ୍ତ୍ରିତ ଶୌଚାଳୟ ପରି ଖୁବ୍‌ଶୀଘ୍ର ପୁରୀରେ ଅଧିକ ଶୌଚାଳୟ ସ୍ଥାପନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ମିଶ୍ର କହିଛନ୍ତି।

### ଓଦା, ଶୁଖିଲା ପ୍ରଣାଳୀରେ ଧାନ ଚାଷ ପାଇଁ ସଚେତନତା

ଗୋପ,୫।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଓଦା ଓ ଶୁଖିଲା ପ୍ରଣାଳୀରେ ଧାନ ଫସଲ କଲେ, କିପରି ଚାଷୀମାନେ ଅଧିକ ମାତ୍ରାରେ ଲାଭବାନ ହୋଇପାରିବେ ସେ ନେଇ ବୁଧବାର ପୂର୍ବାହ୍ନରେ ଗୋପ ବ୍ଲକ ଅନ୍ତର୍ଗତ ପାଟେଳିଆ ସ୍ଥିତ ଶ୍ରୀକୁଞ୍ଜ ଠାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ଉଦ୍ୟାନ କୃଷି ବିଭାଗ ଅଧିକାରୀ ମନୋରଞ୍ଜନ ବିଶ୍ୱାଳ, ସରପଞ୍ଚ ପ୍ରଜ୍ଞା ପାରମିତା ନାୟକ, ଇକୋବେଦା ସଂସ୍ଥାର ଶୁଭମ କୁମାର କାର୍ବନ ପ୍ରମୁଖ ଯୋଗଦେଇ ଆଲୋକପାତ କରିଥଲେ। ବୈଠକରେ ଗୋପ ବ୍ଲକ ଅଞ୍ଚଳର ଶତାଧିକ ଚାଷୀମାନଙ୍କ ସହିତ ଲୋକ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଏହି ଆଲୋଚନା ପର୍ଯ୍ୟାଲୋଚନା କାର୍ଯ୍ୟକ୍ରମକୁ ସଂସ୍ଥାର କର୍ମଚାରୀମାନେ ପରିଚାଳନା କରିଥିଲେ।

## ବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି ମନ୍ଦିର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

**ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ**

କୋଣାର୍କ,୫।୨(ଜ୍ୟୋତିରାଜ ମହାନ୍ତି)

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର କେନ୍ଦୁଝର ଜୋନ୍ ଶିକ୍ଷା ପରିଦର୍ଶିକା ସଞ୍ଜିତା ବେହେରା, ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ବଳବନ୍ତରାୟ, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି, ବରିଷ୍ଠ ଶିକ୍ଷାବିତ୍ ଦୀନବନ୍ଧୁ ରଥ ଓ ନୀଳମଣି ଗୁରୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି ମନ୍ଦିର ବୋଲି ମତ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅତିଥିଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର 'ଶତଦଳ' ଉନ୍ମୋଚିତ ହୋଇଥିଲା। ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା ବାର୍ଷିକ ବିବରଣୀ ପାଠ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ, କାର୍ଯ୍ୟଧାରା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ବନଜା ମହାନ୍ତି ଓ ଶିକ୍ଷକ ଭାଗୀରଥି ପାଇକରାୟ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷୟିତ୍ରୀ ନୟନା ଶତପଥୀ, ବିଜ୍ଞାନ ଶିକ୍ଷକ ସୂର୍ଯ୍ୟ ସୁନ୍ଦର ମିଶ୍ର, କ୍ରୀଡ଼ା ଶିକ୍ଷକ ଅଭୟ ମଲ୍ଲ, ଶିକ୍ଷକ ଗୌରୀ ଶଙ୍କର ଜେନା, ଅର୍ଜୁନ ଦଳାଇ, ଶିକ୍ଷୟିତ୍ରୀ ସୁଲୋଚନା ବେହେରା, ଶିଳ୍ପା ଭଞ୍ଜ ପ୍ରମୁଖ ପରିଚାଳନା କରିଥିଲେ।

## ଫୋନ୍ ଟାୱାରରୁ ଯନ୍ତ୍ରାଂଶ ଚୋରି

ଅସ୍ତରଙ୍ଗ,୫।୨(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଘଣ୍ଟିକଣ ଗ୍ରାମରୁ ଏକ ଅଚଳ ଫୋନ୍ ଟାୱାରରୁ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଜଣାପଡ଼ିଛି। ଅସ୍ତରଙ୍ଗ ବ୍ଲକ ଘଣ୍ଟିକଣ ଗ୍ରାମର ବିଜୟ କୁମାର ମଲ୍ଲିଙ୍କ ଘର ଆଗରେ ଏକ ଟାୱାର ବସା ଯାଇଥିଲା। ଜି. ଟି. ଏଲ୍, ଇନ୍‌ଫ୍ରା ଷ୍ଟ୍ରକ୍‌ଚର କମ୍ପାନୀର ଏହି ଟାୱାର ୨୦୦୬ ମସିହାରୁ ୨୦୧୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା। ପରବର୍ତ୍ତୀ ସମୟରେ ଟାୱାର ଅଚଳ ହୋଇଥିଲେ ମଧ୍ୟ ମଲ୍ଲିକ ତାହାକୁ ଜଗାରଖା କରୁଥିଲେ। କିଛି ମାସ ହେଲା ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ସେ ଭୁବନେଶ୍ୱରରେ ରହୁଥିବା ବେଳେ, ମଝିରେ ମଝିରେ ଆସି ଘର ଓ ଟାୱାରର ଦେଖାଶୁଣା କରି ଭୁବନେଶ୍ୱର ଫେରି ଯାଆନ୍ତି। ଏହାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ମଙ୍ଗଳବାର ବିଳମ୍ବିତ ରାତିରେ ଟାୱାରରୁ ମୂଲ୍ୟବାନ ଯନ୍ତ୍ରାଂଶ ଖୋଲିନେଇ ଯାଇଥିବା ଘର ମାଲିକ ମଲ୍ଲିକ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଅସ୍ତରଙ୍ଗ ଥାନାଧିକାରୀ ରାଜେଶ କୁମାର ବଳିୟାରସିଂ ଘଟଣାର ତଦନ୍ତ କରୁଥିବା ବେଳେ କେସ୍ ନଂ. ୧୩/ ୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ




ଟ୍ରେଡ୍ ୟୁନିୟନର କର୍ମକର୍ତ୍ତାମାନେ ବିକ୍ଷୋଭ କରୁଛନ୍ତି ।

ପୁରୀ,୫।୨(ଅଜିତ କୁମାର ମହାନ୍ତି)

ଚଳିତବର୍ଷର କେନ୍ଦ୍ର ବଜେଟ ନୈରାଶ୍ୟଜନକ ଓ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ବୋଲି ୟୁନାଇଟେଡ୍ ସମୂହ ଓ କିଶନ ମୋର୍ଚ୍ଚା କହିଛି। ଏହି ବଜେଟରେ ରୋଜଗାର ଓ ମଜୁରି ବୃଦ୍ଧି ପାଇଁ କୌଣସି ଯୋଜନା ନାହିଁ। ସେହିପରି ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ ନିମନ୍ତେ ମଧ୍ୟ କୌଣସି ଉଲ୍ଲେଖନୀୟ ବ୍ୟବସ୍ଥା ରଖାଯାଇନାହିଁ। ଏହା ପ୍ରତିବାଦରେ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଏବଂ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ପୁରୀ ମୋଚିସାହି ଛକରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବଜେଟ୍ ପୁସ୍ତିକା ପୋଡ଼ାଯାଇଛି। ସିଆଇଟିୟୁ ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ଏଆଇଟିୟୁସିର ପ୍ରଦୀପ୍ତ ମହାନ୍ତି, ବ୍ରଜ ପ୍ରଧାନ, କୃଷକ ନେତା ଭୀମ ସ୍ୱାଇଁ, କୃଷ୍ଣ ରାଉତ, ମୋହନ ନାଇଡୁ, ସୁରେନ୍ଦ୍ର ଜେନା, ପୀତବାସ ବେହେରା, ହରିହର ସେନାପତି ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ବଦଳିଲେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ

ଅସ୍ତରଙ୍ଗ,୫।୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରାଙ୍କୁ ଡେଲାଙ୍ଗ ବଦଳି କରାଯାଇଛି। ମେମୋ ନଂ.-୩୫୭୪,ତା ୦୪/୦୨/୨୫ ଚିଠି ଅନୁଯାୟୀ ଶିକ୍ଷାବିଭାଗ ଅଧୀନରେ ରାଜ୍ୟର ୫୦ରୁ ଊର୍ଦ୍ଧ୍ୱ ଶିକ୍ଷାଧିକାରୀଙ୍କୁ ଅନ୍ୟ ବ୍ଲକକୁ ବଦଳି କରାଯାଇଛି। ସେହି କ୍ରମରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରାଙ୍କୁ ପୁରୀ ଜିଲା ଡେଲାଙ୍ଗ ଶିକ୍ଷାଧିକାରୀ କାର୍ଯ୍ୟାଳୟକୁ ବଦଳି ହୋଇଛି।

## ଜଳବାୟୁ ପରିବର୍ତ୍ତନ ଜୀବଜଗତ ବିଲୁପ୍ତିର କାରଣ

**ନିମାପଡ଼ା କଲେଜରେ କର୍ମଶାଳା, ପାଠଚକ୍ର**

ନିମାପଡ଼ା,୫।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ, ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ଏକ କର୍ମଶାଳା, ପାଠଚକ୍ର, ଆଲୋଚନା ଚକ୍ର ମହାବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରର କଲେଜ ଭୂତତ୍ତ୍ୱ ବିଭାଗ ମୁଖ୍ୟ, ସ୍ନାତକୋତ୍ତର ବିଭାଗର ସହ ସଂଯୋଜକ ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ କଲେଜ ଅଧ୍ୟକ୍ଷା ବିଶିଷ୍ଟ ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ, କଲେଜ ପ୍ରଶାସନିକ ଅଧିକାରୀ ପ୍ରଫେସର ଡ. ରବୀନ୍ଦ୍ରନାଥ ପାଢ଼ୀ, ଜିନ୍ଦଲ(ଜେଏସ୍‌ଏଲ୍)ର ବୈଦେଶିକ ବିଭାଗୀୟ ମୁଖ୍ୟ ଶିବଶଙ୍କର ମହନ୍ତ, ଶିକ୍ଷାବିତ୍ ଶିବେନ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ '୬ଷ୍ଠ ସାମୁହିକ ବିଲୁପ୍ତୀ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପୃଥିବୀରେ ତାପନୀୟ ଉତ୍ତପ୍ତ, ଜଳବାୟୁ ପରିବର୍ତ୍ତନ ପାଇଁ ଆଜି ଜୀବଜଗତ ବିଲୁପ୍ତ ଓ ଲୀନ ହେଉଥିବା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ପାଠଚକ୍ରରେ ଅଧ୍ୟାପିକା ମମତାରାଣୀ ସ୍ୱାଇଁ, ରତ୍ନପର୍ଣ୍ଣ ସାହୁ, ଡେମୋନଷ୍ଟ୍ରେଟର ବିଶ୍ୱରଞ୍ଜନ ମହାନ୍ତି, ଆଶୁତୋଷ ସାମଲ, ଅମୀୟ ଭୂଷଣ ନାୟକ, ସୁବ୍ରତ ସ୍ୱାଇଁ, ଲିପୁ ବେହେରା ପ୍ରମୁଖ ଯୋଗଦେଇ ସଂଯୋଜନା ଓ ପରିଚାଳନା କରିଥିଲେ। ଏହି ପାଠଚକ୍ର ଛାତ୍ରୀଛାତ୍ରଙ୍କ ପାଇଁ ବହୁଳ ଭାବେ ଶିକ୍ଷଣୀୟ ଓ ସହାୟକ ହେବ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।



ପାଠଚକ୍ରରେ ମଞ୍ଚାସୀନ ଅତିଥିମାନେ ।

## ଗଣ୍ଡରପୁର ଏଫ୍‌ସି ଚାମ୍ପିୟନ

**ପଦ୍ମଚରଣ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ନିମାପଡ଼ା,୫।୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)




ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ବିଜୟୀ ଦଳର ଖେଳାଳିମାନେ।

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୧୦ମ ପଦ୍ମଚରଣ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ଘାଟିକିଆ ବଜରଙ୍ଗୀ ଏଫ୍‌ସିକୁ ପରାସ୍ତ କରି ଗଣ୍ଡରପୁର ୟୁନାଇଟେଡ୍ ଏଫ୍‌ସି ୩-୨ ଗୋଲରେ ବିଜୟ ହାସଲ କରି ଚଳିତବର୍ଷର ଚାମ୍ପିୟନ ଟ୍ରଫି ହାତେଇଛି। ଖେଳର ପ୍ରଥମାର୍ଦ୍ଧରେ ଗଣ୍ଡରପୁରର ଖେଳାଳି ବାପୁନି ବିନ୍ଧାଣି ଗୋଟିଏ ଗୋଲ ସ୍କୋର ପରେ ୨ଟି ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇଥିଲେ। ଘାଟିକିଆର ଖେଳାଳି ନାଗି ଓ ତୋଫାନ ପ୍ରତ୍ୟେକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚ୍‌ରେ ବାପୁନି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ସ୍ୱତନ୍ତ୍ର ପୁରସ୍କୃତ ହୋଇଥିଲେ। ରେଫରି ଭାବେ ଦୈତାରୀ କାରୁଆ, ସୁଦୀପ ଦାସ, ମହମ୍ମଦ ସାକଲିନ, ସମର ବରାଳ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ପଦ୍ମଚରଣ ପାଣିଗ୍ରାହୀ ମ୍ୟାଚ୍ କମିଶନର ଥିଲେ। କ୍ରୀଡ଼ାବିତ୍ ବିଶ୍ୱଜିତ ମଲ୍ଲିକ, ଜିତେଶ କାନୁନ୍‌ଗୋ, ପ୍ରକାଶ ବରାଳ, ଅକ୍ଷୟ ପାତ୍ର ଟୁର୍ନାମେଣ୍ଟ ସଂଯୋଜନା ଓ ପରିଚାଳନା କରିଥିଲେ। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବରିଷ୍ଠ ଶିକ୍ଷାବିତ୍ ଜଗତ ପ୍ରସାଦ ସାବ୍ରତ, ଡ. ବେଣୁଧର ସେନାପତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜୟୀ ଗଣ୍ଡରପୁରକୁ ନଗଦ ୪୦ ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ଓ ଘାଟିକିଆକୁ ନଗଦ ୨୦ ହଜାର ଟଙ୍କା ସହ ରନର୍ସ ଅପ୍ ଟ୍ରଫି ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ମାଷ୍ଟର କାଟେଗୋରିରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ନିମାପଡ଼ା ସ୍ମୃତିରଞ୍ଜନ ଦାସଙ୍କୁ ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚାସୀନ ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।


ମେଳାରେ ଲାଗିଥିବା ବେପାର ପସରା।


ଜଣେ ସାଧ୍ୱୀଙ୍କ ଠାରୁ ଆଶୀର୍ବାଦ ନେଉଛନ୍ତି ଶ୍ରଦ୍ଧାଳୁ।


ଯାତ୍ରା ମହାସମର ପାଇଁ ଲାଗିଥିବା ପୋଷ୍ଟର।

# ସାଧୁସନ୍ଥଙ୍କ ମନ୍ତ୍ରଧ୍ୱନି, ଧର୍ମଚର୍ଚ୍ଚାରେ ପ୍ରକମ୍ପିତ ଖଣ୍ଡଗିରି

## ଦ୍ୱିତୀୟ ଦିନରେ କୁମ୍ଭମେଳା

ଭୁବନେଶ୍ୱର,୫।୨
(ସୌମ୍ୟରଞ୍ଜନ ରାଉତ)

ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳାରେ ଧୀରେ ଧୀରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାରେ ଲାଗିଛି। ବୁଧବାର ଦ୍ୱିତୀୟ ଦିନରେ ସାଧୁସନ୍ଥଙ୍କ ମନ୍ତ୍ରଧ୍ୱନି ସହ ଧର୍ମଚର୍ଚ୍ଚାରେ ପୂରା ଅଞ୍ଚଳ ପ୍ରକମ୍ପିତ ହୋଇଉଠିବା ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ମାଘ ସପ୍ତମୀରେ ଚନ୍ଦ୍ରଭାଗାରେ ବୁଡ଼ ପକାଇବା ପରେ ସାଧୁସନ୍ଥମାନେ ମେଳାରେ ଯୋଗଦେଉଛନ୍ତି। ଏଠାରେ ବେଦ, ଭାଗବତ, ରାମାୟଣଠାରୁ ଆରମ୍ଭ କରି ବିଭିନ୍ନ ଧର୍ମଚର୍ଚ୍ଚା କରୁଛନ୍ତି। କିଏ ନିଜ ସମସ୍ୟାର ସମାଧାନ ପାଇଁ ତ ଆଉ କିଏ ଆଶୀର୍ବାଦ ନେବାକୁ ସାଧୁସନ୍ଥଙ୍କ ପାଖକୁ ଯାଉଛନ୍ତି। ଏଥିପାଇଁ ଗହଳି ଆରମ୍ଭ ହୋଇଥିବାରୁ ଷ୍ଟଲ୍ ଖୋଲିଥିବା ବ୍ୟବସାୟୀଙ୍କ ବେପାରରେ ମଧ୍ୟ ବୃଦ୍ଧି ଘଟିଥିବା ଜଣାପଡିଛି। **ଅନ୍ୟପକ୍ଷରେ** ଖଣ୍ଡଗିରି ମେଳାର ଅନ୍ୟତମ ମୁଖ୍ୟ ଆକର୍ଷଣ ଯାତ୍ରା ମହାସମର ଆଜିଠାରୁ ଆରମ୍ଭ ହେବ। ଏହାକୁ ନେଇ ଯାତ୍ରାପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ଲାଗି ରହିଛି।

### ଚର୍ଚ୍ଚାରେ ବାବା ଅଖଣ୍ଡାନନ୍ଦ

ମହେନ୍ଦ୍ରଗିରିର ମହେନ୍ଦ୍ର ଆଶ୍ରମରୁ ଖଣ୍ଡଗିରି କୁମ୍ଭମେଳାକୁ ଆସିଥିବା ବାବା ଅଖଣ୍ଡାନନ୍ଦ ଉଚ୍ଚଶିକ୍ଷିତ ହୋଇଥିବାରୁ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର କରିବା ପରେ କିଛିଦିନ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ମା'ବାପା ୨୦୦୩ରେ ତାଙ୍କୁ ବିବାହ କରାଇଥିଲେ। ବିବାହ ପରେ ତାଙ୍କର ଏକ ପୁତ୍ର ସନ୍ତାନ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ସଂସାର ପ୍ରତି ତାଙ୍କର ବୈରାଗ୍ୟ ଭାବ ଆସିଥିଲା। ୨୦୧୨ରେ ସେ ସଂସାର ତ୍ୟାଗ କରି ସନ୍ନ୍ୟାସ ବ୍ରତ ଧାରଣ କରିଥିଲେ। ସେ ବିଭିନ୍ନ ମଠାଶ୍ରମ ବୁଲିବା ପରେ ମହେନ୍ଦ୍ରଗିରି ମହେନ୍ଦ୍ର ଆଶ୍ରମରେ ଅବସ୍ଥାନ କଲେ। ଏଥିସହ ସେ ଦୀର୍ଘବର୍ଷ ହେବ ବିଭିନ୍ନ ଗ୍ରାମକୁ ଯାଇ ସତ୍ସଙ୍ଗ କରିବା, ପିଲାଙ୍କୁ ଆଧ୍ୟାତ୍ମିକ ଶିକ୍ଷା ଦେବା ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଆଦି ସେବାକାର୍ଯ୍ୟ କରୁଥିବା ସେ କହିଛନ୍ତି। ଖଣ୍ଡଗିରିମେଳାରେ ତାଙ୍କ ବାଣୀ ଶୁଣିବାକୁ ଲୋକଙ୍କ ଭିଡ଼ ଜମୁଛି।





### ଖାଦ୍ୟ ପ୍ରେମୀଙ୍କ ଭିଡ଼

ଖଣ୍ଡଗିରି ମେଳାରେ ପଡ଼ିଥିବା ବିଭିନ୍ନ ଖାଦ୍ୟ ଷ୍ଟଲ୍ ନିକଟରେ ଖାଦ୍ୟ ପ୍ରେମୀଙ୍କ ଭିଡ଼ ଦେଖିବାକୁ ମିଳୁଛୁ। ଗୁପଚୁପ୍, ଚାଟ୍, ଦହିବରା ଆଳୁଦମ୍, ଘୁଗୁନି, ମଥୁରା କେକ୍, ଲଙ୍କା ଚପ୍ ଭଳି ଖାଦ୍ୟ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି। ଏଠାରେ ପ୍ରତ୍ୟେକ ଅଞ୍ଚଳର ପ୍ରସିଦ୍ଧ ଖାଦ୍ୟ ମଧ୍ୟ ଉପଲବ୍ଧ ରହିଛି। କେନ୍ଦ୍ରାପଡାର ରସାବଳୀ, ଢେଙ୍କାନାଳର ବରା, ନିମାପଡ଼ାର ଛେନା ଝିଲି ଓ ବ୍ରହ୍ମପୁରର ଆଚାର, ପାମ୍ପଡ଼ ଆଦି ଲୋକଙ୍କୁ ଆକର୍ଷିତ କରୁଛି।

## ଆଜିଠୁ ଯାତ୍ରା ମହାସମର

| ଆୟୋଜକ | ତାରିଖ | ଅପେରା | କାହାଣୀ |
|---|---|---|---|
| ସନାତନ ସେବା ସମିତି,ଘାଟିକିଆ | ୬ରୁ ୧୧ | ଅପେରା ସୂର୍ଯ୍ୟ ମନ୍ଦିର | ହାଇଦର |
| ସନାତନ ସେବା ସମିତି,ଘାଟିକିଆ | ୧୨ରୁ୧୭ | କୋଣାର୍କ ଗଣନାଟ୍ୟ | ମୋ ହସରେ ତୁ ମୋ ଲୁହରେ ତୁ |
| ହରେକୃଷ୍ଣ ମହତାବ ପେଣ୍ଡାଲ, ଆଇଗିଣିଆ | ୬ରୁ୯ | ନାଟ୍ୟ ସମ୍ରାଟ ପୃଥ୍ୱୀରାଜ | ରାଜଧାନୀର ରଜନୀ ଗନ୍ଧା |
| ହରେକୃଷ୍ଣ ମହତାବ ପେଣ୍ଡାଲ, ଆଇଗିଣିଆ | ୧୦ରୁ ୧୭ | ଯାତ୍ରା ସମ୍ରାଟ ତୁଳସୀ ଗଣନାଟ୍ୟ | ଜହ୍ନ ରାତିର ଝଡ଼ |
| ଇନ୍ଦିରା ସାଂସ୍କୃତିକ ପରିଷଦ, ଜାଗମରା | ୬ରୁ ୧୧ | ଶିବାନୀ ଗଣନାଟ୍ୟ | ହାଏ କୃଷ୍ଣ ବୋଲି ଯାଉ ଜୀବ |
| ଇନ୍ଦିରା ସାଂସ୍କୃତିକ ପରିଷଦ, ଜାଗମରା | ୧୨ ଓ ୧୩ | ଯାତ୍ରା ସିଂହ ବାହିନୀ | ବଡ଼ ବେଦରଦୀ କଳା ସାଆନ୍ତ |
| ଇନ୍ଦିରା ସାଂସ୍କୃତିକ ପରିଷଦ, ଜାଗମରା | ୧୪ରୁ ୧୭ | କଳିଙ୍ଗ ଗଣନାଟ୍ୟ | ବାଜିବ ସାହାନାଇ ତୋରି ପାଇଁ |
| ମା' ମଙ୍ଗଳା ସାଂସ୍କୃତିକ ଯୁବ ପରିଷଦ ଜାଗମରା | ୭ରୁ୧୧ | ଯାତ୍ରା ଦୁର୍ଗା ମନ୍ଦିର | ଡିଏସ୍‌ପି ଦୁର୍ଗା |
| ମା' ମଙ୍ଗଳା ସାଂସ୍କୃତିକ ଯୁବ ପରିଷଦ ଜାଗମରା | ୧୨ରୁ୧୭ | ଯାତ୍ରା ସ୍ୱର୍ଣ୍ଣ ମହଲ | ସ୍ୱାମୀ ପାଇଁ ପଛେ ନର୍କକୁ ଯିବି |
| ବାବା ନୀଳ କଣ୍ଠେଶ୍ୱର ଯାତ୍ରା କମିଟି, ବରମୁଣ୍ଡା | ୧୨ରୁ ୧୬ | ଯାତ୍ରା ରଙ୍ଗ ମହଲ | ପାପ ଜାଣିନି କି ପୁଣ୍ୟ ଜାଣିନି |
| ଜୟ ଦୁର୍ଗା ମଣ୍ଡପ ଜାଗମରା | ୭ରୁ ୧୧ | ଯାତ୍ରା ଶ୍ରୀ ବିଶ୍ୱ ଦରବାର | ସବୁ ଜାଣିଛି ଚନ୍ଦ୍ର ସେଣା |
| ଜୟ ଦୁର୍ଗା ମଣ୍ଡପ ଜାଗମରା | ୧୨ରୁ ୧୭ | ଯାତ୍ରା ସ୍ୱପ୍ନ ମହଲ | ଜବାବ ମାଗୁଛି ଉଦଣ୍ଡି ସୀତା |

## ଖଣ୍ଡଗିରି ମେଳାରେ ବାସି ଖାଦ୍ୟ ନଷ୍ଟ କଲା ବିଏମ୍‌ସି ସ୍କ୍ୱାଡ୍

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)- ଖଣ୍ଡଗିରି ମାଘମେଳାରେ ଦିନକୁ ଦିନ ଭିଡ଼ ବଢ଼ୁଥିବାବେଳେ ଭଳି କି ଭଳି ଖାଦ୍ୟ ପ୍ରତି ଲୋକଙ୍କର ରୁଚି ଦେଖିବାକୁ ମିଳୁଛି। ତେବେ ମେଳାରେ ବିକ୍ରି ହେଉଥିବା ଖାଦ୍ୟର ମାନ ଯାଞ୍ଚ ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ମୁତୟନ କରାଯାଇଛି। ଏହି ସ୍କ୍ୱାଡ୍ ଲୋକଙ୍କୁ ସଚେତନ କରିବା ସହ ଖାଦ୍ୟ ବ୍ୟବସାୟୀଙ୍କୁ ମଧ୍ୟ ସତର୍କ କରାଉଛନ୍ତି। ବୁଧବାର ବିଭିନ୍ନ ଷ୍ଟଲ୍‌ରେ ଚଢ଼ାଉ କରି ପ୍ରାୟ ୧୫ କେ.ଜି. ବାସି, ଅସ୍ୱାସ୍ଥ୍ୟକର ଏବଂ ରଙ୍ଗମିଶା ଖାଦ୍ୟ ନଷ୍ଟ କରାଯାଇଛି। ସେହିପରି ୩୦ ବ୍ୟବସାୟୀଙ୍କୁ ସ୍ୱଚ୍ଛତା ରକ୍ଷା ପାଇଁ ତାଗିଦ କରାଯାଇଛି।

## ବାଲି ବୋଝେଇ ୫ ହାଇୱା ଜବତ

### ବେଆଇନ ବାଲି ଚାଲାଣକୁ ଲୋକଙ୍କ ବିରୋଧ

ବାଲିପାଟଣା,୫।୨(ଅଭିମନ୍ୟୁ ନାୟକ)

ଖୋର୍ଦ୍ଧା ଜିଲା ଖଣି ବିଭାଗ ଅଧିକାରୀ ଜଗନ ବେହେରା, ବାଲିପାଟଣା ଥାନା ଅଧିକାରୀ ସୂର୍ଯ୍ୟାଂଶୀ ପାଢ଼ୀ ଓ ବାଲିପାଟଣା ତହସିଲଦାର କଳ୍ପନା ଦାସ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରି ୫ ବାଲି ବୋଝେଇ ହାଇୱା ଜବତ କରିଛନ୍ତି। ଗତ ୨ ମାସ ମଧ୍ୟରେ ବାଲି ବୋଝେଇ ହାଇୱା ଧକ୍କାରେ ଅଡ଼ଶପୁର-ବାଲିପାଟଣା ରାସ୍ତାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଉତ୍ତ୍ୟକ୍ତ ଜନତା ବହୁ ଆନ୍ଦୋଳନ ପ୍ରତିବାଦ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ମୃତକଙ୍କ ପରିବାରକୁ ମଧ୍ୟ ସହାୟତା ମିଳିପାରି ନାହିଁ। ଖୋର୍ଦ୍ଧା ଖଣି ବିଭାଗ ଅଧିକାରୀ ଜଗନ ବେହେରା କୁହନ୍ତି, ଜବତ ଟ୍ରକ ମାଲିକମାନେ ଅପରାହ୍ନ ୪ଟା ସୁଦ୍ଧା ତାଙ୍କ ପାଖରେ ପହଞ୍ଚି ନାହାନ୍ତି। ସେଥିପାଇଁ କୌଣସି ଜରିମାନା କି ମାମଲା ଦାଏର ହୋଇନାହିଁ। ସେମାନେ ସରକାରୀ ସ୍ୱୀକୃତିପ୍ରାପ୍ତ ଫର୍ମ ଦେଖାଇ ନ ପାରିବାରୁ ଚାଳକଙ୍କୁ ଥାନାରେ ଅଟକ ରଖାଯାଇଛି। ଉଚିତ କାଗଜପତ୍ର ନ ଦେଖାଇଲେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି ବେହେରା କହିଛନ୍ତି। ଏ ରାସ୍ତାରେ ଆଉ ନିୟମିତ ବାଲି ଟ୍ରକ୍ ଚାଲିଲେ ଆନ୍ଦୋଳନ ହେବ ବୋଲି ଉତ୍ତ୍ୟକ୍ତ ଜନତା ସୋସିଆଲ ମିଡିଆରେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।


ଖଣ୍ଡଗିରି ପାଛିକାଠାରେ ବୁଧବାର ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଅନ୍ୟ ଅତିଥିମାନେ।

## ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୫।୨(ସୌମ୍ୟରଞ୍ଜନ ରାଉତ)

ଖଣ୍ଡଗିରି କୁମ୍ଭମେଳା ଅବସରରେ ବୁଧବାର ସ୍ଥାନୀୟ ପାଛିକାଠାରେ ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଆରମ୍ଭ ହୋଇଛି। ଐର ଖାରବେଳ ମହୋତ୍ସବ କମିଟି ଓ ନୃତ୍ୟ ଗବେଷଣା ଅନୁଷ୍ଠାନ ଅନୁଚିନ୍ତମ ପକ୍ଷରୁ ଆୟୋଜିତ ଏହି ମହୋତ୍ସବକୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏକାମ୍ର ବିଧାୟକ ବାବୁ ସିଂ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ଦେଶ ବିଦେଶର ବହୁ ସୁନାମଧନ୍ୟ ନୃତ୍ୟ, ନାଟକ, ସିନେ ତାରକା ଓ କଣ୍ଠଶିଳ୍ପୀମାନେ ଯୋଗଦେଇ କଳା ପ୍ରଦର୍ଶନ କରିଥିଲେ। ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ଓଡ଼ିଶୀ ନୃତ୍ୟ, ମୂର୍ଚ୍ଛନା ପକ୍ଷରୁ ଗୋଟିପୁଅ ନୃତ୍ୟ, ନୃତ୍ୟ ସୃଜନ ଡ୍ୟାନ୍ସ ପକ୍ଷରୁ ସମ୍ବଲପୁରୀ ଡ୍ୟାନ୍ସ, ଉତ୍କଳ ପାଇକ ଆଖଡ଼ା ପକ୍ଷରୁ ପାଇକ ନୃତ୍ୟ, ଡ. ପଞ୍ଚାନନ ନାୟକଙ୍କ ଗ୍ରୁପ ପକ୍ଷରୁ ଅକ୍ଷୟ ସଙ୍ଗୀତ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତା ଜଗନ୍ନାଥ ପ୍ରଧାନ, ନାରୀନେତ୍ରୀ ରଶ୍ମି ମହାପାତ୍ର, ଭାଜପା ନେତା ଗୋଲକ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ମହୋତ୍ସବ ୭ ତାରିଖ ପର୍ଯ୍ୟନ୍ତ ଚାଲିବ।



ଉଦ୍‌ଘାଟନୀ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟନାଟିକା ପରିବେଷଣ କରୁଛନ୍ତି।

## ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ରୁଦ୍ରଙ୍କୁ ୩ ପଦକ

ବାରଙ୍ଗ, ୫।୨(ଲିଙ୍ଗରାଜ ରାଉତ)

୪୦ତମ ଜାତୀୟ ସିନିୟର ଓ ୧୩ତମ ଜାତୀୟ ପୁମ୍‌ସେ ଏବଂ ସପ୍ତମ କ୍ୟୁରୋଗୀ ଓ ପୁମ୍‌ସେ ଜାତୀୟ କ୍ୟାଡେଟ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ର ରୁଦ୍ର ନାରାୟଣ ବେହେରା ୩ଟି ପଦକ ହାସଲକରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ହାଇଦ୍ରାବାଦର କୋଟ୍‌ଲା ବିଜୟା ଭାସ୍କର ରେଡ୍ଡୀ ଇନ୍‌ଡୋର ଷ୍ଟାଡିୟମରେ ଜାନୁଆରୀ ୨୭ରୁ ୩୦ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରୁଦ୍ର ସିନିୟର କ୍ୟୁରୋଗୀ (୬୩ କିଲୋଗ୍ରାମ୍‌ରୁ କମ୍ ବର୍ଗ) ଏବଂ ସିନିୟର ଫ୍ରିଷ୍ଟାଇଲ ବ୍ୟକ୍ତିଗତ ପୁମ୍‌ସେରେ ୨ଟି ସ୍ୱର୍ଣ୍ଣ ଏବଂ ନ୍ୟୁ ପୁମ୍‌ସେ ବ୍ୟକ୍ତିଗତ ବର୍ଗରେ ରୌପ୍ୟ ସହ ସମୁଦାୟ ୩ଟି ପଦକ ହାସଲ କରିଛନ୍ତି। ପୂର୍ବରୁ ମଧ୍ୟ ସେ ଅନେକ ପଦକ ହାସଲକରି ଓଡ଼ିଶାରୁ ଟାଏକୋଣ୍ଡୋରେ ସର୍ବାଧିକ ପଦକ ବିଜେତା ହେବାର ଗୌରବ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ତେଜ ପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ମାନବ ସମ୍ବଳ ବିକାଶ କେନ୍ଦ୍ର ନିର୍ଦ୍ଦେଶିକା ପ୍ରଫେସର ଡ. ବିଜୟଲକ୍ଷ୍ମୀ ମହାନ୍ତି, ଏଫ୍‌ଇଟି ଡିନ୍ ପ୍ରଫେସର ରବିନାରାୟଣ ଶତପଥୀ, ଛାତ୍ର କଲ୍ୟାଣ ବିଭାଗ ଡିନ୍ ଜୟପ୍ରକାଶ ଭଞ୍ଜଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ପଦାଧିକାରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।


ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ୩ ପଦକ ପାଇଥିବା ରୁଦ୍ରଙ୍କ ସହ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଓଡ଼ିଶା ପର୍ଯ୍ୟଟନସ୍ଥଳୀ ବୁଲିଲେ ୨୭୦ଜଣ ସ୍ୱେଚ୍ଛାସେବୀ

### ଏନ୍‌ଏସ୍‌ଏସ୍ ପକ୍ଷରୁ ଓଡ଼ିଶା ଦର୍ଶନ ପରିଭ୍ରମଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୨(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ରାଜ୍ୟ ଜାତୀୟ ସେବା ଯୋଜନା ଶାଖା(ଏନ୍‌ଏସ୍‌ଏସ୍) ପକ୍ଷରୁ ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଛି। ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୨୭୦ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସାମିଲ ହୋଇ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ମନ୍ଦିର, ବେଳାଭୂମି, ଐତିହାସିକ ସ୍ଥାନ ବୁଲି ଦେଖିବା ସହିତ ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଆଦି ପରିଭ୍ରମଣ କରିବେ। ଏହି ଅବସରରେ ରେଡ଼କ୍ରସ ଭବନଠାରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା ଓ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ ଉପସ୍ଥିତ ରହିବ ପରିଭ୍ରମଣରେ ଯାଉଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମାଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ସମାଜସେବା କାର୍ଯ୍ୟରେ ସର୍ବଦା ନିଜର ଯୋଗଦାନ ଜାରି ରଖିବା ପାଇଁ ପ୍ରେରଣା ଦେଇଥିଲେ। ଏହାଦ୍ୱାରା ଆଗାମୀ ଦିନରେ ସ୍ୱେଚ୍ଛାସେବୀମାନେ ନିଜ କାର୍ଯ୍ୟକୁ ଆହୁରି ସୁଗମ ଏବଂ ସୂଚାରୁ ରୂପେ ସମ୍ପାଦନ କରିପାରିବେ ବୋଲି ଅଧିକାରୀମାନେ କହିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ ଅନ୍ୟମାନେ ।

## ୭ରୁ ୨୧ତମ ଧଉଳି-କଳିଙ୍ଗ ମହୋତ୍ସବ

- ଗୁରୁ ରାମହରି ଦାସଙ୍କୁ 'ବୃଦ୍ଧ ସମ୍ମାନ'
- ୪ ଗୁରୁ ପାଇବେ 'ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ'

ଭୁବନେଶ୍ୱର,୫।୨(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆର୍ଟ ଭିଜନ ସହଯୋଗରେ ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ୨୧ତମ ଧଉଳି-କଳିଙ୍ଗ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଓଡିଶୀ ସଂଗୀତଜ୍ଞ ଗୁରୁ ରାମହରି ଦାସଙ୍କୁ 'ବୃଦ୍ଧ ସମ୍ମାନ' ପ୍ରଦାନ କରାଯିବ। ପୁରସ୍କାର ରାଶି ବାବଦକୁ ତାଙ୍କୁ ୨ଲକ୍ଷ ଟଙ୍କା ସହ ମାନପତ୍ର ଓ ଅଙ୍ଗବସ୍ତ୍ର ଦିଆଯିବ। ସେହିପରି ଓଡିଶୀ ନୃତ୍ୟାଙ୍ଗନା ଗୁରୁ ଶର୍ମିଳା ବିଶ୍ୱାସ, ଗୁରୁ ଡ. ସଙ୍ଗୀତା ଗୋସାଇଁ, ଓଡିଶୀ କଣ୍ଠଶିଳ୍ପୀ, କାଳନ୍ଦୀ ଚରଣ ପରିଡା, ଓଡିଶୀ ମର୍ଦ୍ଦଳଗୁରୁ କ୍ଷୀରୋଦ ମୋହନ ପଟ୍ଟନାୟକଙ୍କୁ 'ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ' ପୁରସ୍କାର ସହ ପ୍ରତ୍ୟେକଙ୍କୁ ସମ୍ମାନ ସ୍ୱରୂପ ୧ ଲକ୍ଷ ଟଙ୍କା ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ଏନେଇ ଓଡିଶା ଡ୍ୟାନ୍ସ ଏକାଡେମୀ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡିଶା ଡ୍ୟାନ୍ସ ଏକାଡେମୀର ନୃତ୍ୟଗୁରୁ ଅରୁଣା ମହାନ୍ତି, ଆର୍ଟ ଭିଜନର ନୃତ୍ୟଗୁରୁ ଇଲିଆନା ଚିତାରିସ୍ତି ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା ପ୍ରମୁଖ ସୂଚନା ଦେଇଛନ୍ତି। ସାଂସ୍କୃତିକ ପର୍ଯ୍ୟଟନ ସ୍ଥଳିର ବିକାଶ, ଜାତୀୟ ଐତିହର ସୁରକ୍ଷା, ପର୍ଯ୍ୟାବରଣ ପର୍ଯ୍ୟଟନର ପ୍ରସାର କରି ଦେଶ ବିଦେଶରୁ ବହୁ ସଂଖ୍ୟକ ପର୍ଯ୍ୟଟକଙ୍କୁ ଓଡିଶାମୁଖୀ କରିବା ଲକ୍ଷ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାବେଳେ ଦେଶ ବିଦେଶରୁ ଖ୍ୟାତି ସମ୍ପନ୍ନ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବେ। ଦେଶର ଯୁବ ସମାଜ ବିଶେଷକରି ଛାତ୍ରୀଛାତ୍ରଙ୍କୁ ଭାରତୀୟ ସଂସ୍କୃତିର ମହାନ ଗୌରବୋଜ୍ୱଳ ଐତିହ ଓ ପରମ୍ପରା ବିଷୟରେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଉଦ୍ଦେଶ୍ୟ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଏହି ଉତ୍ସବରେ ଭାରତ ସରକାରଙ୍କର ସଂସ୍କୃତି ମନ୍ତ୍ରଣାଳୟ ଓ ପର୍ଯ୍ୟଟନ ମନ୍ତ୍ରଣାଳୟର ମଧ୍ୟ ସହାୟତା ଓ ସହଯୋଗ ରହିଛି।



ଧଉଳି-କଳିଙ୍ଗ ମହୋତ୍ସବ ଘୋଷଣା ଅବସରରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ରାମଚନ୍ଦ୍ରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

କୃଷ୍ଣପ୍ରସାଦ,୫।୨(କୈଳାଶ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଧୀନ ଗୋମୁଣ୍ଡିଆ ପଞ୍ଚାୟତର ଟୁବୁକା ଗୁରୁକୁଳ ଆଶ୍ରମ ପରିସରରେ ଶ୍ରୀରାମଚନ୍ଦ୍ରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ, ପୂଜାର୍ଚ୍ଚନା ଚାଲିଛି। ପଣ୍ଡିତ ଶରତ ଚନ୍ଦ୍ର ଦେବତାଙ୍କ ନେତୃତ୍ୱରେ ଯଜ୍ଞକାର୍ଯ୍ୟ ପରିଚାଳନା ନିମନ୍ତେ ବିଭିନ୍ନ ସ୍ଥାନରୁ ୧୦ ଜଣ ବ୍ରାହ୍ମଣ ସହଯୋଗ କରୁଛନ୍ତି। ଏହି ଅବସରରେ ୨୪ ପ୍ରହର ନାମଯଜ୍ଞ ଆୟୋଜନ ହୋଇଛି। ଆନନ୍ଦ ବଜାରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ବ୍ଲକର ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିଲିକା ନୂଆପଡ଼ା ପକ୍ଷରୁ ଫାର୍ମାସିଷ୍ଟ ଉମାକାନ୍ତ ଜେନାଙ୍କ ନେତୃତ୍ୱରେ ଅସ୍ଥାୟୀ ସ୍ୱାସ୍ଥ୍ୟସେବା ଶିବିର ଖୋଲାଯାଇଛି।

### କେ.ଟି. ଗ୍ଲୋବାଲ କ୍ଲବ୍ ବିଜୟୀ

#### ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ

ଖୋର୍ଦ୍ଧା,୫।୨(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ୍ ସହଯୋଗରେ କ୍ରିକେଟ ଆସୋସିଏଶନ୍ ଅଫ ଦି ଡିଷ୍ଟ୍ରିକ୍ଟ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳ ପଡ଼ିଆରେ ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଚାଲିଛି। ବୁଧବାର ଚତୁର୍ଦ୍ଦଶ ଦିବସ ଖେଳରେ ଜଟଣୀ କ୍ରିକେଟ ଏକାଡେମୀକୁ ୮ ଉଇକେଟରେ ହରାଇ କେ.ଟି. ଗ୍ଲୋବାଲ କ୍ରିକେଟ କ୍ଲବ୍ ବିଜୟୀ ହୋଇଛି। ଟସ୍ ଜିଣି ଜଟଣୀ ଦଳ ପ୍ରଥମେ ବ୍ୟାଟିଂ କରି ୨୧.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୦ ରନ କରିଥିଲା। ଦଳ ପକ୍ଷରୁ ଓମ୍ ସାହୁ ୨୦ ରନ୍ କରିଥିଲେ। କେ.ଟି. ଗ୍ଲୋବାଲ ତରଫରୁ ବର୍କତୁଲ୍ଲା ୫ ଉଇକେଟ ନେଇଥିଲେ। ଜବାବରେ କେ.ଟି. ଗ୍ଲୋବାଲ ଦଳ ୧୦.୩ ଓଭରରେ ୨ଟି ଉଇକେଟ୍ ହରାଇ ୧୦୧ ରନ୍ କରିଥିଲେ। ଦଳ ପକ୍ଷରୁ ଇଭାନ କଳାପାହାଡ଼ ୬୨ ରନ ଓ ସ୍ୱର୍ଣ୍ଣାଭ ଦାସ ଅପରାଜିତ ୩୦ ରନ ସଂଗ୍ରହ କରିଥିଲେ। ଖେଳକୁ ପ୍ରୀତିରଞ୍ଜନ ବିଜୟସିଂ ଏବଂ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ସେନାପତି ସ୍କୋରର ଦାୟିତ୍ୱରେ ଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରି ଏବଂ ସୁଧୀର ସାହୁ ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ। ଗୁରୁବାର ଅନ୍ତିମ ଲିଗ୍ ମ୍ୟାଚ୍ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ବନାମ ବ୍ଲୁ ବାର୍ଡ କ୍ଲବ୍ ଗୁରୁଜଙ୍ଗ ମଧ୍ୟରେ ହେବ ବୋଲି ଚଣ୍ଡୀପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

### କୁରାଡ଼ମଲ୍ଲ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

ଖୋର୍ଦ୍ଧା,୫।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଦଳେଇପୁଟ ସରକାରୀ ଉ.ପ୍ରା ବିଦ୍ୟାଳୟରେ କୁରାଡ଼ମଲ୍ଲ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ପ୍ରଧାନ ଶିକ୍ଷକ ଶିବପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବେ କୁରାଡ଼ମଲ୍ଲ ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ପୁଷ୍ପାଞ୍ଜଳି ଜଗଦ୍ଦେବ, ୱାର୍ଡମେମ୍ବର ବିଶ୍ୱଭୂଷଣ ସ୍ୱାଇଁ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବାନନ୍ଦ ଦାସ ଯୋଗଦେଇଥିଲେ। କୁରାଡ଼ମଲ୍ଲ କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ରାଜୀବ ଚରଣ ମହାପାତ୍ର ନିପୁଣ ଓଡ଼ିଶାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ମେଳାରେ ୧୩୦ରୁ ଊର୍ଦ୍ଧ୍ୱ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ପି.କେ. ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୱାଟରଶେଡ୍ ଯାତ୍ରା ଅଭିଯାନ ଉଦ୍‌ଘାଟିତ

ଖୋର୍ଦ୍ଧା,୫।୨(ପ୍ରଭାତ ପାଣିଗ୍ରାହୀ)



ୱାଟରଶେଡ୍ ଯାତ୍ରା ଅଭିଯାନରେ ମଞ୍ଚାସୀନ ଅତିଥି।

ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଜଳ ବିଭାଜିକା ଯାତ୍ରାର ରାଜ୍ୟସ୍ତରୀୟ ଉଦ୍‌ଘାଟନ କାର୍ଯ୍ୟକ୍ରମ ବୁଧବାର ଖୋର୍ଦ୍ଧା ଜିଲା ୱାଟରଶେଡ୍ ପ୍ରକଳ୍ପ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ ମଧ୍ୟପ୍ରଦେଶର ସିହୋର ଜିଲାରେ ଉଦ୍‌ଘାଟନ କରିଥିଲେ। ଏକ ସମୟରେ ଭାରତର ଏହି ଜାତୀୟସ୍ତରୀୟ ୱାଟରଶେଡ୍ ଯାତ୍ରା ଡିଜିଟାଲ ଫୋରମରେ ପ୍ରଦର୍ଶିତ ହୋଇଥିଲା। ଖୋର୍ଦ୍ଧାରେ ଆୟୋଜିତ ରାଜ୍ୟସ୍ତରୀୟ ୱାଟରଶେଡ୍ ଯାତ୍ରା କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ (ବୈଷୟିକ) ଶୁଭେନ୍ଦୁ କୁମାର ଦାଶ, ଯୁଗ୍ମନିର୍ଦ୍ଦେଶକ ଡ. ଦୟାନିଧି ବାଗ, ଖୋର୍ଦ୍ଧା ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ତଥା ମୃତ୍ତିକା ସଂରକ୍ଷଣ ବିଭାଗ ଉପନିର୍ଦ୍ଦେଶକ ଦିଗମ୍ବର ବିଶ୍ୱାଳ, ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ସେନାପତି, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ସ୍ମିତା ମହାନ୍ତି ଏବଂ ଜିଲା ମତ୍ସ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରସ୍ଥିତ ଭାରତୀୟ ଜଳ ପରିଚାଳନା ସଂସ୍ଥାର ବରିଷ୍ଠ ବୈଜ୍ଞାନିକ ଡ. ବି. କେ. ସେଠୀ ଏବଂ ଏସ୍.କେ. ରାଉତରାୟ ଯୋଗଦେଇ ଉପସ୍ଥିତ ଲୋକଙ୍କୁ 'ପାନି କା ପାଠଶାଳା' ବିଷୟରେ ଆଲୋଚନା କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ଡିଜିଟାଲ ଫୋରମ ମାଧ୍ୟମରେ ବେଗୁନିଆ ଓ ଟାଙ୍ଗୀ ବ୍ଲକର ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ ସହ ୩ ନୂତନ ପ୍ରକଳ୍ପର ଭୂମି ପୂଜନ କରାଯାଇଥିଲା। ଟାଙ୍ଗି ଓ ବେଗୁନିଆ ବ୍ଲକର ପ୍ରକଳ୍ପ ଅନ୍ତର୍ଗତ ଗ୍ରାମର ୧୯ଜଣ ମାର୍ଗଦର୍ଶକ ଓ ପଥ ପ୍ରଦର୍ଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଜଳ ଓ ଭୂମିର ସୁରକ୍ଷା ପାଇଁ ଶପଥ ପାଠ କରାଯାଇଥିଲା। ଅତିଥିମାନେ ୱାଟରଶେଡ୍ ସଚେତନତା ଯାତ୍ରାର ଶୁଭାରମ୍ଭ କରିଥିଲେ। ଜଳ ଓ ଭୂମିର ସୁରକ୍ଷା ସମ୍ପର୍କିତ ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ମୃତ୍ତିକା ସଂରକ୍ଷଣ ବିଭାଗ ଉପନିର୍ଦ୍ଦେଶିକା (ବେଗୁନିଆ) ଶ୍ରୁତି ନନ୍ଦ, ଉପନିର୍ଦ୍ଦେଶିକା (ଟାଙ୍ଗୀ) ଜି. ମାନସୀ ମହାପାତ୍ର, ସହକାରୀ କୃଷିଯନ୍ତ୍ରୀ ଡ. ପ୍ରେରଣା ପ୍ରିୟଦର୍ଶିନୀ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଦିଗମ୍ବର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## 'ବିକଶିତ ଗାଁ, ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଏପାଖ ସେପାଖ

# କାଠ ଚଉକି ହଟାଇଲେ ମୁଖ୍ୟମନ୍ତ୍ରୀ

**ଖୋର୍ଦ୍ଧା,୫।୨(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଜଙ୍କିଆ ମିନି ଷ୍ଟାଡିୟମରେ ବୁଧବାର 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ସମୟରେ ମଞ୍ଚରେ ତାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏକ କାଠ ଚଉକି ରଖାଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀ ଏହାକୁ ହଟାଇବାକୁ କହିଥିଲେ। ସେ ଅନ୍ୟ ଅତିଥିମାନଙ୍କ ଭଳି ସାଧାରଣ ଚଉକିରେ ବସିଥିଲେ।

## ହୁଳହୁଳି, ଜୟଶ୍ରୀରାମ ଧ୍ୱନିରେ କମ୍ପିଲା



ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ପ୍ରବେଶ ସମୟରେ ମହିଳାମାନେ ଏକ ସ୍ୱରରେ ହୁଳହୁଳି ପକାଇଥିଲେ। ସେହିପରି କିଛି ସମୟ ଧରି ଜୟ ଶ୍ରୀରାମ ଏବଂ ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା।

## ସଭାମଞ୍ଚ ନିକଟକୁ ଚାଲିଆସିଲେ ମହିଳା

କାର୍ଯ୍ୟକ୍ରମ ଚାଲିଥିଲା। ମୁଖ୍ୟମନ୍ତ୍ରୀଙ୍କ ସମେତ ପଞ୍ଚାୟତିରାଜ ମନ୍ତ୍ରୀ, ସଚିବ ଏବଂ ଅନ୍ୟ ଅତିଥି ମଞ୍ଚାସୀନ ଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଉଦ୍‌ବୋଧନ ଦେଉଥିଲେ। ଏହି ସମୟରେ ଜଣେ ମହିଳା ସଭାମଞ୍ଚ ନିକଟକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେବାକୁ ଉଦ୍ୟମ କରିଥିଲେ। ତୁରନ୍ତ ସୁରକ୍ଷା କର୍ମୀମାନେ ତାଙ୍କୁ ଅଟକାଇଥିଲେ। ମହିଳା ଜଣକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କିଛି କହୁଥିବା ଦେଖିବାକୁ ମିଳିଥିଲା। ଜିଲାପାଳ ଚଞ୍ଚଳ ରାଣା ଏବଂ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମଞ୍ଚରୁ ଓହ୍ଲାଇ ସଂପୃକ୍ତା ମହିଳାଙ୍କ କଥା ଶୁଣିବା ସହ ତାଙ୍କ ଠାରୁ ଅଭିଯୋଗପତ୍ର ଗ୍ରହଣ କରିଥିଲେ।

## ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ

ଏଠାରେ ଅନ୍ୟତମ ଆକର୍ଷଣ ଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଓଡ଼ିଆ ଅସ୍ମିତା, ମହାପ୍ରଭୁଙ୍କ ଭଜନ, ଓଡ଼ିଆ ପୁଅ ଭାରି ସ୍ୱାଭିମାନୀ ପ୍ରଭୃତି ସଙ୍ଗୀତ ଗାନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। କଳାକାରମାନେ ଚିତ୍ତାକର୍ଷକ ସାମରିକ କଳା ଓ ପାଇକ ଆଖଡ଼ା ପ୍ରଦର୍ଶନ କରିଥିଲେ।


କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ


ମହୋତ୍ସବରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ନୀଳାମ୍ବୁ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଟାଙ୍ଗୀ(ଖୋର୍ଦ୍ଧା),୫।୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଟାଙ୍ଗୀ ବାଇପାସ୍ ନିକଟସ୍ଥ ରାଧାକ୍ରିଷ୍ଣ ଭିଲ୍ଲା ପରିସରରେ ତୃତୀୟ ବାର୍ଷିକ ନୀଳାମ୍ବୁ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ଦର୍ଶକ ବିଭିନ୍ନ ଲୋକକଳାରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାବବିହ୍ୱଳ ହୋଇ ଝୁମିଥିଲେ। ଚାନ୍ଦପୁରର ଦେବ ନୃତ୍ୟମ୍‌ର ଓଡ଼ିଶୀ ମଙ୍ଗଳାଚରଣ, ନାଦବ୍ରହ୍ମ ସଙ୍ଗୀତ ପରିଷଦର ଓଡ଼ିଶୀ, କଳିଙ୍ଗ ଭାରତୀ ବିଦ୍ୟାନିକେତନର ସେମି କ୍ଲାସିକାଲ, କ୍ରିଏଶନ ନୃତ୍ୟକଳା ଏକାଡେମୀ ଗ୍ରୁପ୍ ଡ୍ୟାନ୍ସ, ଏଜିମିଶନ ସ୍କୁଲର ସମ୍ବଲପୁରୀ ଡ୍ୟାନ୍ସ, ମାଉଣ୍ଟ ଲିଟେରା ଜି ସ୍କୁଲ ପକ୍ଷରୁ ଭଜନ, କିଡ୍ସ ଡ୍ୟାନ୍ସ ଗ୍ରୁପ ଟାଙ୍ଗୀ ସମେତ ରାଜ୍ୟର ବିଭିନ୍ନ ସାଂସ୍କୃତିକ ଦଳ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ପାଣ୍ଡବ ବେହେରା, ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ ଶତପଥୀ, ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ପ୍ରଧାନଶିକ୍ଷକ ବିଶ୍ୱଜିତ୍ ପଲାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଂଘ ଉପଦେଷ୍ଟା ପ୍ରଦୋଷ ଦାସ ଅତିଥି ପରିଚୟ, ସମ୍ପାଦକ ମନୋଜ ପଟ୍ଟନାୟକ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ

ବେଗୁନିଆ,୫।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଧୀନ ଡାଳତୋଳା କ୍ଲଷ୍ଟରର ନିପୁଣ ଓଡ଼ିଶା ମେଳା ଡାଳତୋଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଗଣେଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆୟୋଜିତ ମେଳାରେ ୧୭ଟି ବିଦ୍ୟାଳୟର ୧୨୦ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଣତି ସାହୁ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଶୋଭାବତୀ ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ସିଆର୍‌ସିସି, ୱାର୍ଡ ସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। ରତିକାନ୍ତ କହଲ ସିଂ ଏଥିରେ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସାକ୍ଷରତା, ସଂଖ୍ୟା ଜ୍ଞାନ ସୃଜନାତ୍ମକ ଟିଏଲ୍‌ଏମ୍ ସହ ଗଣିତକୁ କିପରି ଛାତ୍ରୀଛାତ୍ର ସହଜରେ ଗ୍ରହଣ କରିପାରିବେ, ତାହା ପ୍ରଦର୍ଶିତ ହୋଇଥିଲା।

ସେହିପରି ସିମୋର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ରଞ୍ଜନ କୁମାର ସିଂଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷୟିତ୍ରୀ ବାଗ୍ମୀ ଦାସଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ନାୟକ, କୈଳାସ ଚନ୍ଦ୍ର ସେଠୀ, ପ୍ରଧାନ ଶିକ୍ଷକ ହରେକୃଷ୍ଣ ସାଥୁଆ, ଗଣେଶ୍ୱର ମିଶ୍ର ଓ ରମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

କଣ୍ଟାବାଡ କ୍ଲଷ୍ଟରର ବଡ଼ବେରଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆର୍‌ସିସି ହେମନ୍ତ ସାହୁଙ୍କ ନେତୃତ୍ୱ ଓ ଶିକ୍ଷକ ଯୁଧିଷ୍ଠିର ହୋତାଙ୍କ ସଂଯୋଜନାରେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅସିତ କୁମାର ତ୍ରିପାଠୀ, ସମିତି ସଭ୍ୟ ମାମା ନାୟକ, ପ୍ରଧାନ ଶିକ୍ଷକ ବିଜୟ ମହାପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଶତପଥି ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ପୁଲକ ସାହୁ ଧନ୍ୟବାଦ ଦେଇଥିଲେ।

# 'ମନ୍ଦିରର କଳା ସ୍ଥାପତ୍ୟ ଓଡ଼ିଆ ଅସ୍ମିତାର ପରିଚୟ'



ପାଠଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଖୋର୍ଦ୍ଧା,୫।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ 'ମନ୍ଦିର କଳା ସ୍ଥାପତ୍ୟ ଓଡ଼ିଆ ଅସ୍ମିତାର ପରିଚୟ' ଶୀର୍ଷକ ପାଠ୍ୟଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପାଠ୍ୟଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ଯୋଗଦେଇ ପ୍ରାଚୀନ ଭାରତର ଇତିହାସ, ସଂସ୍କୃତି, ପରମ୍ପରା, ପ୍ରତ୍ନତତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଅତିଥି ଭାବେ ରାଉରକେଲା ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ପ୍ରଭାତ କୁମାର ମଲ୍ଲିକ ଯୋଗଦେଇ କହିଲେ ଓଡ଼ିଶାର ମନ୍ଦିର କାରୁକାର୍ଯ୍ୟ, ସ୍ଥାପତ୍ୟ, ମନ୍ଦିର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ସ୍ଥାପତ୍ୟ କଳା ବିଶ୍ୱରେ ଅନନ୍ୟ। ଆଗାମୀ ଯୁବପିଢି ପାଇଁ ଏହାର ସଂରକ୍ଷଣ ଜରୁରୀ। ଏହାକୁ ସୁରକ୍ଷିତ ରଖିବା ଆଜିର ଯୁବସମାଜର ଉତରଦାୟିତ୍ୱ ବୋଲି ସେ କହିଥିଲେ। ବିଭାଗୀୟ ମୁଖ୍ୟ କବିତା ସ୍ୱାଇଁ ଅତିଥି ପରିଚୟ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ରମାକାନ୍ତ ପ୍ରଧାନ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସୁଶ୍ରୀ କଳ୍ପନା ରଣା ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ସେମିଫାଇନାଲରେ ଗୋଲ୍ଡେନ କ୍ଲବ

## ଫୁଟ୍‌ବଲ ଟୁର୍ନାମେଣ୍ଟ

ବାଘମାରି,୫।୨(ମିହିର ରଞ୍ଜନ ମହାପାତ୍ର)

ସିମୋର ପଞ୍ଚାୟତ କଣ୍ଟାମଳିମ ଖେଳପଡ଼ିଆରେ ଜୟ ଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୩୦ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ବୁଧବାର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ସ୍ପୋର୍ଟିଂ ଟାଙ୍ଗୀକୁ ହରାଇ ୨-୦ ଗୋଲରେ ଗୋଲ୍ଡେନ କ୍ଲବ ଅରୁଗୁଳ ଚତୁର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ଶିକ୍ଷାବିତ୍ ଯୋଗୀନାଥ ସାହୁ, ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ନୀଳମଣି ମାଝୀ, ଜଗାବଳିଆ ଫେବ୍ରିକେଶନର ପ୍ରୋପ୍ରାଇଟର ବଳଭଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ଥିବାବେଳେ ଗୋଲ୍ଡେନ କ୍ଲବ ପ୍ରଥମେ ଗୋଟିଏ ଗୋଲ କରିବାରେ ସକ୍ଷମ ହୋଇଥିଲା। ବିରତି ସୁଦ୍ଧା ରଘୁନାଥ ସ୍ପୋର୍ଟିଂ ଗୋଲ ପରିଶୋଧ କରିପାରି ନ ଥିଲା। ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ୨ ଦଳ ମଧ୍ୟରେ ଆକ୍ରମଣ ଏବଂ ପ୍ରତିଆକ୍ରମଣ ଜାରି ରହିଥିଲା। ଅନ୍ତିମ ସମୟରେ ଗୋଲ୍ଡେନ କ୍ଲବ ପୁନଶ୍ଚ ଏକ ଗୋଲ କରିବାରେ ସକ୍ଷମ ହୋଇଥିଲା। ମ୍ୟାଚ ଶେଷ ସୁଦ୍ଧା ରଘୁନାଥ ସ୍ପୋର୍ଟିଂ ଗୋଲ ଦେଇପାରି ନ ଥିଲା। ଫଳରେ ଗୋଲ୍ଡେନ କ୍ଲବ ବିଜୟୀ ହୋଇଥିଲା। ରେଫରୀ ଭାବେ ଗିରିଶ ଚନ୍ଦ୍ର ଯାନୀ, ପ୍ରଫୁଲ୍ଲ କୁମାର ବେହେରା, ସାଗିର ଅହମ୍ମଦ, ଚତୁର୍ଥ ରେଫରୀ ଭାବେ ଶାହରୁଖ ଖାଁ, ମ୍ୟାଚ କମିଶନର ଭାବେ ପ୍ରାକ୍ତନ ରାଜ୍ୟସ୍ତରୀୟ ଫୁଟ୍‌ବଲ ଖେଳାଳି ଦୟାନ ଖାଁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅଜୟ ମାର୍ଥା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣ ପରିପ୍ରକାଶ କରେ ସାଂସ୍କୃତିକ କାର୍ଯ୍ୟକ୍ରମ

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲୋକିପୁରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବେଗୁନିଆ,୫।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଧୀନ ଲୋକିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ଲକ୍ଷ୍ମିପ୍ରିୟା ସାମନ୍ତରାୟ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋବିନ୍ଦପୁର(ପରିଛଳ)ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଜିତେନ୍ଦ୍ର ଖଟେଇ, ସମ୍ମାନିତ ଅତିଥି ଭାବେ ଲୋକିପୁର କ୍ଲଷ୍ଟର ସିଆର୍‌ସିସି ସଞ୍ଜୟ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାଶରଥି ପ୍ରଧାନ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ରୀଡ଼ା, ଚିତ୍ରାଙ୍କନ, ବକ୍ତୃତା ଓ ସୃଜନାତ୍ମକ ଲିଖନରେ କୃତିତ୍ୱ ଅର୍ଜନ କରିଥିବା ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ କିପରି ହୋଇପାରିବ ତାହା ଅତିଥିମାନେ କହିଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରଶାନ୍ତ ନାୟକ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ସାମନ୍ତସିଂହାର ଓ ସହକାରୀଶିକ୍ଷକ ଗୋପୀନାଥ ସ୍ୱାଇଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷକ ସୁରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।


ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ଶୃଙ୍ଖଳିତ ଆଚରଣ ଉତ୍ତମ ବିଦ୍ୟାର୍ଥୀଙ୍କ ପରିଚୟ

ବୋଲଗଡ଼,୫।୨(ଦେବବ୍ରତ ହୋତା)


ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି।

ବୋଲଗଡ଼ ଶିକ୍ଷା ବ୍ଲକ ଅଧୀନ ମାଣିକାଗୋଡ଼ାସ୍ଥିତ ଗଦାଧର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମ ପର୍ଯ୍ୟାୟ ମଞ୍ଚ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସତ୍ୟଭାମା ଦେଈ, ମୁଖ୍ୟବକ୍ତା ଭାବେ ପଞ୍ଚସଖା ଶିକ୍ଷା ସେତୁ ସଭାପତି ମହମ୍ମଦ ଆଜାଦ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯୋଗୀନାଥ ନାୟକ ଓ ରଘୁନାଥ ସାହୁ, ସମିତିସଭ୍ୟା ମନସ୍ୱିତା ଦଳାଇ ପ୍ରମୁଖ ମଞ୍ଚାସୀନ ଥିଲେ। ଦ୍ୱିତୀୟ ପର୍ଯ୍ୟାୟ ମଞ୍ଚ କାର୍ଯ୍ୟକ୍ରମରେ ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବୋଲଗଡ଼ ବ୍ଲକ ଅଧ୍ୟକ୍ଷ ହୁଲ୍ଲାସ ପ୍ରଧାନ, ମୁଖ୍ୟବକ୍ତା ଭାବେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିପିନ ପଟ୍ଟନାୟକ ଯୋଗଦେଇ ଶୃଙ୍ଖଳିତ ଆଚରଣ ଉତ୍ତମ ବିଦ୍ୟାର୍ଥୀଙ୍କ ପରିଚୟ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ପ୍ରାକ୍ତନ ଶିକ୍ଷକ ଗୋବିନ୍ଦଚନ୍ଦ୍ର ସାହୁ, ସାମାଜିକ କର୍ମୀ ତ୍ରିନାଥ ସ୍ୱାଇଁ ଓ ଶରତ କୁମାର ଦଳାଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବ ଆୟୋଜିତ କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରଣତି ଚୌଧୁରୀ ଓ ସୁରେଶ କୁମାର ଦଳାଇଙ୍କ ମଞ୍ଚ ପରିଚାଳନା ଓ ଶିକ୍ଷୟିତ୍ରୀ ଝରଣା ରାଣୀ ବାରିକଙ୍କ ସଂଯୋଜନାରେ ବିଦ୍ୟାର୍ଥୀମାନେ ନୃତ୍ୟ, ଗୀତ ପରିବେଷଣ କରିଥିଲେ। ଶିକ୍ଷକ ଜୟକୃଷ୍ଣ ରାଉତରାୟ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସାମନ୍ତ ମାଝୀ, ପୁରାତନ ଛାତ୍ର ଶିକ୍ଷାବିତ୍ ଇଂ.କର୍ପୂର ସାହୁ ଓ ଅନ୍ୟମାନେ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୨ୟ ଚାରିଦେଶ ପଲ୍ଲୀ ମହୋତ୍ସବ ଉଦ୍‌ଯାପିତ

ଖୁଣ୍ଟୁଣୀ,୫।୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅଧୀନ କଣ୍ଡରେଇ ହାଇସ୍କୁଲ ପଡ଼ିଆରେ ୨ ତାରିଖରୁ ଚାଲିଥିବା ଦ୍ୱିତୀୟ ବାର୍ଷିକ ଚାରିଦେଶ ପଲ୍ଲୀ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ଏନ୍ଏସି ଚେୟାରମ୍ୟାନ୍ ସସ୍ମିତା ରାଉତ, ସମ୍ମାନିତ ଅତିଥି ଭାବେ ଭାଇସ୍ ଚେୟାରମ୍ୟାନ୍ ଭି. ଶିବଶଙ୍କର ଜ୍ୟୋତି, କଣ୍ଡରେଇ ପଞ୍ଚାୟତ ବିଜେଡି ସଭାପତି ହୃଷୀକେଶ ପରିଡ଼ା, ଚାରିଦେଶ ବିକାଶ ମଞ୍ଚ ଉପଦେଷ୍ଟା ବରୁଣକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଚାରିଦେଶ ବିକାଶ ମଞ୍ଚ ସମ୍ପାଦକ ଅରୂପ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଓ ସଭାପତି ଅନିଲ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୪ଟି ଗ୍ରାମର ସଂକୀର୍ତ୍ତନମଣ୍ଡଳୀ କର୍ମକର୍ତ୍ତା ଓ ୪ କ୍ରିକେଟ ଟିମ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ ବିଦ୍ୟାଳୟର କୃତୀ ମେଧାବୀ ଛାତ୍ରୀଛାତ୍ର, କ୍ରୀଡ଼ାକ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ, ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଆକର୍ଷଣୀୟ ପ୍ରବନ୍ଧ ପାଠ ପାଇଁ ଛାତ୍ରୀ ଋତୁପର୍ଣ୍ଣା ମିଶ୍ର ଏବଂ ମା' ପରି କିଏ ହେବ କବିତା ପାଇଁ ବିକାଶ ମଞ୍ଚ ସମ୍ପାଦକ ଅରୂପ ମହାନ୍ତିଙ୍କ କଣ୍ଠସ୍ୱର ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ତାଳେ ତାଳେ ଦର୍ଶକ ଝୁମିଥିଲେ।

# ଜମି ଦେବା ନାଁରେ ୨୦.୫ ଲକ୍ଷ ଠକେଇ

## ଜେଲ୍ ଗଲେ ଅଭିଯୁକ୍ତ ମନୋଜ

କଟକ,୫।୨(କାର୍ତ୍ତିକ ସାହୁ)

ଜମି ଦେବା ନାଁରେ ଜଣେ ମହିଳାଙ୍କଠାରୁ ୨୦.୫ ଲକ୍ଷ ଟଙ୍କା ଠକେଇ ହୋଇଛି। ଏହି ଘଟଣାରେ ଲାଲବାଗ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି ଜେଲ ପଠାଇଛି। ସେ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ରାଜାବଗିଚା ହନୁମାନ ମନ୍ଦିର ଗଡ଼ା ନିକଟରେ ରହୁଥିବା ମନୋଜ କୁମାର ନାୟକ।

ସୂଚନାନୁସାରେ, ଢେଙ୍କାନାଳ ଅଞ୍ଚଳର ରଞ୍ଜିତା ତ୍ରିପାଠୀ ସପରିବାର ଲାଲବାଗ ଥାନା ଅଞ୍ଚଳରେ ରହୁଛନ୍ତି। ଗତବର୍ଷ ସେ କିଣିବା ପାଇଁ ଜମି ଖୋଜୁଥିବାବେଳେ ମନୋଜଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା। ଉଭୟଙ୍କ ମଧ୍ୟରେ କଥାବାର୍ତ୍ତାବେଳେ ଭୁବନେଶ୍ୱର ଚନ୍ଦନ ଥାନା ଅଞ୍ଚଳରେ ଏକ ମୂଲ୍ୟବାନ୍ ଜମି କମ୍ ଦରରେ ବିକ୍ରି ହେବ ବୋଲି ମନୋଜ କହିଥିଲେ। ୨୦୦୦ ସ୍କୋୟାର ଫୁଟର ଜମି ମାତ୍ର ୨୦ ଲକ୍ଷ ଟଙ୍କାରେ ବିକ୍ରି ହେବ। ଜମି ମାଲିକଙ୍କର କୌଣସି ପ୍ରକାର ସମସ୍ୟା ଥିବାରୁ ସେ ବାଧ୍ୟ ହୋଇ ଉକ୍ତ ଜମିକୁ ବିକ୍ରି କରିଦେବାକୁ ଚାହୁଁଛନ୍ତି ବୋଲି ମନୋଜ କହିଥିଲେ। ଏଥିରେ ବିଶ୍ୱାସ କରି ଜମି ଦେଖିବା ପାଇଁ ରଞ୍ଜିତା କହିଥିଲେ। ମନୋଜ ତାଙ୍କୁ ନେଇ ଚନ୍ଦକା ଅଞ୍ଚଳରେ ଏକ ଜମି ଦେଖାଇଥିଲେ। ଏହାପରେ ମନୋଜ ତାଙ୍କୁ ଜମି ମାଲିକ ଭାବେ ଜଣେ ବ୍ୟକ୍ତିଙ୍କ ସହିତ ଭେଟ କରାଇଥିଲେ। ଜମି ରେଜିଷ୍ଟ୍ରି କଥା ଆଲୋଚନା ହେବା ସହିତ ମୂଲ୍ୟ ମଧ୍ୟ ଧାର୍ଯ୍ୟ ହୋଇଥିଲା। ଏହାପରେ ରଞ୍ଜିତା ପର୍ଯ୍ୟାୟକ୍ରମେ ଟଙ୍କା ଦେଇଚାଲିଥିଲେ। ଗତ ସେପ୍ଟେମ୍ବର ସୁଦ୍ଧା ସେ ୨୦.୫ ଲକ୍ଷ ଟଙ୍କା ଦେଇଥିଲେ। ମାତ୍ର କିଛିଦିନ ପରେ ମନୋଜ କହିଥିଲେ, ରେଜିଷ୍ଟ୍ରି ପାଇଁ ଜମି ମାଲିକ ରାଜି ହେଉନାହାନ୍ତି। କାରଣ ଜମିର ମୂଲ୍ୟ ଆହୁରି ବଢ଼ିଯାଇଛି। ତେଣୁ ନୂଆ ମୂଲ୍ୟ ଅନୁସାରେ ଟଙ୍କା ଦେବା ପରେ ହିଁ ରେଜିଷ୍ଟ୍ରି କରାଯିବ। ଏଭଳି କଥା ଶୁଣିବା ପରେ ରଞ୍ଜିତା ଅସମର୍ଥ ହୋଇ ଦେଇଥିବା ଟଙ୍କା ଫେରସ୍ତ ମାଗିଥିଲେ। ହେଲେ ମନୋଜ ଆଜିକାଲି କହି ଦିନ ଗଡ଼ାଇ ଚାଲିଥିଲେ। ଫଳରେ ଅନ୍ୟ ଉପାୟ ନ ପାଇ ରଞ୍ଜିତା ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ହେଲେ ଅଭିଯୁକ୍ତ ମନୋଜ କଟକ ଛାଡ଼ି କେଉଁଆଡ଼େ ପଳାଇ ଯାଇଥିଲେ। ଦୁଇଦିନ ତଳେ ସେ କଟକ ଫେରିଥିବା ଜଣାପଡିବା ପରେ ପୋଲିସ ତାଙ୍କ ସ୍ଥାୟୀ ବାସସ୍ଥାନରେ ଚଢ଼ଉ କରି ତାଙ୍କୁ ଗିରଫ କରିଥିଲା। ମନୋଜ ଜଣେ ଜମି ଦଲାଲ ହୋଇଥିବାବେଳେ ସେ ପୂର୍ବରୁ ଅନେକ ଲୋକଙ୍କୁ ଠକିଥିବା ନେଇ ତଦନ୍ତରୁ ଜଣାପଡ଼ିଥିବା ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।



ଜନବିରୋଧୀ କେନ୍ଦ୍ର ବଜେଟ୍ ବିରୁଦ୍ଧରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ କର୍ମଚାରୀ ଫେଡେରେଶନ ସମୂହ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍ ସଭାଗୃହରେ ଅର୍ଥନୀତି ବିଭାଗ ପକ୍ଷରୁ ବୁଧବାର ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

## ବର୍ଦ୍ଧିତ ଭତ୍ତା ବଣ୍ଟନବେଳେ ଅର୍ଥ ଆଦାୟ ଅଭିଯୋଗ

କଟକ ସଦର,୫।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କୂଳସରିଚୁଆଁ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଦିବ୍ୟାଙ୍ଗ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ହିତାଧିକାରୀଙ୍କୁ ବର୍ଦ୍ଧିତହାରରେ ଭତ୍ତା ବଣ୍ଟନ କରାଯାଇଥିଲା। ଭତ୍ତା ଟଙ୍କା ନେଇ ହିତାଧିକାରୀମାନେ ଘରକୁ ଫେରୁଥିବାବେଳେ କେତେଜଣ କୁଜିନେତା ବାଟରେ ଜଣଙ୍କ ପିଛା ୧୦୦୦ ଟଙ୍କା ଆଦାୟ କରିଥିବା ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ବରାଳ ଗ୍ରାମର ୮ ଜଣ ହିତାଧିକାରୀଙ୍କଠାରୁ ଏହି ଅର୍ଥ ଆଦାୟ କରାଯାଇଛି। ଅଭିଯୋଗ ସମ୍ପର୍କରେ ସରପଞ୍ଚ ବନମାଳୀ ବିହାରୀଙ୍କୁ ପଚାରିବାରୁ ଟଙ୍କା ବାଣ୍ଟିବା ପରେ କ'ଣ ଘଟିଛି ସେ ଜାଣିନାହାନ୍ତି ବୋଲି କହିଛନ୍ତି। ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି, ଏହି ଖବର ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ଜାଣିବା ପରେ ନିଆଯାଇଥିବା ଟଙ୍କା ସମ୍ପୃକ୍ତ ହିତାଧିକାରୀଙ୍କୁ ଫେରାଇ ଦିଆଯିବା ସହ ଆଉ କାହାକୁ କିଛି ନ କହିବା ପାଇଁ କୁଜି ନେତାମାନେ ପ୍ରବର୍ତ୍ତାଇଥିବା ଜଣାପଡ଼ିଛି।

## ୩ ଲୁହା ବୋଝେଇ ଗାଡ଼ି ଜବତ

ସାଲେପୁର,୫।୨(ଅରବିନ୍ଦ ଭୂୟାଁ)

ବେଆଇନ ଭାବେ କଟକ-ସାଲେପୁର ରାସ୍ତାରେ ଚଳାଚଳ କରୁଥିବା ୩ ଲୁହା ବୋଝେଇ ଗାଡ଼ିକୁ ସାଲେପୁର ପୋଲିସ ଜବତ କରିଛି। ଏନେଇ ୩ ଗାଡ଼ି ଚାଳକଙ୍କୁ ଅଟକ ରଖାଯାଇଛି। ଏହି ରାସ୍ତାରେ ଦୁର୍ଘଟଣା ବୃଦ୍ଧି ପାଇବା ସାଙ୍ଗକୁ ଟ୍ରାଫିକ୍ ସମସ୍ୟା ଉପୁଜିଥିବାରୁ ଜିଲାପାଳ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଇଥିଲେ। ହେଲେ କେତେଜଣ ଅମାନିଆ ଡ୍ରାଇଭର ଟୋଲ୍‌ଗେଟ୍‌ରେ ଟ୍ୟାକ୍ସ ଫାଙ୍କିବା ଉଦ୍ଦେଶ୍ୟରେ ଏହି ରାସ୍ତାରେ ଗାଡ଼ି ଚଲାଉଥିଲେ। ମଧ୍ୟାହ୍ନରେ ୩ ଲୁହା ବୋଝେଇ ଗାଡ଼ି ଉକ୍ତ ରାସ୍ତାରେ ଗଲାବେଳେ ସାଲେପୁର ଆଇଆଇସି ମନୋଜ କୁମାର ସ୍ୱାଇଁ କଟକ-ସାଲେପୁର ରାସ୍ତାର ମାଛୁଆଟି ନିକଟରେ ଜବତ କରିଥିଲେ।

# 'ବିଶ୍ୱ ସାହିତ୍ୟ ପଢ଼ିଲେ ଜ୍ଞାନର ବିକାଶ ହେବ'


ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

କଣ୍ଟାପଡ଼ା, ୫।୨(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଅଡ଼ଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୩୭ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ବୋର୍ଡ ସଭାପତି ଅଗସ୍ତି କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ. ଦେବଦାସ ଛୋଟରାୟ ଯୋଗଦେଇ କହିଛନ୍ତି, ନିଜ ଦେଶର ସାହିତ୍ୟ ସମେତ ବିଶ୍ୱ ସାହିତ୍ୟ ପଢ଼ିଲେ ଜ୍ଞାନର ଯଥେଷ୍ଟ ବିକାଶ ହେବ। ଏଥିରେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଲେଫ୍ଟନାଣ୍ଟ ଚିରଶ୍ରୀ ଇନ୍ଦ୍ରସିଂ ଯୋଗଦେଇଥିଲେ। ଜାତୀୟ ବିଜ୍ଞାନ ଓ ଗବେଷଣା ଅନୁଷ୍ଠାନର କୁଳସଚିବ ଡ. ଅଭୟ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାବିଦ୍ୟାଳୟର ପରିବେଶ ଓ ଛାତ୍ରୀଛାତ୍ରଙ୍କ ଶୃଙ୍ଖଳିତ ଆଚରଣକୁ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ହିରଣ୍ମୟୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।

# 'ଖେଳ ବନ୍ଧୁତ୍ୱପୂର୍ଣ୍ଣ ଭାବନା ସୃଷ୍ଟି କରେ'

କଟକ,୫।୨(କାର୍ତ୍ତିକ ସାହୁ)

କଟକ ଓଏମ୍‌ପିସ୍ଥିତ ଓଏସ୍ଏପି ଷଷ୍ଠ ବାଟାଲିୟନ ପରିସରରେ ତିନିଦିନିଆ ତୃତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍-୨୦୨୫ ବୁଧବାର ଉଦ୍‌ଘାଟିତ ହୋଇଛି। ଡିଆଇଜି (କେନ୍ଦ୍ରାଞ୍ଚଳ) ଚରଣ ସିଂ ମୀନା ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଖେଳ ପରସ୍ପର ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭାବନା ସୃଷ୍ଟି କରିଥାଏ। ଏଭଳି ଚାମ୍ପିୟନଶିପ୍ ପୋଲିସ ଅଧିକାରୀ/କର୍ମଚାରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି, ଅନୁଶାସନ ତଥା କର୍ତ୍ତବ୍ୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ବଢ଼ାଇଥାଏ। ରାଜ୍ୟ, ଜିଲା, ରେଞ୍ଜସ୍ତରର ଖେଳାଳିମାନେ ଏହି ଟୁର୍ନାମେଣ୍ଟରେ ସାମିଲ ହୋଇଥିବାରୁ ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ସୃଷ୍ଟିହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଚାମ୍ପିୟନଶିପ୍ ଆୟୋଜନ ଓ ପରିଚାଳନା ନିମନ୍ତେ ସେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏବଂ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଳ ଗଙ୍ଗୱାରଙ୍କୁ ଧନ୍ୟବାଦ ଜଣାଇଥିଲେ। ସୂଚନାନୁସାରେ, ଏହି ଚାମ୍ପିୟନଶିପ୍‌ରେ ରାଜ୍ୟର ବିଭିନ୍ନ ରେଞ୍ଜ୍ ଏବଂ ବାଟାଲିୟନରୁ ୧୭ଟି ପୋଲିସ ଟିମ୍ ଅଂଶଗ୍ରହଣ କରିଥିବାବେଳେ ସମୁଦାୟ ୧୨୫ ଖେଳାଳି ସାମିଲ ହୋଇଛନ୍ତି। କଟକ ଇନ୍‌ଡୋର ଷ୍ଟାଡିୟମରେ ଏହି ଚାମ୍ପିୟନଶିପ୍‌ର ସମସ୍ତ ମ୍ୟାଚ୍ ଅନୁଷ୍ଠିତ ହେଉଛି। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଏହି ଖେଳ ଚାଲିବ। ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ଡେପୁଟି କମାଣ୍ଡାଣ୍ଟ ଅନିଲ କୁମାର ପ୍ରଧାନ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନ୍ଧାତା ସାଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।


ତୃତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ସମାରୋହରେ ପ୍ରତିଯୋଗୀ ମାର୍ଚ୍ଚପାଷ୍ଟ କରୁଛନ୍ତି।


ଭାରତ-ଇଂଲଣ୍ଡ ଦିନିକିଆ କ୍ରିକେଟ୍ ମ୍ୟାଚ୍ ପାଇଁ ବୁଧବାର କଟକ ବାରବାଟୀ ଷ୍ଟାଡିୟମ ଟିକେଟ୍ କାଉଣ୍ଟରରୁ ଟିକେଟ୍ କିଣିବା ପାଇଁ ଅପେକ୍ଷା କରିଥିବା ଦର୍ଶକ।



ଟିକେଟ୍ କିଣିବାବେଳେ କାଉଣ୍ଟର ନିକଟରେ ପରିସ୍ଥିତି ଅଣାୟତ୍ତ।


କାଉଣ୍ଟରରୁ ଟିକେଟ୍ କିଣିବା ପାଇଁ ଆସିଥିବା ଜଣେ ଯୁବତୀ ଅସୁସ୍ଥ ହୋଇପଡ଼ିଛନ୍ତି।


ଟିକେଟ୍ କିଣିବା ପାଇଁ ବ୍ୟାରିକେଡ୍ ମଧ୍ୟରେ ଛିଡ଼ା ହୋଇଥିବା ଜଣେ ଦର୍ଶକଙ୍କୁ ପୋଲିସ ପାଣି ପିଆଉଛି।



ଟିକେଟ୍ କିଣିବା ପାଇଁ ଖରାରେ ଅପେକ୍ଷା କରିଥିବା ଦର୍ଶକଙ୍କ ଉପରେ ଅଗ୍ନିଶମ ବିଭାଗ ପକ୍ଷରୁ ପାଣି ସିଞ୍ଚନ କରାଯାଉଛି।

# ବାରଙ୍ଗରେ ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ

**ତ୍ରିଶୂଳିଆ,୫।୨(ତୁଷାରକାନ୍ତ ବେହେରା)**

ବାରଙ୍ଗରେ ଟାଟା ପାୱାର କର୍ମଚାରୀଙ୍କୁ ବୁଧବାର ଆକ୍ରମଣ ହୋଇଛି। କର୍ମଚାରୀମାନେ ଜଣେ ଗ୍ରାହକଙ୍କ ଘରେ ବିଦ୍ୟୁତ୍ ସଂଯୋଗକରି ଫେରୁଥିବାବେଳେ କେତେଜଣ ଯୁବକ ଆକ୍ରମଣ କରିଥିଲେ। ଏଥିରେ କର୍ମଚାରୀଦ୍ୱୟ ରାଜେଶ ଦଳାଇ ଓ ପ୍ରଭୁତି ରାଉତ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବାରଙ୍ଗ ଥାନା ଅଧୀନ ରାମଦାସପୁର ପଞ୍ଚାୟତର ବାରସିଂଘା ଗ୍ରାମରେ ଜଣଙ୍କର ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା। ଟାଟା ପାୱାରର ୨ କର୍ମଚାରୀ ସେଠାରେ ପହଞ୍ଚି ତାର ସଂଯୋଗ କରି ଫେରୁଥିଲେ। ସେହି ସମୟରେ ଉକ୍ତ ଗ୍ରାମର ୪ ଜଣ ଯୁବକ ଏକ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଅଚଳ ଷ୍ଟ୍ରିଟ୍ ଲାଇଟକୁ ଠିକ୍ କରିବାକୁ କହିଥିଲେ। ମାତ୍ର କର୍ମଚାରୀ ମରାମତି ପାଇଁ ସେଠାକାର ସରପଞ୍ଚଙ୍କୁ ଜଣାଇବାକୁ କହିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ବଢିଥିଲା। ତେବେ କର୍ମଚାରୀ ଓ ଉକ୍ତ ୪ ଯୁବକ ଉତ୍କ୍ଷିପ୍ତ ହୋଇ ସେମାନଙ୍କ ମଧ୍ୟରେ ମାର୍‌ପିଟ ହୋଇ ଲହୁଲୁହାଣ ହୋଇଥିଲେ। ଏନେଇ ଗୋଡ଼ିସାହି ଫାଣ୍ଡିରେ ଉଭୟ ଦ୍ୱାରସ୍ଥ ହୋଇଥିଲେ।

# ବିଡିଏର ଲିଜ୍‌ହୋଲ୍ଡରୁ ଫ୍ରିହୋଲ୍ଡ ପରିବର୍ତ୍ତନ ପ୍ରକ୍ରିୟା ତ୍ୱରାନ୍ୱିତ

## ୫୮୦ ଘର, ଜମି ପଞ୍ଜୀକୃତ

**ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)**

ଗୃହଜମିକୁ ଲିଜ୍‌ହୋଲ୍ଡରୁ ଫ୍ରିହୋଲ୍ଡ ପରିବର୍ତ୍ତନ ପ୍ରକ୍ରିୟାରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ପରିବର୍ତ୍ତନ ପାଇଁ ହୋଇଥିବା ୮୬୭ଟି ଆବେଦନ ମଧ୍ୟରୁ ୫୮୦ଟି ଗୃହ ଓ ଜମିର ହସ୍ତାନ୍ତରୀକରଣ ପତ୍ର ବିଡ଼ିଏ ପକ୍ଷରୁ ପଞ୍ଜୀକରଣ କରାଯାଇଛି। ସେଥିମଧ୍ୟରୁ ୪୬୨ଟି ଆବେଦନ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକୃତ ହୋଇଛି।

ବିଡିଏ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଲିଜ୍‌ହୋଲ୍ଡରୁ ଫ୍ରିହୋଲ୍ଡ କରିବା ପାଇଁ https://bda.gov.in/ ୱେବ୍‌ସାଇଟ୍‌ରେ ଆବେଦନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୨୪ଟି ଗୃହ ଯୋଜନାକୁ ଲିଜ୍‌ହୋଲ୍ଡରୁ ଫ୍ରିହୋଲ୍ଡରେ ପରିବର୍ତ୍ତିତ କରିବା ପାଇଁ ଚୟନ କରାଯାଇଛି। ଏଥିମଧ୍ୟରେ ପୋଖରୀପୁଟର ୧,୨ ଓ ୩ ଫେଜ୍, ଚନ୍ଦ୍ରଶେଖରପୁରେ ଥିବା ପ୍ରାଚୀ ଏନ୍‌କ୍ଲେଭ୍ ପ୍ଲଟ ଯୋଜନା, ଲୁମ୍ବିନୀ ବିହାର ହାଉସିଂ ଯୋଜନା, ପାତ୍ରପଡାର ଉଦୟଗିରି ବିହାର ଏବଂ ଭିମପୁରର ଲିଙ୍ଗରାଜ ବିହାର ଅନ୍ତର୍ଭୁକ୍ତ ରହିଛି। ଅନ୍ୟ ଗୃହଯୋଜନାଗୁଡିକୁ ମଧ୍ୟ ପର୍ଯ୍ୟାୟକ୍ରମେ ଏଥିରେ ସାମିଲ କରିବାର ଯୋଜନା ରହିଛି। ରାଜ୍ୟ ସରକାରଙ୍କ ପଞ୍ଜୀକରଣ (ରେଜିଷ୍ଟ୍ରେସନ) କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିର୍ଦ୍ଧାରିତ ୨୦୨୪ର ନୂଆ ବେଞ୍ଚମାର୍କ ମୂଲ୍ୟାୟନ ଅନୁଯାୟୀ ଗୃହଜମି ପରିବର୍ତ୍ତନ ଶୁଳ୍କ ଘରବାଡ଼ି ଜମିର ୩% ରଖାଯାଇଛି। ଏହି ଶୁଳ୍କ ଦେଇ ବ୍ୟକ୍ତିମାନେ ଜମିକୁ ଫ୍ରିହୋଲ୍ଡ କରିବାର ସୁଯୋଗ ପାଇପାରିବେ ବୋଲି ସୂଚନା ଦିଆଯାଇଛି।

## ଆବେଦନ ପାଇଁ କ'ଣ କରିବାକୁ ପଡ଼ିବ?

ବିଡିଏ କହିଛି, ଯଦି କୌଣସି ଜମି ବ୍ୟାଙ୍କ କିମ୍ବା ଅନ୍ୟ ବିତ୍ତୀୟ ସଂସ୍ଥା ନିକଟରେ ବନ୍ଧକ ରହିଛି, ତେବେ ସେହି ସଂସ୍ଥାର ଆପତ୍ତି ନ ଥିବା ପ୍ରମାଣପତ୍ର ବା (ଏନଓସି) ମିଳିବା ପରେ ହିଁ ଜମି ପରିବର୍ତ୍ତନ ପ୍ରକ୍ରିୟା ଆଗକୁ ବଢ଼ିବ। ଆବେଦନକାରୀ ଜମି ସମ୍ପର୍କିତ କୌଣସି ନ୍ୟାୟିକ ବିବାଦ ନ ଥିବା ବିଷୟରେ ଏକ ଆଫିଡେଭିଟ ଦାଖଲ କରିବା ଆବଶ୍ୟକ। ଯଦି ଜମି ସମ୍ପର୍କିତ କୌଣସି ମାମଲା ଚାଲିଛି, ତେବେ ମାମଲା ସମାପ୍ତ ହୋଇ ଅଦାଲତ ଶେଷ ଆଦେଶ ମିଳିବା ପରେ ହିଁ ଏହି ଆବେଦନକୁ ପୁଣି ବିଚାରକୁ ନିଆଯିବ।

ଯେଉଁ ଆବେଦନକାରୀ ସରକାରୀ, ସାର୍ବଜନୀନ ଉଦ୍ୟୋଗ, କିମ୍ବା ବିଡିଏ ଅଧିକାର କ୍ଷେତ୍ର ଥିବା ଜମି ଜବରଦଖଲ କରିଛନ୍ତି, ଉକ୍ତ ଜମି ପ୍ରଥମେ ଖାଲି ନ କରିବା ଯାଏ ତାଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯିବ। ସେହିଭଳି ଆବେଦନକାରୀ ପ୍ରଦତ୍ତ କୌଣସି ଜମି ଜବରଦଖଲରେ ନ ଥିବା ନେଇ ଏକ ଆଫିଡେବିଟ୍ ଦାଖଲ କରିବାକୁ ହେବ। ଯେଉଁମାନେ ବିଡିଏ ଦ୍ୱାରା ଆବଣ୍ଟିତ ପ୍ଲଟ ଉପରେ ଘର ନିର୍ମାଣ କରିଛନ୍ତି ଏବଂ ସେଠାରେ ୫ ବର୍ଷରୁ ଅଧିକ ସମୟ ଧରି ବସବାସ କରିଆସୁଛନ୍ତି, ସେମାନେ ଫ୍ରିହୋଲ୍ଡ ବ୍ୟବସ୍ଥା ପାଇଁ ଆବେଦନ କରିପାରିବେ। ମାତ୍ର ଫ୍ରିହୋଲ୍ଡ ପରିବର୍ତ୍ତନ ପାଇଁ ଆବେଦନ କରିବା ପୂର୍ବରୁ ସେମାନଙ୍କର ବିଡିଏ ସହିତ ଏକ ଲିଜ ଡିଡ୍ ହୋଇଥିବା ଆବଶ୍ୟକ।

# ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

**ଭୁବନେଶ୍ୱର,୫।୨ (ଅନୁରାଧା ମହାରଣା)**

ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ୧୪ ତାରିଖ ଯାଏ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ଭାରତ ସମେତ ଜର୍ମାନୀ, ଇଂଲଣ୍ଡ, ଭିଏତ୍‌ନାମ, ସାଉଥକୋରିଆ ଆଦି ଦେଶର ଶିଶୁ ଚିତ୍ରଶିଳ୍ପୀଙ୍କ ଦ୍ୱାରା କାନଭାସରେ ଚିତ୍ରିତ ଚିତ୍ରକଳାଗୁଡିକୁ ପ୍ରଦର୍ଶିତ କରାଯାଇଛି। ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ଡ. ଅସିତ ମହାନ୍ତି, ଡ.ବସନ୍ତ ପଣ୍ଡା, ଡ.ଶିଶିର ମିଶ୍ର, ଡ.ସଜ୍ଜନ ଶର୍ମା, ଡ. ଭାଗ୍ୟଲିପି ମଲ୍ଲ ପ୍ରମୁଖ ଯୋଗଦେଇଥିଲେ। ପ୍ରଦର୍ଶନୀର ପ୍ରଥମ ଦିନରେ ଅନେକ ଶିଶୁ ଚିତ୍ରଶିଳ୍ପୀ ଓ ଦର୍ଶକମାନେ ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଚିତ୍ରକଳାଗୁଡିକର ପ୍ରଶଂସା କରିଥିଲେ।


**WORKS DEPARTMENT**
**OFFICE OF THE SUPERINTENDING ENGINEER**
**ROURKELA (R&B) DIVISION, UDITNAGAR, ROURKELA**
No. B-916 E-Mail Id: eepwdrkl@gmail.com
**Government of Orissa "e" Procurement Notice**
Bid Identification No. 92/2024-25 Dated: 03.02.2025

| | | |
|---|---|---|
| 1. | Number of Works | : 2 (Two) Number of Works |
| 2. | Estimated Cost | : Rs.78.99 Lakhs to 98.17 Lakhs |
| 3. | Period of Completion | : 4 (Four) to 6 (Six) Calendar Months |
| 4. | Date & Time of availability of Bid Document in the Portal | : Dt.06.02.2025 at 11.00 A.M. |
| 5. | Last date/time for receipt of Bids in the Portal | : Dt.17.02.2025 upto 05.00 P.M. |
| 6. | Date of Opening of Bid | : Dt.18.02.2025 at 11.00 A.M. |
| 7. | Name & Address of the Officer Inviting Bid | : Superintending Engineer, (R&B) Division, Rourkela, Udit Nagar |

Further details can be seen from the e-procurement portal http//tendersorissa.gov.in.
Sd./- Superintending Engineer
Rourkela (R&B) Division
OIPR-34068/11/0023/2425


# କୁଷ୍ଠ ରୋଗୀଙ୍କୁ ଘୃଣା, ଭେଦଭାବ ବନ୍ଦ ପାଇଁ ଗ୍ଲୋବାଲ ଆବେଦନ ଓଡ଼ିଶାରୁ ଆରମ୍ଭ

**ଭୁବନେଶ୍ୱର,୫।୨(ସୁଚିସ୍ମିତା ସାହୁ)**

**କୁଷ୍ଠାଶ୍ରମ ପରିଦର୍ଶନ କଲେ ନିପୋନ ଫାଉଣ୍ଡେଶନ ଅଧ୍ୟକ୍ଷ ଯୋହଇ ସାସାକାୱା**



ସାସାକାୱା ହେଲ୍‌ଥ ଫାଉଣ୍ଡେଶନ, ଆପାଲ ଇଣ୍ଡିଆ, ଆପାଲ ଓଡ଼ିଶା, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ, କେନ୍ଦ୍ର ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ସହଭାଗିତାରେ ବୁଧବାର 'ବିଶ୍ୱ କୁଷ୍ଠ ଦିବସ' ପାଳିତ ପାଳିତ ହୋଇଯାଇଛି। ଏହି ଅବସରରେ କୁଷ୍ଠ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ପ୍ରତି ଘୃଣା ଓ ଭେଦଭାବ ବନ୍ଦ ପାଇଁ ଗ୍ଲୋବାଲ ଆବଦେନ ୨୦୨୫ ଓଡ଼ିଶାରୁ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଡା. ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଯୋଗଦେଇ କୁଷ୍ଠ ନିରାକରଣରେ ସାସାକାୱା ହେଲ୍‌ଥ ଫାଉଣ୍ଡେଶନ ସହିତ ମିଶି କାର୍ଯ୍ୟ କରିବେ ବୋଲି କହିଥିଲେ। କୁଷ୍ଠସେବା କ୍ଷେତ୍ରରେ ଆନ୍ତର୍ଜାତିକସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ୮୬ ବର୍ଷୀୟ ନିପୋନ ଫାଉଣ୍ଡେଶନର ଅଧ୍ୟକ୍ଷ ଯୋହଇ ସାସାକାୱା ଯୋଗଦେଇ ଓଡ଼ିଶାରେ ଥିବା ୮୬ କୁଷ୍ଠ କଲୋନୀରେ ଉପଯୁକ୍ତ ଥଇଥାନ ଓ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ନିପୋନ ଫାଉଣ୍ଡେଶନ ଅଧ୍ୟକ୍ଷ ସାସାକାୱାଙ୍କ ସମେତ ଆପାଲ ଇଣ୍ଡିଆର ସଭାପତି ମାୟାର ରଣଭାରେ, ଉପସଭାପତି ଜବାହର ପାଶୱାନ, ଆପାଲ ଓଡ଼ିଶାର ରାଜ୍ୟ ଲିଡ଼ର ପ୍ରଭାକର ସାହୁ, ସାଧାରଣ ସମ୍ପାଦିକା ଜୟନ୍ତୀ ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଡ. ରଙ୍ଗନାଥ ରାଓ ୩୦ଟି ଜିଲାର କୁଷ୍ଠ ପ୍ରତିନିଧି ଏବଂ ରାଜ୍ୟ କୃଷ୍ଟ ସଂଘର ସଭାପତି ଦୁର୍ଯ୍ୟୋଧନ ସାହୁ ଯୋଗଦେଇଥିଲେ। ପରେ ସମସ୍ତ ଅତିଥି ରାଜ୍ୟପାଳ ହରିବାବୁ କୁମ୍ଭମପାଟିଙ୍କୁ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ରାଜ୍ୟରେ ଥିବା ୮୬ଗୋଟି କୁଷ୍ଠ କଲୋନୀରେ ସ୍ଥାୟୀ ଜମିପଟ୍ଟା, ଆଦର୍ଶ ବାସଗୃହ, ୩୫ କେଜି ରାସନ ଓ ପ୍ରତି କୁଷ୍ଠରୋଗୀଙ୍କୁ ଚଳିବା ପାଇଁ ମାସିକ ୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଆଲୋଚନା କରିଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ (ୱାଗନ୍)/ଖଡ଼ଗପୁର ୱାର୍କଶପ୍, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଖୋଲା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ସେହିଦିନ ୧୫.୦୦ ଘଟିକାରେ ଖୋଲାଯିବ । **କ୍ର.ସଂ.; ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଓ ଅପ୍‌ଲୋଡିଂ ତାରିଖ; କାର୍ଯ୍ୟର ନାମ; କାର୍ଯ୍ୟର ଆନୁମାନିକ ମୂଲ୍ୟ; ଅମାନତ ରାଶି: (୧); ଇ-ଡିୱାଇ-ଡବ୍ଲ୍ୟୁଡବ୍ଲ୍ୟୁ-ଇଓଟି-କ୍ରେନ୍-୭, ତାରିଖ ୦୩।୦୨।୨୦୨୫;** ୱାଗନ୍ ରିପେୟାର୍ ଶପ୍, ଖଡ଼ଗପୁର ୱାର୍କଶପଠାରେ ୦୭ ଗୋଟି ଇଓଟି କ୍ରେନ୍ (୧୫/୫ ଟନ୍ କ୍ଷମତା)ର ରିକଣ୍ଡିସନିଂ; ₹୩୦,୧୬,୩୬୬/–, ଜିଏସ୍‌ଟି @ ୧୮% ସମେତ; ₹୬୦,୩୦୦/– । **(୨); ଇ-ଡିୱାଇ-ଡବ୍ଲ୍ୟୁଡବ୍ଲ୍ୟୁ - ଓଟିଆର୍-ଏଡିଓଆର୍-୨୯-ଡବ୍ଲ୍ୟୁପି-ଆର୍‌ଇ, ତାରିଖ ୦୪।୦୨।୨୦୨୫;** ଏଡିଓଆର୍ ଗଠନର ୧୪ ଗୋଟି ଆର୍କ ୱେଲ୍‌ଡିଂ ପ୍ଲାଣ୍ଟ, ୦୫ ଗୋଟି ଏମ୍‌ଆଇଜି/ଏମ୍‌ଏଜି ୱେଲ୍‌ଡିଂ ପ୍ଲାଣ୍ଟ ଏବଂ ୧୦ ଗୋଟି ପ୍ଲାଜ୍‌ମା କଟିଂ ପ୍ଲାଣ୍ଟର ଏକକାଳୀନ ମରାମତି; ₹୮,୯୩,୭୩୨/–, ଜିଏସ୍‌ଟି @ ୧୮% ସମେତ; ₹୧୭,୯୦୦/– । **ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ଉଭୟ ପାଇଁ ତା୨୬।୦୨।୨୦୨୫ରିଖ ୧୫.୦୦ ଘଟିକା । **ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ:** ଉଭୟ ପାଇଁ **www.ireps.gov.in** । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **(PR-1101)**



See Career Appointment on every Wednesday & Saturday



**ପୂର୍ବ ତଟ ରେଳପଥ**
**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**
ନିଲାମ କ୍ୟାଟାଲଗ୍ ନଂ.: **SDCM-KUR-PKNG**

**ଷ୍ଟେସନ ଏବଂ ସ୍ଥାନ : (1)** ମଞ୍ଚେଶ୍ୱର-**MIX (2-ସହ-4** ଚକିଆ) (ପରିଚଳନ କ୍ଷେତ୍ରରେ), **(2)** ତାଳଚେର ରୋଡ୍-**MIX (2-ସହ-4** ଚକିଆ) (ପରିଚଳନ କ୍ଷେତ୍ରରେ), **(3)** ସାକ୍ଷୀଗୋପାଳ-**2** ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ସାଇଡ), **(4)** ରାଜସୁନାଖଳା-**2** ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ବେସ୍‌ମେଣ୍ଟରେ), **(5)** କଟକ-**2** ଚକିଆ (ପରିଚଳନ କ୍ଷେତ୍ର ନିକଟରେ), **(6)** ନରଣପୁର-**2** ଚକିଆ (ଷ୍ଟେସନ ବିଲ୍ଡିଙ୍ଗ୍ ନିକଟରେ), **(7)** ରାହାମା-**MIX (2-ସହ-4** ଚକିଆ) (ପରିଚଳନ କ୍ଷେତ୍ରରେ), **(8)** ନିରାକାରପୁର-**MIX (2-ସହ-4** ଚକିଆ) (ପ୍ଲାଟଫର୍ମ ନଂ. 4 ନିକଟରେ) ।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 13.02.2025, 1100** ଘଟିକା (କ୍ରମ ସଂ.1 ଓ 2 ପାଇଁ), **14.02.2025, 1100** ଘଟିକା (କ୍ରମ ସଂ.3, 4 ଓ 5 ପାଇଁ), **17.02.2025, 1100** ଘଟିକା (କ୍ରମ ସଂ.6 ପାଇଁ) ଏବଂ **18.02.2025, 1100** ଘଟିକା (କ୍ରମ ସଂ.7 ଓ 8 ପାଇଁ) ।

**ନିଲାମ ବନ୍ଦ ହେବା ତାରିଖ ଓ ସମୟ : 13.02.2025, 1130** ଘଟିକା (କ୍ରମ ସଂ.1 ପାଇଁ) ଓ **1140** ଘଟିକା (କ୍ରମ ସଂ.2 ପାଇଁ), **14.02.2025, 1130** ଘଟିକା (କ୍ରମ ସଂ.3 ପାଇଁ), **1140** ଘଟିକା (କ୍ରମ ସଂ.4 ପାଇଁ) ଓ **1150** ଘଟିକା (କ୍ରମ ସଂ.5 ପାଇଁ), **17.02.2025, 1130** ଘଟିକା (କ୍ରମ ସଂ.6 ପାଇଁ) ଏବଂ **18.02.2025, 1130** ଘଟିକା (କ୍ରମ ସଂ.7 ପାଇଁ) ଓ **1140** ଘଟିକା (କ୍ରମ ସଂ.8 ପାଇଁ) ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ **www.ireps.gov.in**ର ଆଗାମୀ ଇ-ଅକ୍ସନ ଲିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-948/P/24-25



**CIO** Council for Insurance Ombudsmen
**ବୀମା ଲୋକପାଳ ପରିଷଦ, ମୁମ୍ବାଇ**
**ବୀମା ଲୋକପାଳ ପଦବୀ ପାଇଁ ଖାଲି ସ୍ଥାନ**

**ବିଜ୍ଞାପନ ନଂ.୧/୨୦୨୫** **ତାରିଖ: ୦୬।୦୨।୨୦୨୫**

ଅହମ୍ମଦାବାଦ, ଭୁବନେଶ୍ୱର, ଦିଲ୍ଲୀ, କୋଲକାତା, ଲକ୍ଷ୍ନୌ, ନୋଏଡା, ପାଟନା ଏବଂ ପୁଣେ କେନ୍ଦ୍ରରେ ପ୍ରତ୍ୟେକ ଗୋଟିଏ ପଦବୀରେ ବୀମା ଲୋକପାଳ ଭାବେ ନିଯୁକ୍ତି ପାଇଁ ଅନ୍‌ଲାଇନ୍ ଆବେଦନ ଗ୍ରହଣ ନିମନ୍ତେ ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ନିମ୍ନଲିଖିତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ବ୍ୟକ୍ତିମାନଙ୍କଠାରୁ ଅନ୍‌ଲାଇନ୍ ଆବେଦନ ଆହ୍ୱାନ କରାଯାଉଛି।

**ବୀମା ଲୋକପାଳ ଭାବେ ନିଯୁକ୍ତି ପାଇଁ ଯୋଗ୍ୟତା:**

କ) ଅନ୍‌ଲାଇନ୍ ଆବେଦନ ଗ୍ରହଣ ପାଇଁ ନିର୍ଦ୍ଧାରିତ ଶେଷ ତାରିଖ ଅନୁଯାୟୀ ଆବେଦନକାରୀଙ୍କ ବୟସ ୫୫ (ପଞ୍ଚାବନ) ବର୍ଷରୁ କମ୍ ଓ ୬୫ (ପଞ୍ଚଷଠି) ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ ।

ଖ) ଆବେଦନକାରୀ ପୂର୍ବରୁ କିମ୍ବା ବର୍ତ୍ତମାନ ଏକ ସର୍ବଭାରତୀୟ ସେବା କିମ୍ବା ସଂଘର ସିଭିଲ ସର୍ଭିସ୍‌ର ସଦସ୍ୟ ହୋଇଥିବା ତଥା ଭାରତ ସରକାରଙ୍କ ଯୁଗ୍ମ ସଚିବ କିମ୍ବା ସମକକ୍ଷ ପଦବୀରେ କାର୍ଯ୍ୟ କରିଥିବା ଆବଶ୍ୟକ ।

*ସ୍ପଷ୍ଟୀକରଣ: ଭାରତ ସରକାରଙ୍କ ଯୁଗ୍ମ ସଚିବ କିମ୍ବା କେନ୍ଦ୍ର ସରକାରଙ୍କ ସମକକ୍ଷ ଭାବରେ ପ୍ରଥମ ନିଯୁକ୍ତି ତାରିଖରୁ ସେବାର ଅବଧି ଗଣନା କରାଯିବ ।*

**କିମ୍ବା**

ଗ) ଆବେଦନକାରୀ ବୀମା ଉଦ୍ୟୋଗରେ ଅତି କମ୍‌ରେ ୨୫ (ପଚିଶ) ବର୍ଷ କାର୍ଯ୍ୟ କରିଥିବା ଏବଂ ଏକ ବୋର୍ଡର ନିର୍ଦ୍ଦେଶକଙ୍କଠାରୁ ଗୋଟିଏ ପାହ୍ୟାରୁ କମ୍ ହୋଇ ନ ଥିବା ଏକ ପଦବୀରେ କାର୍ଯ୍ୟ କରିଥିବା ଆବଶ୍ୟକ ।

*ସ୍ପଷ୍ଟୀକରଣ: ବୀମା ଉଦ୍ୟୋଗରେ ବୋର୍ଡର ନିର୍ଦ୍ଦେଶକ ପାହ୍ୟାରୁ ତୁରନ୍ତ ତଳେ କିମ୍ବା କୌଣସି ଏକ ବୋର୍ଡର ନିର୍ଦ୍ଦେଶକ ପାହ୍ୟାରେ (ଯାହା ପୂର୍ବରୁ ହୋଇଥିବ) ପ୍ରଥମ ନିଯୁକ୍ତି ତାରିଖରୁ ସେବାର ଅବଧି ହିସାବ କରାଯିବ।*

**ପଦବୀର କାର୍ଯ୍ୟକାଳ:** ତିନି ବର୍ଷ, କିମ୍ବା ୬୮ ବର୍ଷ ବୟସରେ ପଦାର୍ପଣ କରିବା ପର୍ଯ୍ୟନ୍ତ, ଯାହା ପୂର୍ବରୁ ହେବ ଏବଂ ପୁନଃ ନିଯୁକ୍ତି ପାଇଁ ଯୋଗ୍ୟ ହେବେ ନାହିଁ ।

ବୀମା ଲୋକପାଳ ଭାବେ ନିଯୁକ୍ତି ପାଇଁ ଯୋଗ୍ୟତା, ପ୍ରକ୍ରିୟା ଏବଂ ମନୋନୟନ ମାନଦଣ୍ଡ, ପଦବୀର କାର୍ଯ୍ୟକାଳ ଏବଂ ବୀମା ଲୋକପାଳଙ୍କ କର୍ତ୍ତବ୍ୟ ତଥା କାର୍ଯ୍ୟ ସମୟ ସମୟରେ ସଂଶୋଧିତ ବୀମା ଲୋକପାଳ ନିୟମାବଳୀ, ୨୦୧୭ ଅନୁଯାୟୀ ହେବ । (https://www.cioins.co.in/OmbudsmanRules2017)।

ନିମ୍ନଲିଖିତ ବିବରଣୀ "ବୀମା ଲୋକପାଳ-୨୦୨୫ ପଦବୀ ନିମନ୍ତେ ଖାଲି ପଦବୀ" ଶୀର୍ଷକ ଅଧୀନରେ ଆମର ୱେବ୍‌ସାଇଟ୍ https://www.cioins.co.inରେ ଉପଲବ୍ଧ:

୧. **''ନୋଟିଫିକେସନ୍" ଟ୍ୟାବ୍**, ଯେଉଁଥିରେ ବୀମା ଲୋକପାଳ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟତା, ପାରିଶ୍ରମିକ, ପଦବୀର କାର୍ଯ୍ୟକାଳ ଏବଂ ନିଯୁକ୍ତିର ଅନ୍ୟାନ୍ୟ ସର୍ତ୍ତାବଳୀ ଉପଲବ୍ଧ ଅଛି ।

୨. **"ବୀମା ଲୋକପାଳ-୨୦୨୫ ପଦବୀ ପାଇଁ ଅନ୍‌ଲାଇନ୍ ଆବେଦନ''**, ଯେଉଁଥିରେ ଅନ୍‌ଲାଇନ୍‌ରେ ଆବେଦନ ଦାଖଲ କରିବାର ଲିଙ୍କ୍ ରହିଛି ।

ଆବେଦନ **କେବଳ ଅନ୍‌ଲାଇନ୍‌ରେ** ଦାଖଲ କରାଯିବା ଆବଶ୍ୟକ । ଅନ୍ୟ କୌଣସି ପଦ୍ଧତିରେ ଦାଖଲ ହୋଇଥିବା ଆବେଦନଗୁଡ଼ିକୁ ଗ୍ରହଣ କରାଯିବ ନାହିଁ ।

ଏ ସଂକ୍ରାନ୍ତରେ କୌଣସି ପ୍ରଶ୍ନ query-recruitment@cioins.co.inରେ ପଠାଯାଇପାରେ । ଅନ୍‌ଲାଇନ୍ ଆବେଦନ ଗ୍ରହଣ କରିବାର ଶେଷ ତାରିଖ **୦୭।୦୩।୨୦୨୫**, ୧୭.୩୦ ଘଟିକା (ଆଇଏସ୍‌ଟି) ଅଟେ ।

ଅନ୍‌ଲାଇନ୍‌ରେ ଆବେଦନ କରିବା ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍ **www.cioins.co.in** ପରିଦର୍ଶନ କରନ୍ତୁ କିମ୍ବା **କ୍ୟୁଆର୍ କୋଡ୍** ସ୍କାନ୍ କରନ୍ତୁ

CBC 15227/12/0005/2425 **ସଚିବ (ସିଆଇଓ)**


# ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

**ଭୁବନେଶ୍ୱର,୫।୨(ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣିଶ୍ୱର ଅଞ୍ଚଳରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ବୁଧବାର ମିଳିଛି । ମୃତା ଯୁବତୀ ହେଲେ ଜଗତ୍‌ସିଂହପୁର ପୂର୍ଣ୍ଣାଙ୍ଗ ଅଞ୍ଚଳର ଲୋପାମୁଦ୍ରା ପଣ୍ଡା (୨୬)। ଯୁବତୀଜଣଙ୍କ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ହେଲେ ଆତ୍ମହତ୍ୟା ପଛର କାରଣ ଜଣାପଡ଼ିନାହିଁ। ଅପରପକ୍ଷରେ ଲୋପାମୁଦ୍ରାଙ୍କ ମୃତ୍ୟୁକୁ ତାଙ୍କ ବଡ଼ ଭଉଣୀ ସହଜରେ ଗ୍ରହଣ କରିପାରି ନାହାନ୍ତି। ଲୋପାମୁଦ୍ରାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଥିବା ପ୍ରେମିକଙ୍କ ନାଁରେ ଲକ୍ଷ୍ମୀସାଗର ଥାନାରେ ଭଉଣୀ ପ୍ରକୃତି ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ଶ୍ୟାମସୁନ୍ଦର ରାଓ କହିଛନ୍ତି, ଯଦି ଅଭିଯୋଗ ଆସିଥିବା ଯୁବକଙ୍କ ବିରୋଧରେ ପ୍ରମାଣ ମିଳେ, ତା'ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ଲୋପାମୁଦ୍ରାଙ୍କ ମୋବାଇଲକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚଳାଇଛି। ସୂଚନାନୁସାରେ ଲୋପାମୁଦ୍ରା ଓ ତାଙ୍କର ଜଣେ ସାଙ୍ଗ ଚିନ୍ତାମଣିଶ୍ୱର ଅଞ୍ଚଳରେ ଭଡ଼ାରେ ରହୁଥିଲେ। ବୁଧବାର ଲୋପାମୁଦ୍ରାଙ୍କ ରୁମ୍‌ମେଟ୍ କୌଣସି କାମରେ ବାହାରକୁ ଯାଇଥିଲେ। କାମ ସାରି ଅପରାହ୍ନ ୨ଟାରେ ରୁମକୁ ଫେରିବାବେଳକୁ ଭିତରପଟୁ ଲୋପାମୁଦ୍ରା କବାଟ ଦେଇ ଦେଇଥିଲେ। ଝରକା ପଟେ ଦେଖିବାରୁ ଲୋପାମୁଦ୍ରା ଫ୍ୟାନରେ ଓଢ଼ଣି ଓ ଗାମୁଛା ଦ୍ୱାରା ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ରୁମ୍‌ମେଟ ଜଣକ ଲୋପାମୁଦ୍ରାଙ୍କ ଭିଣୋଇଙ୍କୁ ଫୋନ କରି କହିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ପୋଲିସ ହସ୍ତାନ୍ତର କରିଛି।


**TPCODL**
**TP CENTRAL ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2024-25/NIT/22**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000001902/2024-25 | SITC of 100TB Storage (50 TB + 50 TB) Usable |
| 2 | TPCODL/CCG/1000002006/2024-25 | Rate Contract for Supply of Single Phase Smart Meter along with Boxes |
| 3 | TPCODL/P&S/1000002003/2024-25 | Rate Contract for Power Transformer Refurbishment work at PSS |
| 4 | TPCODL/P&S/1000002008/2024-25 | Rate Contract for Supply of Miscellaneous Items (Utensils, Stationery and Others) for 2 years |
| 5 | TPCODL/P&S/1000002009/2024-25 | Rate Contract for Supply of Electronics Items (Mobile, TV, Home Appliance and Others) for 1 year |
| 6 | TPCODL/P&S/1000002019/2024-25 | SITC of Clad rack warehouse at Bhubaneswar Store of TPCODL. |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from dtd. **06.02.2025**. Future communication / corrigendum to tender documents, if any, shall be available on TPCODL website.


# ବଜେଟ୍ ପୁସ୍ତିକା ପୋଡ଼ି ବିକ୍ଷୋଭ ପ୍ରଦର୍ଶନ



ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ବଜେଟ୍ ପୁସ୍ତିକା ପୋଡ଼ାଯାଉଛି।

**ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)**

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ୨୦୧୫–୨୬ ବଜେଟକୁ ବିରୋଧ କରି ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ବୁଧବାର ଦେଶବ୍ୟାପୀ ମିଳିତ ପ୍ରତିବାଦ କରାଯାଇଛି। ଏହାକୁ ସମର୍ଥନ ଜଣାଇ ଭୁବନେଶ୍ୱରରେ ମଧ୍ୟ ଆନ୍ଦୋଳନ କରାଯାଇଥିଲା। ଏଥିରେ ବିଭିନ୍ନ ମହିଳା, ଯୁବ, ଛାତ୍ର ସାମିଲ ହୋଇ କୃଷକ, ଶ୍ରମିକ ଓ ଗରିବ ବିରୋଧୀ ବଜେଟ ପୁସ୍ତିକାକୁ ପୋଡି ପ୍ରତିବାଦ କରିଥିଲେ। ବିକ୍ଷୋଭକାରୀମାନେ କହିଥିଲେ, ମୋଟ ଘରୋଇ ଉତ୍ପାଦନ ଜିଡିପିରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅବଦାନ ୧୬% ବୃଦ୍ଧି ପାଇଥିଲେ ମଧ୍ୟ ବଜେଟରେ କମ୍ ବ୍ୟୟମଞ୍ଜୁର କରାଯାଇଛି। ଏଭଳି ହ୍ରାସ ୨୦୨୦–୨୧ ପରଠାରୁ ଲଗାତର ଭାବରେ ଘଟି ଚାଲିଛି। ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟିକୁ ସୁନିଶ୍ଚିତ କରିବା, ଫସଲ ସଂଗ୍ରହରେ କ୍ରୟ ସଂପ୍ରସାରଣ କରିବା କିମ୍ବା ଚାଷୀକୁ ଋଣମୁକ୍ତ କରିବା ପାଇଁ ବଜେଟରେ କୌଣସି ବ୍ୟବସ୍ଥା ନାହିଁ। ଏପରିକି ସଂସଦୀୟ ସ୍ଥାୟୀ କମିଟିର ସୁପାରିଶ ଅନୁସାରେ ଫସଲର ଲାଭଜନକ ମୂଲ୍ୟ ସୁନିଶ୍ଚିତ କରାଯାଇ ନାହିଁ। ନିଯୁକ୍ତିକ୍ଷେତ୍ରରେ କୃଷିକ୍ଷେତ୍ରର ଅଂଶ ବଢିଚାଲିଥିଲା ବେଳେ ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ବୀପରିତ ଭାବରେ ସ୍ଥାନାନ୍ତରିତ କୃଷିଶ୍ରମିକଙ୍କ ପାଇଁ ୟୁପିଏ ସରକାର ଅମଳରୁ ଚାଲୁରହିଥିବା ମନରେଗା ଯୋଜନାରେ ବ୍ୟାପକ ଅର୍ଥ ବରାଦ କରାଯାଇ ନାହିଁ। ଏହି କାର୍ଯ୍ୟକ୍ରମରେ ପୁଷ୍ପା ଦାସ, କିଶୋରଜେନା, ସୁରେଶ ପାଣିଗ୍ରାହୀ, ସୁରଜେନା, ଜୟସେନ ମେହେର, ରାଧାକାନ୍ତ ସେଠୀ, ଭୁବନାନନ୍ଦ ମହାପାତ୍ର, ଲକ୍ଷ୍ମୀ ଦୋରା, ମିନତୀ ପାଣିଗ୍ରାହୀ, ନରେନ୍ଦ୍ରମହାନ୍ତି, ଜତୀନ ମହାନ୍ତି ଓ ଶୁଭ୍ରାଂଶୁ ଉଦଗାତା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଜମେଶ୍ୱର ସାମନ୍ତରାୟ, ରମେଶ ଜେନା, ପ୍ରଦୀପ୍ତ ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।


**OFFICE OF THE MEDININAGAR MUNICIPAL CORPORATION**
e-mail :- municipalcouncil.medininagar@gmail.com

**Very Short Tender Notice (3rd Call)**
Tender notice No:-UDHD/MMC/30/2024-25 DATED: 05/02/2025

| | | | |
|---|---|---|---|
| 1. | Tender Value | : | INR 3,50,15,700.00/- |
| 2. | Date of downloading of bid document | : | From 06/02/2025 10:00 Hrs. **to 14/02/2025 up to 14:00 Hrs.** through website https://jharkhandtenders.gov.in |
| 3. | Place & Date of Pre-bid meeting | : | Date: 08/02/2025, T**ime 15:00 Hrs.** Medininagar Municipal Corporation, Court Compound, Medininagar Dist- Palamu, Jharkhand, Pin code.- 822101 |
| 4. | Date and time for submission of queries through e-mail | : | From 08/02/2025, 10:00 Hrs. **to 14:00 Hrs.** After last date of queries submission, no queries shall be entertained. Only queries submitted to advertised email id i.e. municipalcouncil.medininagar@gmail.com will be considered and entertained. |
| 5. | Last date and time for uploading of bids | : | Date: 14/02/2025 **up to 14:00 Hrs** Through website https://jharkhandtenders.gov.in |
| 6. | Time and date of opening technical bids | : | Date: 15/02/2025 **up to 14:00 hours** |
| 7. | Time and date of opening of financial bids | : | To be communicated later |
| 8. | Place of opening of bid | : | Through website https://jharkhandtenders.gov.in |
| 9. | Period of bids validity | : | 180 days |
| 10. | Tender Inviting Authority | : | Municipal Commissioner, MMC, Medininagar |
| 11. | For participating in e-tendering process, the contractor shall have to et themselves registered to get user ID, Password and Digital signature. This will enable them to access the website https://jharkhandtenders.gov.in and download / participate in e-tender. All tender queries related to this tender shall be communicated at Medininagar | | |
| 12. | Bid processing fees / EMD to be paid through online mode i.e. through the payment gateway of https://jharkhandtenders.gov.in (ii) Bids along with necessary online payments must be submitted in the NIT. The department does not take any responsibility for the delay / Non availability of internet connection, Network Traffic / Holidays or any other reasons. Tender Fees Amount : INR – 10,000/- EMD Amount – INR - 350,200/- | | |
| 13. | The tender documents can be obtained through website https://jharkhandtenders.gov.in | | |
| 14. | - Deleted- | | |
| 15. | In lieu of Bid Security, the Bidder shall furnish 'Bid Securing Declaration Form' along with the technical proposal as per the format described in the bidding document. | | |
| 16. | All the information / corrigendum / addendum related to the project shall be published on the website https://jharkhandtenders.gov.in. The authority shall have the right to reject the bid partially or fully without assigning any reason whatsoever. | | |
| 17. | For any information department help line No. 9386849354/7860001444 may be used | | |
| 18. | - Deleted- | | |
| 19. | Opening and visibility of the uploaded documents at website https://jharkhandtenders.gov.in shall be the responsibility of the bidder. Bidder should ensure that the uploaded documents are opening and visible. This can be done by downloading the documents and checking the same before final submission of bid at e-procurement website. | | |
| 20. | Further details of works can be obtained from the office of Municipal Commissioner, MMC, Palamu. For clarification, regarding the e-tendering process, please contact e-procurement Helpdesk, 9386849354/7860001444 | | |

Note :- Only Online tender is Permissible.
Sd./-
**Municipal Commissioner –Cum- Administrator**
**Medininagar Municipal Corporation**
PR 345817 District(24-25)#D



**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., RAYAGADA**
No.CAD-2462
**Phone: 9438200057, District Website: www.rayagada.nic.in**
Tender No. 286/ Date: 03.02.2025

District Manager, Odisha State Civil Supplies Corporation Ltd., Rayagada invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of Transport Contractors for transportation of paddy from Paddy Purchase Centre (PPC) to Rice Mills and rice from Mill to Depot for the KMS 2024-25 of the units of Bissam Cuttack Block, Chandrapur Block, Gudari Block & NAC, Gunupur Block & NAC, Kolnara Block, K.Singpur Block, Kashipur Block, Muniguda Block, Padmapur Block, Ramanaguda Block, Rayagada Block & Municipality in the district of the State of Odisha. |
| 2 | Availability of bid document in the portal | From 06.02.2025 |
| 3 | Last date / time for receipt of bids in the portal | Dt.19.02.2025 upto 5.30 P.M. |
| 4 | Date / time of opening of techncial bid | Dt.20.02.2025 at 11 A.M. |
| 5 | Name and address of the officer inviting tender | District Manager, OSCSC Ltd., Rayagada |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ corrigendum / cancellation / retenders etc. if any shall be published only in above websites.
**Sd./- District Manager, OSCSC Ltd., Rayagada**
OIPR-07013/11/0005/2425

## ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ରାଜ୍ୟ ସରକାରଙ୍କ ଗୁରୁତ୍ୱ

# କାର୍ଯ୍ୟକାରୀ ହେବ ଆଇଆଇଟି ମାଡ୍ରାସର ୩ ବର୍ଷିଆ ଯୋଜନା

କଟକ,୫।୨(କାର୍ତ୍ତିକ ସାହୁ)

ରାଜ୍ୟରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ପ୍ରଭାବୀ କରିବା ନିମନ୍ତେ ଡିଜିପି ୱାଇ.ବି. ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କ୍ରମାଗତ ଭାବେ ବଢ଼ୁଥିବା ସଡ଼କ ଦୁର୍ଘଟଣା ଓ ତଜ୍ଜନିତ ମୃତ୍ୟୁସଂଖ୍ୟାକୁ ନେଇ ଡିଜିପି ଚିନ୍ତାବ୍ୟକ୍ତ କରିଛନ୍ତି। ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ଏନ୍‌ଫୋର୍ସମେଣ୍ଟକୁ ବୃଦ୍ଧି କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଛନ୍ତି। ପରିବହନ ବିଭାଗ ଓ ପୋଲିସ ପ୍ରଶାସନ ମିଳିତ ଭାବେ ଏନ୍‌ଫୋର୍ସମେଣ୍ଟ କଡ଼ାକଡ଼ି କରିବା ଉପରେ ଡିଜିପି ପ୍ରାଧାନ୍ୟ ଦେଇଛନ୍ତି।



ବୈଠକରେ ଡିଜିପି ୱାଇ.ବି. ଖୁରାନିଆ ଓ ଅନ୍ୟମାନେ।

ଏହି ଅବସରରେ ଓଡ଼ିଶାରେ ସଡ଼କ ସୁରକ୍ଷାକୁ ପ୍ରଭାବୀ କରିବା ପାଇଁ ଚୁକ୍ତିବଦ୍ଧ ହୋଇଥିବା ଆଇଆଇଟି ମାଡ୍ରାସ ପକ୍ଷରୁ ୩ ବର୍ଷିଆ ଯୋଜନା ଉପସ୍ଥାପନ କରାଯାଇଥିଲା। ଏଥିରେ ଅବସରପ୍ରାପ୍ତ ସୈନିକଙ୍କୁ ନେଇ ସଡ଼କ ସୁରକ୍ଷା ବଳ

### ଡିଜିପିଙ୍କ ଅଧ୍ୟକ୍ଷତାରେ ବୈଠକ
### ମିଳିତ ଏନଫୋର୍ସମେଣ୍ଟ ବୃଦ୍ଧି ନିଷ୍ପତ୍ତି

ଭଳି କନସେପ୍ଟ ସୃଷ୍ଟି ପାଇଁ ପ୍ରସ୍ତାବ ରଖାଯାଇଛି। ସେହିଭଳି ତଥ୍ୟ ଆଧାରରେ ଏନ୍‌ଫୋର୍ସମେଣ୍ଟ, ଭୁବନେଶ୍ୱରରେ ଶୂନ୍ୟ ଦୁର୍ଘଟଣା ଦିବସ ପାଳନ ଭଳି ପ୍ରସ୍ତାବ ମଧ୍ୟ ଉପସ୍ଥାପିତ ହୋଇଛି। ଦୁର୍ଘଟଣା ଘଟିଲେ ଜୀବନ ରକ୍ଷା ଉପରେ ସ୍ୱାସ୍ଥ୍ୟ ବିଭାଗ ସହଭାଗିତାରେ ବିଶେଷ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି। ଟ୍ରମା କେୟାର ସେଣ୍ଟର ସହ ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ଏହାସହ ସଡ଼କ ନିର୍ମାଣକାରୀ ସଂସ୍ଥା ସହଭାଗିତାରେ ରାସ୍ତା ଇଞ୍ଜିନିୟରିଂ ଦିଗ ଉପରେ ମଧ୍ୟ ଗୁରୁତ୍ୱ ରହିବ। ରୋଡ୍ ସାଇନେଜ ଅଡିଟ୍, ଦୁର୍ଘଟଣାପ୍ରବଣ ଅଞ୍ଚଳ ତଥା ବ୍ଲାକ୍‌ସ୍ପଟ ଚିହ୍ନଟ ଓ ସମାଧାନ କରାଯିବ। ଆଇଆଇଟି ମାଡ୍ରାସ ପକ୍ଷରୁ ନିୟମିତ ଭାବେ କର୍ମଶାଳା ଆୟୋଜନ, ଦୁର୍ଘଟଣାର ଠିକ୍ କାରଣ ଚିହ୍ନଟ ଏବଂ ଜନସାଧାରଣଙ୍କ ମଧ୍ୟରେ ସଡ଼କ ସୁରକ୍ଷା ପାଳନର ମାନସିକତା ବୃଦ୍ଧି ଦିଗରେ କାର୍ଯ୍ୟ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (କ୍ରାଇମ୍) ବିନୟତୋଷ ମିଶ୍ର, ପରିବହନ ଆୟୁକ୍ତ ତଥା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅମିତାଭ ଠାକୁରଙ୍କ ସମେତ ଆଇଆଇଟି ମାଡ୍ରାସର ପ୍ରଫେସର ଭେଙ୍କଟେଶ ବାଲ୍ ସୁବ୍ରମଣ୍ୟମ ଉପସ୍ଥିତ ଥିଲେ।

# ପୁରୀ, କୋଣାର୍କ ବୁଲିଲେ ଷୋଡ଼ଶ ଅର୍ଥ କମିଶନ

### ପୁରୀର ବିକାଶ ନେଇ ପୌର ପ୍ରଶାସନ ସହ ଆଲୋଚନା

ପୁରୀ,୫।୨(ଅଜିତ୍ କୁମାର ମହାନ୍ତି)

ଷୋଡ଼ଶ ଅର୍ଥ କମିଶନ ଅଧ୍ୟକ୍ଷ ଡ. ଅରବିନ୍ଦ ପାନ୍‌ଗାରିଆ ଓ ତାଙ୍କ ନେତୃତ୍ୱରେ ଚାରିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ୧୫ଜଣିଆ ସଦସ୍ୟ ଦ୍ୱିତୀୟ ଦିନ ବୁଧବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅର୍ଥ କମିଶନ ଅଧ୍ୟକ୍ଷ ଓ ଟିମ୍ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ସେମାନଙ୍କୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ଆରକ୍ଷୀ ଅଧୀକ୍ଷକ ବିନିତ୍ ଅଗ୍ରୱାଲ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ୧୫ଜଣିଆ ଦଳ ଶ୍ରୀମନ୍ଦିରକୁ ଯାଇ ପ୍ରଥମେ ଚତୁର୍ଦ୍ଧାମୂର୍ତ୍ତି ଓ ପରେ ଭିତରବେଢ଼ାରେ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରି ପ୍ରସ୍ଥାନ କରିଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ସହ ପତିତପାବନ ବାନା ପ୍ରଦାନ କରାଯାଇଥିଲା। ପରେ ସେମାନେ ପୁରୀ ରାଜଭବନକୁ ଆସି ସ୍ଥାନୀୟ ପୌର ପ୍ରଶାସନର ଅଧିକାରୀମାନଙ୍କ ସହିତ ସହରର ଉନ୍ନତୀକରଣ, ଭିତ୍ତିଭୂମି ବିକାଶ ଏବଂ ନାଗରିକ ସୁବିଧା ବୃଦ୍ଧି ପାଇଁ ଆବଶ୍ୟକ ଆର୍ଥିକ ଆବଣ୍ଟନ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରଦ୍ଧାଳୁ ଓ ଜନସଂଖ୍ୟା ବୃଦ୍ଧିକୁ ଲକ୍ଷ୍ୟକରି ସହରର ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା,


ମହାପ୍ରଭୁଙ୍କ ଦର୍ଶନ ସାରି ଷୋଡ଼ଶ ଅର୍ଥ କମିଶନ ଅଧ୍ୟକ୍ଷ ଡ. ଅରବିନ୍ଦ ପାନାଗାରିଆ ଏବଂ ଅନ୍ୟ ସଦସ୍ୟ ଫେରୁଛନ୍ତି।

ଆଲୋକୀକରଣ ଓ ଅନ୍ୟାନ୍ୟ ଭିତ୍ତିଭୂମି ଆହୁରି ଅଧିକ ବ୍ୟବସ୍ଥିତ ଓ ପରିମାର୍ଜିତ କରାଯିବାର ଆବଶ୍ୟକତା ରହିଛି ବୋଲି ଅଧିକାରୀମାନେ କମିଶନଙ୍କୁ ଅବଗତ କରାଇଥିଲେ। ଅର୍ଥ କମିଶନ ପୁରୀର ସମୃଦ୍ଧ ଐତିହ୍ୟକୁ ସଂରକ୍ଷିତ ରଖାଯାଇ ସାମଗ୍ରିକ ସହରାଞ୍ଚଳ ବିକାଶ ସୁନିଶ୍ଚିତ କରିବା ପାଇଁ ସମୁଚିତ ସମ୍ବଳ ବଣ୍ଟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅପରାହ୍ନରେ ଅର୍ଥ କମିଶନର ସଦସ୍ୟମାନେ ବ୍ଲୁ ଫ୍ଲାଗ୍ ବେଳାଭୂମି ବୁଲିଥିଲେ। ପରେ ସେମାନେ କୋଣାର୍କ ଯାଇ ସନ୍ଧ୍ୟାରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ଏହାର ଇତିହାସ ସମ୍ବନ୍ଧରେ ଶୁଣି ଓ କାରୁକାର୍ଯ୍ୟ ଦେଖି ଅଭିଭୂତ ହୋଇଥିଲେ। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୌର ପ୍ରଶାସକ ତଥା ନଗର ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ସଚିବ ଅରିନ୍ଦମ ଡାକୁଆ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପୁରୀ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, କମିଶନର ସଦସ୍ୟ ଆନି ଜର୍ଜ ମାଥ୍ୟୁ, ଅଜୟ ନାରାୟଣ ଝା, ଡ. ମନୋଜ ପଣ୍ଡା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପ୍ରମୁଖ ଏହି ଗସ୍ତ ସମୟରେ ଉପସ୍ଥିତ ଥିଲେ।

# ଜାତି ଜନଗଣନା ପ୍ରସ୍ତାବ ପାସ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର,୫।୨(ସୁଚିସ୍ମିତା ସାହୁ)

ଆସନ୍ତା ବିଧାନସଭା ଅଧିବେଶନରେ ଜାତି ଜନଗଣନା ପ୍ରସ୍ତାବ ପାସ୍ କରିବା ଦାବିରେ ଓବିସି ଫୋରମର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖିଛନ୍ତି। ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବିଜେଡ଼ି ସରକାର ସମୟରେ ହୋଇଥିବା ଓବିସି ସର୍ବେକ୍ଷଣ ରିପୋର୍ଟକୁ ତୁରନ୍ତ ପ୍ରକାଶ କରନ୍ତୁ। ସେହି ରିପୋର୍ଟ ଅନୁସାରେ ରାଜ୍ୟରେ ଓବିସି ସଂରକ୍ଷଣ ଲାଗୁ କରାଯାଉ। ଜାତୀୟ ସ୍ତରରେ ଜାତି ଜନଗଣନା କରିବା ପାଇଁ ତେଲଙ୍ଗାନା ବିଧାନସଭା ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରିଛି। ଏଥିସହ ତେଲଙ୍ଗାନାରେ ହୋଇଥିବା ଓବିସି ସର୍ବେକ୍ଷଣ ରିପୋର୍ଟକୁ ସରକାର ସାର୍ବଜନୀନ କରିଛନ୍ତି। ଓବିସି ବର୍ଗଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ୪୨ ପ୍ରତିଶତ ସଂରକ୍ଷଣ ଦିଆଯିବ ବୋଲି ତେଲଙ୍ଗାନାର ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଘୋଷଣା କରିଛନ୍ତି। ତେଣୁ ଓଡ଼ିଶା ଓବିସି ବର୍ଗଙ୍କ ପାଇଁ ଏପରି କରିବାକୁ ସେ ନିବେଦନ କରିଛନ୍ତି।

# ମାସର ପ୍ରଥମ ଶନିବାର ଜେରିଏଟ୍ରିକ ଦିବସ

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଧୀନରେ ଥିବା ସମସ୍ତ ସହରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚସି)ରେ ଚଳିତ ମାସରୁ ଜେରିଏଟ୍ରିକ ସ୍ୱାସ୍ଥ୍ୟସେବା ମିଳିବ। ପ୍ରତ୍ୟେକ ମାସର ପ୍ରଥମ ଶନିବାରରେ ଜେରିଏଟ୍ରିକ ଦିବସ ପାଳନ କରାଯିବ। ପ୍ରାୟ ୧୫% ବାହ୍ୟ ଚିକିତ୍ସାଳୟ ପଞ୍ଜୀକରଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ବୟସ୍କ ଲୋକଙ୍କୁ ଆରୋଗ୍ୟକାରୀ, ପ୍ରତିଷେଧକ ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଉପଲବ୍ଧ ସେବାଗୁଡ଼ିକୁ ସଂଗୃହୀତ କରି ଏକ ସମ୍ପୂର୍ଣ୍ଣ ପ୍ୟାକେଜ ଭାବରେ ସଂଗଠିତ କରି ଏହି ସେବା ପ୍ରଦାନ କରାଯିବ। ଏହି ସୁବିଧାରେ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ବିଭିନ୍ନ ସ୍କ୍ରିନିଂ ସେବା, ଡାଇଗ୍ନୋଷ୍ଟିକ ସେବା, ପରାମର୍ଶ, ରେଫରାଲ ଏବଂ କଲ୍ୟାଣ ଯୋଜନା ଉପରେ ସୂଚନା ପ୍ରଦାନ କରାଯିବ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ଏହା ସହରବାସୀଙ୍କ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବ ବୋଲି କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି। ସୂଚନା ଥାଉକି, ବିଏମ୍‌ସି ହସ୍ପିଟାଲରେ ପଞ୍ଜୀକୃତ ରୋଗୀଙ୍କ ପାଇଁ ସୋମବାର, ବୁଧବାର ଏବଂ ଶୁକ୍ରବାର ଦିନ ସକାଳ ୮ ଟାରୁ ୧୨ ଟା ପର୍ଯ୍ୟନ୍ତ ଅଲଟ୍ରାସାଉଣ୍ଡ କ୍ଲିନିକ ଖୋଲା ରହୁଛି। ସେହିଭଳି ସୋମବାର ଏବଂ ଗୁରୁବାର ଅର୍ଥୋପେଡିକ କ୍ଲିନିକ, ମଙ୍ଗଳବାର ଦିନ ନେଫ୍ରୋଲୋଜି ସକାଳ ୯ ରୁ ୨ଟା, ବୁଧବାର ଦିନ କାର୍ଡିଓଲୋଜି ସକାଳ ୯ ରୁ ୨ଟା, ଗୁରୁବାର ସ୍ନାୟୁବିଜ୍ଞାନ ସକାଳ ୯ ରୁ ୨ଟା ଏବଂ ଦୈନିକ ଆଣ୍ଟି ରାବିସ କ୍ଲିନିକ ସୁବିଧା ଏଠାରେ ପ୍ରଦାନ କରାଯାଉଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପିଣ୍ଟୁ


@ ଅବିନାଶ


@ ପପୁ


@ ପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିବେଦିତା,ଅଶ୍ୱିନୀ ପାଇବେ ଓଡ଼ିଆ ଗବେଷଣା ପରିଷଦ ପୁରସ୍କାର

କଟକ,୫।୨(କାର୍ତ୍ତିକ ସାହୁ)

ଓଡ଼ିଆ ଗବେଷଣା ପରିଷଦର ୨୦୨୪ ପାଇଁ ପୁରସ୍କାର ଘୋଷଣା କରାଯାଇଛି। ଏଥର ବିଶିଷ୍ଟ ଗବେଷିକା ଡ. ନିବେଦିତା ମହାନ୍ତିଙ୍କୁ କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ପୁରସ୍କାର ଏବଂ ବିଶିଷ୍ଟ କବି ଅଶ୍ୱିନୀ କୁମାର ମିଶ୍ରଙ୍କୁ କୃଷ୍ଣଚରଣ କାବ୍ୟପୁରୁଷ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ୯ ତାରିଖ ପୂର୍ବାହ୍ନରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ହେବାକୁ ଥିବା ପରିଷଦର ୪୫ତମ ବାର୍ଷିକ ଉତ୍ସବରେ ଉଭୟଙ୍କୁ ଦଶହଜାର ଟଙ୍କାର ଅର୍ଥରାଶି ସହ ପୁରସ୍କାର ପ୍ରଦାନ କରାଯିବ। ଏଥିସହ ପରିଷଦର ଷାଣ୍ମାସିକ ଗବେଷଣା ପତ୍ରିକା ଏଷଣାର ୮୯ତମ ସଂଖ୍ୟା ଏବଂ ସ୍ୱର୍ଗତ ରାଇଚରଣ ଦାସଙ୍କର ଦୁଇଟି ପୁସ୍ତକ ଯୁଗ୍ମ ରୂପ ଆଧୁନିକ ଓ ରୋମାଣ୍ଟିକ ଅବବୋଧ ଉନ୍ମୋଚନ ହେବ ବୋଲି ସଭାପତି ସୁଧୀର ଚନ୍ଦ୍ର ବେହୁରା, ଉପସଭାପତି ଅସିତ୍ ମହାନ୍ତି ଓ ସମ୍ପାଦକ ଗୌରାଙ୍ଗ ଚରଣ ଦାଶ ଜଣାଇଛନ୍ତି।

# ହରିରାଜପୁରରେ ଝାଡ଼ାବାନ୍ତି, ୪୨ ଆକ୍ରାନ୍ତ

### ଅଧିକ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଗଲା ଜଳ ନମୁନା

ବାଙ୍କୀ,୫।୨( ଶୁଭେନ୍ଦୁ ମହାପାତ୍ର)

ପୁରୀ ଜିଲା କଣାସ ବ୍ଲକରେ କିଛିଦିନ ତଳେ ଝାଡ଼ାବାନ୍ତି ବ୍ୟାପି ଅନେକ ଆକ୍ରାନ୍ତ ହୋଇଥିବାବେଳେ ଜଣଙ୍କ ମୃତ୍ୟୁ ଘଟିଥିଲା। ପରୀକ୍ଷାନିରୀକ୍ଷା ପରେ ଦୟାନଦୀର ଦୂଷିତ ପାଣିରୁ ଏହା ବ୍ୟାପିଥିଲା ବୋଲି ଜଣାପଡ଼ିଥିଲା। ଏବେ କଟକ ଜିଲା ଡମପଡ଼ା ବ୍ଲକ ଅନ୍ତର୍ଗତ ହରିରାଜପୁର ପଞ୍ଚାୟତରେ ଝାଡ଼ାବାନ୍ତି ବ୍ୟାପିଛି। ଏହି ପଞ୍ଚାୟତରେ ମଙ୍ଗଳବାର ୪୨ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୭ ପୁରୁଷ, ୨୧ ମହିଳା ଓ ୪ ଜଣ ପିଲା ରହିଛନ୍ତି। ସମସ୍ତ ଆକାନ୍ତଙ୍କୁ ଚିକିତ୍ସା ନିମନ୍ତେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜଣଙ୍କ ବ୍ୟତୀତ


ବାଙ୍କୀ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀ।

ଅନ୍ୟମାନେ ବୁଧବାର ସୁସ୍ଥ ହୋଇ ଘରକୁ ଫେରିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆକ୍ରାନ୍ତଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯିବା ସହ ଘରଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ବନବାସୀ ବେହେରା କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଏହି ପଞ୍ଚାୟତରେ ଜନସଂଖ୍ୟା ୩,୩୯୨ ହୋଇଥିବାବେଳେ ଏଠାରେ ବସୁଧା ଯୋଜନାରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ତେବେ ମଙ୍ଗଳବାର ଲୋକମାନେ କେଉଁ କାରଣରୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଲେ ତାହା ଠିକ୍ ଭାବେ ଜଣାପଡ଼ି ନ ଥିବାବେଳେ ଉକ୍ତ ଅଞ୍ଚଳରେ ପାନୀୟ ଜଳ ଯୋଗାଣକୁ ବନ୍ଦ କରି ଏବେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ହେଉଛି ବୋଲି ସରପଞ୍ଚ ଅଦ୍ୱୈତ ବେଉରା କହିଛନ୍ତି। ଏସମ୍ପର୍କରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ବେହେରା କହିଛନ୍ତି, ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ପାନୀୟ ଜଳ ନମୁନା ପରୀକ୍ଷା କରାଯାଇଥିଲା। ଏହା ବିଶୁଦ୍ଧ ଥିବା ଜଣାପଡ଼ିଛି। ଅଧିକ ପରୀକ୍ଷା ନିମନ୍ତେ ଏହାର ନମୁନା ଭୁବନେଶ୍ୱର ପଠାଯାଇଛି। ରିପୋର୍ଟ ଆସିବା ପରେ ଏସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପଟେ ମହାନଦୀରୁ ଯେଉଁ ସ୍ଥାନରୁ ପାଇପ ଯୋଗେ ପାନୀୟ ଜଳ ବ୍ୟବହାର ନିମନ୍ତେ ଆସୁଛି ତାହା ଅତି ଅପରିଷ୍କାର ଓ ଦୁର୍ଗନ୍ଧମୟ ବୋଲି ଗ୍ରାମବାସୀ ଓ ଆକ୍ରାନ୍ତକାରୀ କହିଛନ୍ତି। ଏହାର ଠିକ୍‌ଭାବେ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

# କଳାକାଚ, ବିକଟାଳ ହର୍ନ ବିରୋଧରେ ୧୦ରୁ ସ୍ୱତନ୍ତ୍ର ଡ୍ରାଇଭ୍

### ଜରିମାନାରୁ ବର୍ତ୍ତିବାକୁ ଚେତାଇଲା କମିଶନରେଟ୍ ପୋଲିସ

ଭୁବନେଶ୍ୱର,୫।୨(ସତ୍ୟଜିତ୍ ରାଉତ)

ବାରମ୍ବାର ଚଢ଼ାଉ ଓ ଧରପଗଡ଼ ସତ୍ତ୍ୱେ କିଛି ଗାଡ଼ିରୁ କଳାକାଚ ହଟୁନାହିଁ। ଏପରିକି ଅନେକ ଗାଡ଼ିରେ ବିକଟାଳ ଓ ମ୍ୟୁଜିକାଲ ହର୍ନ ବ୍ୟବହାର କରାଯାଉଛି। ଏହା ଟ୍ରାଫିକ୍ ନିୟମର ଉଲ୍ଲଂଘନ କରୁଥିବାବେଳେ ଅନେକ ସମୟରେ ଦୁର୍ଘଟଣା ଘଟିବା ସହ ଲୋକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ତେବେ ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ଫେବୃଆରୀ ୧୦ରୁ ଏନେଇ ସ୍ୱତନ୍ତ୍ର ଡ୍ରାଇଭ୍ କରିବାକୁ ପ୍ରସ୍ତୁତ ହୋଇଛି। ଏସଂକ୍ରାନ୍ତରେ କମିଶନରେଟ୍ ପୋଲିସ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଇ ଜନସାଧାରଣଙ୍କୁ ନିବେଦନ କରାଯିବା ସହ ଜରିମାନାରୁ ବର୍ତ୍ତିବାକୁ ଚେତାଯାଇଛି। ଆଇନକୁ ମାନି କରି ୧୦ ତାରିଖ ପୂର୍ବରୁ ଗାଡ଼ିଗୁଡ଼ିକରୁ କଳା କାଚ, ବିକଟାଳ ହର୍ନ ଆଦିକୁ ମାଲିକମାନେ ନିଜସ୍ୱ ଉଦ୍ୟମରେ ହଟାଇ ଦେବାକୁ କୁହାଯାଇଛି। ସ୍ୱତନ୍ତ୍ର ଡ୍ରାଇଭରେ ନିୟମ ଉଲ୍ଲଘଂନକାରୀଙ୍କଠୁ ଆଇନ ଅନୁଯାୟୀ ଜରିମାନା ଦେବାକୁ ପଡ଼ିବ ବୋଲି ପୋଲିସ ପକ୍ଷରୁ ସତର୍କ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ କଳା କାଚ, ବିକଟାଳ ହର୍ନ ବ୍ୟବହାର ବିରୋଧରେ ବହୁ ଥର କମିଶନରେଟ୍ ପୋଲିସ ପକ୍ଷରୁ ଡ୍ରାଇଭ୍ କରାଯାଇଛି।

# ଏସ୍‌ସିବିରେ ନୂତନ କୁଳସଚିବ ଦାୟିତ୍ୱ ନେଲେ ସୁବାସ ଚନ୍ଦ୍ର ରାଏ

କଟକ,୫।୨(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ନୂତନ କୁଳସଚିବ ଭାବେ ସୁବାସ ଚନ୍ଦ୍ର ରାଏ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ ନୂତନ କୁଳସଚିବଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ସୁବାସ କହିଛନ୍ତି, ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ସହ ରୋଗୀସେବାକୁ ଅଧିକ ଗୁରୁତ୍ୱ ଦିଆଯିବ। ଏହି କାର୍ଯ୍ୟକ୍ରମରେ ମେଡିକାଲର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କୁଳସଚିବଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



କୁଳସଚିବ ସୁବାସ ଚନ୍ଦ୍ର ରାଏଙ୍କୁ ସ୍ୱାଗତ କରାଯାଉଛି।

# ଦେଢ଼ କୋଟିରୁ ଅଧିକ ଲୋକ ଖାଇବେ କୃମିନାଶକ ଔଷଧ

ଭୁବନେଶ୍ୱର,୫।୨(ସୁଚିସ୍ମିତା ସାହୁ)

ଓଡ଼ିଶାକୁ କୃମିମୁକ୍ତ କରିବାକୁ ପ୍ରୟାସ ଜାରି ରହିଛି। ମହିଳା ଓ ଶିଶୁଙ୍କ ଉନ୍ନତ ସ୍ୱାସ୍ଥ୍ୟ, ଠିକ ପୋଷଣ, ଉତ୍ତମ ଶାରୀରିକ ଏବଂ ମାନସିକ ବିକାଶ ପାଇଁ ଆସନ୍ତା ୧୦ ତାରିଖରେ ଜାତୀୟ କୃମିନାଶକ ଦିବସକୁ ବ୍ୟାପକ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଉକ୍ତଦିନ ୧ରୁ ୧୯ ବର୍ଷ ବୟସର ବାଳିକାବାଳକ ଓ ୨୦ରୁ ୨୪ ବର୍ଷର ପ୍ରଜନନକ୍ଷମ ମହିଳାଙ୍କୁ ମିଶାଇ ମୋଟ ଦେଢ଼କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ କୃମିନାଶକ (ଦ୍ରବଣ/ବଟିକା) ଔଷଧ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ନିକଟସ୍ଥ ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ ଓ ଆଶାକର୍ମୀଙ୍କଠାରୁ ଔଷଧ ଖାଇବେ।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶିକା ଡା. ସଂଯୁକ୍ତା ସାହୁ ଓ ଅନ୍ୟ ଅଧିକାରୀମାନେ।

ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫ ପକ୍ଷରୁ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶିକା ଡା. ସଂଯୁକ୍ତା ସାହୁ ଏହି ସୂଚନା ଦେଇଛନ୍ତି। ଏଥିସହ ସେ କହିଛନ୍ତି, ଉକ୍ତ ଦିନ ତଥା ଏହି ମାସରେ ସରକାରୀ ଟିକାକରଣ କେନ୍ଦ୍ର ଓ ସ୍ୱତନ୍ତ୍ର ଭିଟ୍‌ଏନ୍‌ଡି ପ୍ରୋଗ୍ରାମରେ ୯ ମାସରୁ ୬୦ ମାସ ବୟସର ସମସ୍ତ ପିଲାଙ୍କୁ ବୟସ ମୁତାବକ ଉପଯୁକ୍ତ ମାତ୍ରାରେ 'ଭିଟାମିନ ଏ' ଦ୍ରବଣ ମଧ୍ୟ ଦିଆଯିବ। ଯେଉଁମାନେ ୧୦ ତାରିଖରେ ଔଷଧ ଖାଇପାରି ନ ଥିବେ ସେମାନଙ୍କୁ ୧୭ ତାରିଖରେ ପ୍ରଦାନ କରାଯିବ। ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ, କେନ୍ଦ୍ର ସରକାର ଏବଂ ବେସରକାରୀ ବିଦ୍ୟାଳୟ ସହିତ ଅଙ୍ଗନୱାଡ଼ି କେନ୍ଦ୍ର, ପ୍ଲେ ସ୍କୁଲ, ଚାଇଲ୍ଡ କେୟାର ଇନ୍‌ଷ୍ଟିଚ୍ୟୁଶନ

### ୧୦ ତାରିଖରେ ଖାଇ ନ ଥିଲେ ୧୭ରେ ଦିଆଯିବ

ଓ ଶିକ୍ଷାଭିତ୍ତିକ ଅନୁଷ୍ଠାନରେ କୃମିନାଶକ ଦିବସ ପାଳନ କରାଯିବ। ଏହି ଦିବସ ପାଳନ ମାଧ୍ୟମରେ ଆନୁମାନିକ ୧ରୁ ୧୯ ବର୍ଷ ବୟସ ମଧ୍ୟରେ ୧,୪୬,୪୯,୬୨୩ ବାଳିକାବାଳକ, କିଶୋରୀକିଶୋର ଉପକୃତ ହେବା ସହିତ ୨୦ରୁ ୨୪ ବର୍ଷର ୧୭,୭୩,୧୮୭ ପ୍ରଜନନକ୍ଷମ ମହିଳା ଉପକୃତ ହେବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ-ନିର୍ଦ୍ଦେଶକ ଡା. ସ୍ମିତଜିତ ପଟ୍ଟନାୟକ କହିଛନ୍ତି।

ରାଜ୍ୟର ୨୪ଟି ଜିଲାରେ କୃମିନାଶକ ଦିବସ ପାଳନ କରାଯିବ। ସେଗୁଡ଼ିକ ହେଲା ଅନୁଗୋଳ, ବରଗଡ, ବୌଦ୍ଧ, ବାଲେଶ୍ୱର, ଭଦ୍ରକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ସୋନପୁର, ସମ୍ବଲପୁର ଓ ସୁନ୍ଦରଗଡ଼। ଅନ୍ୟ ୬ଟି ଜିଲା ଯଥା ବଲାଙ୍ଗୀର, କଟକ, କଳାହାଣ୍ଡି, କନ୍ଧମାଳ, ନୟାଗଡ଼ ଓ ରାୟଗଡ଼ାର ଯେଉଁ ବ୍ଲକରେ ଲିମ୍ଫାଟିକ ଫ୍ୟାଲେରିଆସିସ୍ କାର୍ଯ୍ୟକ୍ରମ ହେଉନଥିବ, ସେଠାରେ ମଧ୍ୟ ହିତାଧିକାରୀଙ୍କୁ କୃମିନାଶକ ଦିବସରେ ଔଷଧ ଖାଇବାକୁ ଦିଆଯିବ। ଏହି ସମ୍ମିଳନୀରେ ୟୁନିସେଫ ଓଡ଼ିଶାର ନ୍ୟୁଟ୍ରିଶନ ସ୍ପେଶାଲିଷ୍ଟ ସୌରଭ ଭଟ୍ଟାଚାର୍ଯ୍ୟ, ନ୍ୟୁଟ୍ରିଶନ ଅଧିକାରୀ ଡା. ସଞ୍ଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାତି ଅଧରେ ଯୁବକଙ୍କୁ ହାଣି ପକାଇଲେ

ଭୁବନେଶ୍ୱର,୫।୨(ସୂର୍ଯ୍ୟକାନ୍ତ ବେହେରା): ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନୀଳାଚଳ ପଲିଟେକ୍‌ନିକ ନିକଟସ୍ଥ ରାସ୍ତାରେ ଜଣେ ଯୁବକଙ୍କୁ ମଙ୍ଗଳବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ପଟିଆ ଅଞ୍ଚଳର ଦେବାଶିଷ ତ୍ରିପାଠୀ (୩୦)। ଆକ୍ରମଣ ପଛର କାରଣ ଜଣାପଡ଼ି ନ ଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୫ରୁ ଅଧିକ ଯୁବକ ସଂଘବଦ୍ଧ ଭାବେ ଏକ ଧାରୁଆ ଅସ୍ତ୍ରରେ ଲଗାତର ଭାବେ ଦେବାଶିଷଙ୍କ ଗୋଡ଼କୁ ଆକ୍ରମଣ ସହ ଶରୀରର ବିଭିନ୍ନ ଅଙ୍ଗଙ୍କୁ ମଧ୍ୟ ହାଣି ପକାଇ ଦେଇଛନ୍ତି। ଫଳରେ ତାଙ୍କ ବାମ ଗୋଡ଼ ଓ ହାତରେ ଗଭୀର ଆଘାତ ଲାଗିଛି। ଦେବାଶିଷଙ୍କ ଅବସ୍ଥା ଗୁରୁତର ରହିଛି। ଏନେଇ ଦେବାଶିଷଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି।

# ଠକ ଦମ୍ପତିଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

## ବନ୍ଧକ ଫ୍ଲାଟ୍, କୋଠାର ଜାଲ୍ ଦସ୍ତାବିଜ୍ ଦେଇ ୧.୩ କୋଟି ଋଣ ଠକେଇ

ଭୁବନେଶ୍ୱର,୫।୨(ସତ୍ୟଜିତ୍ ରାଉତ)

ପୂର୍ବରୁ ଋଣ ପାଇଁ ବନ୍ଧକ ରଖାଯାଇଥିବା ଫ୍ଲାଟ୍ ଓ ଡୁପ୍ଲେକ୍ସର ଜାଲ ଦସ୍ତାବିଜ୍ ଦେଇ ଆଇସିଆଇସିଆଇ ବ୍ୟାଙ୍କରୁ ପୁନର୍ବାର ୧.୩ କୋଟି ଋଣ ନେଇ ଠକେଇ ମାମଲାରେ ଏକ ଦମ୍ପତିଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ବୁଧବାର ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପଟିଆରେ ରହୁଥିବା ଆଶୀର୍ବାଦ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ମନୋଜ୍ଞାନ ପଟ୍ଟନାୟକ। ଅଭିଯୁକ୍ତଦ୍ୱୟଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଇଓଡବ୍ଲ୍ୟୁ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ଜୟଦେବ ବିହାରରେ 'ଏବି ସଲ୍ୟୁସନ୍‌ସ' ନାଁରେ ଅଭିଯୁକ୍ତ ଆଶୀର୍ବାଦ ଏକ ନିଜସ୍ୱ କମ୍ପାନୀ (ପ୍ରୋପ୍ରାଇଟରଶିପ୍ ଫାର୍ମ) ଚଳାଉଛନ୍ତି। ୨୦୧୮ ଜାନୁଆରୀରେ ଆଶୀର୍ବାଦ ଭୁବନେଶ୍ୱରସ୍ଥିତ ଅଶୋକ ନଗର ଇଣ୍ଡିଆନ୍ ବ୍ୟାଙ୍କ ବ୍ରାଞ୍ଚରୁ ୩.୭୯ କୋଟି ଟଙ୍କାର ଏକ କ୍ୟାଶ୍ କ୍ରେଡିଟ୍ (ସିସି) ଋଣ ଆଣିଥିଲେ। ଏହି ଲୋନ୍ ପାଇଁ ସ୍ତ୍ରୀ ମନୋଜ୍ଞାନ ଓ ତାଙ୍କ ନାଁରେ କଳାହାଙ୍ଗରେ ଥିବା ଦୁଇଟି ଫ୍ଲାଟ୍ ଓ ଗୋଟିଏ ଡୁପ୍ଲେକ୍ସକୁ ବନ୍ଧକ ରଖିଥିଲେ। ତେବେ ଏହି ସିସି ଲୋନ୍ କିସ୍ତି ଚାଲିଥିବାବେଳେ ୨୦୧୮ ଅକ୍ଟୋବରରେ ଅଭିଯୁକ୍ତ ଦମ୍ପତି ଚତୁରତାର ସହ ବ୍ୟାଙ୍କ ଅଧିକାରୀଙ୍କୁ ଅନ୍ଧାରରେ ରଖି ଆଇସିଆଇସିଆଇ ବ୍ୟାଙ୍କକୁ ଚୂନ ଲଗାଇଥିଲେ। ବନ୍ଧକ ରଖାଯାଇଥିବା ଉକ୍ତ ଦୁଇ ଫ୍ଲାଟ୍ ଓ ଡୁପ୍ଲେକ୍ସର ଜାଲ ଦସ୍ତାବିଜ୍ ଦେଇ କଟକ ଲିଙ୍କ୍ ରୋଡ ଆଇସିଆଇସିଆଇ ବ୍ରାଞ୍ଚରୁ ୧.୫ କୋଟି ଟଙ୍କାର ଋଣ ନେଇଯାଇଥିଲେ। ତେବେ ଏହାପରେ ଆଶୀର୍ବାଦ ଉକ୍ତ ବନ୍ଧକ ରଖାଯାଇଥିବା ଏକ ଫ୍ଲାଟର ଜାଲ କାଗଜପତ୍ର ଦେଇ ଜଣଙ୍କୁ ବିକ୍ରି ମଧ୍ୟ କରିଦେଇଥିଲେ। ଅଭିଯୁକ୍ତଦ୍ୱୟ ଇଣ୍ଡିଆନ ବ୍ୟାଙ୍କରେ ଉକ୍ତ ଲୋନ୍ ପରିଶୋଧ କରି ନ ପାରିବାରୁ ବନ୍ଧକ ସମ୍ପତ୍ତିକୁ ବ୍ୟାଙ୍କ ନିଜ ହେପାଜତକୁ ନେବାକୁ ପ୍ରକ୍ରିୟା ଆରମ୍ଭ କରିଥିଲା। ଏହି ସମୟରେ ଦମ୍ପତିଙ୍କ କଳା କାରନାମା ଘଟଣା ଜଣାପଡ଼ିଥିଲା। ଇଣ୍ଡିଆନ୍ ବ୍ୟାଙ୍କ ଉକ୍ତ ବିକ୍ରି ହୋଇଥିବା ଫ୍ଲାଟ୍ ସମେତ ବାକି ଗୋଟିଏ ଫ୍ଲାଟ୍ ଓ ଡୁପ୍ଲେକ୍ସକୁ ନିଜ ହେପାଜତକୁ ନେଇ ଜବତ କରିଥିଲା। ତେବେ ଏଥିପାଇଁ ଆଇସିଆଇସିଆଇ ବ୍ୟାଙ୍କର କ୍ଷତି ହୋଇଥିଲା। ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଦେୟ ମିଶି ଏହି ଋଣର ପରିମାଣ ୧.୩ କୋଟି ହୋଇଯାଇଥିଲା। ଏହି ଠକେଇ ନେଇ ଆଇସିଆଇସିଆଇ ବ୍ୟାଙ୍କ ଫାଇନାନସିଆଲ୍ କ୍ରାଇମ ପ୍ରିଭେନ୍‌ଶନ୍ ଗ୍ରୁପର ଆଞ୍ଚଳିକ ମୁଖ୍ୟ ସୁଶାନ୍ତ ନାୟକ ଇଓଡବ୍ଲ୍ୟୁ ନିକଟରେ ଏତଲା ଦେଇଥିଲେ। ଏହାକୁ ଆଧାର କରି ଇଓଡବ୍ଲ୍ୟୁ ଜାନୁଆରୀ ୩୦ରେ ମାମଲା (ନଂ.୧/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

## ଡକାୟତି ଉଦ୍ୟମ ବେଳେ ୬ ଗିରଫ



ଗିରଫ ୬ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୫।୨ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ)

ଯାଜପୁର ଜିଲା ପୋଲିସ ପକ୍ଷରୁ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଡକାୟତି ଉଦ୍ୟମ କରୁଥିବା ୬ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ କଟକ ଜିଲା ଜଗତପୁର ଥାନା ଅନ୍ଧାରୀ ଗ୍ରାମର ଅମର ଭୂୟାଁ, ଜଗତପୁର ଥାନା ନାଜରପୁର ଗ୍ରାମର ଜିତେନ୍ଦ୍ର ରାଉତରାୟ, ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଗୋପୀନାଥପୁର ଗ୍ରାମର ଆଶିଷ ଚୁଲାସିଂହ, ଯାଜପୁର ଜିଲା ଜେନାପୁର ଥାନା ଗଡ଼ମଧୁପୁର ମଠସାହିର ରିତୁଆ ମଲ୍ଲିକ ଓ ବାଲିଚନ୍ଦ୍ରପୁର ଥାନା ମାଣ୍ଡୁକା ଗ୍ରାମର ରତିକାନ୍ତ ଦାସ। ଏହି ୫ ଜଣଙ୍କୁ ଗିରଫ ପରେ ସେମାନେ ଚୋରି କରି ସାମଗ୍ରୀ ବିକ୍ରିଥିବା କବାଡ଼ିଆ ଦୋକାନୀ ସେକ୍ ଯାହିରୁଲ୍‌ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୪ ଗାଡ଼ି, ୧ ଖଣ୍ଡା, ଖେଳନା ବନ୍ଧୁକ ଓ ୫ ମୋବାଇଲ ଫୋନ୍ ଜବତ କରାଯାଇଛି। ବାଲିଚନ୍ଦ୍ରପୁର ଥାନା ପରିସରରେ ଖବରଦାତା ସମ୍ମିଳନୀ କରି ଯାଜପୁର ରୋଡ୍ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ମଙ୍ଗଳବାର ରାତି ପ୍ରାୟ ୧୨ଟାରେ ୫ମ ନଂ. ଜାତୀୟ ରାଜପଥର ପତରାଜପୁରସ୍ଥିତ ଗୁରୁଜୀ ହୋଟେଲ ନିକଟରେ ସେମାନେ ଡକାୟତି ଯୋଜନା କରୁଥିଲେ। ସେମାନଙ୍କ ନାମରେ ବିଭିନ୍ନ ଥାନାରେ ୨୩ ମାମଲା ରହିଛି। ଏନେଇ ଥାନାରେ ନଂ.୩୪/୨୫ରେ ମାମଲା ରୁଜୁ ହୋଇଛି।

# ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଘରୁ ୨ କୋଟି ଜବତ

### ଭୁବନେଶ୍ୱର, କଟକ, ମାଲକାନଗିରିର ୭ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର)/ ଭୁବନେଶ୍ୱର,୫।୨(ସତ୍ୟଜିତ୍ ରାଉତ)

ମାଲକାନଗିରି ଜିଲା ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର ଭିଜିଲାନ୍ସ ସ୍କାନରକୁ ଆସିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ସାନ୍ତନୁଙ୍କ ଘର ଓ ତାଙ୍କ ଅଫିସରେ କାମ କରୁଥିବା ୩ କର୍ମଚାରୀଙ୍କ ଘର ସମେତ ଭୁବନେଶ୍ୱର, କଟକ ଓ ମାଲକାନଗିରିର ୭ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି। ଏହି ଚଢାଉରେ ଶାନ୍ତନୁଙ୍କ ଘର ଓ ସହକର୍ମୀଙ୍କ ଘରୁ ମୋଟ ୨ କୋଟି ୬ ଲକ୍ଷ ୯୨ ହଜାର ୮୫୦ ଟଙ୍କା ସମେତ ଅନ୍ୟାନ୍ୟ ସମ୍ପତ୍ତି ମିଳିଛି, ଯାହା ସମନ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଭିଜିଲାନ୍ସ ପକ୍ଷରୁ ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଶାନ୍ତନୁଙ୍କ କଟକ ବଳିଆସାହି ନୂଆପଡ଼ାସ୍ଥିତ ପୈତୃକ ଘର, ଭୁବନେଶ୍ୱର ଭିମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀସ୍ଥିତ ଜଣେ ସମ୍ପର୍କୀୟଙ୍କ ଘର, ମାଲକାନଗିରିସ୍ଥିତ ଅଫିସ ଚାମ୍ବର, ଅଫିସରେ କାମ କରୁଥିବା କୃଷି ଯନ୍ତ୍ରୀ ମୋହନ ମଣ୍ଡଳଙ୍କ ମାଲକାନଗିରିସ୍ଥିତ ଘର, ଡାଟା ଏଣ୍ଟ୍ରି ଅପରେଟର ବିଶ୍ୱଜିତ ମଣ୍ଡଳଙ୍କ ମାଲକାନଗିରିସ୍ଥିତ ଘର, ଠିକା କର୍ମଚାରୀ ଅମିୟକାନ୍ତ ସାହୁଙ୍କ ମାଲକାନଗିରିସ୍ଥିତ ଘର ଆଦି ରହିଛି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଛି। ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୨ଜଣ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୧୦ ଇନ୍ସପେକ୍ଟର, ୬ ଏଏସ୍‌ଆଇ ଏବଂ ଅନ୍ୟ ସହକାରୀ କର୍ମଚାରୀ ନିୟୋଜିତ ଅଛନ୍ତି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ଶାନ୍ତନୁଙ୍କ ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସ ସୂଚନାନୁଯାୟୀ, ଶାନ୍ତନୁଙ୍କ ଜୟପୁର ଟାଉନସ୍ଥିତ ପାୱାର ହାଉସ କଲୋନୀରେ ଥିବା ୪,୬୦୦ ବର୍ଗଫୁଟରେ ଥିବା ଗୋଟିଏ ୩ମହଲା କୋଠା ଠାବ ହୋଇଛି। ଭୁବନେଶ୍ୱର ଓ କଟକରେ ୪ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଥିବାବେଳେ ପ୍ଲଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍‌ନିକାଲ ଉଇଙ୍ଗ୍ ହିସାବ କରୁଛି। ଠାବ ହୋଇଥିବା ମୋଟ ନଗଦ ୨.୦୬ କୋଟି ଟଙ୍କା ମଧ୍ୟରୁ ଶାନ୍ତନୁଙ୍କ ୧ କୋଟି ୯୮ ଲକ୍ଷ ଟଙ୍କା ରହିଛି। ସେହିପରି ସହଯୋଗୀ ବିଶ୍ୱଜିତଙ୍କ ନିକଟରୁ ୬ ଲକ୍ଷ ୯୨ ହଜାର ୧୧୦ ଟଙ୍କା, ମୋହନଙ୍କ ନିକଟରୁ ୧ ଲକ୍ଷ ୧୯ ହଜାର ୧୪୦ ଟଙ୍କା ଓ ଅମିୟକାନ୍ତଙ୍କ ନିକଟରୁ ୮୧ ହଜାର ୬୦୦ ଟଙ୍କା ଠାବ ହୋଇଛି। ତେବେ ଶାନ୍ତନୁଙ୍କ ଘରୁ ଯାଞ୍ଚ ବେଳେ ୪୨୨.୪୪ ଗ୍ରାମର ସୁନା ଅଳଙ୍କାର ମଧ୍ୟ ମିଳିଛି। ଏଥିସହ ତାଙ୍କ ଘରୁ ୨୯.୦୮ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ (ହ୍ୟୁଣ୍ଡାଇ ଆଇ-୨୦), ୨ଟି ଦୁଇ ଚକିଆ ଯାନ ଓ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଠାବ ହୋଇଛି। ସେହିପରି ଶାନ୍ତନୁ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ବ୍ୟାଙ୍କ ଓ ଜୀବନବୀମା ଜମା ୯୧ ଲକ୍ଷ ୧୦ ହଜାର ୩୦୬ ଟଙ୍କା ରହିଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ତେବେ ଯାଞ୍ଚ ସରିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସାନ୍ତନୁ ତାଙ୍କ ସହକର୍ମୀଙ୍କ ସାଙ୍ଗରେ ସ୍ଥାନୀୟ ଅଞ୍ଚଳରେ ବହୁ ଦୁର୍ନୀତି କରିଥିବା ଭିଜିଲାନ୍ସ ଆଶଙ୍କା କରି ଅଧିକ ତଦନ୍ତ ଚଳାଇଛି।





ଶାନ୍ତନୁ ମହାପାତ୍ର ଓ ଜବତ ହୋଇଥିବା ଟଙ୍କା।

### ଅବିଭକ୍ତ କୋରାପୁଟ, ଗଞ୍ଜାମ ଜିଲାରେ ୩ ଦଶନ୍ଧି

ଅବିଭକ୍ତ କୋରାପୁଟ ଓ ଗଞ୍ଜାମ ଜିଲାରେ ଶାନ୍ତନୁ ୩ ଦଶନ୍ଧି ହେଲା କାମ କରିଛନ୍ତି। ସେ କୃଷି ଅର୍ଥନୀତିରେ ଏମ୍‌ଏସ୍‌ସି କରି ୧୯୯୫ ଡିସେମ୍ବର ୧୯ରେ କନିଷ୍ଠ ମୃତ୍ତିକା ସଂରକ୍ଷଣ ଅଧିକାରୀ ଭାବେ ଖୋର୍ଦ୍ଧା ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ୨୦୦୦ ଡିସେମ୍ବରରୁ ୨୦୦୯ ଡିସେମ୍ବର ଯାଏ ସେ ମାଲକାନଗିରି ମାଥିଲିରେ ବିହନ ଉତ୍ପାଦନ ଅଧିକାରୀ ଭାବେ କାମ କରିଥିଲେ। ୨୦୦୯ରେ ଶାନ୍ତନୁ କୋରାପୁଟ ଜିଲା ବିହନ ଉତ୍ପାଦନ ଅଧିକାରୀଙ୍କ ଅଫିସକୁ ବଦଳି ହୋଇ ୨୦୧୬ ଯାଏ କାମ କରିଥିଲେ। ୨୦୧୬ରେ ସେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ରାଙ୍କକୁ ପଦୋନ୍ନତି ପାଇ ଗଞ୍ଜାମ ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଧୀନରେ କାମ କରିଥିଲେ। ୨୦୨୦ରେ ସେ ସହକାରୀ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ର୍ୟାଙ୍କକୁ ପଦୋନ୍ନତି ପାଇ ଗଜପତି ଜିଲା ପାରଳାଖେମୁଣ୍ଡି ଜଳ ବିଭାଜିକା ପ୍ରୋଜେକ୍ଟ ଡାଇରେକ୍ଟର ଦାୟିତ୍ୱ ନେଇଥିଲେ। ୨୦୨୧ ଅଗଷ୍ଟରେ ଶାନ୍ତନୁ ପୁଣି ପଦୋନ୍ନତି ପାଇ ମାଲକାନଗିରି ମୃତ୍ତିକା ସଂରକ୍ଷଣ ଉପ ନିର୍ଦ୍ଦେଶକ ତଥା ଜଳ ବିଭାଜିକା ପ୍ରୋଜେକ୍ଟ ଡାଇରେକ୍ଟର ଭାବେ କାମ କରୁଛନ୍ତି।

## ମହିଳାଙ୍କୁ ତଣ୍ଟିକାଟି ହତ୍ୟା, ସ୍ୱାମୀ ଅଟକ

ପାଣିକୋଇଲି,୫।୨(ବିକାଶ ମଲ୍ଲିକ)

ଯାଜପୁର ଜିଲା ପାଣିକୋଇଲି ଥାନା ତଣ୍ଡରା ପଞ୍ଚାୟତ ବରେଇ ଗ୍ରାମର ରାଉତ ସାହିରୁ ଜଣେ ମହିଳାଙ୍କ ତଣ୍ଟିକଟା ଅବସ୍ଥାରେ ଶୋଇବା ଘରୁ ମୃତଦେହ ମିଳିଛି। ମୃତକ ପାଣିକୋଇଲି ଥାନା ବଡ଼ବିରୁହାଁ ପଞ୍ଚାୟତ ଆମ୍ବତଳା ଗ୍ରାମର ମଦନ ରାଉତଙ୍କ ଝିଅ ମମତା(୨୭)। ଏନେଇ ମୃତକଙ୍କ ଭାଇ ମଦନ ରାଉତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି। ବରେଇ ଗ୍ରାମର ସଦାନନ୍ଦ ରାଉତ ଓରଫ ନନ୍ଦିଆଙ୍କ ସହିତ ୨୦୧୬ରେ ମମତାଙ୍କ ବିବାହ ହୋଇଥିଲା। ବିବାହ ପରଠାରୁ ଶାଶୁ ଘର ଲୋକେ ୨ ଲକ୍ଷ ଟଙ୍କା ଆଣିବା ପାଇଁ ମମତାଙ୍କ ଉପରେ ଚାପ ପକାଇବା ସହିତ ନିର୍ଯାତନା ଦେଉଥିଲେ। ମମତା ଟଙ୍କା ନେବା ଲାଗି ଗତ ଜାନୁଆରୀ ୨୬ରେ ବାପଘରକୁ ଆସିଥିଲେ। ମମତାଙ୍କ ସ୍ୱାମୀ ଚଳିତ ମାସ ୨ ତାରିଖରେ ଆସି ନେଇ ଯାଇଥିଲେ। ସୋମବାର ସକାଳେ ବାପଘରକୁ ଫୋନ୍ କରି ମମତା ଆତ୍ମହତ୍ୟା କରିଛନ୍ତି ବୋଲି ଶାଶୁଘର ଲୋକେ ଜଣାଇଥିଲେ। ଏନେଇ ଥାନାରେ ମାମଲା ନଂ.୨୪/୨୫ ରୁଜୁ ହୋଇଛି।

## ଭଉଣୀ ସହ ମିଶି ପ୍ରେମିକାଙ୍କ ଗର୍ଭନଷ୍ଟ, ପ୍ରେମିକ ଗିରଫ

ଭୁବନେଶ୍ୱର,୫।୨ (ସୂର୍ଯ୍ୟକାନ୍ତ ବେହେରା)

ଜଣେ ଯୁବତୀଙ୍କୁ ଗର୍ଭନଷ୍ଟ ସହ ମାଡ଼ ମାରି ନିର୍ଯାତନା ଦେବା ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା କଟକର କୀର୍ତ୍ତି କେଶରୀ ମିଶ୍ର(୩୦)। ଜାମିନ ନ ମିଳିବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



କୀର୍ତ୍ତି କେଶରୀ ମିଶ୍ର

ଅଭିଯୋଗ ଅନୁଯାୟୀ, ଗତ ଚାରି ବର୍ଷ ପୂର୍ବେ ପୀଡ଼ିତା ଯୁବତୀଙ୍କ ସହ କୀର୍ତ୍ତିଙ୍କ ଏକ ପାର୍ଟିରେ ସାକ୍ଷାତ୍ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଅଭିଯୁକ୍ତ କୀର୍ତ୍ତି ପୀଡ଼ିତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ଇଚ୍ଛା ବିରୋଧରେ ଏକାଧିକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ପୀଡ଼ିତା ତିନିଥର ଗର୍ଭବତୀ ହୋଇଥିଲେ। ଏହା ଜାଣିବା ପରେ ଅଭିଯୁକ୍ତ ଜଣକ ତାଙ୍କର ଗର୍ଭନଷ୍ଟ କରିଦେଇଥିଲେ। ଏପରି କି ୨୦୨୩ ଅଗଷ୍ଟରେ ଗର୍ଭବତୀ ଥିବାବେଳେ ଅଭିଯୁକ୍ତ କୀର୍ତ୍ତି ନିଜ ଭଉଣୀଙ୍କୁ ସାଙ୍ଗରେ ନେଇ ଗର୍ଭନଷ୍ଟ କରିବା ଲାଗି ଜୋରଜବରଦସ୍ତ ମେଡିସିନ ଦେବା ଲାଗି ପ୍ରୟାସ କରିଥିଲେ। ପୀଡ଼ିତା ମେଡିସିନ ଖାଇବାକୁ ମନା କରିବାରୁ ଅଭିଯୁକ୍ତ କୀର୍ତ୍ତି ତାଙ୍କ ପେଟକୁ ଗୋଇଠା ମାରିଥିଲେ ଏବଂ ଭଉଣୀ ତାଙ୍କ ଚୁଟି ଧରି ଟଣାଓଟରା କରିବା ସହିତ ବେକକୁ ଚିପି ଧରିଥିଲେ। ଫଳରେ ପୀଡ଼ିତାଙ୍କ ଗର୍ଭନଷ୍ଟ ହୋଇଯାଇଥିଲା। ପରେ ଅଭିଯୁକ୍ତ ପୁନର୍ବାର ପୀଡ଼ିତାଙ୍କ ଘରକୁ ଯାଇ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ବିଭିନ୍ନ ବାହାନା ଦେଖାଇ ପୀଡିତାଙ୍କ ନିକଟରୁ ୫୦ହଜାର ଟଙ୍କା ମଧ୍ୟ ନେଇଯାଇଥିଲେ। ଏହାପରେ ପୀଡ଼ିତା ୨୦୨୪ ଅଗଷ୍ଟରେ ଅଭିଯୁକ୍ତଙ୍କ ନିକଟକୁ ଯାଇ ବିବାହ କରିବା ଲାଗି ଅନୁରୋଧ କରିବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ତାଙ୍କ ବେକ ଚିପି ତାଙ୍କୁ ମାରିବାକୁ ଉଦ୍ୟମ କରିଥିଲେ। ପୀଡିତା ଜଣକ କୌଶଳକ୍ରମେ ଅଭିଯୁକ୍ତଙ୍କ କବଳରୁ ଖସି ଥାନାରେ ଅଭିଯୋଗ କରିଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଳରେ ଜଳ ପ୍ରତିଷ୍ଠା, ମଳରେ ମଳ ପ୍ରତିଷ୍ଠା,**
**ବ୍ରାହ୍ମଣେ ଖାଆନ୍ତି ଶୂଦ୍ର ଅଇଁଠା,**
**ଶିବ ଖାଆନ୍ତି ବାଛୁରୀ ନାଳ,**
**ଶ୍ରୀକୃଷ୍ଣଙ୍କ ମୁଣ୍ଡରେ ଶିଖଣ୍ଡି ଚୂଳା।**

ଜଳାଶୟ ଗଙ୍ଗା ଜଳ ଦ୍ୱାରା ପ୍ରତିଷ୍ଠା କରିବା, ଶୌଚ ଯାଇ ମାଟିହାତ କରିବା ଭଳି ବ୍ରାହ୍ମଣଙ୍କର ଶୂଦ୍ରଙ୍କ ଶ୍ରାଦ୍ଧରେ ଭୋଜନ କରିବା ବା ଚାଉଳ ନେବା ଦେଖାଯାଏ। ସେହିପରି ବାଛୁରୀ ପିଇବା ପରେ କ୍ଷୀର ଶିବଙ୍କୁ ଲାଗି କରାଇବା ଓ ଶ୍ରୀକୃଷ୍ଣଙ୍କ ମୁଣ୍ଡରେ ମୟୂର ଚୂଳ ରହିଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜଣେ ପଶିଲେ**
**ମାଣେ ଖସେ।**

ଜଣେ ମନୁଷ୍ୟର ଭରଣପୋଷଣ ନିମିତ୍ତ ଅଧିକ ଖର୍ଚ୍ଚର ଆବଶ୍ୟକତା ରହିଥାଏ। ଲୋକସଂଖ୍ୟା ବୃଦ୍ଧିରୁ ଅଧିକ ଖାଦ୍ୟର ଆବଶ୍ୟକତା ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ନାବାଳକ ପୁଅକୁ ଛୁରିରେ ଆକ୍ରମଣ କଲେ ବାପା

ହିଞ୍ଜିଳିକାଟୁ, ୫।୨(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ପୋଡ଼ିଙ୍ଗି ଗାଁରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ଅଶାନ୍ତିରୁ ନାବାଳକ ପୁଅକୁ ଛୁରିରେ ଆକ୍ରମଣ କରି ବାପା ଫେରାର୍ ହୋଇଯାଇଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ୧୦ ବର୍ଷୀୟ ପୁଅ ସୁମନଙ୍କୁ ମା' ବାସନ୍ତୀ ବେହେରା ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏ ନେଇ ଅଭିଯୋଗକ୍ରମେ ହିଞ୍ଜିଳି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ବାପା ମନୋଜ ବେହେରାଙ୍କୁ ଗିରଫ ପାଇଁ ଉଦ୍ୟମ ଚଳାଇଛି।

ପୋଡିଙ୍ଗି ଗ୍ରାମର ମନୋଜ ବିଭିନ୍ନ ସମୟରେ ତାଙ୍କ ସ୍ତ୍ରୀଙ୍କ ସହ ଗଣ୍ଡଗୋଳ କରନ୍ତି। ସ୍ୱାମୀଙ୍କ ନିର୍ଯାତନା ସହି ନ ପାରି ୭ ମାସ ପୂର୍ବେ ବାସନ୍ତୀ ବଡ଼ପୁଅ ଶିବ (୧୩) ଓ ସୁମନଙ୍କୁ ନେଇ ଭୁବନେଶ୍ୱର ଚାଲିଯାଇ ସେଠାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ଶନିବାର ମନୋଜ ଭୁବନେଶ୍ୱର ଯାଇ ଆଉ ଗଣ୍ଡଗୋଳ କରିବେନି ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ୱାମୀଙ୍କ କଥାରେ ଭରସା ରଖି ବାସନ୍ତୀ ପିଲାମାନଙ୍କୁ ଧରି ଗତ ସୋମବାର ଗାଁକୁ ଫେରିଥିଲେ। ମଙ୍ଗଳବାର କୌଣସି କଥାକୁ ନେଇ ପୁଣି ଦମ୍ପତିଙ୍କ ମଧ୍ୟରେ କଳହ ଲାଗିଥିଲା। ଏଥିରେ ମନୋଜ ଉତ୍ତ୍ୟକ୍ତ ହୋଇ ପରିବାରର ସମସ୍ତଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ବୁଧବାର ସାନପୁଅ ସୁମନ ଗାଁଦାଣ୍ଡରେ ଖେଳୁଥିବା ବେଳେ ମନୋଜ ତାଙ୍କୁ ହଠାତ୍ ଛୁରିରେ ଆକ୍ରମଣ କରିଥିଲେ। ମୁହଁ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିବାରୁ ସୁମନ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡିଯାଇଥିଲେ। ଏହାଦେଖି ସାଙ୍ଗମାନେ ପାଟି କରିବାରୁ ମନୋଜ ଚମ୍ପଟ ମାରିଥିଲେ। ସେ ନିଶାସକ୍ତ ହୋଇ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଗୁଆହାଟୀରୁ ଧରାପଡ଼ିଲେ ମୁଖ୍ୟ ଅଭିଯୁକ୍ତ

**ମଣପୁରମ୍ ଡକାୟତି ଘଟଣା**

**ଉଦ୍ଧାର ହୋଇ ନାହିଁ ଚୋରି ସାମଗ୍ରୀ**

ସମ୍ବଲପୁର,୫।୨(ପ୍ରମୋଦ ବହିଦାର)

ସମ୍ବଲପୁର ବୁଢ଼ାରଜାସ୍ଥିତ ମଣପୁରମ ସୁନାଋଣ ଅର୍ଥଲଗାଣ ସଂସ୍ଥା ଡକାୟତି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ସମ୍ବଲପୁର ପୋଲିସ ୧ମାସ ପରେ ଗିରଫ କରିଛି। ଅଭିଯୁକ୍ତ ବିହାର ବୈଶାଳୀ ଜିଲା ହାଜିପୁର ଦୀର୍ଘକୋଲା ପଶ୍ଚିମର ଉତ୍ତମ ପାଶ୍ୱାନ(୨୨)। ସମ୍ବଲପୁର ପୋଲିସ ଆସାମର ଗୁଆହାଟୀରୁ ଫେବୃଆରୀ ୧ରେ ତାଙ୍କୁ ଗିରଫ କରିଥିଲା। ଗିରଫ ପରେ ଗୁଆହାଟୀର ଏକ କୋର୍ଟରେ ଉତ୍ତମଙ୍କୁ ହାଜର କରାଯାଇଥିଲା। ଏହାପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇ ସମ୍ବଲପୁର ଅଇଁଠାପାଲି ଥାନା ଆଇଆଇସି ପ୍ରଦ୍ୟୁମ୍ନ ସ୍ୱାଇଁଙ୍କ ନେତୃତ୍ୱରେ ଯାଇଥିବା ପୋଲିସ ଦଳ ତାଙ୍କୁ ମଙ୍ଗଳବାର ରାତିରେ ସମ୍ବଲପୁର ପହଞ୍ଚିଥିଲା। ବୁଧବାର ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ସମ୍ବଲପୁର ମଣ୍ଡଳ କାରାଗାର ହାଜତକୁ ପଠାଇ ଦିଆଯାଇଛି। ତାଙ୍କୁ ୭ଦିନିଆ ରିମାଣ୍ଡରେ ଆଣିବା ପାଇଁ ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରାଯାଇଛି ବୋଲି କହିଛନ୍ତି ଧନୁପାଲି ଥାନା ଆଇଆଇସି ସ୍ୱାଇଁ।

ଏ ସମ୍ପର୍କରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି, ଗତ ଜାନୁଆରୀ ୩ ତାରିଖରେ ମଣପୁରମ୍ ସଂସ୍ଥାରେ ସ୍ପଷ୍ଟ ଦିବାଲୋକରେ ହୋଇଥିବା ଡକାୟତିକୁ ଉତ୍ତମ ପାଶ୍ୱାନ ହିଁ ପ୍ରତ୍ୟକ୍ଷ ପରିଚାଳନା କରିଥିଲେ। ସେ ଲୁଟ୍ ପରେ ସୁନାଭର୍ତ୍ତି ବ୍ୟାଗକୁ ବାଇକ ପଛରେ ବସି ଚମ୍ପଟ ମାରିଥିଲେ। ତାଙ୍କୁ ଗିରଫ କରାଯାଇଛି। ତେବେ ଏପର୍ଯ୍ୟନ୍ତ ଚୋରି ସାମଗ୍ରୀ ଉଦ୍ଧାର ହୋଇନାହିଁ। ସୂଚନାଯୋଗ୍ୟ ଯେ, ବାଇକ୍‌ରେ ଆସି ଏକସଙ୍ଗେ ୬ରୁ ୭ ଜଣ ହେଲମେଟ ଓ ମୁଖାପିନ୍ଧା ଡକାୟତ ମଣପୁରମ ସଂସ୍ଥା ଭିତରକୁ ପଶି ବନ୍ଧୁକ ମୁନରେ କମ୍ପାନୀ କର୍ମଚାରୀଙ୍କୁ ଭୟଭୀତ କରି ପ୍ରାୟ ୨୯କେଜି ସୁନାଗହଣା ଓ ନଗଦ ୪ ଲକ୍ଷ ୮୧ ହଜାର ଟଙ୍କାକୁ ଏକ ବ୍ୟାଗରେ ଭର୍ତ୍ତି କରି ଫେରାର ହୋଇଯାଇଥିଲେ। ସମ୍ବଲପୁର ବୁଢାରଜା ମଣପୁରମ ସଂସ୍ଥାର ମୁଖ୍ୟ ପ୍ରବନ୍ଧକ ସୁଧୀର ନାଥଙ୍କ ଏତଲା କ୍ରମେ ଧନୁପାଲି ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୂର୍ବରୁ ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି।

## ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା

■ପ୍ରେମିକାଙ୍କ ସହ ରାତିରେ ବୁଲିବାକୁ ଯାଇଥିବା ବେଳେ ଆକ୍ରମଣ

■ପ୍ରେମିକାଙ୍କୁ ଅଟକ ରଖି ପଚରାଉଚରା, ମୁଖ୍ୟ ଅଭିଯୁକ୍ତ ଫେରାର

ବଇଣ୍ଡା,୫।୨ (ପରିକ୍ଷିତ ସାହୁ)

ପ୍ରେମିକାଙ୍କୁ ନେଇ ମଙ୍ଗଳବାର ରାତିରେ ବୁଲିବାକୁ ଯାଇଥିବା ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ସାନଗୋବିନ୍ଦପୁର ଗ୍ରାମରେ ମଙ୍ଗଳବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ହେଲେ ମଧପୁର ଅଞ୍ଚଳର ରାହୁଲ ସାମଲ (୧୮)। ମୃତ ରାହୁଲଙ୍କ ବାପା ଦିଲୀପ ସାମଲ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୫୧/୨୫ରେ ଏକ ମାମଲା ରୁଜୁ କରିବା ସହ ରାହୁଲଙ୍କ ପ୍ରେମିକା କୁହାଯାଉଥିବା ଅନୁଗୋଳ ଥାନା ଅଞ୍ଚଳର ଜଣୈକ ଯୁବତୀଙ୍କୁ ଅଟକ ରଖିଛି। ଅନ୍ୟପଟେ ହତ୍ୟାକାଣ୍ଡରେ ସମ୍ପୃକ୍ତ ସାନଗୋବିନ୍ଦପୁର ଗ୍ରାମର ଜଣେ ଯୁବକ ଫେରାର ହୋଇଯାଇଛନ୍ତି।



ଘଟଣାସ୍ଥଳରେ ରାହୁଲଙ୍କ ମୃତଦେହ।

ପୋଲିସ କହିଛି, ମଧପୁର ଅଞ୍ଚଳର ରାହୁଲ ପ୍ରେମିକାଙ୍କୁ ନେଇ ସାନଗୋବିନ୍ଦପୁର ଅଞ୍ଚଳକୁ ବୁଲିବାକୁ ଯାଇଥିଲେ। ସେମାନେ ଏକ ନିଛାଟିଆ ସ୍ଥାନରୁ ଫେରୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସେହି ଗ୍ରାମର ଜଣେ ଯୁବକଙ୍କ ସହ ମୁହାଁମୁହିଁ ହୋଇଥିଲେ। ଅଭିଯୁକ୍ତଙ୍କ ଜଣେ ସମ୍ପର୍କୀୟାଙ୍କ ସହ ମଧ୍ୟ ରାହୁଲଙ୍କ ପ୍ରେମ ସମ୍ପର୍କ ରହିଥିଲା। ତେଣୁ ରାହୁଲଙ୍କୁ ଆଉ ଜଣେ ଯୁବତୀଙ୍କ ସହ ଦେଖିବା ପରେ ଏହାକୁ ନେଇ ରାହୁଲ ଓ ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ମୁଖ୍ୟ ଅଭିଯୁକ୍ତ ଏକ ଠେଙ୍ଗାରେ ରାହୁଲଙ୍କ ମୁଣ୍ଡକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ରାହୁଲଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣା ଜଣାପଡ଼ିବା ପରେ ଅଞ୍ଚଳବାସୀ ରାହୁଲଙ୍କ ସହିତ ଥିବା ଯୁବତୀଙ୍କୁ ଅଟକ ରଖି ପୋଲିସକୁ ସୂଚନା ଦେଇଥିଲେ। ହଣ୍ଡପା ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରୀ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଥାନାକୁ ଆଣି ପଚରା ଉଚରା କରିଥିଲେ। ବୁଧବାର ସକାଳେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ନେଇ ଘଟଣାସ୍ଥଳରେ ତଦନ୍ତ କରିଥିଲା। ଖୁବ୍‌ଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ପ୍ରକାଶ କରିଛନ୍ତି।

# ପଶ୍ଚିମବଙ୍ଗରେ ପୁଞ୍ଜି ବିନିଯୋଗକୁ ଦ୍ୱିଗୁଣିତ କରିବ ରିଲାଏନ୍ସ

କୋଲକାତା,୫।୨

ରିଲାଏନ୍ସ ଗ୍ରୁପ୍ ପଶ୍ଚିମବଙ୍ଗରେ ପ୍ରାୟ ୫୦,୦୦୦ କୋଟି ଟଙ୍କା ପୁଞ୍ଜି ନିବେଶ କରିବ ବୋଲି ଅଷ୍ଟମ ବେଙ୍ଗଲ ଗ୍ଲୋବାଲ ବିଜ୍‌ନେସ ସମ୍ମିଳନୀରେ ଯୋଗ ଦେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବିସ୍ତୃତ ଭାବେ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏପରି କି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆସନ୍ତା ୨୦୩୦ ସୁଦ୍ଧା ଏହି ପୁଞ୍ଜି ବିନିଯୋଗକୁ କାର୍ଯ୍ୟକ୍ଷମ କରାଇବା ସହିତ ୨୦୩୫ ବେଳକୁ ପୁଞ୍ଜି ନିବେଶ ୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବା ନେଇ ଯୋଜନା ରହିଥିବା ସେ ପ୍ରକାଶ କରିଛନ୍ତି। ସେହିଭଳି ଆସନ୍ତା ୧୦ବର୍ଷ ମଧ୍ୟରେ ପଶ୍ଚିମବଙ୍ଗରେ ନିଜର ପୁଞ୍ଜିନିବେଶକୁ ଦ୍ୱିଗୁଣିତ କରିବା ସହିତ ଗତ ଦଶନ୍ଧି ମଧ୍ୟରେ ରିଲାଏନ୍ସର ପୁଞ୍ଜିନିବେଶ ୨ ହଜାର କୋଟି ଟଙ୍କାରୁ ୫୦ହଜାର କୋଟି ଟଙ୍କାକୁ ବୃଦ୍ଧି ହୋଇଥିବା ଅମ୍ବାନୀ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ସେହିପରି ରିଲାଏନ୍ସ ଜିଓ ଭାରତରେ ବିଶ୍ୱର ସର୍ବଶ୍ରେଷ୍ଠ ଏଆଇ ଭିତ୍ତିଭୂମି ପ୍ରସ୍ତୁତ କରୁଛି



ମୁକେଶ ଅମ୍ବାନୀ

ଏବଂ ଏକ ଅତ୍ୟାଧୁନିକ ମାନୁଫାକଚରିଂ କ୍ଷମତା ସହିତ ଡିପ୍ ଟେକ୍ନୋଲୋଜି ସମ୍ପନ୍ନ ଦେଶ ହେବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ବେଙ୍ଗଲ ଗ୍ଲୋବାଲ ସମ୍ମିଳନୀରେ ଯୋଗଦେଇ ମୁକେଶ ଅମ୍ବାନୀ ମୋଟ ୫ଟି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଜିଓ ପକ୍ଷରୁ କୋଲକାତାରେ ରହିଥିବା ଡାଟା ସେଣ୍ଟରକୁ ଅତ୍ୟାଧୁନିକ ଏଆଇ-ପ୍ରସ୍ତୁତ ଡାଟା ସେଣ୍ଟରରେ ପରିଣତ କରାଯାଉଛି, ଯାହା ଆସନ୍ତା ୯ମାସ ମଧ୍ୟରେ ପ୍ରସ୍ତୁତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଡାଟା ସେଣ୍ଟର ପଶ୍ଚିମବଙ୍ଗକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ ଭଳି ଟେକ୍ନୋଲୋଜି ଯୋଗାଇବ, ଯାହା ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରିବ। ରିଟେଲ କ୍ଷେତ୍ରରେ ରିଲାଏନ୍ସ ଆସନ୍ତା ତିନି ବର୍ଷ ମଧ୍ୟରେ ୪୦୦ଟି ନୂତନ ଷ୍ଟୋର ଖୋଲିବାକୁ ଯାଉଥିବା ଅମ୍ବାନୀ ଘୋଷଣା କରିଛନ୍ତି। ସମ୍ପ୍ରତି ରିଲାଏନ୍ସର ପଶ୍ଚିମବଙ୍ଗରେ ୧୩୦୦ରୁ ଅଧିକ ଷ୍ଟୋର ରହିଛି, ଯାହା ତିନି ବର୍ଷ ମଧ୍ୟରେ ୧,୭୦୦କୁ ବୃଦ୍ଧି ପାଇବ। ଏହା ମଧ୍ୟ ନୂତନ ନିଯୁକ୍ତି ସୃଷ୍ଟି କରିବ। ଉଲ୍ଲେଖଯୋଗ୍ୟ, ରିଲାଏନ୍ସ ପଶ୍ଚିମବଙ୍ଗର ବିଭିନ୍ନ କ୍ଷେତ୍ରରେ ୧ ଲକ୍ଷରୁ ଅଧିକ ନିଯୁକ୍ତି ପ୍ରଦାନ କରିଛି। ଏହି ସମ୍ମିଳନୀରେ ବଙ୍ଗଳାର କାରିଗରମାନଙ୍କୁ ବିଶ୍ୱସ୍ତରରେ ସ୍ୱୀକୃତି ଦେବା ପାଇଁ କାର୍ଯ୍ୟ କରିବାକୁ ମୁକେଶ ଅମ୍ବାନୀ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି, ବଙ୍ଗଳା କାରିଗରଙ୍କ ଉତ୍ପାଦକୁ ସମଗ୍ର ବିଶ୍ୱରେ ଉପଲବ୍ଧ କରାଇବା ପାଇଁ 'ସ୍ୱଦେଶ' ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ। ଲଣ୍ଡନ, ନ୍ୟୁୟର୍କ ଏବଂ ପ୍ୟାରିସରେ ସ୍ୱଦେଶ ଷ୍ଟୋର ଖୋଲାଯିବ, ଯେଉଁଠାରେ ପଶ୍ଚିମବଙ୍ଗର ସର୍ବୋତମ ଜାମଦାନୀ ଓ ତନ୍ତ ଶାଢ଼ି, ବାଲୁଚରି, ମର୍ଶିଦାବାଦ, ବିଷ୍ଣୁପୁର ଏବଂ ଟସର ସିଲ୍କ ଶାଢ଼ି ତଥା ରାଜ୍ୟରେ ନିର୍ମିତ ଝୋଟ ଏବଂ ଖଦି ଉତ୍ପାଦ ବିକ୍ରି ପାଇଁ ଉପଲବ୍ଧ ହେବ। ସୌରଶକ୍ତିକୁ ଭବିଷ୍ୟତର ଶକ୍ତି ଉତ୍ସ ବୋଲି ବର୍ଣ୍ଣନା କରି ସେ କହିଛନ୍ତି, ରିଲାଏନ୍ସ ପଶ୍ଚିମବଙ୍ଗର ସବୁଜ ଅର୍ଥନୀତିରେ ଯୋଗଦାନ କରିବାକୁ ଚାହୁଁଛି। ଆମର ଲକ୍ଷ୍ୟ ହେଉଛି 'ସୋନାର ବାଂଲା ପାଇଁ ସୋଲାର ବାଂଲା'। ରିଲାଏନ୍ସ ଫାଉଣ୍ଡେସନ୍ ରାଜ୍ୟ ସରକାରଙ୍କ ସହ ମିଳିତ ସହଯୋଗରେ କାଳୀଘାଟ ମନ୍ଦିରର ପୁନରୁଦ୍ଧାର ଓ ନବୀକରଣ କରୁଛି। ସେବା କରିବାର ଏହି ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କୃତଜ୍ଞତା ଜଣାଇଛନ୍ତି ମୁକେଶ ଅମ୍ବାନୀ। ରିଲାଏନ୍ସ ଫାଉଣ୍ଡେସନ ରାଜ୍ୟର ଆବଶ୍ୟକତା ପୂରଣ ତଥା ଲୋକଙ୍କ ଜୀବନରେ ଉନ୍ନତି ଆଣିବାରେ ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିବାକୁ ପ୍ରତିବଦ୍ଧ ରହିଥିବା ସେ ପ୍ରକାଶ କରିଛନ୍ତି।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୫।୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୩୧୨ (୩୧୨.୫୩) ପଏଣ୍ଟ କମି ୭୮,୨୭୧ (୭୮,୨୭୧.୨୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୪୩ (୪୨.୯୫) ପଏଣ୍ଟ ହ୍ରାସ ଘଟି ୨୩,୬୯୬ (୨୩,୬୯୬.୩୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଆର୍ଥିକ ଅଭିବୃଦ୍ଧିକୁ ପ୍ରାଥମିକତା

ନୂଆଦିଲ୍ଲୀ,୫।୨

ବର୍ତ୍ତମାନ ସମୟରେ ଦେଶର ଅର୍ଥନୀତିକୁ ମଜଭୁତ କରିବା ପାଇଁ ସରକାର ଆର୍ଥିକ ଅଭିବୃଦ୍ଧିକୁ ପ୍ରାଥମିକତା ଦେଉଛନ୍ତି। ଏପରିକି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ନିକଟରେ ଉପସ୍ଥାପନ କରାଯାଇଥିବା କେନ୍ଦ୍ରୀୟ ବଜେଟ ମଜଭୁତ ଡିଜିଟାଲ ଇଣ୍ଡିଆ ପାଇଁ ଏକ ବୋଲ୍ଡ ବ୍ଲୁ ପ୍ରିଣ୍ଟ ହୋଇଥିଲାବେଳେ ଟେକ୍ନୋଲୋଜି-ଆଧାରିତ ବିକାଶ, ଏଆଇ-ଚାଳିତ ଆଧୁନିକୀକରଣ ଓ ସମାବେଶୀ ଆର୍ଥିକ ଅଭିବୃଦ୍ଧିକୁ ଏହା ପ୍ରାଥମିକତା ଦେଉଛି ବୋଲି ସେଲ୍‌ସଫୋର୍ସ ଇଣ୍ଡିଆର ଅଧ୍ୟକ୍ଷ ତଥା ସିଇଓ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି ବିଶ୍ୱର ଅନ୍ୟତମ ସର୍ବବୃହତ ଟ୍ୟାଲେଣ୍ଟ ପୁଲ୍ ଭାବେ ଭାରତରେ ଏଆଇ ବିପ୍ଳବକୁ ଆଗକୁ ବଢାଇବାର ବର୍ତ୍ତମାନ ଏକ ସ୍ୱତନ୍ତ୍ର ସୁଯୋଗ ରହିଛି କିନ୍ତୁ ଏହାକୁ ହାସଲ କରିବା



ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ

ପାଇଁ ଦ୍ରୁତ ଅପ୍‌ସ୍କିଲିଂ, ଶିଳ୍ପ ସହଭାଗିତା ଓ ଶିକ୍ଷାକୁ ଗଣତାନ୍ତ୍ରିକ କରିବାର ଆବଶ୍ୟକତା ରହିଛି ବୋଲି ଅରୁନ୍ଧତୀ ମତବ୍ୟକ୍ତ କରିଛନ୍ତି। ସେହିପରି ବଜେଟରେ ୫୦,୦୦୦ ଅଟଳ ଟିଙ୍କରିଙ୍ଗ ଲାବ୍, ଶିକ୍ଷା କ୍ଷେତ୍ରରେ ଏଆଇ ପାଇଁ ୫୦୦ କୋଟି ଟଙ୍କାର ସେଣ୍ଟର ଅଫ୍ ଏକ୍ସିଲେନ୍ସ ଏବଂ ଦକ୍ଷତା ବିକାଶ ପାଇଁ ୫ଟି ନ୍ୟାଶନାଲ ସେଣ୍ଟର୍ସ ଅଫ୍ ଏକ୍ସିଲେନ୍ସ ଭାରତ ସରକାରଙ୍କ ନିବେଶ ସେଲ୍‌ସଫୋର୍ସରେ ଆମର ମିଶନ ସହ ଜଡିତ ରହିଛି।

# ଆଇବିଏସ୍‌ଫିନ୍‌ଟେକ ସହ ପତଞ୍ଜଳି ସମୂହର ସହଭାଗିତା

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ଟ୍ରେଜେରି ମ୍ୟାନେଜମେଣ୍ଟ ସଲ୍ୟୁଶନରେ ଅଗ୍ରଣୀ ଆଇବିଏସଫିନ୍‌ଟେକ ସହ ପତଞ୍ଜଳି ସମୂହ ସହଭାଗିତା କରିଛି। ପତଞ୍ଜଳି ଫୁଡ୍‌ର ସିଇଓ ସଞ୍ଜୀବ ଆସ୍ଥାନା କହିଛନ୍ତି, ଏକ ବିଶ୍ୱ ବ୍ରାଣ୍ଡ ଭାବରେ ଏହି ସହଯୋଗ ଅତ୍ୟାଧୁନିକ ସମାଧାନ ବ୍ୟବହାର କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦୃଢ଼ କରିଥାଏ। ଏହି ପଦକ୍ଷେପ କେବଳ ଆର୍ଥିକ କାର୍ଯ୍ୟକୁ ପୁନଃ ବ୍ୟାଖ୍ୟା କରେ ନାହିଁ ବରଂ ପତଞ୍ଜଳିର ନବସୃଜନ ପ୍ରତିବଦ୍ଧତାକୁ ମଧ୍ୟ ସୂଚିତ କରେ। ଏହି ସହଭାଗିତା ଉପରେ ଆଲୋକପାତ କରି ପତଞ୍ଜଳି ଗ୍ରୁପର ସିଏଫଓ କୁମାର ରାଜେଶ କହିଛନ୍ତି, ଆର୍ଥିକ ଇକୋସିଷ୍ଟମକୁ ସରଳ କରି ପ୍ରକୃତ ସମୟର ସୂଚନା ସୁନିଶ୍ଚିତ କରଛି। ପତଞ୍ଜଳି ସମୂହର ଉପାଧ୍ୟକ୍ଷ ତଥା ଟ୍ରେଜେରି ମ୍ୟାନେଜମେଣ୍ଟର ମୁଖ୍ୟ ପ୍ରିୟେନ୍ଦୁ ଝା କହିଛନ୍ତି, ବିଶ୍ୱ ଆର୍ଥିକ ଜଟିଳତାକୁ ସମାଧାନ କରିବାରେ ଡାଟା ଚାଳିତ ପଦ୍ଧତିର ଏକୀକରଣ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବହୁମୁଖୀ କାର୍ଯ୍ୟକୁ ସୁସଂଗଠିତ କରିବା, ବିପଦକୁ ହ୍ରାସ କରିବା ଏବଂ ସର୍ବଭାରତୀୟ ସ୍ତରରେ ବିଚ୍ଛିନ୍ନ ଟିମ୍ ମଧ୍ୟରେ ନିରନ୍ତର ସହଯୋଗକୁ ପ୍ରୋତ୍ସାହିତ କରିବାରେ ସ୍ୱୟଂଚାଳିତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଡିଜିଟାଲ ଟ୍ରାନ୍ସଫର୍ମେସନ ଗ୍ରହଣ କରିବାର ରଣନୈତିକ ଗୁରୁତ୍ୱ ଉପରେ ଆଲୋଚନା କରି ଆଇବିଏସଏଫଇନଟେକର ସିଏମଡି ଏବଂ ସିଇଓ ସିଏମ ଗ୍ରୋଭର କହିଛନ୍ତି, ଆଇବିଏସଏଫିନଟେକଠାରେ ଏହି ପରିବର୍ତ୍ତନଶୀଳ ଯାତ୍ରାକୁ ଆଗେଇ ନେବା ପାଇଁ ପତଞ୍ଜଳି ସହ ସହଭାଗିତା କରି ଆମେ ଗର୍ବିତ। ଟେକ୍ନୋଲୋଜିକୁ ଏକୀକରଣ କରିବା ଉପରେ ପତଞ୍ଜଳିର ଗୁରୁତ୍ୱ ଏହାର କାର୍ଯ୍ୟକ୍ଷମତାକୁ ବଢ଼ାଇଥାଏ। ପତଞ୍ଜଳି ସମୂହ ଏମଏଫସିଜି କ୍ଷେତ୍ର ତଥା ତା'ର ଉତ୍କର୍ଷର ନୂତନ ମାନ ସ୍ଥିର କରି ଉଦାହରଣ ଦେଇ ଆଗେଇ ଚାଲିଛି। ପାରମ୍ପରିକ ଆୟୁର୍ବେଦ ଭିତ୍ତିକ ଉତ୍ପାଦଗୁଡିକରେ ବୈପ୍ଳବିକ ପରିବର୍ତ୍ତନଠାରୁ ଆରମ୍ଭ କରି ଆର୍ଥିକ ନବସୃଜନରେ ମାନଦଣ୍ଡ ସ୍ଥିର କରିବା ପର୍ଯ୍ୟନ୍ତ ପତଞ୍ଜଳିର ଯାତ୍ରା ରାଷ୍ଟ୍ର ନିର୍ମାଣ ପ୍ରତି ତାଙ୍କର ଅଦମ୍ୟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ଗ୍ରୋଭର କହିଛନ୍ତି।

# ଡଲାର ତୁଳନାରେ ୮୭.୪୯ରେ ଟଙ୍କା

ଭୁବନେଶ୍ୱର,୫।୨(ଅନୁରାଧା ମହାରଣା)

ଆନ୍ତର୍ଜାତିକ ବାଣିଜ୍ୟରେ ଆମେରିକୀୟ ଡଲାର ତୁଳନାରେ ବୁଧବାର ଦିନ ୮୭.୪୯ ଡଲାରରେ ପହଞ୍ଚିଛି। ଏହି ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ୨୫ ଆଧାର ପଏଣ୍ଟ ହ୍ରାସ ହେତୁ ବୁଧବାର ଆମେରିକୀୟ ଡଲାର ତୁଳନାରେ ୮୭.୪୬ ଡଲାରରେ ପହଞ୍ଚିଛି। ଆରବିଆଇର ମୁଦ୍ରା ନୀତି କମିଟି ନୀତି ହାର ସ୍ଥିର କରିବାକୁ ବୈଠକ କରୁଛି ଏବଂ ଏହାର ଫଳାଫଳ ଶୁକ୍ରବାର ଦିନ ପ୍ରକାଶ ପାଇବ। ଡିଲରମାନେ କହିଛନ୍ତି ଯେ ଦୁର୍ବଳ ଡଲାର ସୂଚକାଙ୍କ ଏବଂ ଶକ୍ତିଶାଳୀ ଏସୀୟ ମୁଦ୍ରା ସତ୍ତ୍ୱେ ଷ୍ଟପ୍- ଲସ୍ ଟ୍ରିଗର କାରଣରୁ ଟଙ୍କା ହ୍ରାସ ପାଇଛି। ପବ୍ଲିକ ସେକ୍ଟର ବ୍ୟାଙ୍କଗୁଡିକ ବୈଦେଶିକ ମୁଦ୍ରା



ବଜାରରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଡଲାର ବିକ୍ରି କରିଥିଲେ, ଯାହାକି ଟଙ୍କା ହ୍ରାସକୁ ରୋକିବାରେ ସାହାଯ୍ୟ କରିଥିଲା। ବୁଧବାର ଟଙ୍କା ୮୭.୪୬ ଡଲାରରେ ବନ୍ଦ ହୋଇଥିବାବେଳେ ମଙ୍ଗଳବାର ଟଙ୍କା ୮୭.୧୨ ଡଲାରରେ ବନ୍ଦ ହୋଇଛି। ତେବେ ଶୁକ୍ରବାର ରେଟ କଟ ଘୋଷଣା କରାଯାଏ ତେବେ ଡଲାର ତୁଳନାରେ ଟଙ୍କା ୮୮ ରେ ପହଞ୍ଚିପାରେ।

# ସିମ୍ଫୋନୀ ପକ୍ଷରୁ ଡିଲର୍ସ ମିଟ୍

## କମ୍ପାନୀର ୧୭ ପ୍ରଡକ୍ଟ ଲୋକାର୍ପିତ

ପୁରୀ,୫।୨(ଅଜିତ୍ କୁମାର ମହାନ୍ତି)

ସିମ୍ଫୋନି ଲିମିଟେଡ୍‌ର ବହୁ ପ୍ରତିକ୍ଷୀତ ଗ୍ରାହକ ସମ୍ମିଳନୀ (ଡିଲର୍ସ ମିଟ୍) ବୁଧବାର ପୁରୀର ମାଳତୀପାଟପୁରସ୍ଥିତ ୱାଣ୍ଡର ୱାର୍ଲ୍ଡ ୱାଟର ପାର୍କରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲାରୁ ଡିଲରମାନେ ଯୋଗଦେଇଥିଲେ। ସିମ୍ଫୋନି ଲିମିଟେଡର ଏଜିଏମ୍ ଆର୍. ଶ୍ରୀବାସ୍ତବ, ବ୍ରାଞ୍ଚ ହେଡ୍ ରାଧାକାନ୍ତ ରାଉତ, ବିଏସ୍‌ଏମ୍ ପ୍ରଶାନ୍ତ ତ୍ରିପାଠୀ ଏବଂ କାର୍ଯ୍ୟନିର୍ବାହୀ ଦୀପକ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କମ୍ପାନୀର




ଗ୍ରାହକ ସମ୍ମିଳନୀରେ ସିମ୍ଫୋନିର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

୧୭ଟି ନୂତନ ଉତ୍ପାଦର ଅନାବରଣ କରାଯାଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ଡିଲରମାନେ ଗୋଟି ଗୋଟି କରି ପ୍ରଡକ୍ଟଗୁଡିକୁ ଲୋକାର୍ପଣ କରିଥିଲେ।

ଅପରପକ୍ଷରେ ଆଜିର ଦ୍ରୁତ ଗତିଶୀଳ ଦୁନିଆରେ, ଯେଉଁ ଠାରେ ଶାନ୍ତି ଏକ ବିଳାସପୂର୍ଣ୍ଣ, ଅତ୍ୟାଧୁନିକ ଉତ୍ପାଦ କେବଳ ପରିବେଶକୁ ଥଣ୍ଡା କରେ ନାହିଁ ବରଂ ମାନସିକ ଶାନ୍ତି ଆଣିଥାଏ ବୋଲି ଏଜିଏମ୍ ଶ୍ରୀବାସ୍ତବ କହିଛନ୍ତି। ଏହାର ବ୍ୟବସାୟ ସହଭାଗୀମାନଙ୍କ ପ୍ରତି ସିମ୍ଫୋନୀର ପ୍ରତିବଦ୍ଧତାକୁ ଦୃଢ କରିବା ପାଇଁ ଏହି ଇଭେଣ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଛି। ସିମ୍ଫୋନୀରେ ଆମେ ଆମର ବ୍ୟବସାୟ ସହଭାଗୀମାନଙ୍କୁ ବିସ୍ତାରିତ ପରିବାରର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ବିବେଚନା କରୁଛୁ।

# ଡାଇନିଂ ବିଲ୍ ଉପରେ ଆକର୍ଷଣୀୟ ରିହାତି

ନୂଆଦିଲ୍ଲୀ,୫।୨

ଦେଶର ପ୍ରମୁଖ ଫୁଡ୍ ପ୍ଲାଟଫର୍ମ ସ୍ୱିଗିର ବହୁ ପ୍ରତୀକ୍ଷିତ 'ସ୍ୱିଗି ଡାଇନଆଉଟ୍'ର ଶୁଭାରମ୍ଭ ଭୁବନେଶ୍ୱର ବଜାରରେ ହୋଇଯାଇଛି। ଏପରିକି ଖାଦ୍ୟପ୍ରେମୀଙ୍କ ପାଇଁ ପ୍ଲାଟଫର୍ମ ପକ୍ଷରୁ ଏକ ସ୍ୱତନ୍ତ୍ର ଡାଇନିଂ ଅଫରର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ସ୍ୱିଗି ଡାଇନଆଉଟ ସେଲ୍‌ସ ବିଭାଗର ଉପାଧ୍ୟକ୍ଷ ସ୍ୱପ୍ନିଲ ବାଜପାୟୀ କହିଛନ୍ତି, ଭୁବନେଶ୍ୱରକୁ ସ୍ୱିଗି ଡାଇନଆଉଟ ଆଣି ଆମେ ବେଶ ଉତ୍ସାହିତ ଅଛୁ। ଏପରିକି ଆମର ସ୍ୱତନ୍ତ୍ର ଅଫର ଓ ରେଷ୍ଟୁରାଣ୍ଟ ପାର୍ଟନରଙ୍କ ବର୍ଦ୍ଧିତ ନେଟ୍‌ୱର୍କ ସହିତ ଆମେ ସହରରେ ଡାଇନ୍‌ଆଉଟକୁ ପୁନଃପରିଭାଷିତ କରିବା ଏବଂ ପ୍ରତ୍ୟେକ ଥର ଏହାକୁ ଏକ ସ୍ମରଣୀୟ ଅନୁଭୂତିରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛୁ। ଭୁବନେଶ୍ୱରରେ ଏହି ଶୁଭାରମ୍ଭ ଦେଶବ୍ୟାପୀ ଡାଇନିଂ ଅନୁଭୂତିକୁ ଉନ୍ନତ କରିବା ପ୍ରତି ଆମର ପ୍ରତିବଦ୍ଧତାର ଏକ ଅଂଶ ପାଲଟିଛି। ଏହା ସହିତ ଆଶାୟୀ ଗ୍ରାହକମାନେ ଡାଇନିଂ ବିଲ୍ ଉପରେ ଆକର୍ଷଣୀୟ ୫୦% ପର୍ଯ୍ୟନ୍ତର ରିହାତି ପାଇପାରିବେ। ସେହିଭଳି ପ୍ରଥମ ଥର ସ୍ୱିଗି ପ୍ଲାଟଫର୍ମ ବ୍ୟବହାର କରୁଥିବା ଗ୍ରାହକମାନେ ଅତିରିକ୍ତ ୨୫୦ଟଙ୍କାର ରିହାତି ମଧ୍ୟ ପାଇପାରିବେ, ଯାହା ପ୍ରତ୍ୟେକ ଡାଇନିଂ-ଆଉଟ ଅନୁଭୂତିକୁ ଅଧିକ ରିୱାର୍ଡିଂ କରୁଛି। ୨୦୨୪ରେ ସ୍ୱିଗି ଡାଇନଆଉଟ ଭାରତର ୪୮ସହରରେ ଆରମ୍ଭ କରିଥିଲାବେଳେ ୨୨ ମିଲିୟନରୁ ଅଧିକ ଡାଇନରଙ୍କ ସହ ଯୋଡ଼ି ହୋଇଥିଲା। ଯାହା ସେମାନଙ୍କୁ ମୋଟ ରେଷ୍ଟୁରାଣ୍ଟ ବିଲ୍‌ରେ ୫୦୦କୋଟି ଟଙ୍କାରୁ ଅଧିକ ଅର୍ଥ ସଞ୍ଚୟ କରିବାରେ ସାହାଯ୍ୟ କରିଥିଲା। ବର୍ତ୍ତମାନ ସ୍ୱିଗି ଡାଇନଆଉଟରେ ଭୁବନେଶ୍ୱର ସାମିଲ ହେବା ପରେ ସହରର ଖାଦ୍ୟ ପ୍ରେମୀମାନେ ସହଜ ଡାଇନିଂ ରିଜର୍ଭେଶନ, ଅତୁଳନୀୟ ସଞ୍ଚୟ ଓ ସହରର ପ୍ରମୁଖ ରେଷ୍ଟୁରାଣ୍ଟଗୁଡିକ ପାଇଁ ପହଞ୍ଚ ଉପଭୋଗ କରିପାରିବେ। ଏପରିକି ଖାଦ୍ୟପ୍ରେମୀମାନେ ଫାଇନ ଡାଇନିଂ, କାଜୁଆଲ ଡାଇନିଂ, ପବ୍‌ସ ଆଣ୍ଡ ବାର୍‌ସ, କାଫେ, ନୂଆ ଓ ଟ୍ରେଣ୍ଡିଂ ସ୍ପଟଗୁଡିକର ଏକ ବିସ୍ତୃତ ରେଞ୍ଜରୁ ଚୟନ କରିପାରିବେ।

# ବଜାରରେ ନିୟୁ ହୋଣ୍ଡା ସିଟି ଆପେକ୍ସ ଏଡିସନ୍

ନୂଆଦିଲ୍ଲୀ,୫।୨

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ)ର ବହୁ ପ୍ରତୀକ୍ଷିତ ହୋଣ୍ଡା ସିଟି ମଡେଲ ତଥା ନୂଆ ହୋଣ୍ଡା ସିଟି ଆପେକ୍ସ ଏଡିସନ୍‌ର ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି।

ଅପରପକ୍ଷରେ ଏହି ଏଡିସନ୍ ସୀମିତ ସଂଖ୍ୟାରେ ଉପଲବ୍ଧ ହେଉଛି। ଏହା ଉଭୟ ମାନୁଆଲ ଟ୍ରାନ୍ସମିଶନ (ଏମ୍‌ଟି) ଓ କଣ୍ଟିନିଓସଲି ଭାରିଏବଲ୍ ଟ୍ରାନ୍ସମିଶନ (ସିଭିଟି) ମଡେଲରେ ଯୋଗାଇ ଦିଆଯିବ ଏବଂ ଏହା ହୋଣ୍ଡା ସିଟିର 'ଭି' ଏବଂ 'ଭିଏକ୍ସ' ଗ୍ରେଡ ଉପରେ ଆଧାରିତ ହୋଇଛି।

ଏ ସମ୍ପର୍କରେ ଏଚସିଆଇଏଲର ଭାଇସ ପ୍ରେସିଡେଣ୍ଟ (ମାର୍କେଟିଂ ଆଣ୍ଡ ସେଲ୍ସ) କୁନାଲ ବେହଲ୍ କହିଥିଲେ, ହୋଣ୍ଡା ସିଟି ଏକ ଅତ୍ୟନ୍ତ ମଜଭୁତ ଓ ଆକାଂକ୍ଷିତ ବ୍ରାଣ୍ଡ ଏବଂ ହୋଣ୍ଡା କାରସ୍ ଇଣ୍ଡିଆ ପାଇଁ ଏହା ପ୍ରମୁଖ ବ୍ୟବସାୟିକ ସ୍ତମ୍ଭ ପାଲଟିଛି। ଏପରିକି ଆପେକ୍ସ ଏଡିସନ୍‌କୁ




ବଜାର ପ୍ରବେଶ କରାଇବା ସହିତ ଆମେ ଆମର ଗ୍ରାହକଙ୍କୁ ଅଧିକ ପରିବର୍ଦ୍ଧିତ ଏବଂ ପ୍ରିମିୟମ ପ୍ୟାକେଜ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖିଛୁ।

ସେହିଭଳି ଆମେ ଦୃଢ ନିଶ୍ଚିତ ଯେ ଗ୍ରାହକମାନେ ଏହି ନୂଆ ଏଡିସନ୍‌କୁ ପସନ୍ଦ କରିବେ ଏବଂ ଏଥିସହିତ ଆମେ ହୋଣ୍ଡା ପରିବାରକୁ ଅଧିକରୁ ଅଧିକ ଗ୍ରାହକଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରୁଛୁ।

ଉଲ୍ଲେଖଯୋଗ୍ୟ, ଆପେକ୍ସ ଏଡିସନ୍‌ରେ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ସହିତ ଆଧୁନିକ ଫିଚର ଅନ୍ତର୍ଭୁକ୍ତ ରହିଛି। ଏପରିକି ଏହି ମଡେଲ ୭ଟି ଆକର୍ଷଣୀୟ ରଙ୍ଗ ସହିତ ୪ଟି ଭାରିଆଣ୍ଟ ଭିଏମ୍‌ଟି, ଭିସିଭିଟି, ଭିଏକ୍ସ ଏମ୍‌ଟି ଏବଂ ଭିଏକ୍ସ ସିଭିଟି ମଡେଲରେ ଉପଲବ୍ଧ।

# ଜାନୁଆରୀରେ ୧୦,୩୫୦ ୟୁନିଟ୍ ଟ୍ରାକ୍ଟର ବିକ୍ରି

ନୂଆଦିଲ୍ଲୀ,୫।୨

ଦେଶର ପ୍ରମୁଖ ଟ୍ରାକ୍ଟର ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସର ମାସିକ ବିକ୍ରି ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ୨୦୨୫ ଜାନୁୟାରୀରେ ସୋନାଲିକା ମୋଟ ୧୦,୩୫୦ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି। ୨୦୨୪ ଜାନୁଆରୀରେ ବ୍ରାଣ୍ଡ ମୋଟ ୯୭୬୯ ୟୁନିଟ ଟ୍ରାକ୍ଟର ବିକ୍ରି କରିଥିଲା। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଚଳିତ ବର୍ଷ ଜାନୁଆରୀରେ ଆମେ ସର୍ବାଧିକ ୧୦,୩୫୦ୟୁନିଟ ଟ୍ରାକ୍ଟର ବିକ୍ରି ସହିତ ଆମର ନୂତନ ବର୍ଷର ଯାତ୍ରା ସଫଳତାର ସହ ଆରମ୍ଭ କରିବାକୁ ସକ୍ଷମ ହୋଇଛୁ। ଏପରିକି ଆମେ ଘରୋଇ ବଜାରରେ ବିକ୍ରି ବୃଦ୍ଧି ଏବଂ ବଜାର ଅଂଶ ହାସଲ କରିବା ମଧ୍ୟ ଜାରି ରଖିଛୁ,୨୦୨୫ ଜାନୁଆରୀରେ ଶିଳ୍ପ ବିକାଶକୁ ପଛରେ ପକାଇ ଆମେ ଚଳିତ ବର୍ଷରେ ଆହୁରି ଅଧିକ ସଫଳତା ପାଇବାକୁ ଲକ୍ଷ୍ୟ ରଖିଛୁ। ଏଥିସହିତ ଆମେ କଷ୍ଟମାଇଜ୍‌ଡ ଟ୍ରାକ୍ଟର ପ୍ରଦାନ କରିବା ଓ ପ୍ରତ୍ୟେକ ଅଞ୍ଚଳରେ କୃଷକଙ୍କ ସମୃଦ୍ଧତାକୁ ଆଗକୁ ବଢାଇବା ପାଇଁ ମଧ୍ୟ ପ୍ରତିବଦ୍ଧ ରହିଛୁ। ସେହିଭଳି ଆମେ ସବୁବେଳେ ଆମର ବିଶ୍ୱାସ ଏବଂ ୩ଟି ମୂଳ ସିଦ୍ଧାନ୍ତ- ସର୍ବୋତ୍ତମ ଉତ୍ପାଦ ଓ ସେବା ପ୍ରଦାନ କରିବା, ଆମର ହିତାଧିକାରୀଙ୍କ ହିତକୁ ଗୁରୁତ୍ୱ ଦେବା ଓ ନୈତିକତାର ସହ ବ୍ୟବସାୟ କରିବା ଆଦିକୁ ଅନୁସରଣ କରିଆସିଛୁ। ଏହା ସବୁବେଳେ ଆମକୁ ଟ୍ରାକ୍ଟର ଶିଳ୍ପରେ ନୂଆ ବେଞ୍ଚମାର୍କ ସ୍ଥିର କରିବା ପାଇଁ ପ୍ରୟାସ କରିବା ଲାଗି ପ୍ରେରିତ କରିଛି। ସେହିପରି ସୋନାଲିକା ନିରନ୍ତର ଭାବେ ଟ୍ରାକ୍ଟର ଶିଳ୍ପରେ ନୂଆ ବେଞ୍ଚମାର୍କ ସ୍ଥାପନ କରିଆସିଛି। ପ୍ରତ୍ୟେକ କୃଷକଙ୍କ ନିକଟରେ ଯେପରି ନିଜର କୃଷି ଅନୁଭୂତିକୁ ନୂଆ ଉଚ୍ଚତାକୁ ନେବା ପାଇଁ ଶକ୍ତିଶାଳୀ, ଦକ୍ଷ ଓ ନିର୍ଭରଯୋଗ୍ୟ କୃଷି ଯନ୍ତ୍ରପାତି ପାଇଁ ପହଞ୍ଚ ରହିବ ତାହାକୁ ସୁନିଶ୍ଚିତ କରୁଛି। ୧୫୦ରୁ ଅଧିକ ଦେଶରେ ଏକ ବିଶ୍ୱସନୀୟ ବ୍ରାଣ୍ଡ ଭାବେ ସୋନାଲିକା ଗ୍ରାହକ ସନ୍ତୁଷ୍ଟୀକରଣ ନିଶ୍ଚିତ କରିବା ପାଇଁ ବ୍ରାଣ୍ଡରେ ପ୍ରତିବଦ୍ଧତାରେ ଅଟଳ ରହିଛି, ଯାହା ଏହାକୁ ଅଧିକ ସଫଳତା ପାଇଁ ପ୍ରେରିତ କରୁଛି।

# ଏସ୍‌ଇଆରକୁ ୩ ଗୁଣା ଅଧିକ ଅର୍ଥ ବରାଦ

କୋଲକାତା,୫।୨

ଭାରତୀୟ ରେଳର ପ୍ରମୁଖ ଡିଭିଜନ ସାଉଥ ଇଷ୍ଟର୍ନ ରେଲୱେ (ଏସ୍‌ଇଆର)କୁ ଚଳିତ ଥରର କେନ୍ଦ୍ରୀୟ ରେଳ ବଜେଟରେ ୩ ଗୁଣା ଅଧିକ ଅର୍ଥ ବରାଦ କରାଯାଇଛି। ଏପରିକି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରେଳ ବଜେଟରେ ବିଶେଷ କରି ପଶ୍ଚିମବଙ୍ଗକୁ ପ୍ରାୟ ୧୪,୦୦୦ ( ୧୩,୯୯୫ କୋଟି) କୋଟି ଟଙ୍କା ପ୍ରଦାନ କରାଯାଇଛି, ଯାହାକି ୨୦୧୪ରେ ଏହାର ପରିମାଣ ପ୍ରାୟ ୪୩୮୦ କୋଟି ଥିଲା। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ନିକଟରେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସେ ଭାରତୀୟ ରେଳକୁ ବଜେଟରେ ମୋଟ ୨,୫୨,୨୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, ଭାରତୀୟ ରେଳ ଯୁବପିଢ଼ିଙ୍କ ଆକାଂକ୍ଷା ଏବଂ ସ୍ୱପ୍ନକୁ ସାକାର କରିବା ଦିଗରେ ଆଗକୁ ବଢୁଛି। ଏପରିକି ବନ୍ଦେ ଭାରତ, ନମୋ



ଖବରଦାତା ସମ୍ମିଳନୀରେ ଯୋଗଦେଇ ଏସଇଆର ଜିଏମ ଅନୀଲ କୁମାର ମିଶ୍ର ବିସ୍ତୃତ ସୂଚନା ପ୍ରଦାନ କରୁଛନ୍ତି। ଏହି ଅବସରରେ ରେଳବାଇର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭାରତ ଏବଂ ଅମୃତ ଭାରତ ଟ୍ରେନର ସଙ୍ଗମ ଏବଂ ୧୩୦୦ରୁ ଅଧିକ ଅମୃତ ଭାରତ ଷ୍ଟେଶନର ନବୀକରଣ ସହିତ ଭାରତୀୟ ରେଳ ଏକ ଉଦାହରଣ ସୃଷ୍ଟି କରିବାକୁ ଯାଉଛି। ଯାହା ଉପରେ ପ୍ରତ୍ୟେକ ଭାରତୀୟ ଗର୍ବ କରିବେ ଏବଂ କହିପାରିବେ ଯେ ତାଙ୍କ ଦେଶର ରେଳ ବ୍ୟବସ୍ଥା ବିଶ୍ୱର ସର୍ବୋତ୍ତମ ରେଳ ବ୍ୟବସ୍ଥା ମଧ୍ୟରୁ ଗୋଟିଏ। ଗତ ୧୦ବର୍ଷ ମଧ୍ୟରେ ସମଗ୍ର ରେଳ ବ୍ୟବସ୍ଥା ପରିବର୍ତ୍ତନ ହୋଇଛି, ସାମଗ୍ରିକ ପୁଞ୍ଜି ବ୍ୟୟର ଧ୍ୟାନ ନେଟୱର୍କ ସମ୍ପ୍ରସାରଣ, ସୁରକ୍ଷା, ବିଦ୍ୟୁତୀକରଣ ଏବଂ ରୋଲିଂ ଷ୍ଟକ୍ ଏବଂ ଭିତ୍ତିଭୂମିର ଆଧୁନିକୀକରଣ ଉପରେ ରହିଛି। ଅପରପକ୍ଷରେ ରେଳ ବଜେଟ ଆବଣ୍ଟନକୁ ନେଇ ଏସଇଆର ପକ୍ଷରୁ ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀ ନିକଟରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଏସଇଆର ଜିଏମ ଅନିଲ କୁମାର ମିଶ୍ର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଡିଭିଜନ ଓ ପଶ୍ଚିମବଙ୍ଗ ରାଜ୍ୟକୁ ମିଳିଥିବା ଅର୍ଥ ସାଙ୍ଗକୁ ଡିଭିଜନର ବିକାଶ ସମ୍ପର୍କରେ ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ସମାପନୀ ଉତ୍ସବର ପ୍ରସ୍ତୁତି ସମୀକ୍ଷା

## ୧୪ରେ ୩୮ତମ ଜାତୀୟ କ୍ରୀଡାର ସମାପନୀ ଉତ୍ସବ

ନୂଆଦିଲ୍ଲୀ,୫।୨

ଚଳିତ ବର୍ଷ ଉତ୍ତରାଖଣ୍ଡରେ ୩୮ତମ ଜାତୀୟ କ୍ରୀଡା ମହୋତ୍ସବ ନିକଟରେ ଆରମ୍ଭ ହୋଇଯାଇଛି। ଏହି ମହୋତ୍ସବର ସମାପନୀ ଉତ୍ସବ ୨୦୨୫ ଫେବୃଆରୀ ୧୪ରେ ହଲଦ୍ୱାନୀର ଗୌଲାପାର ସ୍ପୋର୍ଟ୍ସ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ବୁଧବାର ହଲଦ୍ୱାନୀର ଗୌଲାପାର ସ୍ପୋର୍ଟ୍ସଷ୍ଟାଡିୟମରେ ଆୟୋଜିତ ୩୮ତମ ଜାତୀୟ କ୍ରୀଡା ପାଇଁ ବିଭିନ୍ନ ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଷ୍ଟାଡିୟମରେ ଉତ୍ତରାଖଣ୍ଡ ଏବଂ ଦିଲ୍ଲୀ ମଧ୍ୟରେ ଖେଳାଯାଇଥିବା ଫୁଟବଲ୍ ସେମିଫାଇନାଲ ମ୍ୟାଚ୍ ଦେଖିଥିଲେ।

ସେହିଭଳି ୩୮ତମ ଜାତୀୟ କ୍ରୀଡାର ସମାପନୀ ଉତ୍ସବର ପ୍ରସ୍ତୁତି ସ୍ଥଳ ପରିଦର୍ଶନ



ଖେଳାଳିଙ୍କ ସହ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କରମର୍ଦ୍ଦନ କରୁଛନ୍ତି।

କରିବା ସମୟରେ ସେ ଅଧିକାରୀମାନଙ୍କ ସହିତ ଏକ ଜରୁରୀ ବୈଠକ କରିବା ସହିତ ସମାପନୀ ଉତ୍ସବର ପ୍ରସ୍ତୁତି ସମୀକ୍ଷା କରିଥିଲେ ଏବଂ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ କ୍ରୀଡ଼ା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଆର୍ଯ୍ୟ ଜାତୀୟ କ୍ରୀଡ଼ାର ସମାପନୀ ଉତ୍ସବ ପାଇଁ କ୍ରୀଡ଼ା ବିଭାଗ ଦ୍ୱାରା କରାଯାଉଥିବା ବିଭିନ୍ନ ବ୍ୟବସ୍ଥା ଏବଂ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରମନ୍ତ୍ରୀ ଡ. ଅନିଲ କୁମାର ଡାଲୁ, ଦିନେଶ ଆର୍ଯ୍ୟ, ବିଧାୟକ ଲାଲକୁଆଁ, ଡ. ମୋହନ ସିଂହ ବିଷ୍ଟ, ବିଧାୟକ କଲାଧୁଙ୍ଗୀ ବଂଶୀଧର ଭଗତ, ଭାଜପା ଜିଲା ସଭାପତି ପ୍ରତାପ ବିଷ୍ଟ, କୁମାଉଣ କମିଶନର ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ ଦୀପକ ରାୱତ, ଆଇଜି ଡ. ଯୋଗେନ୍ଦ୍ର ସିଂହ ରାୱତ, ଜିଲ୍ଲା ମାଜିଷ୍ଟ୍ରେଟ ବନ୍ଦନା, ପୋଲିସ ଅଧୀକ୍ଷକ ପ୍ରହଲ୍ଲାଦ ନାରାୟଣ ମୀନାଙ୍କ ସମେତ ବିଭିନ୍ନ ରାଜ୍ୟର ଖେଳାଳି, ପ୍ରଶିକ୍ଷକ, ଦର୍ଶକ, ଜନପ୍ରତିନିଧି, ବିଶିଷ୍ଟ ନାଗରିକ ଉପସ୍ଥିତ ଥିଲେ।


କାର୍ତ୍ତିକ

# କାର୍ତ୍ତିକ ଯାହା ଭାବୁଥିଲେ...

ଯାହାହେଉ ଶେଷରେ କାର୍ତ୍ତିକଙ୍କ ଏକ ଆଶା ପୂରଣ ହୋଇଛି। ଅବଶ୍ୟ ପୂର୍ବରୁ ଏହି ଫିଲ୍ମରେ ସେ ଲିଡ୍ ରୋଲ୍‌ରେ ଅଭିନୟ କରିବେ ବୋଲି ଶୁଣିବାକୁ ମିଳୁଥିଲା। ହେଲେ ଯେତେବେଳେ ତାହା ସତରେ ପରିଣତ ହେଲା ସେତେବେଳେ କାର୍ତ୍ତିକ ଏ ନେଇ ନିଜର ଖୁସିବ୍ୟକ୍ତ କରିଛନ୍ତି। କଥା କ'ଣ କି ସୁପରହିଟ୍ ଫିଲ୍ମ 'ଆସିକ୍'ର ସିକୁଏଲ 'ଆସିକ୍ ୩'ର କାଷ୍ଟିଂକୁ ନେଇ ଗତ କିଛି ସପ୍ତାହ ହେଲା ବେଶ୍ କଳ୍ପନା ଜଳ୍ପନା ଲାଗି ରହିଥିଲା। ଶେଷରେ ଏସବୁରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ଅନୁରାଗ ବସୁ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ କାର୍ତ୍ତିକ ଆର୍ଯ୍ୟନ ଅଭିନୟ କରିବେ ବୋଲି ସ୍ପଷ୍ଟ କରିଦେଇଛନ୍ତି। ଏହାର ଶୁଟିଂ ଆସନ୍ତା ମାସରୁ ଆରମ୍ଭ ହେବାର ଯୋଜନା ରହିଛି। ଏଥିରେ କାର୍ତ୍ତିକଙ୍କ ନାୟିକା ସାଜୁଛନ୍ତି ଶ୍ରାବଣୀ। ''ଏହି ସିକୁଏଲର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ତା'ସହ ଏହାର ମ୍ୟୁଜିକ୍ ବେଶ୍ ଶ୍ରୁତିମଧୁର ହୋଇଛି। ପୂର୍ବ ଦୁଇଟି ଫିଲ୍ମ ପରି ଏହି ସିନେମାଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ। ଏଥିରେ ମୋତେ ମିଳିଥିବା ଭୂମିକାଟିକୁ ଠିକ୍ ଭାବରେ ତୁଲାଇବା ଲାଗି ଏବେଠାରୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି'' ବୋଲି କହନ୍ତି କାର୍ତ୍ତିକ। ସୂଚନାଯୋଗ୍ୟ 'ଆସିକ୍'ର ନିର୍ଦ୍ଦେଶନା ମହେଶ ଭଟ୍ଟ ଦେଇଥିବା ବେଳେ 'ଆସିକ୍ ୨'ର ଏହି ଭାର ତୁଲାଇଥିଲେ ମୋହିତ ସୁରି।


ସାନା ଫତିମା ଶେଖ୍

# ସିନେମାଟୋଗ୍ରାଫିରେ ମନ

ସାନା ଫତିମା ଶେଖ୍ ସିନା ଅଭିନୟକୁ ଆପଣେଇ ନେଇଛନ୍ତି, ହେଲେ ଆଉ ଏକ କ୍ଷେତ୍ରରେ ସେ ମଧ୍ୟ ପାରଙ୍ଗମ। ସିନେମାଟୋଗ୍ରାଫି ବା ଚିତ୍ରୋତ୍ତୋଳନରେ ତାଙ୍କର ପାରଙ୍ଗମତା ରହିଛି। ଏପରିକି ଅଭିନୟ କ୍ୟାରିୟର ପ୍ରାରମ୍ଭିକ ଅବସ୍ଥାରେ ସେ କେତୋଟି ବିଜ୍ଞାପନ ପାଇଁ ଏହି କାମକୁ ବେଶ୍ ସୁଚାରୁରୂପେ ତୁଲାଇଛନ୍ତି। ସିନେମାଟୋଗ୍ରାଫର ହେବା ପଛରେ କ'ଣ ରହସ୍ୟ ରହିଛି ? ଏହାର ଉତ୍ତରରେ ସେ କହନ୍ତି, ''ପିଲାଟି ଦିନରୁ ମୋର ଫଟୋଗ୍ରାଫି ପ୍ରତି ଆଗ୍ରହ ଥିଲା। ପରେ ଏହା ଏକ ନିଶାରେ ପରିଣତ ହୋଇଥିଲା। ତା'ପରେ ମୁଁ ସିନେମାଟୋଗ୍ରାଫିରେ କୋର୍ସ କରିଥିଲି। କିନ୍ତୁ ଯେତେବେଳେ ଆକ୍ଟିଂକୁ କ୍ୟାରିୟର କଲି ସେତେବେଳେ ଏହାଠାରୁ ମୁଁ ଟିକେ ଦୂରେଇଯାଇଛି। ଭବିଷ୍ୟତରେ ଯଦି କୌଣସି ସିନେମାରେ ଏହି ଦାୟିତ୍ୱ ତୁଲାଇବାକୁ ମୋତେ ସୁଯୋଗ ମିଳେ ତେବେ ତାହାକୁ କଦାପି ହାତଛଡ଼ା କରିବି ନାହିଁ।'' ସାନା ଫତିମା ଶେଖଙ୍କର ଆକ୍ଟିଂ ଆରମ୍ଭ ହୋଇଥିଲା ଛୋଟ ପରଦାରୁ। ସେଠାରେ ପ୍ରଶଂସା ସାଉଁଟିବା ପରେ ସେ 'ଚାଚି ୪୨୦'ରେ କମଲ ହାସନଙ୍କ ଝିଅ ଭୂମିକାରେ ଅଭିନୟ କରିଥିଲେ। ତାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି–'ବିଟୁ ବସ୍', 'ଦଙ୍ଗଲ', 'ଥଗସ ଅଫ୍ ହିନ୍ଦୋସ୍ତାନ', 'ଧକ୍ ଧକ୍' ଏବଂ 'ଶାମ ବାହାଦୁର'। ନିର୍ମାଣାଧୀନ 'ମେଟ୍ରୋ ଇନ୍ ଦିନୋ'ରେ ସେ ମଧ୍ୟ ଅଭିନୟ କରୁଛନ୍ତି।

# ଶାହୀଦଙ୍କ ପ୍ରଶଂସାରେ ପୂଜା

ଯାହା କୁହନ୍ତୁ ନା କାହିଁକି ପୂଜା ହେଗ୍‌ଡେଙ୍କ ଆଇଡିଆକୁ ମାନିବାକୁ ପଡ଼ିବ। ଏବେ ତାଙ୍କ ମନକୁ ଗୋଟିଏ କଥା ଜୁଟିଛି। କେମିତି ଆଉ ଥରେ ଶାହୀଦ କପୁରଙ୍କ ସହ ଅଭିନୟ କରିବେ। କଥା କ'ଣ କି ଏହି ଯୋଡ଼ିକୁ ନେଇ ନିର୍ମିତ 'ଦେବା' ଗତ ମାସ ୩୧ରେ ରିଲିଜ ହୋଇଥିଲା। ହେଲେ ଫିଲ୍ମର ଶୁଟିଂ ସମୟରେ ଶାହୀଦଙ୍କ ଗୋଟିଏ କଥାକୁ ସେ ଏବେ ଖାଲି ମନେପକାଉଛନ୍ତି। ତାହା ହେଲା, ଏକଦା ଶାହୀଦ ତାଙ୍କୁ କହିଥିଲେ, ଆମେ ଯଦି ଆଉ ଥରେ ଏକାଠି ଅଭିନୟ କରନ୍ତେ କେମିତି ହୁଅନ୍ତା! ସେ ସିନା ଏକଥା କହିଦେଲେ ହେଲେ ସୁଯୋଗ ମିଳିଲେ ତ ? କିନ୍ତୁ ପୂଜା ଏ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଏ ନେଇ ପୂଜା କହନ୍ତି, ''ସତ କଥା କହିବାକୁ ଗଲେ ଶାହୀଦଙ୍କ ସହ ଅଭିନୟ କରିବାର ମଜା ନିଆରା। 'ଦେବା'ରେ ତାଙ୍କ ସହ ଆକ୍ଟିଂ କରିବା ପରେ ମୁଁ ତାଙ୍କର ଜଣେ ବଡ ପ୍ରଶଂସକ ପାଲଟିଯାଇଛି। ଏହାର ଶୁଟିଂ ସମୟରେ ସେ ଥରେ କହିଥିଲେ, ଆମେ ଦୁହେଁ ଯଦି ପୁଣି ଥରେ ଏକାଠି ଅଭିନୟ କରନ୍ତେ, ତେବେ କେମିତି ହୁଅନ୍ତା ? ଏହି ଆଶା ଯଦି ମୋର ପୂରଣ ହୁଏ ତେବେ ମୁଁ ବହୁତ ଖୁସି ହେବି।'' ସେପଟେ ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜ୍‌ନେସ କରିବାରେ ସକ୍ଷମ ହୋଇନାହିଁ। ରୋଶନ ଏଣ୍ଡ୍ରୁଜଙ୍କ ନିର୍ଦ୍ଦେଶିତ ଆକ୍ସନ ଥ୍ରୀଲର 'ଦେବା' ଫିଲ୍ମଟି ହେଉଛି ମାଲୟାଲମ ସିନେମା 'ମୁମ୍ବାଇ ପୋଲିସ'ର ରିମେକ୍।

# କରଣ୍‌ଙ୍କ ଫିଲ୍ମରେ ଅନନ୍ୟା

ଅନନ୍ୟା ପାଣ୍ଡେଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ କ୍ୟାମ୍ପରୁ। ଏବେ ପୁଣି ଥରେ ସେ ଏହି ବ୍ୟାନରରେ ଅଭିନୟ କରିବାକୁ ଯାଉଛନ୍ତି। କରନ୍‌ଙ୍କର ଏହି ନୂଆ ଫିଲ୍ମର ଟାଇଟଲ ରହିଛି 'କେଶରୀ ୨'। ଖାସ୍ କଥା ହେଲା, ଏହି ଫିଲ୍ମରେ ତାଙ୍କର ନାୟକ ସାଜୁଛନ୍ତି ଅଲରାଉଣ୍ଡର ଅକ୍ଷୟ କୁମାର। ଯେତେବେଳେ ସେ ଜାଣିଲେ ଯେ ଅକ୍ଷୟଙ୍କ ସହ ଅଭିନୟ କରିବେ ସେତେବେଳେ ଖୁସିରେ ତାଙ୍କର ପାଦ ତଳେ ଲାଗି ନ ଥିଲା। ଏ ବିଷୟରେ ଅନନ୍ୟା କହନ୍ତି, ''ଯାହାହେଉ ମୁଁ ପୁଣି ଥରେ କରନ୍ ସାର୍‌ଙ୍କ ଫିଲ୍ମରେ ଅଭିନୟ କରିବି। ଏହା ମୋ ପାଇଁ ଏକ ଗୌରବର କଥା। ଯେତେବେଳେ ଜାଣିଲି ଯେ ଏହାର ନାୟକ ଅକ୍ଷୟ କୁମାର ସାଜୁଛନ୍ତି ସେତେବେଳେ ମୋର ଖୁସି ଦ୍ୱିଗୁଣିତ ହୋଇଯାଇଥିଲା।'' ପ୍ରଥମେ ଏହି ଫିଲ୍ମର ଟାଇଟଲ ଥିଲା 'ଶଙ୍କର'। କିନ୍ତୁ ଏବେ ତାହାକୁ ପରିବର୍ତ୍ତନ କରାଯାଇ 'ଦେବା' ରଖାଯାଇଛି। ଶଙ୍କର ନାୟରଙ୍କ ଜୀବନୀ ଉପରେ ଏହାର କାହାଣୀ ଆଧାରିତ। ଏହି ଫିଲ୍ମରେ ଆର୍. ମାଧବନ୍‌ଙ୍କୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।


ପୂଜା


ଅନନ୍ୟା

# କୋଡ଼ିଏ ବର୍ଷ ପରେ..

ବର୍ତ୍ତମାନ ଭାଇରାଲ ହୋଇଥିବା 'ଛି ଛି ରେ ନନୀ ଛି' ଆଲବମ୍‌ର ହୀରୋ ବିଭୂତି ଭୂଷଣ ବିଶ୍ୱାଳ ଦୀର୍ଘ ୨୦ ବର୍ଷ ପରେ ସେ ପୁଣି ଥରେ କ୍ୟାମେରାକୁ ସାମ୍ନା କରିଛନ୍ତି। ଓଡ଼ିଶା ମ୍ୟୁଜିକ ବ୍ୟାନରରେ ନିର୍ମିତ, ରାଘବ ସ୍ୱାଇଁଙ୍କ ପ୍ରଯୋଜିତ ତଥା ବାବୁ ବାବୁଙ୍କ ନିର୍ଦ୍ଦେଶିତ ଭଜନ ମ୍ୟୁଜିକ ଭିଡିଓ 'ସ୍ୱର୍ଗ ଦ୍ୱାରେ ଜାଗା ଦେବୁ କଳା ଠାକୁର'ରେ ସେ ଅଭିନୟ କରିଛନ୍ତି। ସୌମ୍ୟ ରଞ୍ଜନ ବଳଙ୍କ ରଚିତ ଏବଂ ଦିବ୍ୟ ଚନ୍ଦନଙ୍କ ସ୍ୱର ସଂଯୋଜନାରେ ଏହି ଭଜନ ପାଇଁ କଣ୍ଠଦାନ କରିଛନ୍ତି ସୌରଭ ଭରଦ୍ୱାଜ। ଏହାର ସମସ୍ତ ସୁଟିଂ ପୁରୀରେ ଶେଷ ହୋଇଛି। 'ଛି ଛି ରେ ନନୀ ଛି' ପରେ ଏଥର ଜଗନ୍ନାଥଙ୍କ ଏହି ଭଜନଟି ଦର୍ଶକଙ୍କ ହୃଦୟକୁ ଛୁଇଁବ ବୋଲି ଆଶା ରଖିଛନ୍ତି ବିଭୂତି। ପୁରୀ ଜଗନ୍ନାଥଙ୍କ ମନ୍ଦିର ସାମ୍ନାରେ ଏହି ଭଜନଟିକୁ ଶୁଟିଂ କରିବା ସମୟରେ ଭାବ ବିହ୍ୱଳ ହୋଇପଡିଥିଲେ ଉଭୟ ଅଭିନେତା ଏବଂ ନିର୍ଦ୍ଦେଶକ। ଭଜନଟି ଦର୍ଶକାଦୃତ ହେବ ବୋଲି ଆଶା ରଖିଛନ୍ତି ନିର୍ଦ୍ଦେଶକ।


ବିଭୂତି–ବାବୁ ବାବୁ

# ଆଶାରେ ଶ୍ରେୟା

ଆଖିରେ ଆଖିଏ ସ୍ୱପ୍ନ। ମନରେ ଭରି ରହିଛି ଅଦମ୍ୟ ସାହସ। ଯେଉଁଭଳି ଭୂମିକାଟିଏ ମିଳୁ ତାହାକୁ ତୁଲାଇବାକୁ ସେ ମାନସିକ ସ୍ତରରେ ପ୍ରସ୍ତୁତ ଅଛନ୍ତି। ସେ ହେଲେ ଶ୍ରେୟା ଶତପଥୀ। ଆଉ ସିନେମାଟି ହେଲା ରିଲିଜ ଅପେକ୍ଷାରେ ଥିବା 'ଘମାଘୋଟ'ରେ ତାଙ୍କୁ ଦେଖିବାକୁ ମିଳିବ। ଏ ନେଇ ସେ କହନ୍ତି, ''ଏହି ଫିଲ୍ମର ସଫଳତାକୁ ନେଇ ମୁଁ ବେଶ୍ ଆଶାବାଦୀ ରହିଛି। ଏଥିରେ ମୋତେ ଯେଉଁ ଭୂମିକା ମିଳିଛି ତାକୁ ଠିକ୍ ଭାବରେ ତୁଲାଇଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।'' ଅନେକ ଦିନରୁ ଚର୍ଚ୍ଚାରେ ଥିବା ଫିଲ୍ମ 'ଘମାଘୋଟ'ର କାହାଣୀରେ ରହିଛି ଆକ୍ସନ, କମେଡି, ଇମୋଶନ ଏବଂ ଫ୍ୟାମିଲି ଡ୍ରାମା। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅନ୍ୟତମ ଲୋକପ୍ରିୟ ନିର୍ଦ୍ଦେଶକ ରାଜା ଡି.। ପ୍ରଯୋଜନା କରିଛନ୍ତି କୌଶିକ ଦାସ। ସହ ପ୍ରଯୋଜନାରେ ରହିଛନ୍ତି କୌସ୍ତୁଭ ଦାସ ଓ ରାମ ପଟ୍ଟନାୟକ। ସନୋଜ କୁମାର, ଅଭିଷେକ ପଣ୍ଡା, ସନ୍ଦୀପ ମିଶ୍ର, ତପି ମିଶ୍ର, ଆକାଶ ହୋତା , ଆକାଶ ରାଉତ, ଶୈଳେନ୍ଦ୍ର ସାମନ୍ତରାୟ, କ୍ରିଷ୍ଟା କର, ରାଜେଶ ସାହୁ, ଜଷ୍ଟି, ଆଇମନ ପ୍ରଧାନ , ବିଭାସ ଶ୍ରେୟା ଶତପଥୀ ଏବଂ ନବାଗତା ଜୟଶ୍ରୀ ଷଡ଼ଙ୍ଗୀ ରହିଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ, ଅନୁରାଗ ପଟ୍ଟନାୟକ ଓ ସୂର୍ଯ୍ୟଜୀ । ତେବେ ଫିଲ୍ମକୁ ନେଇ ନିର୍ମାତା ଖୁବ୍ ଆଶାବାଦୀ ରହିଛନ୍ତି ଓ ଏହି ଫିଲ୍ମର କାହାଣୀ ଓ ଫିଲ୍ମର ପ୍ରଚାର ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ ରହିଛନ୍ତି । ଏହି ଫିଲ୍ମଟି ଆସନ୍ତା ମାସ ୧୩ରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ଶ୍ରେୟା


# କାଞ୍ଚି ବିଜୟ କଥା

ଓଡ଼ିଶାର ପ୍ରମୁଖ ପ୍ରଡକ୍ସନ ହାଉସ ଅକ୍ଷୟ ପରିଜା ପ୍ରଡକ୍ସନ ଏବେ ଏକ ପୌରାଣିକ ନାଟକ ପ୍ରସ୍ତୁତ କରିଛି। ଏହାର ଟାଇଟଲ ରହିଛି 'କାଞ୍ଚି ବିଜୟର କଥା'। ନାଟକଟି ଖୁବ୍ ଶୀଘ୍ର ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ପରିବେଷଣ କରାଯିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ''କାହାଣୀଟିକୁ ବେଶ୍ ସୁନ୍ଦର ଭାବରେ ନାଟକରେ ଅବତାରଣା କରାଯାଇଛି ଏବଂ ତାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଆଶା ରଖିଛି। ଏହାବ୍ୟତୀତ ଏହାକୁ ଏକ ସିନେମାର ରୂପ ଦେବାକୁ ଯାଉଛୁ'' ବୋଲି କହନ୍ତି ପ୍ରଯୋଜକ ଅକ୍ଷୟ କୁମାର ପରିଜା। ଲୋକପ୍ରିୟ ମଞ୍ଚ ନାଟକ 'ଆହେ ନୀଳଶୈଳ' ପାଇଁ ପ୍ରସିଦ୍ଧ ଶ୍ରୀ ଲାଲା ବୀରେନ ରାୟ ଏହି ନାଟକର ନିର୍ଦ୍ଦେଶନା ଦେବେ। ''ଆମେ ଓଡ଼ିଶା ପାଇଁ ଏକ ଐତିହାସିକ କାହାଣୀର ମଞ୍ଚ ନାଟ୍ୟ ଅନୁଭୂତି ସୃଷ୍ଟି କରିବାକୁ ପ୍ରତିବଦ୍ଧ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାର୍ଗଦର୍ଶନ ଆମକୁ ଏହି ଦିବ୍ୟ ଯାତ୍ରାରେ ଅନୁପ୍ରାଣିତ କରିବ'' ବୋଲି କହନ୍ତି ନିର୍ଦ୍ଦେଶକ। ଅକ୍ଷୟଙ୍କ ଏହି ପରିକଳ୍ପନାକୁ



ନେଇ ବିଶିଷ୍ଟ ନାଟ୍ୟକାର ଡ. ରମେଶ ପାଣିଗ୍ରାହୀ ଏହାର କାହାଣୀ ପ୍ରସ୍ତୁତ କରିଛନ୍ତି। ଉଦୀୟମାନ ଲେଖିକା ସୁଶ୍ରୀ ବନସ୍ମିତା ପତି ବର୍ଣ୍ଣନା ଏବଂ ସଂଳାପରେ ବିଶେଷ ଯୋଗଦାନ ଦେଇଛନ୍ତି।

# ଡଷ୍ଟ-ବିନ୍




ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟିଛି। ଓଡ଼ିଆ ସିନେମା ଜଗତର ଅନ୍ୟତମ ଆଗଧାଡ଼ିର ହାସ୍ୟାଭିନେତା ପପୁ ପମ୍‌ପମ୍ ଶେଷରେ ତାଙ୍କର ବହୁ ପ୍ରତୀକ୍ଷିତ ସିନେମାର ଟାଇଟଲ ଘୋଷଣା କରିଛନ୍ତି। ହଁ, ସେ ଅଭିନୟ କରିବାକୁ ଯାଉଥିବା ନୂଆ ଚିତ୍ରର ଶୀର୍ଷକ ରହିଛି 'ଡଷ୍ଟବିନ୍'। ଏହାର କାହାଣୀ, ଚିତ୍ରନାଟ୍ୟ ଲେଖିବା ସହ ସଙ୍ଗୀତ ଏବଂ ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ତୁଲାଉଛନ୍ତି ନିଜେ ପପୁ। କେ. କେ. ସାହୁ ଫିଲ୍ମର ପ୍ରଯୋଜକ ଥିବା ବେଳେ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଦୀପ୍ତ ସ୍ୱାଇଁ। ସଂଳାପ ରଚନା କରିଛନ୍ତି ଡ. ଦୀପକ ଜେନା। ଡ. ନିର୍ମଳ ନାୟକ, ଡ.ଦୀପକ ଜେନା ଏବଂ ରଞ୍ଜନ ନାୟକଙ୍କ ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି କୁଲଦୀପ, ଅନ୍ତରା, ଅନୁରାଗ ଦାସ, ଅନନ୍ୟା ଶ୍ରୀତମ ନନ୍ଦ ଓ ଦେବେଶ ପତି। ଏଥିରେ ତାଙ୍କର ନାୟିକା ଅଛନ୍ତି ପ୍ରାଚୀ। ଅନ୍ୟାନ୍ୟ ଚରିତ୍ରରେ ଦୀପାନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଜୀବନ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିଶ୍ ଓ ମନୋଜ ସ୍ୱାଇଁ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଚଳିତ ବର୍ଷ ଏପ୍ରିଲ ୧୧ରେ ଚିତ୍ରଟି ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ୬ ଫେବୃଆରୀ, ୨୦୨୫ Bhubaneswar, Thursday, 6 February, 2025

# ଦଳୀୟ ସନ୍ତୁଳନ ଉପରେ ଗୁରୁତ୍ୱ

**ନାଗପୁର, ୫।୨ (ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ କ୍ରିକେଟ ସିରିଜ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ୩ ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଏଠାରେ ଅନୁଷ୍ଠିତ ହେବ। ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଏହା ଶେଷ ସିରିଜ ହୋଇଥିବାରୁ ଦଳୀୟ ସନ୍ତୁଳନ ଉପରେ ମୁଖ୍ୟତଃ ଫୋକସ କରାଯାଉଛି। କାରଣ ଆଗାମୀ ଟୁର୍ନାମେଣ୍ଟ ପୂର୍ବରୁ ଭାରତ ଏହି ସିରିଜରେ ହିଁ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦେବ। ନିକଟ ଅତୀତରେ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ନାମୀ ଖେଳାଳି ଖରାପ ଫର୍ମରେ ଥିବାରୁ ଏହି ସିରିଜରେ ସେମାନଙ୍କ ଉପରେ ନଜର ରହିବ। ଗତ ମାସରେ ରଣଜୀ ଟ୍ରଫି ଖେଳିବାକୁ ଏହି ଦୁଇ ଖେଳାଳି ପଡ଼ିଆକୁ ଓହ୍ଲାଇଥିଲେ ମଧ୍ୟ ସଫଳ ହୋଇନାହାନ୍ତି। ୨୦୨୩ ବିଶ୍ୱକପ୍‌ରେ କିନ୍ତୁ ଏହି ଦୁଇ ଖେଳାଳି ଭାରତର ଟପ୍ ସ୍କୋରର ଥିଲେ। କୋହଲି ୭୫୬ ଓ ରୋହିତ ୫୯୭ ରନ୍ ସ୍କୋର କରିଥିଲେ। ମାତ୍ର ଏହା ପରଠାରୁ ଉଭୟଙ୍କ ପ୍ରଦର୍ଶନ ଖରାପ ରହିଆସିଛି। ଭାରତର ଟି୨୦ ବିଶ୍ୱକପ୍ ବିଜୟ ପରେ ଉଭୟ ଏହି ଫର୍ମାଟକୁ ଅଲ୍‌ବିଦା ଜଣାଇଛନ୍ତି। ଚଳିତ ମାସ ୧୯ରୁ ପାକିସ୍ତାନ ଓ ଦୁବାଇରେ ଆରମ୍ଭ ହେବାକୁ ଯାଉଥିବା ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଇଂଲଣ୍ଡ ବିପକ୍ଷ ସିରିଜରେ ହିଁ ଭାରତ ନିଜର ଲାଇନ୍‌ଅପ୍‌କୁ ସଜାଡ଼ିବାକୁ ସୁଯୋଗ ରହିଛି। ୮ ଦଳ ବିଶିଷ୍ଟ ଟୁର୍ନାମେଣ୍ଟ ଏହି ଦୁଇ ଖେଳାଳିଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ। ସେହିପରି ଲୋକେଶ ରାହୁଲ ଓ ରିଷଭ ପନ୍ତଙ୍କ ମଧ୍ୟରୁ ଚୂଡ଼ାନ୍ତ ଏକାଦଶରେ କିଏ ଉଇକେଟ କିପିଂ କରିବେ ତାହା ମଧ୍ୟ ସ୍ଥିର ହୋଇଯିବ। ରୋହିତଙ୍କ ସହ ଉପ ଅଧିନାୟକ ଶୁବମନ ଗିଲ୍ ଇନିଂସ ଓପନ କରିପାରନ୍ତି। ପରବର୍ତ୍ତୀ ୩ ସ୍ଥାନରେ ବିରାଟ, ଶ୍ରେୟସ ଆୟର ଓ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ୫ ନମ୍ବରରେ ଉଇକେଟ କିପର-ବ୍ୟାଟର ଆସିବା ସମ୍ଭାବନା ରହିଛି। ରିଷଭଙ୍କ ଅନୁପସ୍ଥିତିରେ ୨୦୨୩ ବିଶ୍ୱକପ୍‌ରେ ଉଇକେଟ କିପିଂ କରିଥିବା ରାହୁଲ ୪୫୨ ରନ୍ କରି ମିଡିଲ ଅର୍ଡରରେ ସେ ନିର୍ଭରଯୋଗ୍ୟ ବୋଲି ପ୍ରମାଣିତ କରିଥିଲେ। ମାତ୍ର ମିଡିଲ ଓଭରଗୁଡ଼ିକରେ ତାଙ୍କ ଷ୍ଟ୍ରାଇକ୍ ରୋଟେଟ ରେକର୍ଡ ଚିନ୍ତାଜନକ ରହିଛି। ଅନ୍ୟପକ୍ଷରେ ବାମହାତୀ ରିଷଭ ଦଳୀୟ ସନ୍ତୁଳନରେ ବିବିଧତା ଆଣିପାରିବେ। କାରଣ ଭାରତର ଟପ୍ ଅର୍ଡରରେ ଡାହାଣହାତୀ ବ୍ୟାଟରମାନେ ରହିଛନ୍ତି। ସେହିପରି ପାୱାର ହିଟିଂ ଶଟ୍ ମାରିବାର ଦକ୍ଷତା ତାଙ୍କୁ ରାହୁଲଙ୍କ ଅପେକ୍ଷା ଆଗରେ ରଖିପାରେ।


ଅଭ୍ୟାସ ଅବସରରେ ବିରାଟ କୋହଲି, ରିଷଭ ପନ୍ତ ଓ ଅଧିନାୟକ ରୋହିତ ଶର୍ମା।

## ଆଜିଠୁ ଦିନିକିଆ ସିରିଜ

ଏହି ସିରିଜ ଭେଟେରାନ ପେସର ମହମ୍ମଦ ଶାମି ଓ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କ ପାଇଁ ମଧ୍ୟ ପରୀକ୍ଷା ସଦୃଶ ହେବ। ଉଭୟ ଖେଳାଳି ଆହତ ସମସ୍ୟାରୁ ଫେରିଛନ୍ତି ଏବଂ ଚାମ୍ପିୟନ୍ସ ଟ୍ରଫିରେ ଭାରତର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରନ୍ତି। ଗତ ଟି୨୦ ସିରିଜରେ ଶାମି ୨ଟି ମ୍ୟାଚ୍ ଖେଳିଥିବାବେଳେ କୁଲଦୀପ ଗତ ଅକ୍ଟୋବର ପରଠାରୁ ଭାରତୀୟ ଜର୍ସିରେ ଦେଖାଯାଇନାହାନ୍ତି। ପିଠିରେ ସମସ୍ୟା ଯୋଗୁ ଯଶପ୍ରୀତ ବୁମ୍‌ରା ଏହି ସିରିଜ ଖେଳିବେ ନାହିଁ। ଫର୍ମରେ ଥିବା ସ୍ପିନର ବରୁଣ ଚକ୍ରବର୍ତ୍ତୀ ଏହି ସିରିଜରେ ଡେବ୍ୟୁ କରି ଚାମ୍ପିୟନ୍ସ ଟ୍ରଫି ପାଇଁ ଦାବିଦାର ହୋଇପାରନ୍ତି। ସେ ଗତ ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କ ମଧ୍ୟରୁ ବୋଲିଂ ଅଲ୍‌ରାଉଣ୍ଡର ବାଛିବା ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ କଷ୍ଟସାଧ୍ୟ ହେବ। ଅନ୍ୟପକ୍ଷରେ ଇଂଲଣ୍ଡ ଗତ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ଓ ନଭେମ୍ବରରେ ୱେଷ୍ଟଇଣ୍ଡିଜଠାରୁ କ୍ରମାଗତ ୨ଟି ଦିନିକିଆ ସିରିଜ ହାରିଛି। ଗତ ଟି୨୦ ସିରିଜରେ ସଂଘର୍ଷ କରିଥିବା ଇଂଲଣ୍ଡ ଦଳରେ ଏକମାତ୍ର ଜୋ ରୁଟ୍ ଯୋଡ଼ି ହୋଇଛନ୍ତି। ଆହତ ସମସ୍ୟା ଯୋଗୁ ଉଇକେଟ କିପର ଜେମି ସ୍ମିଥ ପ୍ରଥମ ୨ଟି ଦିନିକିଆ ଖେଳିବା ସମ୍ଭାବନା କମ୍ ରହିଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ ଶାମି, ଅର୍ଶଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ।

**ଇଂଲଣ୍ଡ ଦଳ:** ଜୋସ ବଟଲର (ଅଧିନାୟକ), ହାରି ବ୍ରୁକ୍, ବେନ୍ ଡକେଟ, ଜୋ ରୁଟ୍, ଫିଲିପ ସଲ୍ଟ, ଜେମି ସ୍ମିଥ, ଜ୍ୟାକବ ବେଥେଲ, ବ୍ରେଡନ କାର୍ସ, ଲିଆମ ଲିଭିଂଷ୍ଟୋନ, ଜେମି ଓଭର୍ଟନ, ଜୋଫ୍ରା ଆର୍ଚର, ଗସ୍ ଆଟକିନସନ, ସାକିବ ମହମ୍ମଦ, ଆଡିଲ ରଶିଦ, ମାର୍କ ଉଡ୍।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

# ସିମୋନା ହାଲେପଙ୍କ ଅବସର



**ବୁକାରେଷ୍ଟ (ରୋମାନିଆ), ୫।୨ (ଏପି)**

ଦୁଇଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସିମୋନା ହାଲେପ ବୁଧବାର ଟେନିସରୁ ଅବସର ଘୋଷଣା କରିଛନ୍ତି। ୩୩ ବର୍ଷୀୟା ହାଲେପ ନିଜ ଦେଶ ରୋମାନିଆରେ ଅନୁଷ୍ଠିତ ଟ୍ରାନ୍ସିଲଭାନିଆ ଓପନ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରୁ ହାରିଯିବା ପରେ ଏହି ନିଷ୍ପତ୍ତି ନେଇଛନ୍ତି। ଡୋପିଂ ବାସନ୍ଦ ଏବଂ ଆହତ ସମସ୍ୟାରୁ ମୁକୁଳି ସେ ଟେନିସକୁ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ସଫଳ ହୋଇ ନ ଥିଲେ। ଲୁସିଆ ବ୍ରୋନଜେଟିଙ୍କଠାରୁ ୧-୬, ୧-୬ରେ ହାରିବା ପରେ ସେ କହିଥିଲେ ଯେ, ''ମୋ ପାଇଁ ଏହା ଖୁସି କି ଦୁଃଖ ଭାବିପାରୁନି। କାରଣ ମୁଁ ଉଭୟକୁ ଅନୁଭବ କରୁଛି। ଶରୀରର ସ୍ଥିତିକୁ ଦୃଷ୍ଟିରେ ରଖି ମୁଁ ଏହି ନିଷ୍ପତ୍ତି ନେଇଛି''। ୨୦୧୭ରେ ପ୍ରଥମଥର ପାଇଁ ଡବ୍ଲ୍ୟୁଟିଏ ର୍‌ୟାଙ୍କିଙ୍ଗ୍‌ର ନମ୍ବର ୱାନ୍‌ରେ ପହଞ୍ଚିଥିବା ହାଲେପ ଏବେ ୮୭୦ତମ ସ୍ଥାନରେ ରହିଛନ୍ତି। ରୋମାନିଆରେ ତାଙ୍କୁ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମାଧ୍ୟମରେ ଖେଳିବା ସୁଯୋଗ ଦିଆଯାଇଥିଲା। ଆହତ ସମସ୍ୟା ଯୋଗୁ ସେ ଅଷ୍ଟ୍ରେଲିଆନ ଓପନ କ୍ୱାଲିଫାଇଂରୁ ଓହରି ଯାଇଥିବାବେଳେ ଗତ ମାସରେ ଅକ୍‌ଲାଣ୍ଡ ଟୁର୍ନାମେଣ୍ଟରେ ଖେଳି ନ ଥିଲେ। ୨୦୧୯ରେ ସେରେନା ୱିଲିୟମ୍ସଙ୍କୁ ଫାଇନାଲରେ ହରାଇ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଏହା ବ୍ୟତୀତ ୨୦୧୮ରେ ସେ ଫ୍ରେଞ୍ଚ ଓପନ ଚାମ୍ପିୟନ ହୋଇଥିଲେ। ସେଠାରେ ସେ ଫାଇନାଲରେ ସ୍ଲୋଆନେ ଷ୍ଟିଫେନ୍ସଙ୍କୁ ପରାସ୍ତ କରିଥିଲେ। ଏହା ବ୍ୟତୀତ ସେ ୨୦୧୮ ଅଷ୍ଟ୍ରେଲିଆନ ଓପନ ଏବଂ ୨୦୧୪ ଓ ୨୦୧୭ ଫ୍ରେଞ୍ଚ୍ ଓପନରେ ରନରଅପ୍ ହୋଇଥିଲେ। ଏହା ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ସଫଳତା ଥିଲା। ତାଙ୍କର ଶେଷ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଥିଲା ୟୁଏସ୍ ଓପନ। ୨୦୨୨ ୟୁଏସ୍ ଓପନର ୧ମ ରାଉଣ୍ଡରୁ ହାରି ସେ ବିଦାୟ ନେଇଥିଲେ। ଡୋପିଂ ଯୋଗୁ ହାଲେପ ୪ ବର୍ଷ ବାସନ୍ଦ ହୋଇଥିଲେ। ଏହାର ଅବଧି ୨୦୨୬ରେ ଶେଷ ହେବାକଥା। ମାତ୍ର ସେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଅଫ୍ ସ୍ପୋର୍ଟ୍ସରେ ଅପିଲ କରିବା ପରେ ଦଣ୍ଡାଦେଶକୁ ୯ ମାସ କୋହଳ କରାଯାଇଥିଲା ତାହା ୨୦୨୪ ମାର୍ଚ୍ଚରେ ଶେଷ ହୋଇଥିଲା। ହାଲେପ କ୍ୟାରିୟରରେ ୨୪ଟି ସିଙ୍ଗଲ୍ସ ଟାଇଟଲ ଜିତିଥିବାବେଳେ ୪୦ ମିଲିଅନ ଡଲାରରୁ ଊର୍ଦ୍ଧ୍ୱ ପୁରସ୍କାର ରାଶି ପାଇଥିଲେ।

## କନ୍ଦନ ମୁର୍ମୁ ବୈଷୟିକ ଅଧିକାରୀ

**ଭୁବନେଶ୍ୱର, ୫।୨ (ତପନ ସ୍ୱାଇଁ)**

ଜାତୀୟ କ୍ରୀଡ଼ାର ଜୁଡୋ ଇଭେଣ୍ଟ ପାଇଁ ଓଡ଼ିଶାର କନ୍ଦନ ମୁର୍ମୁ ବୈଷୟିକ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ପ୍ରତିଯୋଗିତାର ଜୁଡୋ ଇଭେଣ୍ଟ ଡେରାଡୁନରେ ଆସନ୍ତା ୮ରୁ ଆରମ୍ଭ ହୋଇ ୧୩ ପର୍ଯ୍ୟନ୍ତ ଚାଲିବ। କନ୍ଦନ ଏବେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ସିନିୟର ଜୁଡୋ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି। ଏହା ବ୍ୟତୀତ ସେ ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନର ଟେକ୍ନିକାଲ ଚେୟାରମ୍ୟାନ ଏବଂ ମୟୂରଭଞ୍ଜ ଜିଲା ଜୁଡୋ ଆସୋସିଏଶନର ସମ୍ପାଦକ ଅଛନ୍ତି। ୩ୟ ଡାନ୍ ବ୍ଲାକ୍‌ବେଲ୍ଟଧାରୀ କନ୍ଦନଙ୍କଠାରୁ ଟ୍ରେନିଂ ନେଇ ରାଜ୍ୟର ଅନେକ ଜୁଡୋକା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିଛନ୍ତି।

## ଜାତୀୟ କ୍ରୀଡ଼ା
# ରୋଇଂରେ ଓଡ଼ିଶାକୁ ୨ ରୌପ୍ୟ ପଦକ

**ଭୁବନେଶ୍ୱର, ୫।୨ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାର ରୋଇଂ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରି ୨ଟି ରୌପ୍ୟ ପଦକ ହାସଲ କରିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ଡବଲ୍ ସ୍କଲ୍‌ରେ ଓଡ଼ିଶାର ସତନାମ ସିଂ ଓ ପରମିନ୍ଦର ସିଂ ୬:୪୭.୯୩ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଜିତିଛନ୍ତି। ସର୍ଭିସେସର କୁଲଭିନ୍ଦର ସିଂ ଓ ଯସପିନ୍ଦର ସିଂ ୬:୪୪.୬୭ ଓ ମଧ୍ୟପ୍ରଦେଶର ପ୍ରଭାକର ସିଂ ଓ ରବିନ ୬:୫୯.୫୦ ସେକେଣ୍ଡ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମହିଳା କକ୍ସଲେସ ଫୋର୍ ଇଭେଣ୍ଟରେ ଓଡ଼ିଶାକୁ ରୌପ୍ୟ ପଦକ ମିଳିଛି। ସୋନାଲି ସ୍ୱାଇଁ, ନିକିତା ଡାନେଶ୍ୱର, ଅଭିନାଶ କୌର ଓ ଝରଣା ହସ୍ତିଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୭:୩୮.୬୬ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କେରଳ (୭:୩୩.୧୮) ଓ ତାମିଲନାଡୁ (୭:୪୬.୩୭) ଦଳ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲା।


ଜାତୀୟ କ୍ରୀଡ଼ାର ରୋଇଂ ଇଭେଣ୍ଟରେ ବୁଧବାର ପଦକ ହାସଲ କରିଥିବା ଓଡ଼ିଶା କ୍ରୀଡ଼ାବିତ୍।

## ଜାତୀୟ ସିନିୟର ଥ୍ରୋ ବଲ୍ କ୍ୱାର୍ଟରରେ ଓଡ଼ିଶା

**ଭୁବନେଶ୍ୱର, ୫।୨ (ତପନ ସ୍ୱାଇଁ)**

ମଧ୍ୟପ୍ରଦେଶର ଭୋପାଳଠାରେ ଚାଲିଥିବା ୪୬ତମ ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ମହିଳା ଓ ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ପୁରୁଷ ଦଳ କେରଳକୁ ୨-୦, ମହାରାଷ୍ଟ୍ରକୁ ୨-୦, ପଶ୍ଚିମବଙ୍ଗକୁ ୨-୦ ଓ ପଣ୍ଡିଚେରୀକୁ ୨-୦ରେ ହରାଇ ଗ୍ରୁପ୍ ଚାମ୍ପିୟନ ଭାବେ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇଛି। ସେହିପରି ମହିଳା ଦଳ ମଧ୍ୟଭାରତକୁ ୨-୦, ପଣ୍ଡିଚେରୀକୁ ୨-୦, ଝାଡ଼ଖଣ୍ଡକୁ ୨-୦ ଓ ହରିୟାଣାକୁ ୨-୦ରେ ହରାଇ ଗ୍ରୁପ୍ ଚାମ୍ପିୟନ ହୋଇଥିଲା। ସୁଶାନ୍ତ କୁମାର ଦାସ ପୁରୁଷ ଓ ନିକି ଝା ମହିଳା ଦଳର ନେତୃତ୍ୱ ନେଇ ଓଡ଼ିଶାକୁ ସଫଳତା ପଥରେ ଆଗେଇ ନେଇଛନ୍ତି।

# ଖେଳାଳିଙ୍କ ସୁରକ୍ଷା ଦାୟିତ୍ୱରେ ୫୦ ପ୍ଲାଟୁନ ଫୋର୍ସ



ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଓ ଅନ୍ୟମାନେ।

**ଭୁବନେଶ୍ୱର, ୫।୨ (ସୂର୍ଯ୍ୟକାନ୍ତ ବେହେରା)**

କଟକ ବାରବାଟୀ ଷ୍ଟାଡିୟମରେ ୯ ତାରିଖରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ମ୍ୟାଚ ଖେଳାଯିବ। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଏନେଇ ବୁଧବାର ପୋଲିସ ସେବା ଭବନରେ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି, ୭ ତାରିଖରେ ଭାରତ ଓ ଇଂଲଣ୍ଡର କ୍ରିକେଟ ଟିମ୍ ଭୁବନେଶ୍ୱରରେ ପହଞ୍ଚିବେ। ୮ରେ ଉଭୟ ଟିମ୍ ଅଭ୍ୟାସ ପାଇଁ କଟକ ବାରବାଟୀ ଷ୍ଟାଡ଼ିୟମକୁ ଯିବେ। ତେଣୁ ସୁରକ୍ଷା ଦୃଷ୍ଟିରୁ ଭୁବନେଶ୍ୱରରେ ୫୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ସେହିଭଳି ମ୍ୟାଚ୍ ବେଳେ ଷ୍ଟାଡିୟମକୁ ପାଣି ବୋତଲ ନେଇ ଯିବାକୁ ବାରଣ କରାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ), ପୋଲିସ ବଳ, ହୋଟେଲ କର୍ତ୍ତୃପକ୍ଷ, ଏୟାରପୋର୍ଟ କର୍ତ୍ତୃପକ୍ଷ, ସିଆଇଏସ୍‌ଏଫ୍ ସହ ଆଲୋଚନା କରାଯାଇ ଏସବୁ ନିଷ୍ପତ୍ତି ହୋଇଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରୁ ଖେଳାଳିମାନେ ରହିବାକୁ ଥିବା ହୋଟେଲ ଓ ବାରବାଟୀ ଷ୍ଟାଡିୟମ ପର୍ଯ୍ୟନ୍ତ ସୁରକ୍ଷା ସହ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଟ୍ରାଫିକ ପାଇଁ ରୁଟ୍ ଲାଇନିଂ ପ୍ରସ୍ତୁତି ହୋଇଛି। ବରିଷ୍ଠ ପୋଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିବେ। ତେଣୁ କାହାକୁ କେଉଁ ଦାୟିତ୍ୱ ଦିଆଯିବ ତାହାର ତାଲିକା କରାଯିବ। ଅନ୍ୟପଟେ ଖେଳାଳିଙ୍କ ବସ୍ ଯଦି କୌଣସି ଜାଗାରେ ହଠାତ୍ ଖରାପ ହୋଇଯାଏ, ତା'ହେଲେ ରାସ୍ତାରୁ ତୁରନ୍ତ ଗାଡ଼ିକୁ ହଟାଯାଇ ଖେଳାଳିଙ୍କୁ ସୁରକ୍ଷା ଦିଆଯାଇ ଅନ୍ୟ ବସ୍‌ରେ ପଠାଯିବାର ବ୍ୟବସ୍ଥା ଉପରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଥିବା ପୋଲିସ କମିଶନର ସୂଚନା ଦେଇଛନ୍ତି।

**ବାରବାଟୀରେ ଭାରତ-ଇଂଲଣ୍ଡ ଦିନିକିଆ**

**ଷ୍ଟାଡିୟମକୁ ପାଣି ବୋତଲ ମନା**

## ଫତୋର୍ଦାରେ ଓଡ଼ିଶା ଏଫ୍‌ସି ଆଜି ଗୋଆକୁ ଭେଟିବ

**ଭୁବନେଶ୍ୱର, ୫।୨ (ତପନ ସ୍ୱାଇଁ)**

ଗୋଆର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ଏଫ୍‌ସି ଗୋଆ ମଧ୍ୟରେ ଆଇଏସ୍‌ଏଲ୍ (ଇଣ୍ଡିଆନ ସୁପରଲିଗ୍) ମ୍ୟାଚ ଅନୁଷ୍ଠିତ ହେବ। ଆଇଏସ୍‌ଏଲ୍‌ରେ ଓଡ଼ିଶା ଏଫ୍‌ସି ପ୍ରତିପକ୍ଷ ଗୋଆ ବିପକ୍ଷରେ କେବେହେଲେ ବିଜୟ ସ୍ୱାଦ ଚାଖିନାହିଁ। ତେଣୁ ଆଗାମୀ ମ୍ୟାଚକୁ ସ୍ମରଣୀୟ କରିବାକୁ ଓଡ଼ିଶା ଏଫ୍‌ସି ପ୍ରସ୍ତୁତ। ତେବେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଏହି ମ୍ୟାଚ ପାଇଁ ଉପଲବ୍ଧ ହେବେନାହିଁ। କଳିଙ୍ଗ ଷ୍ଟାଡିୟମରେ ଏହା ପୂର୍ବରୁ ଅନୁଷ୍ଠିତ ନର୍ଥଇଷ୍ଟ ୟୁନାଇଟେଡ ବିପକ୍ଷ ମ୍ୟାଚରେ ରେଡ୍‌କାର୍ଡ ମିଳିଥିବାରୁ ସେ ବାହାରେ ରହିବେ। ସହକାରୀ କୋଚ୍ ଆଣ୍ଟୋନୀ ଫର୍ନାଣ୍ଡିଜ୍ ଓଡ଼ିଶା ଦଳ ଦାୟିତ୍ୱରେ ରହିବେ। ପଏଣ୍ଟ ଟେବୁଲରେ ଓଡ଼ିଶା ଏଫ୍‌ସି ଏବେ ୨୫ ପଏଣ୍ଟ ସହ ୭ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଜାମ୍‌ସେଦପୁର ଏଫ୍‌ସିଠାରୁ ୧-୩ ଗୋଲରେ ପରାଜୟ ପରେ ଗୋଆ ଏହି ମ୍ୟାଚ ଖେଳିବାକୁ ଯାଉଛି। ୩୩ ପଏଣ୍ଟ ସହିତ ଏହି ଦଳ ୩ୟ ସ୍ଥାନରେ ଥିବାରୁ ପ୍ଲେ-ଅଫ୍‌ର ନିକଟତର ହୋଇଛି।


ଭାରତ-ଇଂଲଣ୍ଡ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ କାଉଣ୍ଟରରୁ ଟିକେଟ କିଣିବାପରେ ଜଣେ ମହିଳା କ୍ରିକେଟପ୍ରେମୀ ଏହାକୁ ପ୍ରଦର୍ଶନ କରୁଛନ୍ତି।


ଟିକେଟ ନ ପାଇ ନିରାଶ ଦର୍ଶକମାନେ ବ୍ୟାରିକେଡ୍‌କୁ ଭାଙ୍ଗି ଦେଇଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

## ସର୍ବଭାରତୀୟ ଟେନିସ ଟୁର୍ନାମେଣ୍ଟ
# ଫାଇନାଲରେ ଆହାନ-ଫଜଲ, ରିୟା-ଆହାନ

**ବ୍ରହ୍ମପୁର, ୫।୨ (ସୁବାସ ଚନ୍ଦ୍ର ପାଢ଼ୀ)**

ୟୁନିୟନ କ୍ଲବ ଟେନିସ ଆରେନା ଓ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରସ୍ଥ ଟେନିସ ପଡ଼ିଆରେ ୧୬ ବର୍ଷରୁ କମ୍ ବାଳିକା ଓ ବାଳକ ସର୍ବଭାରତୀୟ ଟେନିସ ଟୁର୍ନାମେଣ୍ଟର ବୁଧବାର ଥିଲା ତୃତୀୟ ଦିବସ। ଏହି ଅବସରରେ ମୋଟ ୪ଟି ସେମିଫାଇନାଲ ମ୍ୟାଚ ହୋଇଥିଲା। ବାଳକ ବିଭାଗରେ ଆହାନ ମିଶ୍ରଙ୍କ ସହିତ ପଶ୍ଚିମବଙ୍ଗର ଶୁଭ୍ରଦୀପ ମୁଖୋପାଧ୍ୟାୟଙ୍କ ସେମିଫାଇନାଲ ମୁକାବିଲା ହୋଇଥିଲା। ଏଥିରେ ଆହାନ ୬-୧, ୬-୨ ସେଟରେ ଶୁଭ୍ରଦୀପଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଦ୍ୱିତୀୟ ସେମିଫାଇନାଲ ଓଡ଼ିଶାର ଅଂଶୁମାନ ଆଚାର୍ଯ୍ୟ ଓ ତାମିଲନାଡୁର ଫଜଲ ଅଲ୍ଲୀ ମିରଙ୍କ ମଧ୍ୟରେ ହୋଇଥିଲା। ଏଥିରେ ୬-୦, ୬-୧ ସେଟରେ ଅଂଶୁମାନ ହାରିଯାଇଥିଲେ। ଫଳରେ ଆହାନ ଓ ଫଜଲଙ୍କ ମଧ୍ୟରେ ଫାଇନାଲ ମୁକାବିଲା ହେବ। ସେହିପରି ବାଳିକା ବିଭାଗରେ ଓଡ଼ିଶାର ଆହାନଙ୍କ ସହ ପଶ୍ଚିମବଙ୍ଗର ଇନ୍ଦ୍ରାକ୍ଷୀ ଭଟ୍ଟାଚାର୍ଯ୍ୟଙ୍କ ମଧ୍ୟରେ ସେମି ମୁକାବିଲା ହୋଇଥିଲା। ୬-୩, ୬-୪ ସେଟରେ ଇନ୍ଦ୍ରାକ୍ଷୀଙ୍କୁ ପରାସ୍ତ କରି ଆହାନ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେହିପରି ଦ୍ୱିତୀୟ ସେମିରେ ପଶ୍ଚିମବଙ୍ଗର ରିୟା ରୟଙ୍କ ସହ ଓଡ଼ିଶାର ସଜଫା ୱାନିଆଙ୍କ ମୁକାବିଲା ହୋଇଥିଲା। ୪-୬, ୬-୧, ୬-୩ ସେଟରେ ରିୟା ସଜଫାଙ୍କୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଫାଇନାଲରେ ଆହାନଙ୍କ ସହିତ ରିୟାଙ୍କ ମୁକାବିଲା ହେବ। ଗୁରୁବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଟ୍ଟନାୟକ କହିଛନ୍ତି। ଟୁର୍ନାମେଣ୍ଟ ରେଫରି ଦେବପ୍ରିୟ ଦାଶ, ଆଇଟାର ଅର୍ଗାନାଇଜିଂ ସେକ୍ରେଟାରୀ ଉମା ଶଙ୍କର ପାଢ଼ୀ, ପ୍ରୋଗ୍ରାମ ଅର୍ଗାନାଇଜର ରଞ୍ଜିତ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ